# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ସୋମବାର, ଜାନୁଆରୀ ୧୯/୨୦୨୬ (୧୪ ପୃଷ୍ଠା) | Bhubaneswar, Monday, January 19/2026 | Page 14 | ₹ 7.00 | RAYAGADA

୫୨ଶ ଭାଗ ୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 52 ISSUE 57 | ମୂଲ୍ୟ ₹୭/-







## କୋହଲିଙ୍କ ଶତକ ସତ୍ତ୍ୱେ ଭାରତ ପରାସ୍ତ

ଇନ୍ଦୋର, ୧୮।୧

ବିରାଟ କୋହଲିଙ୍କ ଶତକ ସତ୍ତ୍ୱେ ଭାରତ ଏଠାରେ ଅନୁଷ୍ଠିତ ତୃତୀୟ ତଥା ସିରିଜର ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚରେ ନ୍ୟୁଜିଲାଣ୍ଡଠାରୁ ୪୧ ରନରେ ହାରି ଯାଇଛି। ଏଥିସହ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ୧-୨ରେ ହାରି ଯାଇଛି। ଡାରିଲ ମିଚେଲ ଓ ଗ୍ଲେନ ଫିଲିପ୍ସଙ୍କ ଶତକ ସହାୟତାରେ ନ୍ୟୁଜିଲାଣ୍ଡ ୫୦ ଓଭରରେ ୮ ଉଇକେଟ ହରାଇ ୩୩୭ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୪୬ ଓଭରରେ ୨୯୬ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। କୋହଲି ୧୨୪ ରନର ଲଢୁଆ ଇନିଂସ ଖେଳିଥିଲେ। ଏକଦିବସୀୟ କ୍ରିକେଟରେ ଏହାଥିଲା କୋହଲିଙ୍କ ୫୪ତମ ଶତକ। ଏହା ବ୍ୟତୀତ ନ୍ୟୁଜିଲାଣ୍ଡ ବିପକ୍ଷରେ ସେ ୩୬ ଇନିଂସରୁ ସର୍ବାଧିକ ୭ ଶତକ ହାସଲ କରିବାରେ ରେକର୍ଡ କରିଛନ୍ତି। ରିକି ପଣ୍ଟିଂ ଓ ବୀରେନ୍ଦ୍ର ସେହ୍ୱାଗ ୬ଟି ଲେଖାଏ ଶତକ ହାସଲ କରି ଯୁଗ୍ମଭାବେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଓଭରଅଲ୍ କୋହଲିଙ୍କର ଏହାଥିଲା ୮୫ତମ ଅନ୍ତର୍ଜାତୀୟ ଶତକ। (ସମ୍ପୂର୍ଣ୍ଣ ବିବରଣୀ ଖେଳ ପୃଷ୍ଠାରେ)

**ଆଜିର ସମ୍ପାଦକୀୟ**

**ଅଖାଡୁଆ ବ୍ୟକ୍ତି**



ଇଣ୍ଟରନ୍ୟାଶନାଲ ସ୍କି ଫେଡେରେଶନ ପକ୍ଷରୁ ଜର୍ମାନୀର ଓବରହୋଫ୍‌ଠାରେ ଆୟୋଜିତ ମହିଳା ନର୍ଡିକ କମ୍ବାଇନ୍‌ଡ୍ ବିଶ୍ୱକପ୍‌ରେ ନରୱେର ତାରକା ଖେଳାଳି ଇଡା ମାରି ହେଗେନ୍ ରବିବାର ନର୍ମାଲ ହିଲ୍ ପ୍ରତିଯୋଗିତାରେ ୯୮.୮ ମିଟର ଉଚ୍ଚରୁ ସ୍କି ଜମ୍ପିଂ କରୁଛନ୍ତି।

## ୨୨ରେ ମିଳିବ 'ସୁଭଦ୍ରା' ସହାୟତା

ଭୁବନେଶ୍ୱର,୧୮।୧ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ମହିଳା ସଶକ୍ତୀକରଣ ଯୋଜନା 'ସୁଭଦ୍ରା' କିସ୍ତି ଚଳିତମାସ ୨୨ରେ ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ରବିବାର ସେ କହିଛନ୍ତି, ପୂର୍ବରୁ ଜାନୁଆରୀ ୧୮ରେ ସୁଭଦ୍ରା ଟଙ୍କା ମିଳିବାକୁ ଥିବାବେଳେ, ଏଥିରେ ପରିବର୍ତ୍ତନ ହୋଇଛି। ୧୮ ବଦଳରେ ୨୨ତାରିଖରେ ସୁଭଦ୍ରା ସହାୟତା ଅର୍ଥ ରାଶି ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସରେ ଟୁଇଟ୍ କରି କୁହାଯାଇଛି। ସୂଚନାଯୋଗ୍ୟ, ସୁଭଦ୍ରା ଯୋଜନାରେ ଏଥର ୪ ଲକ୍ଷ ୫୭ ହଜାର ୬୮୧ଜଣ ମହିଳା ସହାୟତା ପାଇବେ। ଏଥିରେ ନୂଆକରି ୧ ଲକ୍ଷ ୬୮ ହଜାର ୩୯୮ ଜଣ ମହିଳାଙ୍କୁ ସାମିଲ କରାଯାଇଛି, ଯେଉଁମାନେ କି ପ୍ରଥମ ଥର ପାଇଁ ସୁଭଦ୍ରା କିସ୍ତି ପାଇବେ। ପ୍ରଥମ ଏବଂ ଦ୍ୱିତୀୟ କିସ୍ତିରୁ ବାଦ୍ ପଡ଼ିଥିବା ୨ ଲକ୍ଷ ୫୫ ହଜାର ୨୬୫ ଜଣଙ୍କୁ ଏଥର ସୁଭଦ୍ରା ଯୋଜନାରେ ସାମିଲ କରାଯାଇଛି। ସେମାନେ ଏଥର ଏକାଥରକେ ଦୁଇଟି କିସ୍ତିର ଟଙ୍କା ପାଇବେ ।

# ଆତଙ୍କବାଦୀଙ୍କୁ କ୍ରିପ୍ଟୋ ପାଣ୍ଠି

## ହାୱାଲା ଜରିଆରେ ବିଦେଶରୁ କଶ୍ମୀରକୁ ହେଉଛି ଯୋଗାଣ

**୨୦୧୬ ନଭେମ୍ବର ୮ରେ କେନ୍ଦ୍ର ସରକାର ବିମୁଦ୍ରୀକରଣ ଘୋଷଣା କରି ୫୦୦ ଓ ୧,୦୦୦ ଟଙ୍କିଆ ନୋଟ୍‌କୁ ତତ୍କାଳ ଅଚଳ କରିଦେଇଥିଲେ। ବେଆଇନ ଓ ଆତଙ୍କବାଦୀ କାର୍ଯ୍ୟକଳାପ ରୋକିବାରେ ଏହା ବିଶେଷ ସହାୟକ ହେବ ବୋଲି ସେତେବେଳେ ସରକାରଙ୍କ ପକ୍ଷରୁ ଯୁକ୍ତି ବଢ଼ାଯାଇଥିଲା। ଇତିମଧ୍ୟରେ 'ନୋଟ୍‌ବନ୍ଦୀ'କୁ ୯ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିବାବେଳେ ଏହି ପଦକ୍ଷେପ ଆତଙ୍କବାଦ ଦମନ ପାଇଁ କେତେ ସହାୟକ ହୋଇପାରିଛି ତାହା ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ ସ୍ପଷ୍ଟ କରାଯାଇ ନାହିଁ। କିନ୍ତୁ ଆତଙ୍କବାଦୀମାନେ ସରକାରଙ୍କ ଆଖିରେ ଧୂଳି ଦେଇ ପାଣ୍ଠି ସଂଗ୍ରହର ନୂଆ ପନ୍ଥା ଆପଣାଇଛନ୍ତି। ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଓ ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପକୁ ବ୍ୟାପକ କରିବା ପାଇଁ ବିଦେଶରୁ ହାୱାଲା ଜରିଆରେ ଡିଜିଟାଲ କରେନ୍ସି 'କ୍ରିପ୍ଟୋ' ପାଣ୍ଠି ଯୋଗାଣ ହେଉଛି। ଦେଶରେ ପ୍ରଚଳିତ ଆର୍ଥିକ ଦେଣନେଣ ବ୍ୟବସ୍ଥାରେ ଥିବା ସୁରକ୍ଷାକୁ ବାଇପାସ୍ କରି ଅନ୍‌ଲାଇନ୍‌ରେ ଏହି କାରବାର ହେଉଥିବାରୁ ସୁରକ୍ଷା ଏଜେନ୍ସିଗୁଡ଼ିକର ଚିନ୍ତା ବଢ଼ିଯାଇଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ସୁରକ୍ଷା ପ୍ରତିଷ୍ଠାନଗୁଡ଼ିକୁ ହାଇଆଲର୍ଟରେ ରଖାଯାଇଛି।**

ଶ୍ରୀନଗର/ନୂଆଦିଲ୍ଲୀ,୧୮।୧ (ପି.ଟି./ଏଜେନ୍ସି)

କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରରେ ସୀମାପାର ଆତଙ୍କବାଦ ଉପରେ ଲଗାମ କଷିବା ପାଇଁ ପୋଲିସ ଓ ସେନା ପକ୍ଷରୁ ଘନଘନ ଚଢ଼ାଉ ସହ ତଲାସି ଅଭିଯାନ ଜାରି ରହିଛି। ପାକିସ୍ତାନରୁ ନିୟନ୍ତ୍ରଣରେଖା (ଏଲ୍‌ଓସି) ଅତିକ୍ରମ କରି ଉପତ୍ୟକାକୁ ଅନୁପ୍ରବେଶ କରୁଥିବା ଆତଙ୍କବାଦୀଙ୍କୁ ଧରିବା ଓ ସେମାନଙ୍କ ନେଟ୍‌ୱର୍କକୁ ଧ୍ୱସ୍ତ କରିବା ହେଉଛି ଏହି ଅପରେଶନ୍‌ର ମୂଳ ଉଦ୍ଦେଶ୍ୟ। ଆତଙ୍କବାଦୀଙ୍କ ଉଦ୍ଦେଶ୍ୟରେ ବିଦେଶରୁ ହେଉଥିବା ପାଣ୍ଠି ଯୋଗାଣ କରିବା ଲାଗି ଭାରତର ସିକ୍ୟୁରିଟି ଓ ଇଣ୍ଟେଲିଜେନ୍ସ ଏଜେନ୍ସିଗୁଡ଼ିକ ଲାଗିପଡ଼ିଥିବାବେଳେ ସେମାନଙ୍କ ଚିନ୍ତା ବଢ଼ାଇଦେଇଛି ଆଉ ଏକ ବିଷୟ। ତାହା ହେଲା କ୍ରିପ୍ଟୋ ଫଣ୍ଡିଂ। 'କ୍ରିପ୍ଟୋ ହାୱାଲା' ନେଟ୍‌ୱର୍କ ଜରିଆରେ ଜମ୍ମୁ-କଶ୍ମୀରରେ ଥିବା ଆତଙ୍କବାଦୀ ଓ ବିଚ୍ଛିନ୍ନତାବାଦୀମାନଙ୍କ ନିକଟକୁ ବିପୁଳ ପରିମାଣର ଅର୍ଥ ଆସୁଛି। ଏହି ପାଣ୍ଠିକୁ ବ୍ୟବହାର କରି ସେମାନେ କେବଳ ଉପତ୍ୟକା ନୁହେଁ, ବରଂ ଦେଶର ବିଭିନ୍ନ ଭାଗରେ ଆକ୍ରମଣ କରିବା ପାଇଁ ଷଡ଼ଯନ୍ତ୍ର ରଚୁଥିବା ଜଣାପଡ଼ିଛି। ଏଜେନ୍ସିଗୁଡ଼ିକର ଅଧିକାରୀମାନେ ଏହି ବିଷୟ ରବିବାର ସାମ୍ନାକୁ ଆଣିବା ପରେ ସେନା ଘାଟି ଓ ଅନ୍ୟ ସୁରକ୍ଷା ପ୍ରତିଷ୍ଠାନଗୁଡ଼ିକରେ ହାଇଆଲର୍ଟ ଜାରି କରାଯାଇଛି। ଏହି ଛାୟା ପାଣ୍ଠି (ଶ୍ୟାଡୋ ଫଣ୍ଡ) ବିଚ୍ଛିନ୍ନତାବାଦୀ ତତ୍ତ୍ୱଙ୍କୁ ନୂଆ ଜୀବନ ଦେବା ସହ କେନ୍ଦ୍ରଶାସିତ ଅଞ୍ଚଳରେ ଦେଶବିରୋଧୀ କାର୍ଯ୍ୟକଳାପ ବୃଦ୍ଧି ଘଟାଇପାରେ ବୋଲି ଅଧିକାରୀମାନେ ସତର୍କ କରାଇଛନ୍ତି।

ପାରମ୍ପରିକ ହାୱାଲା ବ୍ୟବସ୍ଥାରେ ଅଣବ୍ୟାଙ୍କିଙ୍ଗ୍ ଚ୍ୟାନେଲରେ ଟଙ୍କା ଆସୁଥିବାବେଳେ ଉକ୍ତ ଡିଜିଟାଲ ଭର୍ସନରେ କ୍ରିପ୍ଟୋକରେନ୍ସି ଆସୁଛି। ଭାରତରେ ସମସ୍ତ ଭର୍ଚୁଆଲ ଡିଜିଟାଲ ଆସେଟ ସର୍ଭିସ ପ୍ରୋଭାଇଡର୍ସ (ଭିଡିଏଏସ୍‌ପି)ମାନଙ୍କୁ ଫାଇନାନ୍ସିଆଲ ଇଣ୍ଟେଲିଜେନ୍ସ ୟୁନିଟ୍ (ଏଫ୍‌ଆଇୟୁ) ସହ ପଞ୍ଜୀକୃତ ହେବାକୁ ପଡ଼ିଥାଏ। କିନ୍ତୁ ଆତଙ୍କବବାଦୀଙ୍କ ଛାୟା ନେଟ୍‌ୱର୍କ ପ୍ରଚଳିତ ଆଇନ ବ୍ୟବସ୍ଥା ଊର୍ଦ୍ଧ୍ୱରେ କାର୍ଯ୍ୟ କରିଥାଏ। କ୍ରିପ୍ଟୋ ନେଟ୍‌ୱର୍କ ଉପରେ କୌଣସି ଦେଶର ସରକାରଙ୍କ ନିୟନ୍ତ୍ରଣ ନ ଥିବାରୁ ବେଆଇନ ପାଣ୍ଠିକୁ କିଏ ପଠାଇଛନ୍ତି ତାହା ଜାଣିବା କଷ୍ଟକର। ଏହାବାଦ୍ ଉକ୍ତ କଳାଧନକୁ ଧଳା କରି ଦେଶର ଘରୋଇ ଅର୍ଥନୀତିରେ ସାମିଲ କରାଗଲେ ବିପଦ ଆହୁରି ବଢ଼ିଯିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଜମ୍ମୁ-କଶ୍ମୀର ପୋଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ଏଜେନ୍ସିଗୁଡ଼ିକ ପକ୍ଷରୁ ମିଳିତ ଭାବେ କରାଯାଇଥିବା ☞ପୃଷ୍ଠା-୪

## ବେଆଇନ ବାଣ ତିଆରି ବେଳେ ବିସ୍ଫୋରଣ

### ଦିବ୍ୟାଙ୍ଗ ଶ୍ରମିକଙ୍କ ମୃତ୍ୟୁ, ମାଲିକ ଫେରାର

କଟକ/ଫୁଲନଖରା,୧୮।୧(କାର୍ତ୍ତିକ ସାହୁ/ସତ୍ୟରଞ୍ଜନ ଦାସମହାପାତ୍ର)

ବେଆଇନ ବାଣ କାରବାର ରୋକିବାକୁ ପ୍ରଶାସନ ଯେତେପ୍ରକାର ଉଦ୍ୟମ କଲେ ବି କେଉଁଠି ନା କେଉଁଠି ତ୍ରୁଟି ରହିଯାଉଛି। ଯଦ୍ୱାରା ବେଆଇନ ବାଣ ତିଆରି ଓ ବିକ୍ରି ରୋକି ହେଉନାହିଁ। ଯାହାର କୁପରିଣାମ ରବିବାର କଟକ ଜିଲା ସଦର ଥାନା ଅନ୍ତର୍ଗତ ଖଲର୍ଦ୍ଧା ପଞ୍ଚାୟତସ୍ଥିତ ହାତୀଗଡ଼ାରେ ଦେଖିବାକୁ ମିଳିଛି। ଏଠାରେ ବେଆଇନ ବାଣ ତିଆରି ଚାଲିଥିବାବେଳେ ବିସ୍ଫୋରଣ ଘଟି ଜଣେ ଦିବ୍ୟାଙ୍ଗ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ହାତୀଗଡ଼ା ଗ୍ରାମର ସୁରେଶ ଭୋଇ (୫୨)। ମୃତକଙ୍କୁ ଭୁଶୁଡ଼ି ପଡ଼ିଥିବା ଘରର କାନ୍ଥ ମଧ୍ୟରୁ ଉଦ୍ଧାର କରାଯାଇଛି। ବାଣ ତିଆରି ହେଉଥିବା ଆଜବେଷ୍ଟସ୍ ଘରଟି ସମ୍ପୂର୍ଣ୍ଣ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବାବେଳେ ଆଜବେଷ୍ଟସ୍ ଛାତ ଉଡ଼ିଯାଇଛି। ଏହି ବାଣ ବିସ୍ଫୋରଣର ପ୍ରଭାବ ଅତି ତୀବ୍ର ଥିଲା। ପାଖାପାଖି ପାଞ୍ଚ କିଲୋମିଟର ଦୂର ପର୍ଯ୍ୟନ୍ତ ଶବ୍ଦ ଶୁଣିବାକୁ ମିଳିଥିଲା। ଏହାର ପ୍ରଭାବରେ ବାଣଘର ସମ୍ପୂର୍ଣ୍ଣ ଭାଙ୍ଗିଯିବା ସହ ନିକଟରେ ଥିବା ପ୍ରଦୀପ ପ୍ୟାଲେସ ନାମକ ଏକ ମଣ୍ଡପର କାଚ ଭାଙ୍ଗିଛି। ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ଆଇଆଇସି ତୁଷାରକାନ୍ତି ☞ପୃଷ୍ଠା-୪


SIKSHA 'O' ANUSANDHAN

SAAT-2026

Empowering students for a brighter future

NURSING PROGRAMMES
- B.Sc. (Nursing) (Basic)
- B.Sc. (Nursing) (Post Basic)
- M.Sc. (Nursing)

APPROVAL & RECOGNITIONS
- Approved by UGC, ONMRC and INC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 15th Best in Medical Category
- 09th Best in Dental Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


## ଶୀତ, କୁହୁଡ଼ି ଭିତରେ ବଢ଼ିବ ତାତି

ଭୁବନେଶ୍ୱର, ୧୮।୧ (ବନ୍ଦନା ସେଠୀ)

ରାଜ୍ୟରେ ପଶ୍ଚିମାଝଡ଼ ପ୍ରଭାବରେ ବଢ଼ିବ ରାତି ତାପମାତ୍ରା। ଶୀତ, କୁହୁଡ଼ି ସାଙ୍ଗକୁ ଖରାତାତିକୁ ଅନୁଭବ କରିବେ ଲୋକେ। ଏବେ ବି ଥଣ୍ଡା ପ୍ରକୋପ ଜାରି ରହିଛି। ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୨.୮ ଡିଗ୍ରୀ ରେକର୍ଡ ହୋଇଛି। ତେବେ ସୋମବାର ଓ ବୁଧବାର ରାତିରୁ ଉତ୍ତର-ପଶ୍ଚିମ ଭାରତକୁ ଅତି କମ୍ ଅନ୍ତରାଳରେ ଦୁଇଟି ପଶ୍ଚିମାଝଡ଼ ପ୍ରଭାବିତ କରିବା ସମ୍ଭାବନା ଥିବାରୁ ଆସନ୍ତା ୪ ଦିନ ମଧ୍ୟରେ ☞ପୃଷ୍ଠା-୪

# ଅଟୋ ଚାଳକଙ୍କୁ ହେଲ୍‌ମେଟ୍ ଚାଲାଣ

### ଚାଲାଣ ଥିବାରୁ କରିପାରୁନାହାନ୍ତି ପଲ୍ୟୁଶନ ସାର୍ଟିଫିକେଟ

ଆଗରପଡ଼ା,୧୮।୧ (ସୁଶାନ୍ତ ଦାସ)

ଗାଡ଼ିର ପଲ୍ୟୁଶନ ସାର୍ଟିଫିକେଟ ବାଧ୍ୟତାମୂଳକ ନେଇ ସରକାରଙ୍କ ଘୋଷଣା ପରଠାରୁ ଲୋକଙ୍କ ମନରେ ଏକପ୍ରକାର ଛନକା ପଶିଯାଇଛି। ମୋଟା ଅଙ୍କର ଫାଇନ୍‌ରୁ ବଞ୍ଚିବା ପାଇଁ ଲୋକେ ପଲ୍ୟୁଶନ ସେଣ୍ଟରରେ ଭିଡ଼ ଜମାଉଛନ୍ତି। ହେଲେ ଏହାରି ମଧ୍ୟରେ ଏକ ରୋଚକ ଘଟଣା ରବିବାର ସାମ୍ନାକୁ ଆସିଛି। ଜଣେ ଅଟୋ ଚାଳକଙ୍କୁ ହେଲ୍‌ମେଟ୍ ଚାଲାଣ କରାଯାଇଛି। ଏପରିକି ଏହି ଚାଲାଣ ଯୋଗୁ ଅଟୋ ଚାଳକ ଜଣକ ତାଙ୍କ ଗାଡ଼ିର ପଲ୍ୟୁଶନ ସାର୍ଟିଫିକେଟ କରିପାରୁନାହାନ୍ତି। ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ବଡ଼ମହିଷଗୋଠ ପଞ୍ଚାୟତରେ ଏଭଳି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଚାଲାଣଟି ୪ବର୍ଷ ତଳର ହୋଇଥିବା ବେଳେ ଏବେ ପଲ୍ୟୁଶନ ସାର୍ଟିଫିକେଟ ବାହାର କରିବାକୁ ଯିବାରୁ ଚାଳକ ଜଣକ ଏ ସମ୍ପର୍କରେ ଜାଣିବାକୁ ପାଇଛନ୍ତି।

ସମ୍ପୃକ୍ତ ଅଟୋ ଚାଳକ ହେଲେ ବଡ଼ମହିଷଗୋଠ ପଞ୍ଚାୟତ ନିବାସୀ ରାମକୃଷ୍ଣ ନାଥ। ତାଙ୍କ କହିବା ଅନୁଯାୟୀ, ସେ ଦୀର୍ଘ ୧୦ବର୍ଷ ହେବ ଏକ ମାଲବାହୀ ଅଟୋ(ଓଡି ୨୨ଇ ୯୬୩୧) କିଣି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ୨ ଦିନ ତଳେ ସେ ☞ପୃଷ୍ଠା-୪



ଅଟୋ ଚାଳକ ରାମକୃଷ୍ଣ ନାଥ ଚାଲାଣ କପି ଦେଖାଉଛନ୍ତି।

**ବୋମା ଧମକ, ଇଣ୍ଡିଗୋ ବିମାନର ଜରୁରୀ ଅବତରଣ**

ବୋମା ଧମକ ମିଳିବା ପରେ ରବିବାର ସକାଳେ ଦିଲ୍ଲୀରୁ ପଶ୍ଚିମବଙ୍ଗର ବାଗଡୋଗ୍ରା ଯାଉଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନ ଲକ୍ଷ୍ନୌ ଏୟାରପୋର୍ଟରେ ଜରୁରୀ ଅବତରଣ କରିଛି। ସମସ୍ତ ୨୨୨ ଯାତ୍ରୀ ଓ କ୍ରିଉ ସଦସ୍ୟଙ୍କୁ ସୁରକ୍ଷିତ ଭାବେ ବିମାନରୁ ଖାଲି କରାଯିବା ପରେ ଯାଞ୍ଚ କରାଯାଇଛି। ବିମାନରେ ବୋମା ଥିବା ନେଇ ଟିସୁ ପେପରରେ ଏକ ହାତଲେଖା ନୋଟ୍ ମିଳିଥିଲା।






ଟ୍ରମ୍ପଙ୍କ ଗ୍ରୀନ୍‌ଲାଣ୍ଡ ଅକ୍ତିଆର ଯୋଜନାକୁ ବିରୋଧ କରି ଅନେକ ହଜାର ଲୋକ ନୁକ୍‌ସ୍ଥିତ ଆମେରିକା ବାଣିଜ୍ୟିକ ଦୂତାବାସ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

# ପଶ୍ଚିମବଙ୍ଗରେ ଟିଏମ୍‌ସି ଜଙ୍ଗଲରାଜର ଅନ୍ତ ଘଟିବ

ସିଙ୍ଗୁର୍,୧୮।୧

ପଶ୍ଚିମବଙ୍ଗ ଜନସାଧାରଣ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ କ୍ଷମତାରୁ ହଟାଇବା ସହ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ୧୫ ବର୍ଷର ମହା ଜଙ୍ଗଲରାଜର ଅନ୍ତ ଘଟାଇବାକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ସିଲିଗୁଡ଼ିଠାରେ ଏକ ରାଲିକୁ ସମ୍ବୋଧନ କରି ଏହା କହିଛନ୍ତି। ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗରେ ୮୩୦ କୋଟି ଟଙ୍କା ମୂଲ୍ୟର କେତେକ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିବା ସହ କୋଲକାତାରୁ ଦେଶର ଅନ୍ୟ ଭାଗକୁ ସଂଯୋଗ କରୁଥିବା ୩ଟି ଅମୃତ ଭାରତ ଟ୍ରେନ୍ ଚଳାଚଳକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଟିଏମ୍‌ସିର ମହା ଜଙ୍ଗଲରାଜକୁ ସମାଲୋଚନା କରି ପ୍ରଧାନମନ୍ତ୍ରୀ କହିଥିଲେ, ବହୁସଂଖ୍ୟାରେ ମା', ଭଉଣୀ ଓ କୃଷକ ପ୍ରକୃତ ପରିବର୍ତ୍ତନ ଚାହାଁନ୍ତି। ପ୍ରତ୍ୟେକ ଜଙ୍ଗଲରାଜର ଅନ୍ତ ଚାହୁଁଛନ୍ତି। ଭାଜପା ପୁଣିଥରେ ବିହାରରେ ଜଙ୍ଗଲରାଜକୁ ରୋକିଥିବାବେଳେ ଏଥର ପଶ୍ଚିମବଙ୍ଗରେ ଟିଏମ୍‌ସିର ମହା ଜଙ୍ଗଲରାଜକୁ ବିଦାୟ ଦେବାକୁ ପ୍ରସ୍ତୁତ ରହିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ସୁରକ୍ଷା ଓ ସୀମାନ୍ତ ସ୍ଥିତିକୁ ନେଇ ସେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି।



ନରେନ୍ଦ୍ର ମୋଦି

ଟିଏମ୍‌ସି ସରକାର ରାଜ୍ୟ ଓ ଦେଶର ସୁରକ୍ଷା ସହ ଖେଳୁଛନ୍ତି। ତେଣୁ ଏଠାକାର ଯୁବବର୍ଗଙ୍କୁ ଅଧିକ ସତର୍କ ହେବାକୁ ପଡ଼ିବ। ରାଜ୍ୟରେ ଅନୁପ୍ରବେଶ ପାଇଁ ଟିଏମ୍‌ସି ସବୁ ପ୍ରକାର ସୁବିଧା କରିଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ଏହି ଦଳ ବିକ୍ଷୋଭ କରୁଛି। ଗତ ୧୧ ବର୍ଷ ହେଲା କେନ୍ଦ୍ର ସରକାର ବାରମ୍ବାର ଟିଏମ୍‌ସି ସରକାରଙ୍କୁ ପତ୍ର ଲେଖି ରାଜ୍ୟ ସୀମାରେ ତାରବାଡ଼ ଲଗାଇବାକୁ କହିଆସୁଛି। ଏଥିପାଇଁ ଜମି ଅଧିଗ୍ରହଣ ହୋଇଥିଲେ ମଧ୍ୟ ଟିଏମ୍‌ସି ଏହାକୁ ଭ୍ରୂକ୍ଷେପ କରୁନାହିଁ। ଅନୁପ୍ରବେଶକାରୀ ଗ୍ୟାଙ୍ଗଗୁଡ଼ିକୁ ସୁରକ୍ଷା ପ୍ରଦାନ ଏବଂ ସେମାନଙ୍କ ପାଇଁ ଜାଲ୍ କାଗଜପତ୍ର ପ୍ରସ୍ତୁତ କରିବାରେ ଶାସକ ଦଳ ପୃଷ୍ଠପୋଷକତା ପ୍ରଦାନ କରୁଛି। ଅନୁପ୍ରବେଶକୁ ସମ୍ପୂର୍ଣ୍ଣ ବନ୍ଦ କରିବାର ସମୟ ଆସିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

# ଗ୍ରୀନ୍‌ଲାଣ୍ଡ ବିକ୍ରି ପାଇଁ ନୁହେଁ

## ଟ୍ରମ୍ପଙ୍କ ଅକ୍ତିଆର ଧମକ ବିରୋଧରେ ବିକ୍ଷୋଭ

ନୁକ୍,୧୮।୧

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗ୍ରୀନ୍‌ଲାଣ୍ଡକୁ ଦଖଲ କରିବା ପାଇଁ ଚେତାବନୀ ଦେଇଥିବାବେଳେ ଏହାକୁ ବିରୋଧ କରି ସେଠାରେ ଟ୍ରମ୍ପ ବିରୋଧୀ ବିକ୍ଷୋଭ ଜୋର୍ ଧରିଛି। ଅନେକ ହଜାର ଗ୍ରୀନ୍‌ଲାଣ୍ଡ ବାସିନ୍ଦା ତୁଷାର ଓ ବରଫାବୃତ ରାସ୍ତାରେ ଶୋଭାଯାତ୍ରାରେ ବାହାରି ଆମେରିକା ରାଷ୍ଟ୍ରପତିଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ସେମାନେ ନିଜ ଦେଶର ସ୍ୱାୟତ୍ତ ଶାସନକୁ ସମର୍ଥନ କରିବା ସହ 'ଗ୍ରୀନ୍‌ଲାଣ୍ଡ ବିକ୍ରି ପାଇଁ ନୁହେଁ' ବୋଲି ସ୍ଲୋଗାନ ଦେଇଥିଲେ। ଗ୍ରୀନ୍‌ଲାଣ୍ଡ ରାଜଧାନୀ ନୁକ୍ ସହରରୁ ବିକ୍ଷୋଭକାରୀ ଶୋଭାଯାତ୍ରାରେ ଆମେରିକା ବାଣିଜ୍ୟିକ ଦୂତାବାସ ଅଭିମୁଖେ ବାହାରିଥିଲେ। ବିନା ସଂଘର୍ଷରେ ଆମେ ପରାଜୟ ବରଣ କରିବୁ ନାହିଁ ବୋଲି ସେମାନେ କହିଛନ୍ତି। ରାଜଧାନୀ ନୁକ୍ ସହରର ଲୋକ ସଂଖ୍ୟା ୨୦,୦୦୦ ହୋଇଥିବାବେଳେ ବିକ୍ଷୋଭରେ ଏହାର ଏକଚତୁର୍ଥାଂଶ ସାମିଲ ହୋଇଥିଲେ। ଗ୍ରୀନ୍‌ଲାଣ୍ଡର ଅନ୍ୟ ସହର ସମେତ ଡେନ୍‌ମାର୍କର କୋପେନହାଗେନ୍‌ରେ ମଧ୍ୟ ଅନୁରୂପ ବିକ୍ଷୋଭ ଏବଂ ରାଲି କରାଯାଇଛି। ନୁକ୍‌ରେ ଅନୁଷ୍ଠିତ ବିକ୍ଷୋଭରେ ଗ୍ରୀନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀ ଜେନ୍ସ ଫ୍ରେଡେରିକ୍ ନିଏଲ୍‌ସେନ୍ ଯୋଗଦେଇଥିଲେ। ସେପଟେ ଆମେରିକାର ଗ୍ରୀନ୍‌ଲାଣ୍ଡ ନିୟନ୍ତ୍ରଣ ଯୋଜନାକୁ ବିରୋଧ କରୁଥିବା ୮ଟି ୟୁରୋପୀୟ ଦେଶରୁ ଆମଦାନୀ ସାମଗ୍ରୀ ଉପରେ ଫେବୃଆରୀରୁ ୧୦ ପ୍ରତିଶତ ଟାରିଫ୍ ଲଗାଇବେ ବୋଲି ଟ୍ରମ୍ପ ଘୋଷଣା କରିଛନ୍ତି। ସେହି ଦେଶଗୁଡ଼ିକ ହେଲା ଡେନ୍‌ମାର୍କ, ନରୱେ, ସୁଇଡେନ୍, ଫ୍ରାନ୍ସ, ଜର୍ମାନୀ, ବ୍ରିଟେନ, ନେଦରଲାଣ୍ଡସ ଏବଂ ଫିନ୍‌ଲାଣ୍ଡ। ଗ୍ରୀନ୍‌ଲାଣ୍ଡକୁ ସମ୍ପୂର୍ଣ୍ଣ କିଣିବା ପାଇଁ ଆମେରିକା ଚାହୁଁଥିବାବେଳେ ଏହି ଡିଲ୍ କାର୍ଯ୍ୟକାରୀ ହୋଇ ନ ପାରିଲେ ଜୁନ୍ ୧ରୁ ଟାରିଫ୍ ପରିମାଣ ୨୫%କୁ ବୃଦ୍ଧି କରିବେ ବୋଲି ଟ୍ରମ୍ପ କହିଛନ୍ତି। ଟାରିଫ୍ ଧମକ ଟ୍ରମ୍ପ ଏବଂ ନାଟୋ ସହଯୋଗୀଙ୍କ ମଧ୍ୟରେ ଗମ୍ଭୀର ଏବଂ ବିପଜ୍ଜନକ ଉତ୍ତେଜନା ସୃଷ୍ଟି କରିବ ବୋଲି କୁହାଯାଉଛି।



## ଜରୁରୀ ବୈଠକ କରିବେ ଇୟୁ ରାଷ୍ଟ୍ରଦୂତ

ପ୍ୟାରିସ୍,୧୮।୧

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗ୍ରୀନ୍‌ଲାଣ୍ଡକୁ ଅକ୍ତିଆର କରିବା ପାଇଁ ଯୋଜନା କରିଥିବାବେଳେ ଏହାକୁ ବିରୋଧ କରୁଥିବା ୮ ୟୁରୋପୀୟ ଦେଶରୁ ଆମଦାନୀ ସାମଗ୍ରୀ ଉପରେ ୧୦ ପ୍ରତିଶତ ଟାରିଫ୍ ଲଗାଇବେ ବୋଲି ଶନିବାର ଧମକ ଦେଇଥିଲେ। ଏନେଇ

### ଟାରିଫ୍ ଧମକ

ୟୁରୋପୀୟ ଦେଶଗୁଡ଼ିକ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଟ୍ରମ୍ପଙ୍କ ଧମକ ପରେ ୟୁରୋପୀୟ ୟୁନିୟନ (ଇୟୁ) ରାଷ୍ଟ୍ରଗୁଡ଼ିକର ରାଷ୍ଟ୍ରଦୂତମାନେ ଜରୁରୀ ବୈଠକ କରିବାକୁ ଯାଉଛନ୍ତି। ଟ୍ରମ୍ପଙ୍କ ପ୍ରସ୍ତାବକୁ ବିରୋଧ କରି ଗ୍ରୀନ୍‌ଲାଣ୍ଡ ଏବଂ ଡେନ୍‌ମାର୍କରେ ଅନେକ ହଜାର ଲୋକ ବିକ୍ଷୋଭରେ ସାମିଲ ହୋଇଛନ୍ତି। ଗ୍ରୀନ୍‌ଲାଣ୍ଡ ଅଚଳାବସ୍ଥାକୁ ନେଇ ଟ୍ରମ୍ପ ଯଦି ଅତିରିକ୍ତ ଟାରିଫ୍ ଲାଗୁ କରନ୍ତି, ତେବେ ଆଇନଗତ ଭାବେ ମୁକାବିଲାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ହେବ। ଦ୍ରବ୍ୟ ଓ ସେବା ଆମଦାନୀକୁ ରୋକାଯାଇପାରିବ ବୋଲି ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ କହିଛନ୍ତି।

# ବାଂଲାଦେଶରେ ହିନ୍ଦୁ ବ୍ୟବସାୟୀଙ୍କୁ ପିଟି ହତ୍ୟା

ଢାକା,୧୮।୧

ବାଂଲାଦେଶର ଗାଜିପୁର ଜିଲା ଅନ୍ତର୍ଗତ କାଲିଗଞ୍ଜ ଅଞ୍ଚଳରେ କଦଳୀକୁ ନେଇ ବିବାଦ ପରେ ଜଣେ ହିନ୍ଦୁ ବ୍ୟବସାୟୀଙ୍କୁ ଅନ୍ୟ ଏକ ପରିବାରର ୩ ଜଣ ଲୋକ ପିଟି ମାରିଦେଇଛନ୍ତି। ତେବେ ବାଂଲାଦେଶରେ ହିନ୍ଦୁ ବିରୋଧୀ ହିଂସା ସହ ଏହାର ସମ୍ପର୍କ ଥିବା ନେଇ ସ୍ପଷ୍ଟ ହୋଇନାହିଁ। ମୃତକ ଲିଟନ୍ ଚନ୍ଦ୍ର ଘୋଷ (୫୫) 'ବୈଶାଖୀ ସୁଇଟ୍‌ମିଟ୍ ଆଣ୍ଡ ହୋଟେଲ'ର ମାଲିକ ଥିଲେ। ହତ୍ୟାକାଣ୍ଡରେ ସମ୍ପୃକ୍ତ ୩ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଅଭିଯୋଗ ଅନୁଯାୟୀ, ମାସୁମ୍ ମିଆ ନାମକ ବ୍ୟକ୍ତି କଦଳୀ ଚାଷ କରୁଥିବାବେଳେ କେତେ କାନ୍ଦି କଦଳୀ ନ ଥିବା ଦେଖିବାକୁ ପାଇଥିଲେ। ଖୋଜାଖୋଜି ବେଳେ ଲିଟନ୍‌ଙ୍କ ହୋଟେଲରେ ଉକ୍ତ କଦଳୀ ଥିବା ଦେଖିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ମାସୁମ୍ ଓ ତାଙ୍କ ପରିବାର ସଦସ୍ୟଙ୍କ ଆକ୍ରମଣ ବେଳେ ଲିଟନ୍ ତଳେ ପଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ କହିଛି।

# ଆର୍‌ଜେଡି କାର୍ଯ୍ୟକାରୀ ସଭାପତି ହୋଇପାରନ୍ତି ତେଜସ୍ୱୀ



ତେଜସ୍ୱୀ ଯାଦବ

ପାଟନା,୧୮।୧

ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ବିହାର ବିଧାନସଭାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବଙ୍କୁ ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ନିଯୁକ୍ତ କରାଯାଇପାରେ। ଆସନ୍ତା ୨୫ରେ ବସିବାକୁ ଥିବା ଆର୍‌ଜେଡି ଜାତୀୟ କାର୍ଯ୍ୟନିର୍ବାହୀ କମିଟି ବୈଠକରେ ଏନେଇ ନିଷ୍ପତ୍ତି ନିଆଯିବା ଆଶା କରାଯାଉଛି। ତେଜସ୍ୱୀଙ୍କୁ ପଦୋନ୍ନତି ଦେବା ପାଇଁ ଦଳ ଭିତରେ ଏକପ୍ରକାର ସର୍ବସମ୍ମତ ସହମତି ହୋଇଥିବା କୁହାଯାଉଛି। ବରିଷ୍ଠ ନେତାଙ୍କୁ ନୂଆ ଦାୟିତ୍ୱ ଦିଆଯିବା ସହ ଦଳବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ।

# କରାଚୀ ଶପିଂ ମଲ୍‌ରେ ଭୟାବହ ଅଗ୍ନିକାଣ୍ଡ: ୬ ମୃତ

କରାଚୀ,୧୮।୧(ପି.ଟି.)

ପାକିସ୍ତାନର କରାଚୀସ୍ଥିତ ଏକ ବିଶାଳ ଶପିଂ ମଲ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟି ୬ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତମାନଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲ ପଠାଯାଇଛି। ସହରର ଜନଗହଳିପୂର୍ଣ୍ଣ ଏମ୍.ଏ. ଜିନ୍ନା ରୋଡ୍‌ରେ ଥିବା ବହୁତଳ ବିଶିଷ୍ଟ ଗୁଲ୍ ପ୍ଲାଜାରେ ଶନିବାର ରାତି ୧୦ଟା ୪୫ ମିନିଟ୍ ସମୟରେ ନିଆଁ ଲାଗି ଯାଇଥିଲା। ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ସିନ୍ଧ୍ ପ୍ରଦେଶ ମୁଖ୍ୟମନ୍ତ୍ରୀ ମୁରାଦ ଅଲି ଶାହ କାରାଚୀ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ଅଗ୍ନିଶମ କର୍ମଚାରୀମାନଙ୍କୁ ୧୬ ଘଣ୍ଟା ସମୟ ଲାଗିଥିଲା। ଶର୍ଟ ସର୍କିଟରୁ ନିଆଁ ଲାଗିଥିବା ପୋଲିସ ସନ୍ଦେହ କରୁଛି।

# ବାପା, ମୁଁ ବଞ୍ଚିବାକୁ ଚାହୁଁଛି

ନଏଡ଼ା,୧୮।୧

ଘନ କୁହୁଡ଼ି ଯୋଗୁ ନଏଡ଼ାର ସେକ୍ଟର ୧୫୦ ନିକଟରେ ଶୁକ୍ରବାର ରାତିରେ ଏକ କାର୍ ଡ୍ରେନ୍ ପାଚେରିରେ ଧକ୍କା ଖାଇ ପାଣିଭର୍ତ୍ତି ଖାତ ମଧ୍ୟକୁ ଖସିପଡ଼ିବାରୁ ଜଣେ ୨୭ ବର୍ଷୀୟ ସଫ୍ଟୱେର୍ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଯୁବରାଜ ମେହେଟ୍ଟା ନାମକ ଉକ୍ତ ଇଞ୍ଜିନିୟର କାମ ସାରି ଘରକୁ ଫେରୁଥିବାବେଳେ ଘନ କୁହୁଡ଼ି ସାଙ୍ଗକୁ ରାସ୍ତାରେ ରିଫ୍ଲେକ୍ଟର ନ ଥିବାରୁ ତାଙ୍କ କାର୍ ଡ୍ରେନ୍ ପାଚେରିରେ ଧକ୍କା ହେବା ପରେ ୭୦ ଫୁଟ୍ ଗଭୀର ଖାତକୁ ଖସିପଡ଼ିଥିଲା। ସେହି ବାଟଦେଇ ଯାଉଥିବା କେତେଜଣ ମେହେଟ୍ଟାଙ୍କ ଚିତ୍କାର ଶୁଣି ସହାୟତା ପାଇଁ ଉଦ୍ୟମ କରିଥିଲେ ମଧ୍ୟ କାର୍‌ଟି ସମ୍ପୂର୍ଣ୍ଣ ବୁଡ଼ି ରହିଥିଲା। ଇଞ୍ଜିନିୟର

**ଖାତରେ କାର୍ ଖସି ପ୍ରାଣ ହରାଇବା ପୂର୍ବରୁ ଇଞ୍ଜିନିୟରଙ୍କ ଶେଷ କଲ୍**



ଯୁବରାଜ ମେହେଟ୍ଟା

ଜଣକ ତାଙ୍କ ବାପା ରାଜକୁମାର ମେହେଟ୍ଟାଙ୍କୁ ଫୋନ୍ କରି ଖାତରେ ଖସିପଡ଼ିଥିବା କଥା ଜଣାଇବା ସହ ଉଦ୍ଧାର କରିବାକୁ ନିବେଦନ କରିଥିଲେ। ସେ ମରିବାକୁ ଚାହାନ୍ତି ନାହିଁ ବୋଲି କହିଥିଲେ। କିଛି ସମୟ ପରେ ସ୍ଥାନୀୟ ପୋଲିସ, ବୁଡ଼ାଳି ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳର କର୍ମଚାରୀମାନେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ୫ ଘଣ୍ଟାର ଉଦ୍ୟମ ପରେ କାର୍‌କୁ ପାଣିରୁ ବାହାର କରାଯାଇଥିଲା। ସେତେବେଳକୁ ମେହେଟ୍ଟାଙ୍କର ମୃତ୍ୟୁ ଘଟିସାରିଥିଲା। କର୍ତ୍ତୃପକ୍ଷ ରାସ୍ତାରେ ରିଫ୍ଲେକ୍ଟର ନ ଲଗାଇବା ସହ ସର୍ଭିସ୍ ରୋଡ୍ ଡ୍ରେନ୍‌କୁ ଖୋଲା ରଖିଥିବାରୁ ଦୁର୍ଘଟଣା ଘଟିଲା ବୋଲି ମେହେଟ୍ଟାଙ୍କ ପରିବାର ଅଭିଯୋଗ କରିଛନ୍ତି। କୌଣସି ଅବହେଳା ହୋଇଥିବା ଜଣାପଡ଼ିଲେ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନଲେଜ ପାର୍କ ଥାନା ଭାରପ୍ରାପ୍ତ ଅଧିକାରୀ କହିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ୨ ଜଣ ବିଲ୍ଡରଙ୍କ ନାମରେ ଏତଲା ଦାଏର କରିଛି।



ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଚାଲିଥିବା ମାଘମେଳା ଅବସରରେ ସଙ୍ଗମଠାରେ ସନାତନୀ କିନ୍ନର ଆଖଡ଼ାର ଜଣେ ସାଧ୍ୱୀ ଅସ୍ତ୍ର ଚାଳନା କୌଶଳ ପ୍ରଦର୍ଶନ କରୁଛନ୍ତି।

# ସବୁଠୁ ଅଳସୁଆ ପ୍ରାଣୀ

ସ୍ଲଥ୍‌କୁ ବିଶ୍ୱର ସବୁଠାରୁ ଆଳସ୍ୟ ପ୍ରାଣୀ ବୋଲି ବିବେଚନା କରାଯାଏ। ଏହା ଉଷ୍ଣକଟିବନ୍ଧୀୟ ଜଙ୍ଗଲରେ ରହେ ଏବଂ ଦିନକୁ ପ୍ରାୟ ୨୦ ଘଣ୍ଟା ଶୋଇଥାଏ। ବାକି ସମୟ ଏହା ଧୀରେ ଧୀରେ ପତ୍ର ଖାଇଥାଏ। ଏହାର ଧୀର ମେଟାବୋଲିଜିମ ଏବଂ କମ୍ ଶକ୍ତିଯୁକ୍ତ ଖାଦ୍ୟ ଏହାର ଆଳସ୍ୟର ମୁଖ୍ୟ କାରଣ। ସେହିପରି କୋଆଲା ଏହାର ନିଦ୍ରା ଏବଂ ଆଳସ୍ୟ ପାଇଁ ପ୍ରସିଦ୍ଧ। ଏହା ଦିନକୁ କେବଳ ୨ରୁ ୬ ଘଣ୍ଟା ଜାଗ୍ରତ ରହିଥାଏ। ଏହାର ଆଳସ୍ୟର କାରଣ ୟୁକାଲିପଟାସ୍ ଗଛର ପତ୍ର ହେଉଛି ଖାଦ୍ୟ। ଏହି ପତ୍ରଗୁଡ଼ିକ ବିଷାକ୍ତ ଏବଂ ଫାଇବରରେ ଭରପୂର, ଯାହାକୁ ହଜମ କରିବା ପାଇଁ ବହୁତ ଶକ୍ତି ଆବଶ୍ୟକ ହୁଏ।

ଓପୋସମ ନାମକ ଏକ ପ୍ରାଣୀ ଦିନକୁ ୧୮ରୁ ୨୦ ଘଣ୍ଟା ଶୋଇପାରେ। ରାତିରେ ସାମାନ୍ୟ ସକ୍ରିୟ ଥିବା ବେଳେ, ଓପୋସମ ଦିନର ଅଧିକାଂଶ ସମୟ ଏକ ସୁରକ୍ଷିତ ସ୍ଥାନରେ ବିଶ୍ରାମ ନେଇ ବିତାଇଥାଏ। ସେହିପରି ଜଳହସ୍ତୀ ଦିନକୁ ୧୬ରୁ ୨୦ ଘଣ୍ଟା ଶୋଇଥାଏ। ବିଶେଷ କଥା ହେଉଛି ଏହା ସ୍ଥଳଭାଗରେ ଏବଂ ପାଣିରେ ମଧ୍ୟ ଶୋଇପାରେ। ଶୋଇବା ସମୟରେ ମଧ୍ୟ ଏହା ସ୍ୱୟଂଚାଳିତ ଭାବରେ ନିଃଶ୍ୱାସ ନେବା ପାଇଁ ପୃଷ୍ଠକୁ ଆସିଥାଏ, ଯାହା ଏହାକୁ ବହୁତ ସ୍ୱତନ୍ତ୍ର କରିଥାଏ।



# ମଣିକର୍ଣ୍ଣିକା: ଏଆଇ ଫଟୋ ଛାଡ଼ି ଫସିଲେ ବିରୋଧୀ

ବାରାଣସୀ,୧୮।୧

ଉତ୍ତର ପ୍ରଦେଶ ବାରାଣସୀସ୍ଥିତ ପ୍ରସିଦ୍ଧ ମଣିକର୍ଣ୍ଣିକା ଘାଟର ସୌନ୍ଦର୍ଯ୍ୟକରଣ ପାଇଁ ପୁନଃ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ସାମାଜିକ ଗଣମାଧ୍ୟମରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦ୍ୱାରା ପ୍ରସ୍ତୁତ ଜାଲ୍ ଫଟୋ ଛାଡ଼ି ବିଭ୍ରାନ୍ତିକର ତଥ୍ୟ ପ୍ରସାର କରିବା ଅଭିଯୋଗରେ ୮ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କ ମଧ୍ୟରେ ଆପ୍ ନେତା ସଞ୍ଜୟ ସିଂ ଓ ସ୍ୱାଧୀନ ଏମ୍‌ପି ପପ୍ପୁ ଯାଦବ ରହିଛନ୍ତି।

ମନ୍ଦିର ନଗରୀ ବାରାଣସୀରେ ମୋଟ ୮୪ଟି ଘାଟ ରହିଛି। ତନ୍ମଧ୍ୟରେ ଥିବା ମଣିକର୍ଣ୍ଣିକା ଶ୍ମଶାନ ଘାଟରେ ଶବଦାହ କଲେ ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ହିନ୍ଦୁଧର୍ମରେ ବିଶ୍ୱାସ ରହିଛି। ୟୁପି ସରକାର ଏହି ଘାଟର ପୁନର୍ବିକାଶ ପାଇଁ ଗତ ସପ୍ତାହରେ ଜବରଦଖଲ ଉଚ୍ଛେଦ କରୁଥିବାବେଳେ କେତେଜଣ ନେତା ଏହାକୁ ବିରୋଧ କରି ଏଆଇ-ଜେନେରେଟେଡ୍ ଜାଲ୍ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ ବୋଲି ଦଶାଶ୍ୱମେଧ ଘାଟ ଆସିଷ୍ଟାଣ୍ଟ ପୋଲିସ କମିଶନର ଅତୁଲ ରଞ୍ଜନ କହିଛନ୍ତି। ବିରୋଧୀ ଦଳଗୁଡ଼ିକର ନେତାମାନେ ସେତେବେଳେ ଅଭିଯୋଗ ଆଣିଥିଲେ ଯେ, ଅଷ୍ଟାଦଶ ଶତାବ୍ଦୀରେ ମଣିକର୍ଣ୍ଣିକା ଘାଟକୁ ନୂଆରୂପ ଦେଇଥିବା ମରାଠା ସାମ୍ରାଜ୍ୟର ମହାରାଣୀ ଅହିଲ୍ୟାବାଈ ହୋଲ୍‌କରଙ୍କ ଶତାବ୍ଦୀ ପୁରୁଣା ପ୍ରତିମୂର୍ତ୍ତିକୁ ବୁଲ୍‌ଡୋଜର ଲଗାଇ ଭାଙ୍ଗି ଦିଆଯାଇଛି। କେବଳ ଏତିକି ନୁହେଁ, ଭାଜପା ସରକାର ଅନେକ ପ୍ରାଚୀନ ଐତିହ୍ୟକୁ ମଧ୍ୟ ଉଚ୍ଛେଦ କରୁଛି, ଯାହାକୁ ତୁରନ୍ତ ବନ୍ଦ କରାଯିବା ଜରୁରୀ ବୋଲି ବିକ୍ଷୋଭକାରୀମାନେ ଦାବି କରିଥିଲେ। ତେବେ ଏହି ଅଭିଯୋଗକୁ ଜିଲା ପ୍ରଶାସନ ଖଣ୍ଡନ କରିଛି। ଇତିମଧ୍ୟରେ ବିବାଦ ମୁଣ୍ଡ ଟେକିବାରୁ ନିର୍ମାଣକାରୀ ସଂସ୍ଥା ଥାନାରେ ଏତଲା ଦେଇଛି। ଆପ୍ ସାଂସଦ ସଞ୍ଜୟ ସିଂ, ସ୍ୱାଧୀନ ସାଂସଦ ପପ୍ପୁ ଯାଦବ ଓ କଂଗ୍ରେସ ନେତା ଜଶୱିନ୍ଦର କୌରଙ୍କ ସମେତ ୮ ଅଭିଯୁକ୍ତ ଗତ ୧୬ ତାରିଖରେ Xରେ ମିଥ୍ୟା, ଭିତ୍ତିହୀନ ଓ ବିଭ୍ରାନ୍ତିକର ଫଟୋ ଏବଂ ଭିଡିଓ ଶେୟାର କରିଥିଲେ। ଏପରି କି କେତେକ ପୋଷ୍ଟରେ କେନ୍ଦ୍ର ସରକାରଙ୍କୁ ମୋଗଲ ସମ୍ରାଟ୍ ଔରଙ୍ଗଜେବଙ୍କ ସହ ତୁଳନା କରାଯାଇଥିଲା। ହିନ୍ଦୁ ଭକ୍ତମାନଙ୍କୁ ବିଭ୍ରାନ୍ତ ଓ ସାମାଜିକ ସଦ୍ଭାବ ନଷ୍ଟ କରିବା ସେମାନଙ୍କ ଉଦ୍ଦେଶ୍ୟ ବୋଲି ସଂସ୍ଥା ପକ୍ଷରୁ ଅଭିଯୋଗ କରାଯାଇଛି। ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ କହିଛନ୍ତି, ଉକ୍ତ ପ୍ରସଙ୍ଗ ଉଠାଇଥିବାରୁ ତାଙ୍କୁ ଟାର୍ଗେଟ କରାଯାଉଛି, କିନ୍ତୁ ସେ ଏଥିରେ ଭୟଭୀତ ହେବେନାହିଁ।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଆ ସଙ୍ଗୀତ ନାଟକ ଏକାଡ଼େମୀ ପକ୍ଷରୁ ଭୁବନେଶ୍ୱର ରାଜାରାଣୀ ମନ୍ଦିର ପ୍ରାଙ୍ଗଣ ମୁକ୍ତାକାଶ ମଞ୍ଚରେ ଚାଲିଥିବା 'ରାଜାରାଣୀ ସଙ୍ଗୀତ ମହୋତ୍ସବ'ର ରବିବାର ଶେଷ ସନ୍ଧ୍ୟାରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ହିନ୍ଦୁସ୍ଥାନୀ କଣ୍ଠଶିଳ୍ପୀ ମହାରାଷ୍ଟ୍ରର ପଣ୍ଡିତ ଉଲ୍ଲାସ କଶଲକର୍ ଓ ସାଥୀ ସଙ୍ଗୀତ ପରିବେଷଣ କରୁଛନ୍ତି। **(ଫଟୋ: ମନୋରଞ୍ଜନ ମିଶ୍ର)**

# ଚିଲିକାରେ ବଢ଼ିଲେ ୪୯୭୨ ପକ୍ଷୀ

**■ ଏ ବର୍ଷ ଆସିଛନ୍ତି ୧୧ ଲକ୍ଷ ୩୨ ହଜାର ୨୦୦**
**■ ନୂତନ ଅତିଥି ପକ୍ଷୀ ପ୍ଲେନ ମାର୍ଟିନ, ବେଙ୍ଗଲ ବୁଶ ଲାର୍କ**

**ବାଲୁଗାଁ,୧୮।୧(ସଂଗ୍ରାମ ପାଇକରାୟ)**

ବାଲୁଗାଁ ବନ୍ୟପ୍ରାଣୀ ଡିଭିଜନ ଆନୁକୂଲ୍ୟରେ ରବିବାର ଚିଲିକାରେ ପକ୍ଷୀ ଗଣନା ଶେଷ ହୋଇଛି। ଚଳିତ ବର୍ଷ ୧୯୬ ପ୍ରଜାତିର ୧୧ ଲକ୍ଷ ୩୨ ହଜାର ୨୦୦ ପକ୍ଷୀଙ୍କ ସମାଗମ ହୋଇଛି। ସେଥିମଧ୍ୟରୁ ୧୦୬ ପ୍ରଜାତିର ୧୧ ଲକ୍ଷ ୧୦ହଜାର ୨୫୭ ବିଦେଶାଗତ ପକ୍ଷୀ ଥିବା ବେଳେ ସ୍ଥାନୀୟ ୯୦ ପ୍ରଜାତିର ୨୧ହଜାର ୯୪୩ ପକ୍ଷୀ ରହିଛନ୍ତି। ଗତବର୍ଷ ଚିଲିକାରେ ୧୧ଲକ୍ଷ ୨୭ହଜାର ୨୨୮ ପକ୍ଷୀଙ୍କ ସମାଗମ ହୋଇଥିଲା। ଚଳିତ ବର୍ଷ ୪ହଜାର ୯୭୨ ପକ୍ଷୀଙ୍କ ସଂଖ୍ୟା ବଢ଼ିଛି। ପକ୍ଷୀ ଅଭୟାରଣ୍ୟ ନଳବଣରେ ମଧ୍ୟ ଚଳିତ ବର୍ଷ ପକ୍ଷୀ ଓ ପ୍ରଜାତି ସଂଖ୍ୟା ବଢ଼ିଛି। ଗତବର୍ଷ ଏଠାରେ ୯୨ ପ୍ରଜାତିର ୩ ଲକ୍ଷ ୪୩ହଜାର ୨୨୬ ପକ୍ଷୀ ଚିହ୍ନଟ କରାଯାଇଥିଲା। ଚଳିତ ବର୍ଷ ୧୦୬ ପ୍ରଜାତିର ୩ ଲକ୍ଷ ୯୭ହଜାର ୫୮୭ ପକ୍ଷୀଙ୍କ ସମାଗମ ହୋଇଛି। ଅର୍ଥାତ୍ ଏଠାରେ ୫୪ହଜାର ୩୬୧ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଗତ ବର୍ଷ ୧୯୭ ପ୍ରଜାତିର ପକ୍ଷୀଙ୍କ ସମାଗମ ହୋଇଥିଲା। ଚଳିତ ବର୍ଷ ମଧ୍ୟ ଏହି ସଂଖ୍ୟା ୧୯୬ ରହିଛି। ଏଥର ନୂତନ ଭାବେ ପ୍ଲେନ ମାର୍ଟିନ ଏବଂ ବେଙ୍ଗଲ ବୁଶ ଲାର୍କ ପ୍ରଜାତିର ପକ୍ଷୀଙ୍କୁ ଚିହ୍ନଟ କରାଯାଇଛି। ଏହିଦୁଇ ପକ୍ଷୀ ବିଶେଷକରି ଆଫ୍ରିକା ଏବଂ ଦକ୍ଷିଣ ଏସିଆ ଅଞ୍ଚଳରେ ଅବସ୍ଥାନ କରିଥାନ୍ତି। ଅନ୍ୟପକ୍ଷରେ ଚିଲିକାର ଆକର୍ଷଣୀୟ ଫ୍ଲେମିଙ୍ଗୋ (ଏରା) ହଂସଜାତୀୟ ପକ୍ଷୀ ଚଳିତ ବର୍ଷ କମିଛନ୍ତି। ଗତ ବର୍ଷ ଏହି ପକ୍ଷୀ ୨୬୩୮ଟି ଦୃଷ୍ଟିଗୋଚର ହୋଇଥିଲେ। ଚଳିତ ବର୍ଷ ଏହାର ସଂଖ୍ୟା ହ୍ରାସ ପାଇ ୧୮୦୦ରେ ପହଞ୍ଚିଛି। ବିଦେଶୀ ପକ୍ଷୀଙ୍କ ମଧ୍ୟରେ ସର୍ବାଧିକ ନର୍ଦ୍ଦର୍ନ ପିଣ୍ଟେଲ (ଗହୀର ଲାଞ୍ଜିଆ) ୨,୧୮,୯୯୩, ଇଉରାସିଆନ ୱିଜିଅନ୍ (ଚନ୍ଦନା ହଂସ) ୧,୫୩,୩୧୮, ଗଡ୍‌ୱାଲ (ମାଟିଆ ଗେଣ୍ଡି) ୧,୪୩,୨୧୭, ନର୍ଦ୍ଦନ ସୋଭଲର ୯୬,୦୦୦ ଏବଂ ବ୍ଲାକଟେଲ୍ଡ ଗଡ୍‌ୱିଟ (ଡାଙ୍ଗୁଆ ହଂସ) ୫୨,୦୦୦ଟି ରହିଛନ୍ତି।

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଅଧୀନ ୫ଟି ରେଞ୍ଜ୍ ଟାଙ୍ଗୀ, ବାଲୁଗାଁ, ଚିଲିକା, ସାତପଡ଼ା ଏବଂ ରମ୍ଭା ଚିଲିକା ଅଞ୍ଚଳରେ ଏହି ପକ୍ଷୀ ଗଣନା ହୋଇଥିଲା। ବାଲୁଗାଁ ରେଞ୍ଜ୍ ଅଧୀନ ପକ୍ଷୀ ଅଭୟାରଣ୍ୟ ନଳବଣରେ ସର୍ବାଧିକ ୩,୯୭,୫୮୭ ପକ୍ଷୀଙ୍କ ସମାଗମ ହୋଇଛି। ଦ୍ୱିତୀୟରେ ଟାଙ୍ଗୀ ରେଞ୍ଜ୍ ଅନ୍ତର୍ଗତ ମଙ୍ଗଳାଯୋଡ଼ି, ସୁନ୍ଦରପୁର, ଭୂଷଣ୍ଡପୁର ଅଞ୍ଚଳରେ ୧,୬୧,୩୮୫ ଏବଂ ସର୍ବନିମ୍ନ ଭାବେ ରମ୍ଭା ରେଞ୍ଜ୍‌ରେ ପକ୍ଷୀଙ୍କ ସମାଗମ ହୋଇଛି। ବିଭାଗ ପକ୍ଷରୁ ଚିଲିକାକୁ ୨୨ଟି ଜୋନ୍‌ରେ ବିଭକ୍ତ କରାଯାଇ ୨୨ଟି ଦଳକୁ ପକ୍ଷୀ ଗଣନା କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ସଡ଼କ ପଥରେ ୨ଟି ଗ୍ରୁପ ଏବଂ ଜଳପଥରେ ୨୦ଟି ଗ୍ରୁପ ଡଙ୍ଗାରେ ରହି ପକ୍ଷୀ ଗଣନା କରିଥିଲେ। ସମସ୍ତ ଗ୍ରୁପକୁ ବାଇନାକୁଲାର, ୱାକିଟକି, ଜିପିଏସ୍ ଏବଂ ଭିଏଚ୍‌ଏଫ୍ ଆଦି ଯନ୍ତ୍ରାଂଶ ଯୋଗାଇ ଦିଆଯାଇଥିଲା। ପକ୍ଷୀ ଅଭୟାରଣ୍ୟ ନଳବଣରେ କେବଳ ୬ ଦଳ ପକ୍ଷୀ ଗଣନା କରିଥିବା ବେଳେ ଉପକୂଳବର୍ତ୍ତୀ ଅଞ୍ଚଳରେ ୨ ଏବଂ ଅବଶିଷ୍ଟ ୧୪ ଦଳ ବାଲୁଗାଁ ନିକଟ ଚନ୍ଦ୍ରାପୁଟଠାରୁ କଲିଯୁଗେଶ୍ୱର ପାହାଡ଼, ମଙ୍ଗଳାଯୋଡ଼ିଠାରୁ କାଳୁପଡ଼ା, ଭୂଷଣ୍ଡପୁର, ସୁନ୍ଦରପୁର, ସୋରଣ ଏବଂ ତିନିମୁହାଣ ପର୍ଯ୍ୟନ୍ତ, ପୁରୀ ଜିଲା କୃଷ୍ଣପ୍ରସାଦ, ସାତପଡ଼ାଠାରୁ ଗମ୍ଭାରୀ, ବଡଗୋଠ, ଗୁରୁବାଇ ଏବଂ ଅରଖକୁଦା, ରମ୍ଭା ନିକଟ ପାଲୁର ଠାରୁ ଶିଆଳ ଏବଂ ମାଲୁଦ ଚିଲିକା ଅଞ୍ଚଳରେ ଗଣନା କରିଥିଲେ। ରବିବାର ଭୋର ୬ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଗଣନା ହୋଇଥିଲା। ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ୍ ସୋସାଇଟିର ଡେପୁଟି ଡାଇରେକ୍ଟର ପି.ସତ୍ୟ ସାଲଭମ, ବନ୍ୟପ୍ରାଣୀ ବିଭାଗ ପିସିସିଏଫ୍ ବିକାଶ ରଞ୍ଜନ ଦାଶ, ଅବସରପ୍ରାପ୍ତ ଆରସିସିଏଫ୍ ପି.କେ ମିଶ୍ର, ଡିଏଫ୍‌ଓ ଅମ୍ଲାନ୍ ନାୟକ, ଏସିଏଫ୍ ସୌମ୍ୟ ରଞ୍ଜନ ସାହୁ, ରେଞ୍ଜର ରଶ୍ମିତା ଜେନା ପ୍ରମୁଖ ଉପସ୍ଥିତ ରହି ଗଣନା କାର୍ଯ୍ୟରେ ଦିଗ୍‌ଦର୍ଶନ ଦେଇଥିଲେ।

# 'ପ୍ରଗତି ପ୍ରବାହ' ରାଜ୍ୟ ବିକାଶର ଚଳନ୍ତି ପ୍ରତିଛବି: ମୁଖ୍ୟମନ୍ତ୍ରୀ

**ରାଜ୍ୟ ସରକାରଙ୍କ ମୁଖପତ୍ର 'ପ୍ରଗତି ପ୍ରବାହ' ଉନ୍ମୋଚିତ**

**ଭୁବନେଶ୍ୱର,୧୮।୧ (ରବିନାରାୟଣ ଜେନା)**



ପ୍ରଗତି ପ୍ରବାହ, ରାଜ୍ୟ ବିକାଶର ଚଳନ୍ତି ପ୍ରତିଛବି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ରାଜ୍ୟ ସରକାରଙ୍କ ମୁଖପତ୍ର 'ପ୍ରଗତି ପ୍ରବାହ' ପୁସ୍ତକ ଉନ୍ମୋଚନ କରି କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ଏହି ପୁସ୍ତିକାଟିକୁ ମୁଖ୍ୟମନ୍ତ୍ରୀ ନିଜ ବାସଭବନ ତଥା ଆବାସିକ କାର୍ଯ୍ୟାଳୟଠାରେ ଉନ୍ମୋଚନ କରି କହିଥିଲେ, ଏହି ପୁସ୍ତିକାରେ ହୃଦାନନ୍ଦଙ୍କ ସଫଳ କାହାଣୀ ଉଲ୍ଲେଖ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ହୃଦାନନ୍ଦ ବିଶିଙ୍କୁ ସମ୍ମାନିତ କରିବା ସହିତ ତାଙ୍କ ସଫଳତା ପାଇଁ ଶୁଭେଚ୍ଛା ପ୍ରଦାନ କରିଥିଲେ। ଏହା ସହିତ ଆଗକୁ କିଭଳି ସରକାରଙ୍କ ହିତାକାଂକ୍ଷୀ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପି.ଏମ୍. କିଷାନ ଓ 'ସିଏମ୍-କିଷାନ' ମାଧ୍ୟମରେ ଆହୁରି ନିଜର କୃଷି କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ସେ ବିଷୟରେ ପରାମର୍ଶ ଦେଇଥିଲେ। 'ଆମ ସରକାର ଚାଷୀମାନଙ୍କ ଉନ୍ନତି ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରୁଛି। ଚାଷୀଟିଏ ଆଜି ପ୍ରଧାନମନ୍ତ୍ରୀ ମୋଦିଙ୍କ 'ଆତ୍ମନିର୍ଭରଶୀଳ ଭାରତ'ର ଉଦ୍ଦେଶ୍ୟକୁ ପୂରଣ କରୁଛି। ଚାଷୀ ନିଜ ଫସଲ ଦ୍ୱାରା ଗୋଟିଏ ପରିବାର ନୁହେଁ, ଅନେକ ପରିବାର ଚଳାଇବାର କ୍ଷମତା ରଖୁଛି, ଯାହା କି ଆମ ଦେଶର ପ୍ରକୃତ ଷ୍ଟାର୍ଟ-ଅପ୍ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଉଲ୍ଲେଖଯୋଗ୍ୟ, ବିଏସ୍‌ସି(ଫିଜିକ୍ସ), ଏମ୍‌ବିଏ ଏବଂ ମେକାନିକାଲ ଇଞ୍ଜିନିୟରିଂ ଭଳି ଉଚ୍ଚଶିକ୍ଷା ଲାଭ କରିବା ପରେ ମଧ୍ୟ ବାହାରେ ଚାକିରି ନ କରି ନିଜ ମାଟିରେ ସୁନା ଫଳାଇବା ନିଶାରେ ବିଶି ଚାଷକୁ ଆପଣାଇଥିଲେ। ଆଧୁନିକ ଜ୍ଞାନକୌଶଳ ପଦ୍ଧତିରେ ଚାଷ କରି ସେ ଆଜି ଜଣେ 'ଲକ୍ଷପତି ଚାଷୀ' ଭାବେ ଉଭା ହୋଇଛନ୍ତି। ତାଙ୍କର ଏହି ପ୍ରେରଣାଦାୟୀ ସଫଳତା କାହାଣୀ 'ପ୍ରଗତି ପ୍ରବାହ' ପତ୍ରିକାରେ ସ୍ଥାନ ପାଇଛି। ଏହି ସମୟରେ ମୁଖ୍ୟମନ୍ତ୍ରୀ ସରକାରୀ ସହାୟତା ଓ ସବ୍‌ସିଡି ମିଳୁଛି କି ନାହିଁ ସେ ସମ୍ପର୍କରେ ବିଶିଙ୍କୁ ପଚାରି ବୁଝିଥିଲେ। ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ା ଜିଲାପାଳଙ୍କ ଜରିଆରେ ସମସ୍ତ ସରକାରୀ ସହାୟତା ତୁରନ୍ତ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି କୋଲ୍ଡ କୃଷି ଭିତ୍ତିଭୂମିର ବିକାଶ ପାଇଁ ଜିଲାପାଳ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସେ ସ୍ପଷ୍ଟ କରିଥିଲେ। ଏଥିସହିତ ବିଭିନ୍ନ କୃଷି ଯୋଜନାର ସୁଯୋଗ ନେଇ ନିଜର କୃଷି କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହ ଚାଷୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ଝାରସୁଗୁଡ଼ା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ କୃଷ୍ଣାକେଶୀ ବରିଆରସିଂହ ଉପସ୍ଥିତ ଥିଲେ।

# ନୂଆ ରୂପରେ ଆସିବ ମେଟ୍ରୋ ରେଳ

**ବଦଳିବ 'ଡିପିଆର', ସାମିଲ ହେବ ପାରାଦୀପ**

**ଭୁବନେଶ୍ୱର,୧୮।୧(ରବିନାରାୟଣ ଜେନା)**



ଦୀର୍ଘଦିନ ଧରି ଭୁବନେଶ୍ୱର-କଟକ ମେଟ୍ରୋ ରେଳପ୍ରକଳ୍ପ କାର୍ଯ୍ୟ ଅନିଶ୍ଚିତତା ଭିତରେ ରହିଛି। ଏହାକୁ ନେଇ ଲୋକେ ଆଶା ଓ ଆଶଙ୍କାରେ ରହିଥିବାବେଳେ ରାଜ୍ୟ ସରକାର ମଧ୍ୟ ବ୍ୟାକ୍‌ଫୁଟ୍‌ରେ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସରକାରୀସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଖୁବ୍‌ଶୀଘ୍ର ମେଟ୍ରୋ ରେଳ ପ୍ରକଳ୍ପ ନୂତନ ରୂପରେ ଆସିବ ବୋଲି ନଗର ଉନ୍ନୟନ ବିଭାଗ ପକ୍ଷରୁ ଜଣାପଡ଼ିଛି। ବିଭାଗ ପକ୍ଷରୁ ପ୍ରସ୍ତୁତ ହେଉଥିବା 'ଡିପିଆର୍'କୁ ନେଇ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ପୂର୍ବରୁ ଏହା କେବଳ ଭୁବନେଶ୍ୱର-କଟକ-ପୁରୀ ମଧ୍ୟରେ ଗଡ଼ିବ ବୋଲି ପ୍ରସ୍ତାବ ରହିଥିଲା। ପୂର୍ବ ସରକାର ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଯେଉଁ 'ଡିପିଆର୍' ପ୍ରସ୍ତୁତ କରିଥିଲେ ସେଥିରେ ବହୁତ କିଛି ପରିବର୍ତ୍ତନ କରାଯିବ। ଏହାକୁ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପକୁ ଯୋଡ଼ିବା ପାଇଁ ସରକାରୀସ୍ତରରେ ଏକପ୍ରକାର ନିଷ୍ପତ୍ତି ହୋଇଛି। ଆସନ୍ତା ୨୨ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଉଚ୍ଚସ୍ତରୀୟ ବୈଠକରେ ଏସମ୍ପର୍କରେ ପୂର୍ଣ୍ଣାଙ୍ଗ ରୂପରେଖ ଜଣାପଡ଼ିବ। ତେବେ ପୂର୍ବ ସରକାର ସମୟରେ ୬୪କି.ମି.ର ମେଟ୍ରୋ ରେଳପ୍ରକଳ୍ପ ପାଇଁ ୬ହଜାର ୨୫୫କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଏହାକୁ ନେଇ ପୂର୍ବ ସରକାର ତରବରିଆ ଭାବେ ଏହାକୁ କ୍ୟାବିନେଟ୍‌ରେ ପାରିତ କରିଥିଲେ। ଏହାପରେ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେଶନ ସହିତ ରାଜ୍ୟ ସରକାରଙ୍କ ଏକ ବୁଝାମଣା ହୋଇଥିଲା। କଟକଠାରୁ ତ୍ରିଶୂଳିଆ-ବାରଙ୍ଗ ଦେଇ ଖୋର୍ଦ୍ଧା ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ମେଟ୍ରୋ ରେଳ ପ୍ରକଳ୍ପ ହେବାକୁ ଯୋଜନା ରହିଥିଲା। ମାତ୍ର ବର୍ତ୍ତମାନ ପରିବର୍ତ୍ତନ ହୋଇ ଏହି ଡିପିଆର୍‌ରେ ଭୁବନେଶ୍ୱର, କଟକ, ପୁରୀ, ପାରାଦୀପ ଓ ଖୋର୍ଦ୍ଧା ରିଜିଅନକୁ ଯୋଡ଼ିବାପାଇଁ ପ୍ରସ୍ତାବ ରହିଛି। ଏହାଦ୍ୱାରା ରାଜ୍ୟର ବିକାଶ ତ୍ୱରାନ୍ୱିତ ହେବ। ରାଜ୍ୟ ସରକାରଙ୍କ ଭିଜନ-୨୦୩୬ ଓ ୨୦୪୭କୁ ଦୃଷ୍ଟିରେ ରଖି ମେଟ୍ରୋ ରେଳପ୍ରକଳ୍ପକୁ ଏହିସବୁ ଅଞ୍ଚଳକୁ ପ୍ରସାରଣ କରିବା ପାଇଁ ଲକ୍ଷ୍ୟ ରହିଛି। ଏହାସହିତ କେନ୍ଦ୍ର ସରକାରଙ୍କ ସହିତ ମିଶି ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବାକୁ ରହିଛି, ଯାହାଫଳରେ ରାଜ୍ୟ ଉପରେ ଏତେବଡ଼ ଆର୍ଥିକବୋଝ ପଡ଼ିବ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ପରେ ଏହାର ରୂପରେଖ ସ୍ପଷ୍ଟ ହେବ ବୋଲି ବରିଷ୍ଠ ଅଧିକାରୀ ଜଣକ କହିଛନ୍ତି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯିବାକୁ ଥିବା ଏହି ମେଟ୍ରୋ ରେଳପ୍ରକଳ୍ପ ଯଦି ପାରାଦୀପ ଓ ରାଉରକେଲା ପର୍ଯ୍ୟନ୍ତ ଗଡ଼ିବ ତାହା କେତେଦୂର ଆର୍ଥିକ ଦୃଷ୍ଟିକୋଣରୁ ଉଚିତ ହେବ ତାକୁ ନେଇ ସରକାର କେତେଦୂର ଚିନ୍ତା କରୁଛନ୍ତି ତାହା ଦେଖିବାର ରହିଛି।




# 'ଭକ୍ତଙ୍କୁ ଆହୁରି ପ୍ରେରଣା ଦେଉ ଦିବ୍ୟ ପାଦୁକା'

**ଶ୍ରୀ ସତ୍ୟସାଇ ସେବା ସଂଗଠନର ୫୦ତମ ରାଜ୍ୟ ସମ୍ମିଳନୀ**

**କଟକ,୧୮।୧(କାର୍ତ୍ତିକ ସାହୁ)**

ଅପୂର୍ବ ଦଳଗତ ସଙ୍ଗୀତର ଆବାହନୀ ଏବଂ ଶ୍ରୀ ସତ୍ୟସାଇ ଦିବ୍ୟ ପାଦୁକା ରଥର ଭବ୍ୟ ଆଗମନ ସହିତ କଟକସ୍ଥିତ ଐତିହାସିକ ବାଲିଯାତ୍ରା ପଡ଼ିଆରେ ସତ୍ୟସାଇ ସେବା ସଂଗଠନର ୫୦ତମ ରାଜ୍ୟ ସମ୍ମିଳନୀ ଏବଂ ଶ୍ରୀ ସତ୍ୟସାଇ ଦିବ୍ୟ ପାଦୁକା ଯାତ୍ରାର ସମାବର୍ତ୍ତନ ସମାରୋହ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଶ୍ରୀ ସତ୍ୟସାଇ କେନ୍ଦ୍ରୀୟ ନ୍ୟାସର ଟ୍ରଷ୍ଟି ଆର୍. ଜେ. ରତ୍ନାକର ଯୋଗଦେଇ କହିଥିଲେ, ବାଲିଯାତ୍ରା ପଡ଼ିଆ ଆଜି ପବିତ୍ର ପ୍ରଶାନ୍ତି ନିଲୟମ ଭୂମିରେ ପରିଣତ ହୋଇଛି। ସମସ୍ତଙ୍କ ହୃଦୟରେ ମହାନଦୀର ଏହି ଚିର ଶାଶ୍ୱତ ପ୍ରେମ ସବୁଦିନ ପାଇଁ ପ୍ରବାହିତ ହେଉ। ସତ୍ୟସାଇ ସେବା ସଂଗଠନର ସର୍ବଭାରତୀୟ ସଭାପତି ନିମିଷ ପାଣ୍ଡିଆ କହିଥିଲେ, ଓଡ଼ିଶାର ସେବା ଦଳ ଭଉଣୀଭାଇମାନେ ନିଃସ୍ୱାର୍ଥପର ଓ ସମର୍ପଣର ସହିତ ପ୍ରଶାନ୍ତିରେ ଯେଉଁ ସେବାକାର୍ଯ୍ୟ କରିଥାଆନ୍ତି ତାହା ଅନନ୍ୟ ଓ ଅସାଧାରଣ। ସଂଗଠନର ରାଜ୍ୟ ସଭାପତି ସତ୍ୟ ସ୍ୱରୂପ ପଟ୍ଟନାୟକ ବାବାଙ୍କର ମାନବ ସମାଜ ପ୍ରତି ଅବଦାନ, ନିଃସ୍ୱାର୍ଥପର ସେବା ଓ ପ୍ରେମ ବିଷୟରେ ଆଲୋକପାତ କରିଥିଲେ। କ୍ରିୟାଯୋଗ ମିଶନର ଅନ୍ତଃରାଷ୍ଟ୍ରୀୟ ଅଧ୍ୟକ୍ଷ ପରମହଂସ ସ୍ୱାମୀ ପ୍ରଜ୍ଞାନାନନ୍ଦ, ଓଡ଼ିଶା ହାଇକୋର୍ଟର ବିଚାରପତି ଚିତ୍ତରଞ୍ଜନ ଦାଶ, ବିଚାରପତି ଶିବଶଙ୍କର ମିଶ୍ର, ବିଚାରପତି ବିଭୁପ୍ରସାଦ ରାଉତରାୟ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସତ୍ୟସାଇ ସେବା ସଂଗଠନର ରାଷ୍ଟ୍ରୀୟ ସେବା ସଂଯୋଜକ କୋଟେଶ୍ୱର ରାଓ ପ୍ରମୁଖ ବାବାଙ୍କ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ସେବାର ମାର୍ଗ ମାନବଜୀବନର ଉତ୍ତରଣକୁ ସାର୍ଥକ କରିବ ବୋଲି କହିଥିଲେ। କଟକ ମେୟର ସୁବାସ ଚନ୍ଦ୍ର ସିଂହ, ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ସମେତ ଅନେକ ମାନ୍ୟଗଣ୍ୟ ଅତିଥି ଯୋଗଦେଇଥିଲେ। ଏହି ଅବସରରେ ବଲାଙ୍ଗୀର ଜିଲାର ଖଲିଆପଡ଼ା ଗ୍ରାମରେ ୫୦ତମ ଶ୍ରୀ ସତ୍ୟସାଇ ନିର୍ମଳଝର ପାନୀୟଜଳ ପ୍ରକଳ୍ପର ଭର୍ଚୁଆଲ ଉଦ୍‌ଘାଟନ ହୋଇଥିଲା। ୧୦୦ଜଣଙ୍କୁ ଶ୍ରୀ ସତ୍ୟସାଇ ସ୍ୱାବଲମ୍ବୀ ଯୋଜନାରେ ସିଲେଇ ମେଶିନ ଓ ୫୦ଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ବଣ୍ଟନ କରାଯାଇଥିଲା। ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ସାଇଭକ୍ତମାନେ ଦିବ୍ୟ ପାଦୁକା ଦର୍ଶନ କରିଥିଲେ। ଆସନ୍ତା ୧୯ରୁ ୨୨ ତାରିଖ ଯାଏ ଭୁବନେଶ୍ୱର ସାଇ ଜନନୀଠାରେ ୧୦୦ ଘଣ୍ଟା ଅଖଣ୍ଡ ଭଜନ ସହ ୧୦୦ ଘଣ୍ଟା ବେଦ ପାଠ ପରେ ସମଗ୍ର ଓଡ଼ିଶା ପରିଭ୍ରମଣ କରି ଆସିଥିବା ଦିବ୍ୟ ପାଦୁକା ସ୍ଥାପନ କରାଯିବ। ୨୩ ତାରିଖରେ ଏହି କାର୍ଯ୍ୟକ୍ରମ ଉଦ୍‌ଯାପନ ହେବ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ସେବାସଂଘ ପକ୍ଷରୁ ବାର୍ଷିକ ସମ୍ମିଳନୀ, ସ୍ଥାନ: ଓଡ଼େଶା ଭବନ, ୭ ଖାରବେଳ, ସମୟ: ପୂର୍ବାହ୍ନ ୧୧ଟା।
- ସହଭାଗୀ ବିକାଶ ମଞ୍ଚ ପକ୍ଷରୁ ଓଡ଼ିଶାରେ 'ନଗର ସମ୍ମିଳନୀ' କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସଂଭାବନା ପକ୍ଷରୁ ପ୍ରଣବ ଜୟନ୍ତୀ ଓ ସଂଗୀତ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ମନନ ନାଟ୍ୟ ସଂସ୍ଥା ପକ୍ଷରୁ ଫାଉଣ୍ଡେଶନ୍ ଡେ ପାଳନ ଅବସରରେ ଡ୍ରାମା ଫେଷ୍ଟିଭାଲ୍, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ୭୫ତମ ଗଙ୍ଗାମାତା ପୂଜା ଉତ୍ସବ,ସ୍ଥାନ:ବାହାବଳପୁର, ବାଲେଶ୍ୱର,ସମୟ:ସକାଳ ୮ଟା।
- ନାମ ଯଜ୍ଞ ଓ ପ୍ରସାଦ ସେବନ,ସ୍ଥାନ:ବାହାବଳପୁର ବାତ୍ୟା ଆଶ୍ରୟସ୍ଥଳୀ, ବାଲେଶ୍ୱରସମୟ:ପୂର୍ବାହ୍ନ ୧୦ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ବ୍ଲକ କାର୍ଯ୍ୟାଳୟ, ବାହାନଗା,ସମୟ: ପୂର୍ବାହ୍ନ ୧୦ଟା।
- ବିକ୍ଷୋଭ ଓ ପ୍ରତିବାଦ ସଭା,ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖ, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୧ଟା।
- 'ନାଟ୍ୟପ୍ରଭା'ର ବାର୍ଷିକ ଉତ୍ସବ,ସ୍ଥାନ:ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର,ସମୟ:ଅପରାହ୍ନ ୫ଟା।

## ଭଦ୍ରକ

- ଶନିଦେବଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଚଣ୍ଡିପୁର, ବନ୍ତ, ସମୟ: ସକାଳ ୭ଟା।
- 'ବନ୍ଦେ ଉତ୍କଳ ଜନନୀ' କାର୍ଯ୍ୟକ୍ରମ, ସ୍ଥାନ: ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଦିବଂଗତ ଶିକ୍ଷାବିତ୍ ଲକ୍ଷ୍ମୀଧର ସାହୁଙ୍କ ୨୬ତମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ମତୋ ସରକାରୀ ଉଚ୍ଚ ବିଦ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ଧାନ ମଣ୍ଡି ଉଦ୍‌ଘାଟନ, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୩ଟା।
- ଜିଲା ମହୋତ୍ସବ ଭଦ୍ରାୟଣୀ ଓ ପଲ୍ଲିଶ୍ରୀ ମେଳାର ୨ୟ ସନ୍ଧ୍ୟା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ସାଳନ୍ଦୀ ସାହିତ୍ୟ ସଙ୍ଗମର ଖବରଦାତା ସମ୍ମିଳନୀ, ସ୍ଥାନ: ନୂଆବଜାରସ୍ଥିତ କର୍ମଚାରୀ ଭବନ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ମା' ବରାହୀ ୩୭ତମ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ବଞ୍ଚୋ,
- ସମୟ: ପୂର୍ବାହ୍ନ ୧୦ ଟା।
- ଭିବିଜିରାମଜିର ଜନଜାଗରଣ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ କରଞ୍ଜିଆ, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ଉତ୍ସବ,ସ୍ଥାନ: ପ୍ରେମକାଲ ଯୋଗ ମନ୍ଦିର ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିରଙ୍ଗା କ୍ଲବ୍ ପକ୍ଷରୁ ବାର୍ଷିକ କ୍ରୀଡ଼ା, ସ୍ଥାନ: ପୂର୍ଣ୍ଣଚନ୍ଦ୍ରପୁର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୦ଟା।
- ମକର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ସିଂହଟିଆ ଶିବ ମନ୍ଦିର ପ୍ରାଙ୍ଗଣ ବଡ଼ସାହି,ସମୟ: ଅପରାହ୍ନ ୫ଟା।
- ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା, ସ୍ଥାନ: କଚେରୀ ଷ୍ଟାଡିୟମ, ରାଇରଙ୍ଗପୁର,ସମୟ: ପୂର୍ବାହ୍ନ ୧୧ଟା।
- ମା'ଶୀତଳା ଦେବୀଙ୍କ ବାର୍ଷିକ ଝାମୁଯାତ୍ରା ଅବସରରେ ଗୀତା ଯଜ୍ଞ, ସ୍ଥାନ:ଡାକୋଇ କଳାରାଫୁଲିଆ, ମୋରଡ଼ା,ସମୟ: ଅପରାହ୍ନ ୧ଟା।

## ଗଞ୍ଜାମ

- ପଞ୍ଚାୟତ ସ୍ତରୀୟ ମିଳିତ ଜନ ଶୁଣାଣି ଶିବିର,ସ୍ଥାନ: ବୁହୁଡା ବ୍ଲକ ଗୌଡିଆବୋରଡ଼ା ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାମପଞ୍ଚାୟତ ସ୍ତରୀୟ ଜନ ଶୁଣାଣି, ସ୍ଥାନ: ସହଦେବ ଟିକରପଡ଼ା ପଞ୍ଚାୟତ କାର୍ଯ୍ୟାଳୟ,ଦିଗପହଣ୍ଡି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ନିମିନା ପଞ୍ଚାୟତରେ ଅଭିଯୋଗ ଶୁଣାଣି,ସ୍ଥାନ: ନିମିନା ପଞ୍ଚାୟତ କାର୍ଯ୍ୟାଳୟ, ଆସିକା ବ୍ଲକ, ସମୟ: ପୂର୍ବାହ୍ନ୧୦ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ତ୍ରିବେଣୀ ମେଳା, ରୁଦ୍ରଶାନ୍ତି ଯଜ୍ଞ, ସ୍ଥାନ: ଆର୍ତ୍ତେଶ୍ୱର ଶୈବ ପୀଠ, ସ୍ଥାନ: ଜଗନ୍ନାଥପୁର, ଡେରାବିଶ, ସମୟ: ସକାଳ ୭ଟା।
- ସାର୍ବଜନୀନ ଗଙ୍ଗା ପୂଜା, ମକର ମେଳା ଓ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ପାଞ୍ଚଗୋଛିଆ, ବେଣାକନ୍ଦା, ସୁନିତୀ, ମହାକାଳପଡା, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଢ଼ୋଲ, ଜମରା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ମକର ମହୋତ୍ସବ, ସ୍ଥାନ: ବିଲେଇସୁଣୀ ମକର ପଡିଆ, ପଳସୁଧା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ପୁରୀକୁ ବରିଷ୍ଠ ନାଗରିକଙ୍କ ତ୍ରୀର୍ଥଯାତ୍ରା ଶୁଭାରମ୍ଭ, ସ୍ଥାନ: ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ସକାଳ ୬ଟା୩୦।
- ତ୍ରୟଦଶ ବାର୍ଷିକ ପୂଜା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବ୍ୟାସନଗର କୋପଣ୍ଡ ବିଣାପାଣୀ ସାହି, ସମୟ: ସକାଳ ୮ଟା।
- ଜିଲାପାଳ ଏବଂ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ : ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟର ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ସାଢେ ୩ଟା।

## ନୟାଗଡ଼

- ମକର ମେଳାର ଉଦ୍‌ଯାପନ ଦିବସ, ସ୍ଥାନ: ଗୋଡିପଡା ନିକଟସ୍ଥ ହରିଡାବନ୍ଧ ହଟକେଶ୍ୱର ମନ୍ଦିର, ସମୟ: ସକାଳ ୮ଟା ।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ ଦିବସ ମ୍ୟାଚ ଖଳିସାହି ବନାମ ପଦାମାଳ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା ।
- ଭିକାରୀ ସେଠୀ ସ୍ମାରକୀ କ୍ରିକେଟ ମ୍ୟାଚର ଦଶମ ଦିବସ ମ୍ୟାଚ, ସ୍ଥାନ:ଖଣ୍ଡପଡା ବ୍ଲକ କୁମ୍ଭାରପଡା କୁଆଁରିଆ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସଚିନ ଓ ଲିପୁନ୍ ୨୮ତମ ସ୍ମାରକୀ କ୍ରିକେଟର ଅଷ୍ଟମ ଦିବସର ୨ୟ ସେମି ଫାଇନାଲ ମ୍ୟାଚରେ ରଙ୍ଗଢ଼ାବା ବନାମ ଭୋଗଡା କ୍ରିକେଟ କ୍ଲବ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ଏମ୍‌ଇ ସ୍କୁଲ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା ।
- ଅଲ ଇଣ୍ଡିଆ ଫୁଟ୍‌ବଲ ଟୁର୍ନାମେଣ୍ଟର ଉଦ୍‌ଘାଟନ ଉତ୍ସବରେ ପପୁଲାର ଏଫସି ଢ଼େଙ୍କାନାଳ ବନାମ ମରାଠା ୧୧ ଏଫସି ଭଞ୍ଜନଗର, ସ୍ଥାନ:ନୟାଗଡ଼ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା ।
- ମାଘମେଳା ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସମୟ: ଅପରାହ୍ନ ୪ଟା ।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗଶୁଣାଣି ଶିବିର, ସ୍ଥାନ: କଲ୍ୟାଣସିଂହପୁର ବ୍ଲକ୍ କାର୍ଯ୍ୟାଳୟ ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଇଷ୍ଟେଲ ଉନ୍ନତି-ଡାଟା ସେଣ୍ଟ୍ରିକ ଲ୍ୟାବ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ,ଗୁଣପୁର, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ଉମରକୋଟ ସଦାଶିବ ସୁକୁମାର ଉଚ୍ଚ ବିଦ୍ୟାଳୟ ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କିନ୍ନର ସଙ୍ଘର ବାର୍ଷିକ ଉତ୍ସବ, ସ୍ଥାନ: ଉମରକୋଟ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ ଟା।
- ଇଂରାଜୀ ନୂତନ ବର୍ଷର ଭେଟ୍‌ଘାଟ, ସ୍ଥାନ: ଉମରକୋଟ ମିକ୍ସଡ଼ ଫାର୍ମ, ସମୟ: ସକାଳ ୧୧ଟା।
- ବନ୍ଦେ ମାତରମ୍ ସଙ୍ଗୀତର ୧୫୦ ତମ ବର୍ଷ ପୂର୍ତ୍ତି ଉପଲକ୍ଷେ କାର୍ଯ୍ୟକ୍ରମ, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ପେଣ୍ଡରାଣୀ ମହାବିଦ୍ୟାଳୟର ୪୧ ତମ ବାର୍ଷିକ ଉତ୍ସବ, ସ୍ଥାନ: ଉମରକୋଟସ୍ଥିତ କଲେଜ ପରିସର, ସମୟ: ଅପରାହ୍ନ ୧ଟା।
- ମା କାଳୀଙ୍କ ବାର୍ଷିକ ଉତ୍ସବ ସମାପନ, ସ୍ଥାନ: ଉମରକୋଟ ବ୍ଲକ ଡଙ୍ଗରିଗୁଡ଼ା, ସମୟ: ସନ୍ଧ୍ୟା ୭ ଟା।

## କୋରାପୁଟ

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବ୍ଲକ ଅଫିସ କନଫରେନ୍ସ ହଲ, ବୈପାରିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ମଲ୍ଟି ଫଙ୍କସନ ହଲ, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ଦୁଧାରୀ, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ବଡକେରେଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ପରଜା ବଡପଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଯୁବ ମହୋତ୍ସବ ଅରା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସେମିଳିଗୁଡ଼ା ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଭାରତୀୟ ଭାଷା ଉପରେ ଜାତୀୟ କର୍ମଶାଳା ଉଦ୍‌ଘାଟନ, ସ୍ଥାନ: ସିୟୁଓ ସୁନାବେଡା କ୍ୟାମ୍ପସ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ହିନ୍ଦୁ ଜାଗରଣ ସମିତି ପକ୍ଷରୁ ହିନ୍ଦୁ ସମ୍ମିଳନୀ, ସ୍ଥାନ: ହାଲ ଜଗନ୍ନାଥ ମନ୍ଦିର ପରିସର ଲକ୍ଷ୍ମୀ ମଣ୍ଡପ, ସୁନାବେଡ଼ା-୨, ସମୟ: ସନ୍ଧ୍ୟା ୬ଟା।

## ସମ୍ବଲପୁର

- ସମ୍ବଲପୁରୀ ଧନୁଯାତ୍ରାର ଗୋପପୁର କାର୍ଯ୍ୟକ୍ରମ, ସ୍ଥାନ: ଚାଉଁରପୁର ଗ୍ରାମ, ସମୟ : ସକାଳ ୯ଟା।
- ଜିଲା ପ୍ରଶାସନ ଆୟୋଜିତ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ଯୁଯୁମୁରା ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ କମିଟି ପକ୍ଷରୁ କଂସ ମହାରାଜଙ୍କ ନଗର ପରିକ୍ରମା, ସ୍ଥାନ : ବୁଢ଼ାରଜା ଅଞ୍ଚଳ, ସମୟ : ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ସମାରୋହ, ସ୍ଥାନ : ଫୁଲଝରନ ସ୍ଥିତ ଡା. ଆଇଜାକ ସାନ୍ତ୍ରା ବାଳନିକେତନ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ସମ୍ବଲପୁର ସେଲିବ୍ରିଟି କ୍ରିକେଟ ମ୍ୟାଚର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ସମ୍ବଲପୁରୀ ଧନୁଯାତ୍ରାର କଂସ ଦରବାରରେ ବିବିଧ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ସମୟ ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ବଲାଙ୍ଗୀର ଲୋକ ଉତ୍ସବ ପାଇଁ ମଞ୍ଚ ପୂଜା ଓ ସାଂସ୍କୃତିକ ଶୋଭାଯାତ୍ରା ଶୁଭାରମ୍ଭ, ସ୍ଥାନ: କୋଶଳ କଳା ମଣ୍ଡଳ, ବଲାଙ୍ଗୀର, ସମୟ: ସକାଳ ୯ଟା।
- ବଲାଙ୍ଗୀର ଲୋକ ଉତ୍ସବ ଉଦ୍‌ଘାଟନୀ ସଭା, ସ୍ଥାନ: କୋଶଳ କଳା ମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଓଷା କଲେ ବେଳ ବୁଡ଼**
**ଘର କଲେ ଭାଙ୍ଗେ ହାଡ଼ ।**

ଓଷା କରିବା ଲୋକ ଦିନତମାମ ନ ଖାଇ ନ ପିଇ ଆଉଟୁପାଉଟୁ ହେଉଥାଏ। ଠିକ୍ ସେହିପରି ଘର ତିଆରି କରିବାରେ କାମ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଶରୀର ଏବଂ ମନକୁ ଅଶେଷ ଯନ୍ତ୍ରଣା ଭୋଗିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଷେଇତିର ମନ ନାହିଁ**
**ଘଣ୍ଟି ବଜାଉ କାହାପାଇଁ ?**

ପୂଜା ବା ଓଷା ବ୍ରତକୁ ଅତ୍ୟନ୍ତ ଭକ୍ତି ଓ ନିଷ୍ଠାର ସହ ପାଳନ କରାଯିବା ଉଚିତ। ଭକ୍ତିଭାବ ବିନା ଲୋକଦେଖାଣିଆ ପୂଜାବ୍ରତ କରିବାରେ ମୂଲ୍ୟ କିଛି ମିଳୁ ନ ଥିବା ବେଳେ ପୂଜା ପ୍ରତି ମନ ବଳାଇଥିବା ବ୍ୟକ୍ତିର ଅନାଗ୍ରହ ଭାବ ପ୍ରଦର୍ଶନ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ବେଆଇନ ବାଣ ତିଆରି ...

ସେଠୀ କହିଛନ୍ତି। ସୂଚନାନୁଯାୟୀ, ହାତୀଗଡ଼ାର ବୈକୁଣ୍ଠ ସାମଲ(୫୦) ନିଜ ଘରେ ଦୀର୍ଘଦିନ ହେବ ବେଆଇନ ଭାବେ ବାଣ ତିଆରି କରିଆସୁଥିଲେ। ବାହାଘର, ବ୍ରତଘର, ଖେଳ, ସଭାସମିତି ଆଦିରେ ସେ ଆବଶ୍ୟକ ବାଣ ଯୋଗାଇ ଲକ୍ଷାଧିକ ଟଙ୍କା ରୋଜଗାର କରୁଥିଲେ। ତାଙ୍କ ନିକଟରେ ସୁରେଶ କାମ କରନ୍ତି। ରବିବାର ସେ ବାଣ ଭିଡୁଥିବାବେଳେ ଅପରାହ୍ନ ପ୍ରାୟ ୧ଟାରେ ବାରୁଦ ବିସ୍ଫୋରଣ ଯୋଗୁ ତାଙ୍କର ଜୀବନ ଯାଇଛି। ତାଙ୍କ ମୃତଦେହର କିଛି ଅଂଶ ରାସ୍ତାରେ ପଡ଼ିଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଖବର ପାଇ ଘଟଣାସ୍ଥଳରେ ପୋଲିସ ଓ ଦମକଳବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିବା ସହ ନିଆଁକୁ ଆୟତ୍ତ କରିଥିଲେ। ବାରଙ୍ଗ ଅଗ୍ନିଶମ ଅଧିକାରୀ ପ୍ରକାଶ ପାତ୍ରଙ୍କ କହିବାନୁସାରେ, କେତେକ ଅଫୁଟା ବାଣକୁ ପାଣି ପକାଇ ନିଷ୍କ୍ରିୟ କରାଯାଇଥିଲା। ବିସ୍ଫୋରଣ ପ୍ରଭାବରେ ଘରର ବିଭିନ୍ନ ଅଂଶ ଏଣେତେଣେ ଛିଟିକି ପଡ଼ିଥିଲା। ସେହିପରି କଟକ ସଦର ଥାନା ଆଇଆଇସି ସେଠୀଙ୍କ ସହ ଜୋନ-୪ ଏସିପି ଶଶିକାନ୍ତ ରାଉତ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏନେଇ ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି। ବାଣ ତିଆରିର ମୁଖ୍ୟ କାର୍ପଟଦାର ଫେରାର ଅଛନ୍ତି। ସେ ଧରାପଡ଼ିବା ପରେ ଅଧିକ ତଥ୍ୟ ମିଳିପାରିବ ବୋଲି ଆଇଆଇସି ସେଠୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସୁରେଶ ପୂର୍ବରୁ ଏକ ଦୁର୍ଘଟଣାରେ ଗୋଟିଏ ଗୋଡ଼ ହରେଇଥିବାରୁ ନିଜ ପରିବାର ପ୍ରତିପୋଷଣ ପାଇଁ ଅନ୍ୟ କାର୍ଯ୍ୟ କରିବା ତାଙ୍କ ପକ୍ଷେ ସମ୍ଭବ ନ ଥିଲା। ତେଣୁ ସେ ବୈକୁଣ୍ଠଙ୍କ ପାଖରେ ଦୀର୍ଘଦିନ ହେବ ବାଣଭିଡ଼ି ନିଜ ପରିବାର ପ୍ରତିପୋଷଣ କରୁଥିଲେ। ସ୍ତ୍ରୀ ଓ ଦୁଇଝିଅ ସହ ତାଙ୍କର ଚାରିଜଣ ସଦସ୍ୟ ଥିଲେ। ଘରର ଏକମାତ୍ର ରୋଜଗାରକ୍ଷମ ଥିଲେ ସୁରେଶ। ତାଙ୍କ ମୃତ୍ୟୁ ପରେ ପରିବାର ବେସାହାରା ହୋଇପଡ଼ିବା ସହ ତାଙ୍କ ପରିବାର ଚଳିବା କଷ୍ଟକର ହୋଇଯିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇବା ସହିତ ବୈକୁଣ୍ଠଙ୍କୁ ଗିରଫ କରି ତାଙ୍କଠାରୁ କ୍ଷତିପୂରଣ ଆଦାୟ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅପରପକ୍ଷରେ ବେଆଇନ ବାଣ ତିଆରି ସମ୍ପର୍କରେ ପୋଲିସ ପ୍ରଶାସନ ପାଖରେ ତଥ୍ୟ ନ ଥିଲା କି ଜାଣିଶୁଣି ବେଆଇନ ବାଣ ପ୍ରସ୍ତୁତିକୁ ସୁଯୋଗ ଦିଆଯାଉଥିଲା, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

## ଆତଙ୍କବାଦୀଙ୍କୁ କ୍ରିପ୍ଟୋ ...

ଏକ ବିସ୍ତୃତ ଅଧ୍ୟୟନରେ ଜଣାପଡ଼ିଛି ଯେ, ଚାଇନା, ମାଲେସିଆ, ମ୍ୟାନ୍‌ମାର ଓ କାମ୍ବୋଡିଆରୁ କଶ୍ମୀରକୁ ହାୱାଲା ଜରିଆରେ କ୍ରିପ୍ଟୋ ପାଣ୍ଠି ଆସୁଛି। ଯେପରି ନୋ ୟୋର କଷ୍ଟମର (କେୱାଇସି) ବା ପରିଚୟ ଯାଞ୍ଚର ଆବଶ୍ୟକତା ନ ପଡ଼ିବ, ସେଥିଲାଗି ଭର୍ଚୁଆଲ ପ୍ରାଇଭେଟ୍ ନେଟ୍‌ୱର୍କ (ଭିପିଏନ୍)କୁ ବ୍ୟବହାର କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଜମ୍ମୁ-କଶ୍ମୀର ପୋଲିସ ଆତଙ୍କବାଦୀଙ୍କ ପରିଚୟ ଚିହ୍ନଟକୁ ଫାଙ୍କିବା ପାଇଁ ଉଦ୍ଦିଷ୍ଟ ଭିପିଏନ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦେଇଛି। ଅଧିକାରୀମାନେ କହିଛନ୍ତି, ବିଦେଶୀ ହେଣ୍ଡଲରମାନେ ଏହି ପ୍ରାଇଭେଟ୍ ୱାଲେଟ୍‌ଗୁଡ଼ିକୁ ସିଧାସଳଖ କ୍ରିପ୍ଟୋକରେନ୍ସି ପଠାଉଛନ୍ତି। ଏପରି କି ୱାଲେଟ୍ ହେଣ୍ଡଲରମାନେ ଦିଲ୍ଲୀ ଓ ମୁମ୍ବାଇ ସମେତ ଦେଶର କେତେକ ସହରକୁ ଯାଇ ଅନିୟନ୍ତ୍ରିତ ପିଅର୍-ଟୁ-ପିଅର୍ (ପି୨ପି) ଟ୍ରେଡର୍ସଙ୍କୁ ଭେଟିବା ସହ କ୍ରିପ୍ଟୋ ବିକି ନଗଦ ଅର୍ଥ ସଂଗ୍ରହ କରୁଛନ୍ତି। ଗ୍ରେ ମାର୍କେଟ୍‌ରେ ଏହି କାରବାର ପରିଚାଳିତ ହେଉଛି। ଏଫ୍‌ଆଇୟୁର ତମାମ ଉଦ୍ୟମ ସତ୍ତ୍ୱେ ୨୦୨୪-୨୫ ଆର୍ଥିକବର୍ଷରେ ମାତ୍ର ୪୯ ଏକ୍ସଚେଞ୍ଜ ନିଜକୁ ବୈଧ ସଂସ୍ଥା ଦର୍ଶାଇ ପଞ୍ଜୀକୃତ କରାଇଥିଲେ। ତେଣୁ ଭାରତର ଡିଜିଟାଲ ଆସେଟ୍ ମାର୍କେଟରେ ବେଆଇନ କାର୍ଯ୍ୟକଳାପକୁ ବନ୍ଦ କରିବା ପାଇଁ ଗତ ୮ ତାରିଖରେ ଏଫ୍‌ଆଇୟୁ ପକ୍ଷରୁ କ୍ରିପ୍ଟୋ ନିୟମକୁ କଡ଼ାକଡ଼ି କରାଯାଇଛି। ଏଫ୍‌ଆଇୟୁ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜରେ ମନି ଲଣ୍ଡରିଂ ନିରୋଧୀ (ଏମ୍‌ଏମ୍‌ଏଲ୍) ଏବଂ କେୱାଇସି ପ୍ରୋଟୋକଲରେ ପରିବର୍ତ୍ତନ ଆଣି ନୂଆ ନିୟମ ଜାରି କରିଛି। ନୂଆ ଗାଇଡ୍‌ଲାଇନ୍ ଅନୁସାରେ କ୍ରିପ୍ଟୋ ଏକ୍ସଚେଞ୍ଜଗୁଡ଼ିକ ଭର୍ଚୁଆଲ ଆସେଟ୍ ଡିଭାଇସ୍ (ଭିଏଡି) ସର୍ଭିସ୍ ପ୍ରୋଭାଇଡର୍ସ ରୂପେ ପରିଚିତ ହେବେ। ସେଗୁଡ଼ିକ ପୂର୍ବଭଳି କେବଳ ସାଧାରଣ ଦସ୍ତାବିଜ ଅପ୍‌ଲୋଡ୍ କରିବା ପରିବର୍ତ୍ତେ ଅଧିକ ଦାୟିତ୍ୱସମ୍ପନ୍ନ ହୋଇ କାର୍ଯ୍ୟ କରିବେ। ସଫ୍ଟୱେର ଜରିଆରେ ୟୁଜର୍ସଙ୍କ ଉପସ୍ଥିତିକୁ ଯାଞ୍ଚ କରିବା ପାଇଁ ଲାଇଭ୍ ସେଲ୍ଫି ନେବାକୁ ପଡ଼ିବ। ସ୍ଥିର ଫଟୋ କିମ୍ବା ଡିପ୍‌ଫେକ୍‌ର ବ୍ୟବହାର ଏଡ଼ାଇବାରେ ଏହା ସହାୟକ ହେବ। ବ୍ୟବହାରକାରୀ ଏକ ଆକାଉଣ୍ଟ ତିଆରି ଆରମ୍ଭ କରିବା ମାତ୍ରେ ଏକ୍ସଚେଞ୍ଜଗୁଡ଼ିକ ତାରିଖ, ଟାଇମ୍‌ଷ୍ଟାମ୍ପ ଏବଂ ଆଇପି ଆଡ୍ରେସ୍ ରେକର୍ଡ କରିବା ଜରୁରୀ। ସେହିପରି ୟୁଜର୍ସଙ୍କୁ ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର (ପାନ୍) ସହ ଏକ ପାସ୍‌ପୋର୍ଟ, ଆଧାର କିମ୍ବା ଭୋଟର ଆଇଡି ଭଳି ଅତିରିକ୍ତ ପରିଚୟପତ୍ର ଦାଖଲ କରିବାକୁ ପଡ଼ିବ। ଓଟିପି ଭେରିଫିକେଶନ୍ ପାଇଁ ଇ-ମେଲ୍ ଆଇଡି ଏବଂ ଫୋନ୍ ନମ୍ବର ଦେବାକୁ ପଡ଼ିବ। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଅଧୀନରେ ପରିଚାଳିତ ଏଫ୍‌ଆଇୟୁ ପକ୍ଷରୁ ୟୁଜର୍ସଙ୍କ ପାଇଁ ଲାଇଭ୍ ସେଲ୍ଫି ଓ ଜିଓଟ୍ୟାଗିଂକୁ ବାଧ୍ୟତାମୂଳକ କରାଯାଇଛି।

## ଅଟୋ ଚାଳକଙ୍କୁ ...

ସ୍ଥାନୀୟ ପଲ୍ୟୁଶନ ସେଣ୍ଟରରେ ଦୀର୍ଘ ସମୟ ଲାଇନରେ ଛିଡ଼ା ହୋଇ ପ୍ରମାଣପତ୍ର କରିବାକୁ ଯାଇଥିଲେ। ହେଲେ ପଲ୍ୟୁଶନ ସେଣ୍ଟରର ଅଧିକାରୀ ତାଙ୍କ ଗାଡ଼ିରେ ଚାଲାଣ ଥିବାରୁ ପ୍ରମାଣପତ୍ର ହୋଇପାରିବ ନାହିଁ ବୋଲି ଜଣାଇଥିଲେ। ତାଙ୍କ ଅଟୋର ଇନ୍ସ୍ୟୁରାନ୍ସ ଏବଂ ଫିଟ୍ ଥିବା ସତ୍ତ୍ୱେ କି ଚାଲାଣ ବୋଲି ଯାଞ୍ଚ କରିବାରୁ ହେଲ୍‌ମେଟ ପିନ୍ଧି ନ ଥିବା ଯୋଗୁ ୨୦୨୧ ନଭେମ୍ବର ୧୭ରେ ୧୦୦୦ ଟଙ୍କାର ଚାଲାଣ କଟିଥିବା ଜାଣିବାକୁ ପାଇଥିଲେ। ଚାଲାଣ କପିରେ ତାଙ୍କ ଗାଡ଼ି ନମ୍ବର ସହ ଏହା ଗୋଟିଏ ଅଟୋ ବୋଲି ଲେଖାଥିଲା। ତେବେ ସତରେ ଚେକିଂରେ ଚାଲାଣ ହୋଇଛି ନା ଅଫିସରେ ଏସିରେ ବସି ବାବୁମାନେ ଟାର୍ଗେଟ୍ ପୂରଣ କରୁଛନ୍ତି, ତାହା ପ୍ରଶ୍ନବାଚୀ ପାଲଟିଛି। ବର୍ତ୍ତମାନ ରାମକୃଷ୍ଣ କେଉଁଠିକୁ ଯାଇ ଏହାର ସମାଧାନ କରିବେ, ତାହାର ବାଟ ଖୋଜୁଛନ୍ତି। କୌଣସି ନାଗରିକ ଭୁଲ୍ କଲେ ତାଙ୍କ ପାଇଁ ସମସ୍ତ ପ୍ରକାରର ଦଣ୍ଡ ବିଧାନର ବ୍ୟବସ୍ଥା ଅଛି। ଯଦି କୌଣସି ଅଧିକାରୀ ଏଭଳି ଭୁଲ୍ କରୁଛନ୍ତି, ତାଙ୍କ ପାଇଁ କ'ଣ ଦଣ୍ଡବିଧାନ ରହିଛି ବୋଲି ରାମକୃଷ୍ଣ ପ୍ରଶ୍ନ କରିଛନ୍ତି। ସେ ଜଣେ ସାଧାରଣ ଅଟୋ ଚାଳକ। ସମସ୍ତ କାଗଜପତ୍ର କରି ଗାଡ଼ି ଚଲାଉଥିବା ବେଳେ ସେ କାହିଁକି ନିଜର କାମଧନ୍ଦା ବନ୍ଦ କରି ଆର୍‌ଟିଓ କିମ୍ବା ଅନ୍ୟ କୌଣସି ଜାଗାକୁ ଦୌଡ଼ିବେ। ଏଥିପାଇଁ ହେଉଥିବା ଖର୍ଚ୍ଚ ଏବଂ ତାଙ୍କ ରୋଜଗାର ବନ୍ଦ ହେଉଥିବାରୁ ସେଥିପାଇଁ କିଏ ଦାୟୀ ରହିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତାଙ୍କ ଭୁଲ୍ ଚାଲାଣ ସଂଶୋଧନ କରିବାକୁ ସେ ଅନୁରୋଧ କରିଛନ୍ତି।

ଏ ସମ୍ପର୍କରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ କହିଛନ୍ତି, ଏପରି ଅଭିଯୋଗ ତାଙ୍କ ନଜରକୁ ଆସିନାହିଁ। ଯଦି ଏପରି ବ୍ୟତିକ୍ରମ ହୋଇଥାଏ, ତେବେ ଅଭିଯୋଗ ଆସିବା ପରେ ଯାଞ୍ଚ କରାଯିବ। ତ୍ରୁଟି ଥିଲେ ଅନ୍‌ଲାଇନରୁ ଅପସାରଣ କରିଦିଆଯିବ।

## ଶୀତ, କୁହୁଡ଼ି ଭିତରେ...

ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ଅନୁଗୋଳ ଏବଂ ଝାରସୁଗୁଡା ଜିଲାରେ ପ୍ରବଳ ଥଣ୍ଡା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ସେହିପରି କଳାହାଣ୍ଡି, ରାୟଗଡ଼ା, ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କଟକ, ସୁନ୍ଦରଗଡ଼, ଝାରସୁଗୁଡା, ଅନୁଗୋଳ, ଢେଙ୍କାନାଳ ଏବଂ କନ୍ଧମାଳ ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ହେବା ନେଇ ସତର୍କ କରାଯାଇଛି। ଅନ୍ୟପକ୍ଷରେ ମଙ୍ଗଳବାର ଏବଂ ବୁଧବାର ଦୁଇଦିନ ପାଇଁ କଟକ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ କଳାହାଣ୍ଡି ଜିଲାରେ କୁହୁଡି ନେଇ ସୂଚନା ଦିଆଯାଇଛି। ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୨୪ଘଣ୍ଟାରେ ରାଜ୍ୟର ୧୪ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା। ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୨.୮ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ସିମିଳିଗୁଡା ୪.୪ ଡିଗ୍ରୀ, ଫୁଲବାଣୀ ୫.୮ ଡିଗ୍ରୀ, ରାଉରକେଲା ୬ ଡିଗ୍ରୀ, ଝାରସୁଗୁଡା ୬.୮ ଡିଗ୍ରୀ, ବଲାଙ୍ଗୀର ଓ ଚିପିଲିମା ୮ ଡିଗ୍ରୀ, କିରେଇ ୮.୫ ଡିଗ୍ରୀ, ଅନୁଗୋଳ ୮.୮ ଡିଗ୍ରୀ, ଭବାନୀପାଟଣା ୮.୯ ଡିଗ୍ରୀ, ସୁନ୍ଦରଗଡ଼ ୯.୨ ଡିଗ୍ରୀ, କେନ୍ଦୁଝର ୯.୨ ଡିଗ୍ରୀ, କୋରାପୁଟ ୯.୮ ଡିଗ୍ରୀ ଏବଂ ଢେଙ୍କାନାଳରେ ସର୍ବନିମ୍ନ ତାପମାତ୍ରା ୯.୮ ଡିଗ୍ରୀ ରହିଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମସ୍ଥାନରେ ପଞ୍ଚଗ୍ରହକୂଟ ସଂଘଟିତ ହେଉଥିବାରୁ କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ଭୁଲ୍ ବୁଝାମଣାରୁ ଲୋକସମ୍ପର୍କ କ୍ଷୁଣ୍ଣ ହେବ। ଦ୍ୱିଜା ନକ୍ଷତ୍ର ଏହାର ବିପରୀତ ସାମଗ୍ରିକ ଦୃଷ୍ଟିକୋଣରୁ ଶୁଭଫଳ ପାଇବେ। ନୂତନ ସମ୍ପର୍କ, ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ଓ ସମ୍ମାନିତ ହୋଇପାରନ୍ତି।

**ବୃଷ** ଆଜି ଲାଭାଧିପ ଧନସ୍ଥାନସ୍ଥ ଯୋଗୁ ଆର୍ଥିକ ଉନ୍ନତି ସହିତ ଧାର୍ମିକ ବାତାବରଣର ସୁଯୋଗ ପ୍ରଦାନ କରିବେ। ମନୋରଞ୍ଜନରେ ଆଗ୍ରହୀ ହେବା ସହ ସାହିତ୍ୟ, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। କୌଣସି ଜିନିଷ ହଜାଇ ମନସ୍ତାପ କରିପାରନ୍ତି। ଯାତ୍ରାକାଳୀନ ସମସ୍ୟାର ସମ୍ମୁଖୀନ ହେବେ। ବ୍ୟବସାୟିକ ସ୍ଥିତି ଭଲ ରହିବ।

**ମିଥୁନ** ଅଷ୍ଟମସ୍ଥ ଗ୍ରହମାନେ ବିଭିନ୍ନ ସମସ୍ୟା ସୃଷ୍ଟିକରି ବ୍ୟତିବ୍ୟସ୍ତ କରାଇପାରନ୍ତି। କର୍ମକ୍ଷେତ୍ରରେ ପଦାଧିକାରୀଙ୍କ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, କଳକାରଖାନା, ହୋଟେଲ, ବ୍ୟବସାୟରୁ ସୁଫଳ ପାଇବେ। ମନୋରଞ୍ଜନାଦି ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣର ସୁଯୋଗ ମିଳିବ।

**କର୍କଟ** ରାଶିପ୍ରତି ଏକାଧିକ ଗୁରୁଦୃଷ୍ଟି ଆପଣଙ୍କ କଥାର ଓଜନକୁ ବୃଦ୍ଧି କରିବ ଫଳରେ କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ବୃଦ୍ଧି ପାଇବ। ଅଶ୍ଳେଷା ନକ୍ଷତ୍ର କିନ୍ତୁ ଭାବପ୍ରବଣତା କିମ୍ବା ଅନ୍ୟମନସ୍କତା କାରଣରୁ ଭୁଲ୍ କରିପାରନ୍ତି। କରଜଦାତାଙ୍କ ଚାପରୁ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ସ୍ୱାଭାବିକ ଦୁର୍ବଳତା କିମ୍ବା ଆଣ୍ଠୁଗଣ୍ଠିରେ ଦରଜଜନିତ ପୀଡ଼ା ଅନୁଭବ କରିପାରନ୍ତି।

**ସିଂହ** ଆଜିର ଦ୍ୱାଦଶାଧିପ ଚନ୍ଦ୍ର ଷଷ୍ଠସ୍ଥାନରେ ରହି ଆପଣଙ୍କ ଯାତ୍ରାରେ ଲକ୍ଷ୍ୟ ହାସଲ କରାଇବେ। ଆଶା କରିଥିବା ଦିଗରୁ ଅର୍ଥ, ସମ୍ମାନ ଓ ଅଭିଳଷିତ କାର୍ଯ୍ୟ ସମ୍ପନ୍ନ କରିବାରେ ଅସୁବିଧା ରହିବ ନାହିଁ। ଅସୁବିଧା ସ୍ଥିତିରେ ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**କନ୍ୟା** କର୍ମସ୍ଥାନରେ ଗୁରୁ ଏବଂ କୋଣସ୍ଥାନରେ ଗ୍ରହମାନେ ଥିବାରୁ କର୍ମକ୍ଷେତ୍ର, ବ୍ୟବସାୟ ଓ ଯାତ୍ରା ପାଇଁ ମନ୍ଦ ହେବନି। ପାରିବାରିକ କ୍ଷେତ୍ରରେ ମତାନ୍ତରଜନିତ ଅଶାନ୍ତି ସୃଷ୍ଟି ହେବ। ଦରକାରୀ କାଗଜପତ୍ର ଆବଶ୍ୟକ ସମୟରେ ନ ପାଇ ବ୍ୟସ୍ତ ହେବେ। ନୂତନ ମିତ୍ରତା ସୃଷ୍ଟି କରିପାରନ୍ତି। ଫ୍ଲଟିଂ କାରବାର ସମସ୍ୟା ବିଜଡ଼ିତ ରହିପାରେ।

**ତୁଳା** କେନ୍ଦ୍ର ଓ କୋଣଭାବସ୍ଥ ଗ୍ରହ ପ୍ରଭାବରେ ଆଶା ଓ କାମନା ଚରିତାର୍ଥ ହୋଇଯିବ। ଯାହା କରିବା ସକାଶେ ମନସ୍ଥ କରିଛନ୍ତି ଶୀଘ୍ର ଆରମ୍ଭ କରିଦେବା ଭଲ। ଆଜିର କର୍ମକ୍ଷେତ୍ରରେ ବିଜାତୀୟ ବ୍ୟକ୍ତିଙ୍କ ସହାୟତା ପାଇପାରନ୍ତି। ଗୃହସୀମା କିମ୍ବା ଘରଭଡ଼ାକୁ ନେଇ ବିବାଦ ହୋଇପାରେ। ନିଜ ଲୋକଙ୍କ ଅନାଦର ଭାବ ବ୍ୟଥିତ କରିପାରେ।

**ବିଛା** ଶନିଙ୍କ ସ୍ଥିତିଜନିତ କିଛି ଆଶା ଓ ଆଶଙ୍କା ମଧ୍ୟରେ ମାନସିକ ସ୍ଥିତି ଦୋଦୁଲ୍ୟମାନ ଅବସ୍ଥାରେ ରହିବ। ଅଷ୍ଟମସ୍ଥ ବୃହସ୍ପତି ଯଦିଓ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବେ କିନ୍ତୁ ସହଜ ଓ ସୁବିଧାରେ ନୁହେଁ। ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାର ରହିବ। ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇଯିବ।

**ଧନୁ** ଧନଭାବରେ ଗ୍ରହଙ୍କ ଅବସ୍ଥାନ ଅର୍ଥ ସମ୍ପର୍କିତ ବିବାଦର କାରଣ ହେବ। ସଭାସମିତିରେ ବାକ୍ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବେ। ପାରିବାରିକ ସମସ୍ୟା ସମାଧାନର ରାସ୍ତା ବାହାର କରିନେବେ। ବାଣିଜ୍ୟ, ଆଇନ ଓ ରାଜନୀତି କ୍ଷେତ୍ରରେ ଲକ୍ଷ୍ୟଭ୍ରଷ୍ଟ ହେବେନାହିଁ। ନୂତନ ନିଯୁକ୍ତିର ସୁଯୋଗ ପାଇପାରନ୍ତି।

**ମକର** ଚତୁର୍ଥାଧିପତି ରାଶିରେ ରହିଥିବାରୁ ଆଜି ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ ଏବଂ ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ। ପ୍ରକାଶନ, ସଂଗଠନ, ରାଜନୀତି, ପ୍ରତିଦ୍ୱନ୍ଦ୍ୱିତା ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ବ୍ୟବସାୟିକ ସଫଳତା ସନ୍ତୋଷଜନକ ହେବ ନାହିଁ।

**କୁମ୍ଭ** ଦ୍ୱାଦଶସ୍ଥ ଗ୍ରହ ପ୍ରଭାବରେ ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ଦୂରଯାତ୍ରା କରିପାରନ୍ତି। ପରୋକ୍ଷ ଶତ୍ରୁତା କାରଣରୁ ଅସୁବିଧା ନ ହେଲେ ମଧ୍ୟ କେତେକ କାମ ଅଧାରେ ଅଟକି ଯାଇପାରେ। ଯାତ୍ରା, ବାଣିଜ୍ୟ, ଆଲୋଚନା କ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବାର ଆଶଙ୍କା ରହିଛି।

**ମୀନ** ଆଜି ଚନ୍ଦ୍ର ସମେତ ଅନ୍ୟଗ୍ରହମାନେ ଏକାଦଶଭାବସ୍ଥ ଯୋଗୁ ସମସ୍ତ କାର୍ଯ୍ୟରେ ସିଦ୍ଧିଲାଭ କରିବେ। ପରିବାରର ଖର୍ଚ୍ଚ ବଢ଼ିବାରୁ ବ୍ୟସ୍ତ ହେବେ। ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ତିକ୍ତତା ଯୋଗୁ ମନ ଉଦାସ ରହିବ। କଳା, ସାହିତ୍ୟ, ସଙ୍ଗୀତ ଏବଂ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହୋଇପାରନ୍ତି।

ଆଜି ଜାନୁଆରୀ ୧୯ ତାରିଖ, ମାଘ ଶୁକ୍ଳ ପ୍ରତିପଦା ସୋମବାର। କଶ୍ମୀରୀ ପଣ୍ଡିତଙ୍କ ନିର୍ବାସନ ଦିବସ। ଦିବା ଘ.୧୧।୫୧ମି. ପର୍ଯ୍ୟନ୍ତ ଉତ୍ତରାଷାଢ଼ା/ମକର, ତତ୍‌ପରେ ଶ୍ରବଣା ନକ୍ଷତ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୨୭ମି. ଗତେ ଘ.୦୭।୫୦ମି. ମଧ୍ୟେ, ଘ.୧୦।୫୧ମି. ଗତେ ଘ.୦୧।୦୩ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭।୫୦ମି. ଗତେ ଘ.୦୯।୧୧ମି. ମଧ୍ୟେ ରାହୁ କାଳ ।

# କୋଟିଆ ବିବାଦ ସମାଧାନ କରିବାକୁ ଅଣ୍ଟା ଭିଡ଼ିଲା ଡିପିବିପି

■ ଆନ୍ଧ୍ର-ଓଡ଼ିଶାର ୬ ଜିଲାର ସଭାପତି, କର୍ମକର୍ତ୍ତା ସାମିଲ ହେବାକୁ ଆହ୍ୱାନ

■ ୨ ରାଜ୍ୟର ୬୪ ବ୍ଲକ୍‌କୁ ନେଇ ସ୍ୱତନ୍ତ୍ର ରାଜ୍ୟ ଗଠନ ଲକ୍ଷ୍ୟ

ପଟ୍ଟାଙ୍ଗି,୧୮।୧(ଶରତ କୁମାର ଧଳ)



ବୈଠକରେ ଆନ୍ଧ୍ର-ଓଡ଼ିଶାର ଦଣ୍ଡକାରଣ୍ୟ ପର୍ବତ ବିକାଶ ପରିଷଦର କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ମାଲିପୁଟ ପଞ୍ଚାୟତ ଅଧୀନ କୁନ୍ଦୁଲି ସାପ୍ତାହିକ ହାଟସ୍ଥିତ କମ୍ୟୁନିଟି ହଲ୍‌ରେ ଦଣ୍ଡକାରଣ୍ୟ ପର୍ବତ ବିକାଶ ପରିଷଦ(ଡିପିବିପି) ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିପିବିପି ରାଜ୍ୟ ସଭାପତି ତଥା ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀଙ୍କ ସଭାପତିତ୍ୱରେ ଓଡ଼ିଶା-ଆନ୍ଧ୍ରର ୬ ଜିଲାର ସଭାପତି ଓ ପରିଷଦର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବୈଠକରେ ଆନ୍ଧ୍ରର ପାଡେରୁ ଓ ପାର୍ବତୀପୁରମ୍ ମାନ୍ୟାମ ଜିଲା ସଭାପତିଙ୍କ ସହ ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଓ ରାୟଗଡ଼ା ଜିଲା ସଭାପତି ଓ କର୍ମକର୍ତ୍ତା କୋଟିଆ ପଞ୍ଚାୟତରେ ଫେବୃଆରୀ ୪ରେ ଏକତ୍ର ହୋଇ ପଞ୍ଚାୟତର ବିବାଦ ସମାଧାନ ହେବା ନେଇ ବିସ୍ତୃତ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବାକୁ ଜିଲା ସଭାପତି ଓ କର୍ମକର୍ତ୍ତାମାନଙ୍କୁ ସୂଚନା ଦିଆଯାଇଛି। ୧୯୬୧-୬୨ରୁ ଚାଲିଥିବା ଏହି ସୀମା ବିବାଦର ସମାଧାନ କରିବା ନେଇ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇପାରୁ ନାହିଁ। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ରହିଛି। ଆନ୍ଧ୍ରରେ ମଧ୍ୟ ମିଳିତ ସରକାର ଥିଲେ ସୁଦ୍ଧା କୋଟିଆ ବିବାଦ ସମାଧାନ ହୋଇପାରୁ ନାହିଁ। ଏଥିଯୋଗୁ ଆଦିବାସୀମାନେ ନିର୍ଯାତିତ ହେବା ସହ ସରକାରଙ୍କ ଯୋଜନାରୁ ଠିକ୍ ସହାୟତା ପାଇ ପାରୁନାହାନ୍ତି। ଏହି ସ୍ଥିତିରେ ଦଣ୍ଡକାରଣ୍ୟ ପର୍ବତ ବିକାଶ ପରିଷଦ ଏହାର ସମାଧାନ ବାଟ ବାହାର କରିପାରିବ ବୋଲି ରାଜ୍ୟ ସଭାପତି ପାଙ୍ଗୀ କହିଛନ୍ତି। ୨ ରାଜ୍ୟର ୬୪ ବ୍ଲକ୍‌କୁ ନେଇ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବା ପରିଷଦର ମୂଳ ଲକ୍ଷ୍ୟ। ଏଥିପାଇଁ ଏକ ଦାବିପତ୍ର ପ୍ରସ୍ତୁତ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କୋରାପୁଟ ଜିଲାପାଳଙ୍କୁ ପ୍ରଦାନ କରାଯିବ। ଏହାପରେ ଅନ୍ୟ ଜିଲାଗୁଡ଼ିକରେ ମଧ୍ୟ ପରିଷଦ ପକ୍ଷରୁ ଅନୁରୂପ ଦାବିପତ୍ର ପ୍ରଦାନ କରିବାକୁ ଆଲୋଚନା ହୋଇଥିଲା। ୨୦୧୧ ଜନଗଣନା ତଥ୍ୟ ଅନୁସାରେ ଏହି ୬ ଜିଲାରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ରହିଥିବାରୁ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବାରେ କୌଣସି ସମସ୍ୟା ନାହିଁ ବୋଲି ବୈଠକରେ କୁହାଯାଇଛି। ସ୍ୱତନ୍ତ୍ର ରାଜ୍ୟ ଗଠନ ନ ହେବା ଯାଏ ଏହି ପରିଷଦର ସଂଗ୍ରାମ ଜାରି ରହିବ ବୋଲି କର୍ମକର୍ତ୍ତାଙ୍କୁ ବୁଝାଇଥିଲେ। କୋଟିଆ ପଞ୍ଚାୟତରେ ହେବାକୁ ଥିବା ସମାବେଶରେ ୬ ଜିଲାର ସମସ୍ତ ବ୍ଲକରୁ ସଭାପତି ଓ ଅନ୍ୟ କର୍ମକର୍ତ୍ତା ଯୋଗଦେଇପାରିବା ନେଇ ଜିଲା ସଭାପତିମାନେ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ରାଜ୍ୟ ସଙ୍ଗଠକ ରାଜୁ ନାୟକ, ମାଲକାନଗିରି ଜିଲାରୁ ଲଳିତ ମାଡକାମୀ, ସୋମନାଥ ଖରା, କୋରାପୁଟ ଜିଲା ଆଦିବାସୀ ସଭାପତି ରଞ୍ଜିତ ପାଙ୍ଗୀ, ରାଜ୍ୟ ଉପସଭାପତି ଚେଟି ଗଙ୍ଗାଧର ସ୍ୱାମୀ ଓ ଅନେକ ପଦାଧିକାରୀ ଉପସ୍ଥିତ ଥିଲେ।

# ବାର୍ଡ ଫ୍ଲୁ ପାଇଁ ୨୦୨୨ ୟୁନିଟ୍ ରକ୍ତ, ମଳ ସଂଗ୍ରହ

■ ଜାତୀୟ ଉଦ୍ୟାନରେ ବହିରାଗତ ପକ୍ଷୀଙ୍କ ସମାବେଶ

■ କୁଆ, ବତକ, କୁକୁଡ଼ା, ପାରା ଆଦି ରୋଗର ବାହକ

■ ଲକ୍ଷଣ ଦେଖିଲେ ଡାକ୍ତରଙ୍କ ପରାମର୍ଶ ଜରୁରୀ

କେନ୍ଦ୍ରାପଡ଼ା,୧୮।୧(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜନଗରସ୍ଥିତ ଜାତୀୟ ଉଦ୍ୟାନ ଭିତରକନିକାରେ ଦେଶୀ ବିଦେଶୀ ପକ୍ଷୀଙ୍କ ସମାବେଶ ହୋଇଛି। ବନ ବିଭାଗ ପକ୍ଷରୁ ପକ୍ଷୀଙ୍କ ସଂଖ୍ୟା ଗଣନା ରବିବାରଠାରୁ ଆରମ୍ଭ ହୋଇଛି। ବିଦେଶାଗତ ପକ୍ଷୀଙ୍କ ସମାବେଶ ହେତୁ ରାଜନଗର ବନ ବିଭାଗ ଓ ଜିଲା ପ୍ରାଣିଧନ ବିଭାଗ ପକ୍ଷରୁ ବାର୍ଡ ଫ୍ଲୁ ପ୍ରତି ସତର୍କତା ଅବଲମ୍ବନ କରାଯାଇଛି। ଭିତରକନିକା ଅଞ୍ଚଳର ପକ୍ଷୀ ଓ ଜିଲା ମଧ୍ୟରୁ କୁକୁଡ଼ା ଫାର୍ମ, ଗୃହପାଳିତ ପକ୍ଷୀଙ୍କ ୨୦୨୨ ୟୁନିଟ୍ ମଳ ଓ ରକ୍ତ ନମୁନା ଅଦ୍ୟାବଧି ସଂଗ୍ରହ କରାଯାଇଛି। ସେହିପରି ପ୍ରାଣିଧନ ବିଭାଗ ପକ୍ଷରୁ ଜିଲାର ୯ ବ୍ଲକ ଅଞ୍ଚଳରେ ରାପିଡ ରେସପନ୍ସ ଟିମ୍ ସହ ୪୦ରୁ ଊର୍ଦ୍ଧ୍ୱ କୁକୁଡ଼ା ଫାର୍ମ ମାଲିକଙ୍କୁ ଅସୁସ୍ଥ ଚିଆଁ ସମ୍ପର୍କରେ ଜାଣିବା ପାଇଁ ତାଲିମ ପ୍ରଦାନ କରାଯାଇଛି। କୁଆ, ବତକ, ବିଦେଶାଗତ ପାରା, କୁକୁଡ଼ା ଆଦି ପକ୍ଷୀ ବାର୍ଡ ଫ୍ଲୁର ବାହକ ହୋଇଥିବା ବେଳେ ଲକ୍ଷଣ ଦେଖିଲେ ୪୮ ଘଣ୍ଟା ମଧ୍ୟରେ ଡାକ୍ତରଙ୍କ ସହ ପରାମର୍ଶ ଜରୁରୀ ବୋଲି ସିଡିଭିଓ ଡା. ମନୋଜ କୁମାର ପଟ୍ଟନାୟକ ଓ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ର କହିଛନ୍ତି।

ଏ ସମ୍ପର୍କରେ ଏଡିଏମ୍‌ଓ ଡା. ମିଶ୍ର କହିଛନ୍ତି, ବାର୍ଡ ଫ୍ଲୁପାଇଁ ଏଚ୍ ୫ ଏନ୍ ୧ ଭୂତାଣୁ ଦାୟୀ। ଏହି ରୋଗ ସଂକ୍ରମିତ ହେଲେ ବହୁ ପକ୍ଷୀଙ୍କ ମୃତ୍ୟୁ ହୁଏ। ପକ୍ଷୀଙ୍କ ସହ ମିଳାମିଶା କରୁଥିବା ଲୋକ ଏଥିରେ ସଂକ୍ରମିତ ହେବା ବହୁବାର ଦେଖିବାକୁ ମିଳିଛି। ସଂକ୍ରମିତ ରୋଗ ପାଇଁ କୁକୁଡ଼ା ଚାଷୀ ବିଶେଷ କ୍ଷତିଗ୍ରସ୍ତ ହୋଇଥାନ୍ତି। ସେହିପରି କଞ୍ଚା ଅଥବା ଦରସିଝା ଅଣ୍ଡା ଏହି ସମୟରେ ଆଦୌ ବ୍ୟବହାର କରିବା ଉଚିତ ନୁହେଁ। ବାର୍ଡ ଫ୍ଲୁରେ ସଂକ୍ରମିତ ପ୍ରଥମ ମଣିଷ ୧୯୯୭ ମସିହାରେ ହଂକଂରେ ଚିହ୍ନଟ ହୋଇଥିଲା। ସେହିବର୍ଷ ପ୍ରାୟ ୬୦ ପ୍ରତିଶତ ଗୃହପାଳିତ ପକ୍ଷୀଙ୍କର ମୃତ୍ୟୁ ହୋଇଥିଲା। ସଂକ୍ରମିତ ପକ୍ଷୀଙ୍କ ମଳ, ଲାଳ, ଆଖିରୁ ନିଗୁଡୁଥିବା ପାଣି ଏହି ଭୂତାଣୁର ବାହକ ହୋଇଥାନ୍ତି। ବିଶେଷକରି ବିଦେଶାଗତ ପକ୍ଷୀଙ୍କ ଦ୍ୱାରା ଏହି ରୋଗ ବ୍ୟାପିଥାଏ। କଫ, ଡାଇରିଆ, ଜ୍ୱର, ଶ୍ୱାସ ନେବାରେ କଷ୍ଟ, ମୁଣ୍ଡବିନ୍ଧା, ମାଂସପେଶୀ ଯନ୍ତ୍ରଣା, ଗଳା ଖସ୍‌ଖସ୍ ହେବା, ନାକରୁ ଅନବରତ ପାଣି ଗଡିବା ଆଦି ଏହି ରୋଗର ପ୍ରାଥମିକ ଲକ୍ଷଣ। ଲକ୍ଷଣ ଦେଖାଦେବାର ୪୮ ଘଣ୍ଟା ମଧ୍ୟରେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ବୋଲି ଡା. ମିଶ୍ର ପ୍ରକାଶ କରିଛନ୍ତି। ସେହିପରି ଏ ସମ୍ପର୍କରେ ସିଡିଭିଓ ଡା. ପଟ୍ଟନାୟକ କହିଛନ୍ତି, ବିଭାଗ ପକ୍ଷରୁ ୯ଟି ରାପିଡ ରେସପନ୍ସ ଟିମ୍ ଗଠନ କରାଯାଇଛି। ଏଥିରେ ଜଣେ ଭିଏଏସ୍, ଜଣେ ଏଲଆଇ, ସ୍ଥାନୀୟ ଜିଲା ପରିଷଦ ସଭ୍ୟ ଓ ସାମାଜିକ କର୍ମୀଙ୍କୁ ସାମିଲ କରାଯାଇଛି। ଇତିମଧ୍ୟରେ ଏହି ଟିମ ୪୦ରୁ ଊର୍ଦ୍ଧ୍ୱ କୁକୁଡ଼ା ଫାର୍ମ ମାଲିକଙ୍କୁ ସଚେତନତା ସହ ତାଲିମ ପ୍ରଦାନ କରାଯାଇଛି। ଏଥିସହ ଭିତରକନିକା ସମେତ ଜିଲାର ଅନ୍ୟସ୍ଥାନରେ ପକ୍ଷୀଙ୍କ ମଳ ଓ ରକ୍ତର ନମୁନା ସଂଗ୍ରହ କରାଯାଇ କଟକସ୍ଥ ଏଡିଆର୍‌ଆଇ (ଆନିମଲ ଡିଜିଜ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ)କୁ ପଠାଯାଇଛି। ସେହିପରି ଅସୁସ୍ଥ ପକ୍ଷୀଙ୍କୁ ଚିହ୍ନଟ କରିବାକୁ ଟିମ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ଅଦ୍ୟାବଧି କୌଣସି ପକ୍ଷୀ ଏହି ରୋଗରେ ଶିକାର ହୋଇଥିବା ପରି ଚିହ୍ନଟ ହୋଇ ନ ଥିବା ଏସ୍‌ଡିଭିଓ ଡା. ପଟ୍ଟନାୟକ ମତ ଦେଇଛନ୍ତି।

# ଦୁଇ ବିଧାୟକ ବିଶ୍ୱାସଘାତକ: ବିଜେଡି

## ପ୍ରମାଣ ଦିଅ, ଉତ୍ତର ଦେବୁ: ଅରବିନ୍ଦ, ସନାତନ

ଭୁବନେଶ୍ୱର,୧୮।୧(ରବିନାରାୟଣ ଜେନା)



ଶଙ୍ଖ ଭବନଠାରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ଅମରେଶ ପତ୍ରି ଓ ଦଳର ମୁଖପାତ୍ର ତୁମ୍ବନାଥ ପଣ୍ଡା।

ବିଜେଡିରୁ ବିଧାୟକ ସନାତନ ମହାକୁଡ ଏବଂ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବନ କରାଯିବା ପରେ ରାଜ୍ୟ ରାଜନୀତି ଏବେ ଜୋର୍ ଧରିଛି। ଏହାକୁ ନେଇ ବିଭିନ୍ନ ମହଲରେ ରାଜ୍ୟ ସଭା ଅଙ୍କ ପାଇଁ ଏତେ ସବୁ ନାଟ ବୋଲି କୁହାଯାଉଥିବାବେଳେ ବିଜେଡିରେ କାଦୁଅଫିଙ୍ଗା ରାଜନୀତି ଥମୁନାହିଁ। ନିଲମ୍ବନକୁ ନେଇ ଦଳ ପକ୍ଷରୁ ପ୍ରତିଦିନ ଗଣମାଧ୍ୟମ ଆଗରେ ମୁଖପାତ୍ରମାନେ ବିବୃତି ରଖୁଥିବାବେଳେ ନିଲମ୍ବିତ ସଦସ୍ୟମାନେ ଏହାର କାରଣ ସହିତ ସମ୍ପୂର୍ଣ୍ଣ ଉତ୍ତର ଦେବାକୁ ପ୍ରସ୍ତୁତ ବୋଲି କହୁଛନ୍ତି।

ଏହି ପରିପ୍ରେକ୍ଷୀରେ ରବିବାର ବିଜେଡି ପକ୍ଷରୁ ଶଙ୍ଖଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦକ ତଥା ପାଟକୁରାର ଯୁବ ସଂଗଠକ ଅମରେଶ ପତ୍ରୀ କହିଛନ୍ତି, ଦଳକୁ ଦୁର୍ବଳ କରିବା ଏବଂ ବିଶ୍ୱାସଘାତକ ପାଇଁ ଉଭୟ ନିଲମ୍ବିତ ହୋଇଛନ୍ତି। ସେ କହିଛନ୍ତି, ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ସୁଯୋଗ ପାଇ ବିଧାୟକ ହେବା ପରଠାରୁ ପାଟକୁରାର ଦଳୀୟ କର୍ମୀଙ୍କୁ ଅରବିନ୍ଦ ଅଣଦେଖା କରି ନିଜସ୍ୱ ସଂଗଠନ କରିଆସୁଥିଲେ। ୨୫ ବର୍ଷ ଧରି ଯେଉଁ ଦଳୀୟ କର୍ମୀମାନେ ପାଟକୁରାରେ ବିଜେଡି ସଙ୍ଗଠନକୁ ସଶକ୍ତ କରି ରଖିଥିଲେ, ସେହି ପୁରୁଖା ନେତା ଓ କର୍ମୀଙ୍କୁ ଜାଣିଶୁଣି ଉପେକ୍ଷା କରି ନିଜର ଚାଟୁକାରମାନଙ୍କୁ ପଞ୍ଚାୟତ ଦାୟିତ୍ୱ ଦେଇ ସେମାନଙ୍କ ଜରିଆରେ ବିଧାୟକ ପାଣ୍ଠି ବିନିଯୋଗ କରୁଥିଲେ। ଗତ ସାଧାରଣ ନିର୍ବାଚନରେ ଟିକେଟ ପାଇଲା ପରେ ଦଳର ସାଂସଦ ପ୍ରାର୍ଥୀଙ୍କୁ ଅସହଯୋଗ କରିଥିଲେ। ପାଟକୁରାରେ ବାପା ପୁଅ ଦଳ ଚାଲିଥିଲା । ବାପାଙ୍କ ଇସାରାରେ ସବୁ କାମ କରୁଥିଲେ ଅରବିନ୍ଦ। ଅତୀତରେ ସ୍ୱର୍ଗତ ବିଜୁବାବୁଙ୍କ ବିରୋଧରେ ଅରବିନ୍ଦ ମହାପାତ୍ରଙ୍କ ପିତା ଯେଉଁଭଳି ଷଡ଼ଯନ୍ତ୍ର କରିଥିଲେ, ଏବେ ନବୀନ ପଟ୍ଟନାୟକଙ୍କ ବିରୋଧରେ ସେହିଭଳି ବିଶ୍ୱାସଘାତକତା କରିବା ଯୋଜନାରେ ସାମିଲ ହୋଇ ବିଜେଡିକୁ ଦୁର୍ବଳ କରିବା ଅପଚେଷ୍ଟାରେ ଲିପ୍ତ ଥିଲେ। ଠିକ୍ ସମୟରେ ଏହା ସଭାପତିଙ୍କ ଦୃଷ୍ଟିକୁ ଆସିବାରୁ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଛି। କିଛି ମାସ ଧରି ଷଡ଼ଯନ୍ତ୍ରର ସୁରାକ ବିଜେଡି ସଭାପତି ପାଇଥିଲେ ମଧ୍ୟ ତ୍ରୁଟି ସୁଧାରିବା ପାଇଁ ଉଭୟଙ୍କୁ ସୁଯୋଗ ଦେଇଥିଲେ। କିନ୍ତୁ ସୁଧୁରିବା ବଦଳରେ ଉଭୟ ଅରବିନ୍ଦ ଓ ସନାତନ ଦଳ ବିରୋଧୀ କାର୍ଯ୍ୟ ଜାରି ରଖିଥିଲେ। ଦଳର ମୁଖପାତ୍ର ତୁମ୍ବନାଥ ପଣ୍ଡା କହିଥିଲେ, ଅରବିନ୍ଦ ସୁଯୋଗର ସଦ୍‌ବ୍ୟବହାର କରି ଲୋକଙ୍କ ସେବା କରିବା ପରିବର୍ତ୍ତେ ବିଶୃଙ୍ଖଳିତ ଆଚରଣ ଦୁର୍ଭାଗ୍ୟଜନକ।

ଅନ୍ୟପକ୍ଷରେ ବିଧାୟକ ଅରବିନ୍ଦ ମହାପାତ୍ର ଏହାର ଉତ୍ତରରେ କହିଛନ୍ତି, ଦଳର ସଭାପତି ନବୀନବାବୁଙ୍କ ସହ କଥା ହୋଇ ଉତ୍ତର ରଖିବି। ସେ କହିଛନ୍ତି, ବିଜେଡିର ଅଭିଯୋଗ ସମ୍ପୂର୍ଣ୍ଣ ମିଛ। ସବୁ ଦିନ ମୋ ବିରୋଧରେ ଦଳ ନୂଆ ନୂଆ ଅଭିଯୋଗ ଆଣୁଛି। ମୋ ବିରୋଧରେ ଯାହାସବୁ ତଥ୍ୟ ପ୍ରମାଣ ରହିଛି ତାକୁ ଗୋଟିଏ କାଗଜ ଫର୍ଦ୍ଦରେ ଲେଖିକି ଆଣନ୍ତୁ ଏବଂ ମିଡିଆରେ ରଖନ୍ତୁ। ମୁଁ ସବୁ ଅଭିଯୋଗର ଉତ୍ତର ଦେଇଦେବି। ମୁଁ ଏବେ ଦିଲ୍ଲୀ ଗସ୍ତରେ ବାହାରିଛି, ଫେରିଲେ ଖବରଦାତା ସମ୍ମିଳନୀ କରି ସବୁ ଅଭିଯୋଗର ଉତ୍ତର ରଖିବି ବୋଲି ଅରବିନ୍ଦ କହିଛନ୍ତି।

ସେହିପରି ବିଧାୟକ ସନାତନ ମହାକୁଡ଼ କହିଛନ୍ତି, ମୁଁ ଦଳର କୌଣସି କ୍ଷତି କରିନାହିଁ। ମାତ୍ର ଜିଲାବାସୀଙ୍କ ଉନ୍ନତି ପାଇଁ ବର୍ତ୍ତମାନର ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ କାର୍ଯ୍ୟରେ ସାମିଲ ହୋଇଛି। ତେଣୁ କିଏ ବିଶ୍ୱାସଘାତକ କରିଛି ତା'ର ପ୍ରମାଣ ସହ ଗଣମାଧ୍ୟମକୁ ଦଳ ଦେଉ ବୋଲି ସେ ଆହ୍ୱାନ ଦେଇଛନ୍ତି।

# ୧୦ ମାସ ଶିଶୁ ଶ୍ୱାସନଳୀରୁ ବାହାରିଲା ଏଲ୍‌ଇଡି ଧାତବ

ଭୁବନେଶ୍ୱର,୧୮।୧(ଅନୁରାଧା)




ଏଲ୍‌ଇଡି ସଂଯୁକ୍ତ ଖେଳନାରେ ଖେଳୁଥିଲା ୧୦ ମାସର ଶିଶୁ। ଭୁଲ୍ ବଶତଃ ଅଜାଣତରେ ନାକରେ ପଶିଯାଇଥିଲା ଏଲ୍‌ଇଡିର ଧାତବ ଅଂଶ। ଫଳରେ ଶିଶୁଟିକୁ ଶ୍ୱାସକ୍ରିୟା ନେବାରେ ଗୁରୁତର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏପରି ଜରୁରୀକାଳୀନ ପରିସ୍ଥିତିରେ ଶିଶୁଟିକୁ ଭୁବନେଶ୍ୱରସ୍ଥିତି କିମ୍ସ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ଏଲଇଡି ଧାତବ ଖେଳଣାଟି ତୀକ୍ଷ୍ଣ ଧାରଯୁକ୍ତ ହୋଇଥିବାରୁ ଆଭ୍ୟନ୍ତରୀଣ ଆଘାତଜନିତ କ୍ଷତର ବିପଦ ସୃଷ୍ଟି କରିଥିଲା। କିମ୍ସରେ ପହଞ୍ଚିବା ପରେ ଡାକ୍ତରମାନେ ଶିଶୁଟିର ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ତୁରନ୍ତ ଚିକିତ୍ସା ଆରମ୍ଭ କରିଥିଲେ। ବିଶିଷ୍ଟ ପଲମୋନୋଲୋଜିଷ୍ଟ ଡା. ଦେବାଶିଷ ବେହେରା ଉନ୍ନତ ବ୍ରୋଙ୍କୋସ୍କୋପି ପ୍ରକ୍ରିୟା ବ୍ୟବହାର କରି ସଫଳତାର ସହ ଶିଶୁର ଶ୍ୱାସନଳୀରୁ ଧାତବ ଏଲଇଡି ପଦାର୍ଥକୁ ବାହାର କରିବାରେ ସଫଳ ହୋଇଥିଲେ। ଡା. ଅମିତ ପ୍ରଧାନ ଓ ତାଙ୍କ ଆନାସ୍ଥେସିଆ ଦଳ ଏଥିରେ ସହଯୋଗ କରିଥିଲେ। କିମ୍ସର ଇଣ୍ଟେନ୍ସିଭିଷ୍ଟ ଡା. ବନ୍ଧ୍ୟା ସାହୁ, ଡା. ରେଶମି ମିଶ୍ର ଓ ଡା. ମୁକେଶ କୁମାର ଜୈନଙ୍କ ମିଳିତ ଉଦ୍ୟମରେ ଶିଶୁଟିର ସଫଳ ଚିକିତ୍ସା କରାଯାଇଥିବାବେଳେ ସେ ସୁସ୍ଥ ଥିବା କିମ୍ସ ପକ୍ଷରୁ ସୂଚନା ଦିଆଯାଇଛି।






ଏକ ପୂର୍ଣ୍ଣ ପ୍ରାଣଶକ୍ତି ଓ ବୌଦ୍ଧିକ ବିକାଶ ବ୍ୟତୀତ, ଭାରତ ତା'ର ଆଧାତ୍ମିକ ପ୍ରବୃତ୍ତିକୁ ନେଇ ଯେତେ ଯାହା କରିଛି ସେତିକି ସେ କେବେ କରିପାରି ନ ଥାନ୍ତା। ଏପରି ଭାବିବା ବଡ଼ ଭୁଲ ଯେ, ଏକ ଦରିଦ୍ର ଭୂମି ଉପରେ ଅର୍ଦ୍ଧମୃତ ଜୀବନ ଏବଂ ହତୋତ୍ସାହିତ ଭୟାକ୍ରାନ୍ତ ବୁଦ୍ଧିରେ ହିଁ ଆଧାତ୍ମିକତା ବିକଶିତ ହୋଇପାରେ। -ଶ୍ରୀଅରବିନ୍ଦ



# ଅଖାଡୁଆ ବ୍ୟକ୍ତି

ବିଶ୍ୱର ସର୍ବବୃହତ୍ ଦ୍ୱୀପ ଗ୍ରୀନ୍‌ଲାଣ୍ଡ ଡେନ୍‌ମାର୍କ ଭିତରେ ଏକ ସ୍ୱୟଂଶାସିତ ଅଞ୍ଚଳ ଭାବେ ରହିଛି। ଏହା ମାତୃଦେଶ ଡେନ୍‌ମାର୍କଠାରୁ ପ୍ରାୟ ୩ ହଜାର କିଲୋମିଟର ଦୂରରେ ଅବସ୍ଥିତ। ଗ୍ରୀନ୍‌ଲାଣ୍ଡର ଇତିହାସ ଦେଖିଲେ ଜଣାପଡ଼େ ଯେ, ୧୯୫୩ ମସିହାରେ ତାହା ଡେନ୍‌ମାର୍କର ଏକ ଅଂଶ ଭାବେ ପରିଗଣିତ ହୋଇଥିଲା। ଏବେ ତାହା ଏକ ସ୍ୱୟଂଶାସିତ ଅଞ୍ଚଳ ହୋଇଥିଲେ ମଧ୍ୟ ପ୍ରତିରକ୍ଷା ଓ ବହିର୍ବ୍ୟାପାର ବ୍ୟବସ୍ଥା ଡେନ୍‌ମାର୍କ ହାତରେ ରହିଛି। ତେବେ ଗ୍ରୀନ୍‌ଲାଣ୍ଡକୁ ହାତେଇବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରସ୍ତୁତ ହେଉଥିବାରୁ କେତେକ ୟୁରୋପୀୟ ରାଷ୍ଟ୍ରଙ୍କ ବିରୋଧର ସମ୍ମୁଖୀନ ହୋଇଛନ୍ତି। ଫଳରେ ଟ୍ରମ୍ପ୍ ନିଜ ଶୈଳୀରେ ଭୟ ଦେଖାଇ ୧୭ ଜାନୁଆରୀ ୨୦୨୬ରେ ବିରୋଧ କରୁଥିବା ୮ ୟୁରୋପୀୟ ଦେଶ ବ୍ରିଟେନ୍, ଡେନ୍‌ମାର୍କ, ନରୱେ, ସୁଇଡେନ, ଫ୍ରାନ୍ସ, ଜର୍ମାନୀ, ନେଦରଲାଣ୍ଡ୍‌ସ ଓ ଫିନ୍‌ଲାଣ୍ଡରୁ ଆସୁଥିବା ସମସ୍ତ ସାମଗ୍ରୀ ଉପରେ ୧୦ ପ୍ରତିଶତ ଟାରିଫ୍ ବସାଇଛନ୍ତି। ସେ ଆହୁରି କହିଛନ୍ତି, ଜୁନ୍ ୧ ତାରିଖରୁ ଏହି ଶୁଳ୍କ ୨୫ ପ୍ରତିଶତ ବୃଦ୍ଧି ପାଇବ ଓ ଗ୍ରୀନ୍‌ଲାଣ୍ଡ କିଣିବା ପାଇଁ ଆମେରିକାର ଏକ ଚୁକ୍ତି ହେବା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଟ୍ରମ୍ପ୍ ଏଭଳି କହିବା ପରେ ୟୁରୋପୀୟ ସଂଘ ନେତାମାନେ ନକାରାତ୍ମକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଟ୍ରମ୍ପ୍‌ଙ୍କ ମୁକାବିଲା କରିବା ଲାଗି ୟୁରୋପୀୟ ସଂଘ ବ୍ରସେଲ୍ସରେ ୨୭ ସଦସ୍ୟ ରାଷ୍ଟ୍ରର ରାଷ୍ଟ୍ରଦୂତମାନଙ୍କ ଏକ ଜରୁରୀ ବୈଠକ ଡାକିଛି। ଏଥିରେ ଅବିଚଳିତ ଟ୍ରମ୍ପ୍ କହିଛନ୍ତି, ବସାଯାଇଥିବା ଟାରିଫ୍ ଯୁକ୍ତିଯୁକ୍ତ। କାରଣ ଆମେରିକାର ଜାତୀୟ ସୁରକ୍ଷା ଓ ବିଶ୍ୱ ସ୍ଥିରତା ପାଇଁ ଗ୍ରୀନ୍‌ଲାଣ୍ଡ କିଣିବା ନିତାନ୍ତ ଦରକାର। ଆର୍କଟିକ୍‌ରେ ରୁଷିଆ ଓ ଚାଇନାର ଆଗ୍ରହ ବଢ଼ୁଥିବାରୁ ଅନ୍ତର୍ଜାତୀୟ ରଣନୀତିକ ଦୃଷ୍ଟିକୋଣରୁ ଗ୍ରୀନ୍‌ଲାଣ୍ଡ କିଣିବା ଉପରେ ଟ୍ରମ୍ପ୍‌ଙ୍କ ଜିଦି ନିଶ୍ଚିତ ଭାବେ ବିଶ୍ୱସ୍ତରରେ ଚହଳ ପକାଇଲା ଭଳି ପଦକ୍ଷେପ ବୋଲି ଆଲୋଚନା ହେବା ସ୍ୱାଭାବିକ।

ଟ୍ରମ୍ପ୍‌ଙ୍କ ବିଭିନ୍ନ ନିଷ୍ପତ୍ତିକୁ ବହୁ ରାଷ୍ଟ୍ର ନିନ୍ଦା କରୁଛନ୍ତି, ଏପରିକି ନିଜ ଦେଶ ଭିତରେ ସେ ବିରୋଧର ସମ୍ମୁଖୀନ ହେଉଛନ୍ତି। ତା' ସତ୍ତ୍ୱେ ସେ ଗତାନୁଗତିକ ପଦ୍ଧତିରେ ନିଜ ନିଷ୍ପତ୍ତିରେ ଅଟଳ ରହୁଛନ୍ତି। ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ସ୍ତ୍ରୀଙ୍କୁ ଉଠାଇ ଆଣିବା ପରେ ଗୋଟେ 'ଘୋ' ହୋଇଥିଲା ଯେ, ଏହାର ପରିଣତି କ'ଣ ଗୋଟେ ଅସ୍ୱାଭାବିକତା ସୃଷ୍ଟି କରିପାରେ। ଦେଖିଲା ବେଳକୁ ଭେନେଜୁଏଲାର ବିରୋଧୀ ନେତ୍ରୀ ମାରିଆ କୋରିନା ମାଚାଡୋ ବେଲଜ୍ଜା ଭାବେ ହ୍ୱାଇଟ୍ ହାଉସ୍ ଯାଇ ପାଇଥିବା ନୋବେଲ ଶାନ୍ତି ପୁରସ୍କାରକୁ ଟ୍ରମ୍ପ୍‌ଙ୍କୁ ପ୍ରଦାନ କରିଛନ୍ତି। ଉଦ୍ଦେଶ୍ୟ ରହିଛି କାଳେ କେବେ ଟ୍ରମ୍ପ୍‌ଙ୍କ ଶୁଭ ଦୃଷ୍ଟି ପଡ଼ିଲେ ସେ ଭେନେଜୁଏଲା ଶାସନର ମଙ୍ଗ ଧରିପାରନ୍ତି। ଆମେରିକା ଭିତରେ ଯେଉଁମାନେ ଟ୍ରମ୍ପ୍‌ଙ୍କୁ ବିରୋଧ କରୁଥିଲେ ସେମାନେ ମଧ୍ୟ ଶିଥିଳ ପଡ଼ିଯାଇଛନ୍ତି। ଜୋ ବାଇଡେନ୍ ରାଷ୍ଟ୍ରପତି ଥିବା ବେଳେ ଆମେରିକା ଅର୍ଥନୀତି ଧିମା ହୋଇଥିଲା। ଟ୍ରମ୍ପ୍ କ୍ଷମତାକୁ ଆସିବା ଓ ମେକ୍ ଆମେରିକା ଗ୍ରେଟ୍ ଏଗେନ୍ (ମାଗା) ଚିନ୍ତାଧାରାକୁ କାର୍ଯ୍ୟକାରୀ କରିବାରୁ ତାଙ୍କ ଦେଶ ଆର୍ଥିକ ଦୃଷ୍ଟିରୁ ବଢ଼ିଚାଲିଲାଣି ଏବଂ ଏବେ, ପୃଥିବୀର ଅନ୍ୟସବୁ ଦେଶକୁ ପଛରେ ପକାଇ, ଆମେରିକା ବିଶ୍ୱବ୍ୟାପୀ ଆଲୋଚନାର ମୁଖ୍ୟ ବିଷୟ ହୋଇଯାଇଛି। ଏଥିସହିତ ଟ୍ରମ୍ପ୍ ଏକ୍‌ଜିକ୍ୟୁଟିଭ୍ ନିର୍ଦ୍ଦେଶନାମା ଜାରି କରି ଆମେରିକା ଅନୁଦାନ ପାଇ ପୁଷ୍ଟ ହେଉଥିବା ଅନେକ ଦେଶ ଓ ସଙ୍ଗଠନର ପାଣ୍ଠିକୁ ସଙ୍କୁଚିତ କିମ୍ବା ସମ୍ପୂର୍ଣ୍ଣ ଉଚ୍ଛେଦ କରିଦେଇଛନ୍ତି। ଏଭଳି ନିଷ୍ପତ୍ତି ତାଙ୍କ ଦେଶର ଅର୍ଥନୀତିକୁ ସୁଦୃଢ଼ କରିଥିବା ସେଠାକାର ନାଗରିକ ଉପଲବ୍ଧି କରିବା ପରେ ଆଉ ବେଶି ପାଟି ଫିଟାଉ ନାହାନ୍ତି। ଟ୍ରମ୍ପ୍ ସମ୍ଭବତଃ ହୃଦୟଙ୍ଗମ କରିଥିବେ ଯେ, ତାଙ୍କ ଦେଶ ପକ୍ଷରୁ ଦିଆଯାଉଥିବା ଅନୁଦାନର କୃତଜ୍ଞତା ସ୍ୱରୂପ ଆମେରିକା କିଛି ପାଉ ନ ଥିବାରୁ ସେସବୁକୁ ଜାରି ରଖିବାର ଆବଶ୍ୟକତା ନାହିଁ।

ଆଉ ଗୋଟେ ବିଷୟ ଲକ୍ଷ୍ୟ କରାଯାଉଛି ଯେ, ଟ୍ରମ୍ପ୍ ଦ୍ୱିତୀୟ ଥର ଆମେରିକାରେ କ୍ଷମତାସୀନ ହେବା ପରେ ବିଶ୍ୱ ଅର୍ଥନୀତି ଚଳଚଞ୍ଚଳ ହୋଇପଡ଼ିଛି। ଦୀର୍ଘବର୍ଷ ଧରି ୟୁରୋ ମୁଦ୍ରା ଥିଲେ ମଧ୍ୟ ଅନ୍ତର୍ଜାତୀୟ ସ୍ତରରେ ସେଭଳି ପ୍ରଭାବ ପକାଇପାରୁ ନାହିଁ। ଆମେରିକା ଡଲାରର ପ୍ରଭାବକୁ ହ୍ରାସ କରିବା ଲାଗି 'ବ୍ରିକ୍ସ ମୁଦ୍ରା' ଉପରେ ଅନେକ ହୋହଲ୍ଲା ହେଲା, କିନ୍ତୁ ତାହା ଶୀତଳଭଣ୍ଡାରରେ ପଡ଼ିରହିଛି। ଉଲ୍ଲେଖଯୋଗ୍ୟ ଯେ, ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଏବଂ ଦକ୍ଷିଣ ଆଫ୍ରିକା (ନୂଆ ସଦସ୍ୟ ରାଷ୍ଟ୍ର ଇରାନ, ସଂଯୁକ୍ତ ଆରବ ଏମିରେଟ୍‌ସ, ସାଉଦି ଆରବ, ଇଣ୍ଡୋନେସିଆ, ଇଥୋପିଆ ଏବଂ ଇଜିପ୍ଟ)କୁ ନେଇ ବ୍ରିକ୍ସ ଗଠିତ। ଏହିସବୁ ରାଷ୍ଟ୍ର ବିଶ୍ୱ ଜନସଂଖ୍ୟାର ୪୦ ପ୍ରତିଶତ ହୋଇଥିବାରୁ ଆଶା କରାଯାଉଥିଲା ବ୍ରିକ୍ସ ମୁଦ୍ରା କାର୍ଯ୍ୟକାରୀ ହେଲେ ଏମାନଙ୍କ ମଧ୍ୟରେ ବାଣିଜ୍ୟ ସୁଦୃଢ଼ ହେବ ଓ ଆମେରିକୀୟ ଡଲାର ଉପରେ ନିର୍ଭରଶୀଳତା କମିବ। ତାହା ହେଲା ନାହିଁ। ଚାଇନା ନିଜ ଅର୍ଥନୀତି ବଢ଼ାଇବାକୁ ଚାହିଁଲା ବେଳେ ରୁଷିଆ ଯୁଦ୍ଧ ଜର୍ଜରିତ। ଏଭଳି ସ୍ଥଳେ ଭାରତ ନିଜ ଆଭ୍ୟନ୍ତରୀଣ ସମସ୍ୟା ଦେଇ ଗତି କରୁଥିବାରୁ ବ୍ରିକ୍ସ ମୁଦ୍ରାର ଭାଗ୍ୟ ଝୁଲି ରହିଛି। ୟୁରୋଠାରୁ ଆରମ୍ଭ କରି ବ୍ରିକ୍ସ ମୁଦ୍ରାର ପରିଣତିକୁ ଟ୍ରମ୍ପ୍ ଭଲ ଭାବେ ବୁଝିଯିବା ପରେ ସେହି ଦୁଇଟି ମୁଦ୍ରାର ମୂଳଦୁଆକୁ ଭାଙ୍ଗିଦେବାକୁ ପଦକ୍ଷେପ ନେଉଛନ୍ତି। ତାହାର ଉଦାହରଣ କ୍ରିପ୍ଟୋ କରେନ୍ସି ବହୁଳ ପ୍ରସାର କରାଇବା ଦିଗରେ ଅନେକ ପ୍ରଚେଷ୍ଟା ଆରମ୍ଭ କରିଦେଇଛନ୍ତି। ସେଥିପାଇଁ ସେ କୌଶଳ କରି କିମ୍ବା ସ୍ଥଳବିଶେଷରେ ଅନ୍ୟକୁ ଡରାଇ ବିଶ୍ୱସ୍ତରରେ ଏକ ନୂଆ ଅର୍ଥନୈତିକ ପରିଭାଷା ସୃଷ୍ଟି କରିବାରେ ଲାଗିପଡ଼ିଛନ୍ତି। ବାସ୍ତବିକ ଧିମେଇ ଯାଇଥିବା ଅନ୍ତର୍ଜାତୀୟ ଅର୍ଥନୈତିକ ପ୍ରବାହକୁ ଗତିଶୀଳ କରିବା ଲାଗି ଟ୍ରମ୍ପ୍‌ଙ୍କ ନିଷ୍ପତ୍ତି ହୁଏତ ନୂଆ ବାଟ ଦେଖାଇପାରେ। କାମରେ କିଛି ନ କରି ଭଦ୍ର ବ୍ୟବହାର କରୁଥିବା ଲୋକଙ୍କ ଅପେକ୍ଷା ଅଖାଡୁଆ ବ୍ୟକ୍ତିଙ୍କ ତତ୍କ୍ଷଣାତ୍ ପଦକ୍ଷେପ ମଧ୍ୟ ଗୋଟେ ବଡ଼ ପରିବର୍ତ୍ତନ ବା ସଂସ୍କାର ଆଣିପାରେ।

# ସାମ୍ପ୍ରତିକ ରାଜନୀତି ଓ ଯୁବପିଢ଼ି



ରାଜୀବ କର୍ମ

ସାମ୍ପ୍ରତିକ ରାଜନୀତିରେ ଦୁଇ ପ୍ରକାର ଯୁବଗୋଷ୍ଠୀଙ୍କୁ ଦେଖିବାକୁ ମିଳେ। ଗୋଟିଏ ହେଲେ ସୌଖୀନ ନେତା ଓ ଅନ୍ୟଟି ହେଲେ ଅପରାଧ ଘଟାଇବା ପାଇଁ ପ୍ରାୟୋଜିତ ନେତା। ପ୍ରଥମ ଗୋଷ୍ଠୀ ରାଜନୈତିକ ପରିବାରରୁ ଆସିଥିବା ବେଳେ ଦ୍ୱିତୀୟ ଗୋଷ୍ଠୀ କିଛି ଛାତ୍ରନେତା ଏବଂ ପ୍ରଭାବଶାଳୀ ରାଜନେତାଙ୍କ ପୃଷ୍ଠପୋଷକତାରୁ ସୃଷ୍ଟି। ଏହା ସତ୍ତ୍ୱେ ବି ରାଜନୀତିରେ ଯୁବକଙ୍କ ପ୍ରତିନିଧିତ୍ୱ ଗୌଣ। ଭାରତ ପୃଥିବୀର ସବୁଠାରୁ ଯୁବକ ରାଷ୍ଟ୍ର। କିନ୍ତୁ ଏମାନଙ୍କର ରାଜନୀତିରେ ପ୍ରତିନିଧିତ୍ୱ ନିମ୍ନ। ନିର୍ବାଚନରେ ବୟସ୍କଙ୍କ ତୁଳନାରେ ଯୁବ ପ୍ରତିନିଧିତ୍ୱ କମିବାରେ ଲାଗିଛି। ୧୯୫୨-୫୭ ଲୋକ ସଭାରେ ଯୁବ ପ୍ରତିନିଧିତ୍ୱ ଶତକଡ଼ା ୨୨.୨୫ସହିତ ୧୩୮ ଜଣ ୪୦ ବର୍ଷରୁ କମ୍ ବୟସ୍କ ଏମ୍‌ପି ଥିବାବେଳେ ୨୦୨୪ ଲୋକ ସଭାରେ ଏହା କେବଳ ୧୦.୬୮ ଶତକଡ଼ା ଅଥାତ୍ କେବଳ ୪୧ ଜଣ ଯୁବ ଏମ୍‌ପି ଅଛନ୍ତି। ଅନ୍ୟ ପକ୍ଷରେ ୭୧ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଏମ୍‌ପି ପ୍ରଥମ ଲୋକ ସଭାରେ ୧୪ ଜଣ ଥିବାବେଳେ ୨୦୨୪ଲୋକ ସଭାରେ ଏହା ୨୦୮କୁ ପହଞ୍ଚିଛି। ପ୍ରଥମ ଲୋକ ସଭାରେ ଏମ୍‌ପିଙ୍କ ହାରାହାରି ବୟସ ୪୬.୫ ଥିବା ବେଳେ ୨୦୨୪ରେ ଏହା ୫୫.୬ରେ ପହଞ୍ଚିଛି।

ସମ୍ପ୍ରତି କମ୍ ଯୁବନେତା ସାମାଜିକ ପରିବର୍ତ୍ତନ ପାଇଁ କାମକରୁଛନ୍ତି। ଏହି ନିରୁତ୍ସାହିତ ସ୍ଥିତି କେବଳ ନିର୍ଦ୍ଦିଷ୍ଟ କେତୋଟି କାରଣ ପାଇଁ ଭାରତୀୟ ରାଜନୀତିରେ ପ୍ରତିଫଳିତ ହୋଇଥାଏ। ପ୍ରଥମତଃ ଯୁବପିଢ଼ି ସକ୍ରିୟ ରାଜନୀତି ପ୍ରତି ଆକୃଷ୍ଟ ନ ହେବା। ଜାତିଗତ ସଂରକ୍ଷଣ, ନିର୍ଭୟା କେସ୍ ତଥା ଦୁର୍ନୀତିମୁକ୍ତ ଭାରତ ପାଇଁ ଆନ୍ନା ହଜାରେଙ୍କ ବିଶାଳ ସମାବେଶ ଭଳି ସମ୍ବେଦନଶୀଳ ବିଷୟରେ ଯୁବକଙ୍କ ଭୂମିକା ଏ ଦେଶ ଦେଖିଛି। କିନ୍ତୁ ବର୍ତ୍ତମାନ ସେତିକି ମାତ୍ରାରେ ଯୁବଶକ୍ତିର ପ୍ରଦର୍ଶନ ହୋଇ ପାରୁ ନାହିଁ। ଦେଶ ଓ ସମାଜ କେଉଁଭଳି ପରିସ୍ଥିତି ଏବଂ ସମସ୍ୟାର ସମ୍ମୁଖୀନ ହେଉଛି ତାହା ଯୁବକଙ୍କୁ ଅଜଣା ନୁହେଁ। ତେଣୁ ସେମାନଙ୍କୁ ସୁଯୋଗ ଦିଆଗଲେ ରାଜନୈତିକ ପରିବେଶକୁ ବଦଳାଇ ରାଜନୀତିକୁ ଏକ ନୂତନ ସମୀକରଣ ଦେଇ ପାରନ୍ତେ।

ଦ୍ୱିତୀୟ କାରଣଟି ହେଉଛି ରାଜନୈତିକ ଦଳର ବରିଷ୍ଠ ସଦସ୍ୟମାନେ ଯୁବକଙ୍କୁ ସୁଯୋଗ ଦେବା ପାଇଁ କୁଣ୍ଠାବୋଧ କରିବା। ରାଜନୈତିକ ଦଳଗୁଡ଼ିକରେ ଅତ୍ୟଧିକ କ୍ଷମତାଲୋଭ ଯୋଗୁ ଯୁବକମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ବରିଷ୍ଠମାନେ ଏ ବିଷୟରେ ହୃଦୟଙ୍ଗମକରି ଯୁବକଙ୍କୁ ସୁଯୋଗ ଦେବା ଉଚିତ। ତୃତୀୟଟି ହେଉଛି ବାପା-ମା'ମାନେ ନିଜ ସନ୍ତାନଙ୍କୁ ନିଜର ପାରମ୍ପରିକ ବ୍ୟବସାୟରେ



ନିୟୋଜନ। ବର୍ତ୍ତମାନର ରାଜନେତାମାନେ ନିଜର କଳୁଷିତ ରାଜନୀତି ପାଇଁ ବିଶ୍ୱାସ ହରାଉଛନ୍ତି। ତେଣୁ ବାପା-ମା'ମାନେ ନିଜର ଉଚ୍ଚ ଶିକ୍ଷିତ ପୁଅ-ଝିଅମାନଙ୍କୁ ରାଜନୀତିରେ ଭାଗନେବାକୁ ଉତ୍ସାହିତ କରୁନାହାନ୍ତି। ଏତଦ୍‌ଭିନ୍ନ ତଥାକଥିତ ରାଜନୀତିରେ ଉଚ୍ଚ ଶିକ୍ଷିତମାନଙ୍କର ଆବଶ୍ୟକତା ନାହିଁ।

ଚତୁର୍ଥ କାରଣଟି ଗ୍ରାମାଞ୍ଚଳରେ ଯୁବକମାନେ ରାଜନୀତିକୁ ଏକ ଲାଭଜନକ ବ୍ୟବସାୟ ଭାବରେ ଦେଖୁଛନ୍ତି। ନେତାମାନେ ଯୁବକଙ୍କୁ ଆୟୁଧ କରି ରାଜନୀତିରେ ଲାଭ ହାସଲ କରୁଛନ୍ତି। ଯୁବକମାନଙ୍କୁ କେବଳ ଭୋଟ ପ୍ରଚାର, ବିଭିନ୍ନ ଉନ୍ନୟନମୂଳକ କାମର ଠିକା ଏବଂ ରାଜନୈତିକ ଦଳଗୁଡ଼ିକର ଦଳୀୟ କାର୍ଯ୍ୟକ୍ରମରେ ଲୋକ ଯୋଗାଡ଼ ଏବଂ ଦଳ ପାଇଁ ପାଣ୍ଠି ସଂଗ୍ରହରେ ବ୍ୟବହାର କରନ୍ତି। ପଞ୍ଚମ କାରଣଟି ହେଲା ଯୁବପିଢ଼ି ସମାଜ ଅପେକ୍ଷା ନିଜ ଜୀବିକା କଥାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି ଏବଂ ଏହା ସ୍ୱାଭାବିକ ମଧ୍ୟ। ପରିବାର ଏବଂ ନିଜର ପ୍ରତିପୋଷଣ ଏମାନଙ୍କ ପାଇଁ ଏବେ ଏକ ମୌଳିକ ଆବଶ୍ୟକତା, ଯାହା ପାଇଁ ଏମାନେ ସବୁବେଳେ ସଂଗ୍ରାମରତ। ଏ ସ୍ଥିତିରେ ଯୁବକଙ୍କୁ ରାଜନୀତି ଆଡ଼କୁ ଆକୃଷ୍ଟ କରିବା ଏକ ଆହ୍ୱାନ।

ରାଜନୀତିରେ ବି ଅବସର ବୟସ ସୀମା ନିର୍ଦ୍ଧାରଣ ହେବା ବାଞ୍ଛନୀୟ। ତତ୍ ସହିତ ଶିକ୍ଷାଗତ ଯୋଗ୍ୟତା ମାପକାଠି ହେବା ଜରୁରୀ। ଅପରାଧରେ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ରାଜନୀତିରୁ ଦୂରେଇ ରଖିବା ଉଚିତ। ଆମ ଦେଶର ଗଣତନ୍ତ୍ର ବ୍ୟବସ୍ଥା ଏପରି ଯେ ଯେଉଁଠାରେ ୪୦ ବର୍ଷରୁ କମ୍ ଯୁବପିଢ଼ି ୬୦ ବର୍ଷରୁ ଅଧିକ ବୟସ୍କ ଲୋକଙ୍କୁ କ୍ଷମତାରେ ବସାଇବା ପାଇଁ ବାଛୁଛନ୍ତି। ଯୁବକମାନେ ପ୍ରକୃତରେ ଏଥିରେ ସନ୍ତୁଷ୍ଟ କି ? ଯୁବକମାନଙ୍କୁ ରାଜନୀତିରେ ପ୍ରବେଶ ନିମିତ୍ତ ସରକାରୀ ସ୍ତରରେ ପ୍ରୟାସ ପ୍ରତୀୟମାନ ହୁଏ ନାହିଁ। ୨୦୧୩ର ଓଡ଼ିଶା ରାଜ୍ୟ ଯୁବନୀତି ହେଉ ଅବା ୨୦୧୪ ଜାତୀୟ ଯୁବନୀତି ହେଉ କେଉଁଥିରେ ବି ଯୁବକଙ୍କୁ ରାଜନୀତିରେ ପ୍ରବେଶର ସୁଯୋଗ ପାଇଁ ବ୍ୟବସ୍ଥା ନାହିଁ। ରାଜ୍ୟ ଯୁବନୀତିରେ ଯୁବକଙ୍କୁ କେବଳ ଗୋଷ୍ଠୀରେ ନିୟୋଜନ ଏବଂ ନିଷ୍ପତ୍ତିନେବା ପ୍ରକ୍ରିୟାରେ ଉତ୍ସାହିତ କରିବା କଥା କୁହାଯାଇଥିବା ବେଳେ ଜାତୀୟ ଯୁବନୀତିରେ ସହରାଞ୍ଚଳ ରାଜନୀତି ଏବଂ ରାଜନୈତିକ ବ୍ୟବସ୍ଥା ବାହାରେ ନିୟୋଜନ କଥା କୁହାଯାଇଛି। ଏଥିରୁ ପ୍ରତୀୟମାନ ହେଉଛି ଯେ ରାଜ୍ୟସ୍ତରରେ ହେଉ କିମ୍ବା ଜାତୀୟ ସ୍ତରରେ ନୀତି ପ୍ରଣୟନ କରୁଥିବା ରାଜନେତାମାନେ ଯୁବକଙ୍କୁ ରାଜନୀତିରେ ପ୍ରବେଶର ପଥ ଓଗାଳୁଛନ୍ତି।

ଯୁବକର ମନ ସବୁବେଳେ ଭିନ୍ନ ତଥା ଅଭିନବ ଚିନ୍ତାଧାରା ଓ ଆଦର୍ଶରେ ଅନୁପ୍ରାଣୀତ ହୋଇଥାଏ। ସେମାନଙ୍କୁ ରାଜନୀତିରେ ଭାଗୀଦାରିତା ବଢ଼ାଇବାକୁ ହେଲେ ଏବଂ ତାଙ୍କ ସ୍ୱରକୁ ଉପଯୁକ୍ତ ମାର୍ଗଦର୍ଶନ ଦେବାକୁ ହେଲେ ରାଜନୈତିକ ପରିବେଶ ବ୍ୟାପକ କରିବା ସଙ୍ଗେ ସଙ୍ଗେ ଆହୁରି ଖୋଲାରଖିବାକୁ ପଡ଼ିବ। ଯୁବକମାନେ ରାଜନୀତିରେ ସକ୍ରିୟ ଭାବରେ ହେଉ ଅଥବା ବିଭିନ୍ନ ସାମାଜିକ ସମସ୍ୟା ଉତ୍ଥାପନ ଭାବରେ ହେଉ କିମ୍ବା ଚାପ ସୃଷ୍ଟିକାରୀ ଦଳ ଭାବରେ ହେଉ ଜଡ଼ିତ ହେଲେ ହିଁ ଅନେକ ସାମାଜିକ ସମସ୍ୟା ସମାଧାନ ହୋଇପାରିବ ଏବଂ ଏହା ଆଗାମୀ ପିଢ଼ି ପାଇଁ ଏକ ସ୍ଥାୟୀ ପ୍ରତିକାର ଦେଇପାରିବ। କାରଣ ଯୁବକଙ୍କ ପାଖରେ ହିଁ ଉତ୍ସାହ, ଉଦ୍ଦୀପନା ଏବଂ ସାହସ ଅଛି।

ଯୁବକମାନଙ୍କ ପାଇଁ ଅନେକ ସୁଯୋଗ ସୃଷ୍ଟି ପାଇଁ ଗୋଷ୍ଠୀ ଗଠନ ଏବଂ ଯୁବସଂସଦ ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରାଯାଇ ପାରିବ। ଯୁବ ସଂସଦ ଏପରି ଏକ ମାଧ୍ୟମ ଯେଉଁଥିରେ ୧୧ରୁ ୧୮ବର୍ଷର ଯୁବକମାନେ ସାମାଜିକ ପରିବର୍ତ୍ତନ ପାଇଁ ସମାସ୍ୟା ଉତ୍ଥାପନ କରିପାରିବେ। ଏହା ସମସ୍ତଙ୍କ ପାଇଁ ଗ୍ରହଣୀୟ ଏବଂ ଉତ୍ସାହକାରୀ ମଧ୍ୟ ଏବଂ ଏହା ଯୁବକମାନଙ୍କୁ ପରବର୍ତ୍ତୀ ରାଜନୀତିରେ ପ୍ରବେଶ ପାଇଁ ଉପଯୁକ୍ତ କ୍ଷେତ୍ର ପ୍ରସ୍ତୁତ କରିବ। ଯୁବକମାନେ ଲୋକଙ୍କୁ ଶିକ୍ଷା ଦେବାରେ, ବିଭିନ୍ନ ସାମାଜିକ କଳଙ୍କ ଦୂରକରିବା ପାଇଁ ଜନ ସଚେତନତା ସୃଷ୍ଟି କରିବାରେ ଏବଂ ସମସ୍ୟା ଉତ୍ଥାପନ କରିବାରେ ସାମିଲ ହୋଇପାରିବେ।

ଯୋରୋଗାନ୍‌ଙ୍କ ମତରେ ତୁମେ ଯଦି ପ୍ରକୃତରେ ପୃଥିବୀକୁ ପରିବର୍ତ୍ତନ କରିବାକୁ ଚାହୁଁଛ ତେବେ ଯୁବକମାନଙ୍କୁ ପ୍ରେରଣା ଦେବା ଏବଂ ଉତ୍ସାହିତ କରିବା ଦ୍ୱାରା ହିଁ ଏହା ସମ୍ଭବ ହୋଇପାରିବ। ଜାତୀୟ ଏବଂ ରାଜ୍ୟସ୍ତରରେ ଏକ ଯୁବକେନ୍ଦ୍ରୀୟ ଯୁବନୀତିର ଅବଶ୍ୟକତା ରହିଛି ଯେଉଁଥିରେ ଯୁବକଙ୍କୁ ରାଜନୀତିରେ ପ୍ରବେଶ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ଥିବ। ସାମାଜିକ ଗଣମାଧ୍ୟମ ଦ୍ୱାରା ଯୁବକମାନଙ୍କୁ ଅଧିକରୁ ଅଧିକ ଯୋଡ଼ିବା ସହିତ ରାଜନୀତି ବିଜ୍ଞାନରେ ପାଠ ପଢ଼ିବା ପାଇଁ ଉତ୍ସାହିତ କରିବା ଉଚିତ। ନିଜ ଦେଶର ନେତୃତ୍ୱ ନେବାଠାରୁ ବଳି କିଛି ସମ୍ମାନ ନାହିଁ। ତେଣୁ କିଛି ନିଃସ୍ୱାର୍ଥପର ଯୁବଗୋଷ୍ଠୀଙ୍କୁ କାଦୁଅକୁ ଡେଇଁ ନିଜକୁ ନିର୍ମଳ ରଖିବାକୁ ପଡିବ। ମହମବତି ଶୋଭାଯାତ୍ରା, ଧାରଣା, ପଥପ୍ରାନ୍ତ ନାଟକ, ସ୍ଲୋଗାନ ଏବଂ ଆନ୍ଦୋଳନ ମାଧ୍ୟମରେ କିଛି ସମସ୍ୟା ସମାଧାନ ହୋଇପାରିବ ମାତ୍ର ନିଜେ ଆଞ୍ଚଳିକ ସ୍ତରରେ ପ୍ରତିନିଧିତ୍ୱ କରି ହେଉ କିମ୍ବା ବିଧାନ ସଭା ଏବଂ ଲୋକ ସଭାରେ ବସି ଆଲୋଚନା କରି ନିଷ୍ପତ୍ତି ନେଲେ ଅନେକ ସମସ୍ୟା ସମାଧାନ ହୋଇପାରିବ। ଏଥିପାଇଁ ଯୁବକମାନେ ପ୍ରଥମେ ଏକଜୁଟ୍ ହେବା ଦରକାର।

ଶଗଡ଼ା, ବୌଦ୍ଧ
ମୋ: ୮୩୨୮୮୪୮୧୪୫

# ଶାଶୁଘର



ଅଲେଖ ଚନ୍ଦ୍ର ମିଶ୍ର

ଶାଶୁଘର କାହିଁ ? ଏ ପ୍ରଶ୍ନଟି ହୁଏତ ଚମକ ସୃଷ୍ଟି କରିପାରେ, କିନ୍ତୁ ଏହା ଅନେକାଂଶରେ ସତ। ଦିନେ ମହିଳାଙ୍କ ପାଇଁ ଆଜୀବନ କର୍ମଭୂମି ବୋଲାଉଥିବା ଏହି ଶବ୍ଦଟି ତା'ର ଚିରାଚରିତ ଗୌରବ ହରେଇ ଏବେ ଏକ ପ୍ରଶ୍ନବାଚୀ ସ୍ତରକୁ ଚାଲି ଆସିଲାଣି। ଶାଶୁ ଅଛନ୍ତି, ଘର ଅଛି କିନ୍ତୁ ନାହିଁ ଶାଶୁଘରର ପାରମ୍ପରିକ ରୂପରେଖ। ସେହିପରି ନାରୀଟିର ଗଭୀର ଭାବାବେଗର ପ୍ରତୀକ ବାପଘର ବି କ୍ରମେ ତା' ନିକଟରୁ ଦୂରେଇ ଯାଉଛି। ବାପା ମା' ଜୀବିତ ଥିବା ପର୍ଯ୍ୟନ୍ତ ଯେଉଁ ବାପଘର ବିବାହିତା ଝିଅଟି ପାଇଁ ଗର୍ବ ଓ ଗୌରବର ପରିଚୟ ଥାଏ ସେମାନେ ଚାଲିଗଲା ପରେ ତାହା ତା' ପାଇଁ ପ୍ରାୟ ଅପହଞ୍ଚ ହୋଇଯାଏ। ଅନ୍ୟ ପକ୍ଷରେ ଏ ଉଭୟ ପ୍ରକାରର ଘର ସ୍ଥାନରେ ଏବେ ଗଢିଉଠୁଛି 'ଆମଘର' ଯାହା ଆଧୁନିକ ଦମ୍ପତିଙ୍କର ନୂତନ ପରିଚୟ। ଆମ ଘରର ସଂଜ୍ଞା ହେଉଛି 'ନା ତୁମ ଘର ନା ମୋ ଘର' ଏହା 'ଆମ ଦୁହିଙ୍କ ଘର' ଯାହାର ଏକ ଅତିରିକ୍ତ ସଦସ୍ୟ ଏକମାତ୍ର ସନ୍ତାନ। ଏହାକୁ କେହି କେହି ଅଣୁ ପରିବାରର ଆଖ୍ୟା ଦେଇ ତଜ୍ଜନିତ ଗଭୀର ଆତ୍ମଶ୍ଲାଘାରେ ବୁଡ଼ି ରହନ୍ତି ଓ ପରିବାର, ପରିଜନ, ବନ୍ଧୁବାନ୍ଧବ ସମସ୍ତଙ୍କଠାରୁ ଦୂରେଇ ଯାଆନ୍ତି। ଫଳରେ ସାମାଜିକ ଓ ପାରିବାରିକ ବୁଝାମଣା ବିପର୍ଯ୍ୟସ୍ତ ହୋଇପଡ଼େ। ସାମ୍ପ୍ରତିକ ପରିସ୍ଥିତି ବି ଏଥିପାଇଁ ପଥ ପ୍ରଶସ୍ତ କରିଦେଉଛି।

ସତୁରି ଅଶୀ ବର୍ଷ ତଳକୁ ଫେରି ଚାହିଁଲେ ଆମ ସମାଜର ଯେଉଁ ଚିତ୍ର ଆଖିଆଗରେ ଭାସିଉଠେ ତାହାର ମୁଖ୍ୟ ଆଧାର ଥିଲା ଲିଙ୍ଗଗତ ବୈଷମ୍ୟ। କୁହା ଯାଉଥିଲା, "ନାରୀର ଭାଗ୍ୟ ପଥର ତଳେ, ପୁରୁଷର ଭାଗ୍ୟ ପତର ତଳେ"। ସେତେବେଳର ପୁରୁଷପ୍ରଧାନ ପରିବାର, ସମାଜ ଓ ଦେଶରେ ନାରୀଟିର ସ୍ଥାନ ଯେପରି ଥିଲା ଚିନ୍ତା କଲେ ଆଖି ଓଦା ହୋଇ ଆସେ। ଝିଅଟିଏ ଜନ୍ମ ହେଲେ ତା'ର ପିତାଙ୍କୁ ମୁରବି ତୁଲ୍ୟ ଲୋକେ କହୁଥିଲେ, "ଝିଅଟିଏ ହେଲାରେ ତା' ପାଇଁ ଏବେଠୁ ଧନ ସଞ୍ଚୟ କର"। ଝିଅଟି ପାଞ୍ଚ ବର୍ଷର ହୋଇ ଗଲେ ତାକୁ କୁହାଯାଉଥିଲା, "ମାଆରେ ତୁ ପାଠ ଦିଅକ୍ଷର ପଢ଼ ନ ହେଲେ ତତେ କିଏ ବାହା ହେବ ?" ଦଶ ବର୍ଷର ହୋଇ ଗଲେ ତାକୁ କୁହାଯାଉଥିଲା, "ଝିଅରେ, ନିଜକୁ ଆକଟ କର, ସଣ୍ଢଣା ଶିଖ, ଘରକରଣା କ'ଣ ଜାଣ ନ ହେଲେ ଶାଶୁଘରେ ନାଁ ପକେଇବ। ସେତିକି ବେଳୁ ତା' କାନରେ ପକେଇ ଦିଆ ଯାଉଥିଲା, "ମାଆରେ, ଝିଅ ଜନମ ପର ଘରକୁ," "ଜନମ ଦେଇଛୁ ସିନା କରମ ଦେଇନ", ଟିକେ ସ୍ୱାଧୀନଚେତା ଝିଅମାନଙ୍କୁ ଚେତେଇ ଦିଆ ଯାଉଥିଲା, " ଆଖୁ ସିନା କିଆରିରେ (ବାପଘରେ) ମୋଟ ଖାଇରେ (ଶାଶୁଘରେ) ନୁହେଁ "। ଅନ୍ୟ ପକ୍ଷରେ ଝିଅଟିର ଜୀବନ କେବଳ ଶାଶୁଘର-ସର୍ବସ୍ୱ ଥିଲା। ବାର ତେର ବର୍ଷର ଝିଅ କିମ୍ବା ତା' ଠାରୁ ଆହୁରି କମ୍ ବୟସର ଝିଅକୁ ବାହା କରେଇ ଦେଇ ଶାଶୁ ଘରକୁ ପଠେଇ ଦିଆଯାଉଥିଲା। ନିଜର ଭାଗ୍ୟକୁ ଆଦରି ସେ ଯେଉଁ ଶାଶୁଘରେ ପାଦ ଥାପୁଥିଲା ତା'ର ରୂପରେଖ ହିଁ ଥିଲା ତା' ଜୀବନର ଅବଶିଷ୍ଟ ଦିନ। ତା'ର ସୌଭାଗ୍ୟକୁ ଯଦି ଶାଶୁଘରର ଲୋକେ ଭଲ ପଡୁଥିଲେ ତେବେ ସେ ସର୍ଗସୁଖ ଭୋଗ କରି ସବୁ କିଛି ଭୁଲି ଯାଉଥିଲା। ଯଦି ସେମାନେ ମନ୍ଦ ସ୍ୱଭାବର ଥିଲେ ଯଥା ମାମଲତକାର ଶ୍ୱଶୁର, ଆକଟପ୍ରିୟ ଶାଶୁ, ଆତ୍ମାଭିମାନୀ ଦେଢ଼ଶୁର, ଉଚ୍ଛୃଙ୍ଖଳ ଦେବର, ରାହାବାଳି ନଣନ୍ଦ, ଅହଂଗୁଣୀ ବିଧବା ପିଉସୀ, ଉଦାସୀନ (ବେଳେ ବେଳେ ବିଦେଶରେ ରହୁଥିବା) ପତି ଇତ୍ୟାଦି ତେବେ ତା' ଜୀବନ ନରକ ପାଲଟି ଯାଉଥିଲା। ଆଉ ତା' ସହିତ ଯଦି ଯୌତୁକ ଯନ୍ତ୍ରଣା ଯୋଡି ହୋଇ ଯାଉଥିଲା ତେବେ ଅକାଳରେ ଜୀବନ ଯିବା ବି ଅସମ୍ଭବ ନ ଥିଲା। ତତ୍କାଳୀନ ବୈବାହିକ ବ୍ୟବସ୍ଥା ଏତେ କଠୋର ଥିଲା ସେ ଝିଅଟିଏ ଚାହିଁଲେ ବି ସେଥିରୁ ମୁକ୍ତି ପାଇ ପାରୁ ନ ଥିଲା। ଶାଶୁଘରେ ଯେତେ ଦୁଃଖକଷ୍ଟ ଭୋଗିଲେ ବି ତାକୁ କାହା ଆଗରେ ପ୍ରକାଶ କରିବା ତତ୍କାଳୀନ ରକ୍ଷଣଶୀଳ ପରିବାରର ଶୃଙ୍ଖଳାବିରୋଧୀ ଥିଲା। ଦୈବାତ କେବେ କେହି ସେପରି କଲେ ତାକୁ ସହଯୋଗ ମିଳୁ ନ ଥିଲା। ଏପରି କି ବାପଘର ସବୁ ଜାଣିଲା ପରେ ବି ଝିଅଟିକୁ ନେଇ ଶାଶୁଘରେ ବୁଝାଶୁଝା କରି ପୁଣି ଛାଡିଦେଇ ଆସୁଥିଲେ।



ଏଭଳି ପରିସ୍ଥିତିର ଯେ ଦିନେ ପରିବର୍ତ୍ତନ ଘଟିବ ଏହା ଅନୁମାନ କରାଯାଉଥିଲା ଏବଂ ତାହା ହିଁ ଏବେ ଘଟୁଛି। ସେଥିରେ ସହାୟତା କରୁଛି ପ୍ରଚଳିତ ଆଇନ। ବାଲ୍ୟ ବିବାହ ଉଚ୍ଛେଦ, ବିଧବା ବିବାହ ପ୍ରଚଳନ ଛଡା ହିନ୍ଦୁ ବିବାହ ଓ ବିଚ୍ଛେଦ ଆଇନ (୧୯୫୫) ଆବଶ୍ୟକ ସ୍ଥଳେ ବିବାହ ବିଚ୍ଛେଦ ପାଇଁ ସୁଯୋଗ ଯୋଗାଇ ଦେଉଥିବା ବେଳେ ଯୌତୁକ ନିରୋଧ ଆଇନ ୧୯୬୧ ଖୁବ୍ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟବସ୍ଥା କରିଛି L ଝିଅଙ୍କ ପାଇଁ ଉତ୍ତରାଧିକାର ଆଇନ ୨୦୦୫ ସେମାନଙ୍କୁ ବାପଘର ସମ୍ପତ୍ତି ଉପରେ ଅଧିକାର ପ୍ରଦାନ କରୁଥିବା ବେଳେ ମହିଳା ସଶକ୍ତୀକରଣ ଯୋଜନା ସେମାନଙ୍କୁ ସ୍ୱାବଲମ୍ବୀ କରୁଛି। ଏହିପରି ଅନେକ ଆଇନ ପ୍ରବର୍ତ୍ତନ କରାଯାଉଛି ଯାହା ସମାଜରେ ମହିଳାଙ୍କୁ ଏକ ସମ୍ମାନନୀୟ ସ୍ଥାନ ଦେଉଛି। ଫଳରେ ଶାଶୁଘରର ଆଭିମୁଖ୍ୟ ବି ବଦଳି ଗଲାଣି। ଯାହା ସମାଜ ନିଜେ କରିବା କଥା ତାହା ସରକାର କରୁଛନ୍ତି। ସେଥିରେ ଯଥା ସମ୍ଭବ ସହଯୋଗ କରିବା ଆଜିର ଆବଶ୍ୟକତା।

ଶାସ୍ତ୍ରୀ ନଗର, ଭୁବନେଶ୍ୱର
ମୋ: ୯୪୩୮୬୭୩୮୯୮

## ଏଇ ଭାରତରେ

ମହାରାଷ୍ଟ୍ର ବିଦର୍ଭ ଅଞ୍ଚଳ ଅତ୍ୟନ୍ତ ମରୁଡ଼ିପ୍ରବଣ। ଏହି ଅଞ୍ଚଳରେ କୃଷି କ୍ଷତିଗ୍ରସ୍ତ ହେଉଥିବାରୁ କୃଷକ ଆତ୍ମହତ୍ୟା ହାର ଅଧିକ। ତେବେ ନିଜ ଗାଁ ଓ ତା' ଆଖପାଖର ୬ଟି ଗାଁରେ ଜଳାଭାବ ଦୂର କରି କୃଷିକୁ ସହଜ କରିପାରିଛନ୍ତି ଅମୋଲ ଲାଙ୍ଗୋଟେ। ଅମୋଲ ରୁହନ୍ତି ଥୁଗାଁ ପିମ୍ପ୍ରିରେ। ଏହି ଗାଁର ଲୋକସଂଖ୍ୟା ୩,୦୦୦ ପାଖାପାଖି। ଗାଁ କଡ଼ ଦେଇ ପୂର୍ଣ୍ଣ ନଦୀ ପ୍ରବାହିତ। ବର୍ଷାଦିନକୁ ଛାଡ଼ିଦେଲେ ବର୍ଷର ଅନ୍ୟ ସମୟରେ ନଦୀରେ ଜଳ ପ୍ରବାହ ନ ଥାଏ। ଜଳାଭାବ ଯୋଗୁ ୨୦୧୮-୧୯ରେ, ବିଦର୍ଭର ଅମରାବତୀ ଜିଲା ଗମ୍ଭୀର ମରୁଡ଼ିକୁ ସାମ୍ନା କରିଥିଲା। ଏଥିରେ ଅମୋଲଙ୍କ ଲେମ୍ବୁଚାଷ ସମେତ ଅନେକ କୃଷକଙ୍କ ଫସଲ କ୍ଷତିଗ୍ରସ୍ତ ହୋଇଥିଲା। ଏପରି କି ଲୋକଙ୍କୁ ପାନୀୟ ଜଳ ପାଇଁ ଟ୍ୟାଙ୍କର ଉପରେ ନିର୍ଭର କରିବାକୁ ପଡ଼ିଥିଲା। କାରଣ ଭୂତଳ ଜଳ ସ୍ତର ବହୁ ଗଭୀରକୁ ଚାଲିଯାଇଥିଲା। ତେବେ କଳାରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଅମୋଲ ତାଙ୍କ ଗାଁ ଲୋକଙ୍କୁ ଏକାଠି କରି ପୂର୍ଣ୍ଣ ନଦୀରେ ବାଲି ଓ ପଥରରେ ଏକ ଚେକ୍‌ଡ୍ୟାମ କରିଥିଲେ। ୨୦୧୯ରେ ତାଙ୍କ ନେତୃତ୍ୱରେ ପ୍ରାୟ ୩୦ଟି ଗାଁର ଲୋକେ ଏକାଠି ହୋଇ ଅଧିକ ଚେକ୍‌ଡ୍ୟାମ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ଗ୍ରାମବାସୀ ପ୍ରତ୍ୟେକ ୫୦୦ରୁ ୨୦୦୦ ଟଙ୍କା ଦାନ ଦେଇ ୬ଟି ଚେକ୍‌ଡ୍ୟାମ ନିର୍ମାଣ କରିପାରିଛନ୍ତି। ଏବେ ଚାଷ ଭଲ ହେଉଛି, ପାନୀୟ ଜଳ ସଙ୍କଟ ଟଳିଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ଜାନୁଆରୀ ୧୯୭୭

- ମହାରାଷ୍ଟ୍ର ପ୍ରଦେଶ କଂଗ୍ରେସ କମିଟି ସହିତ ମିଶିଯିବା ପାଇଁ ବମ୍ବେ ପ୍ରଦେଶ କଂଗ୍ରେସ କମିଟିରେ ଏକ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ ହୋଇଛି।
- ସମୁଦ୍ର ଭିତରେ ଭାରତର ଅର୍ଥନୈତିକ ଜୋନ ସମୁଦ୍ରକୂଳରୁ ୨ ଶହ ମାଇଲବ୍ୟାପୀ ଭିତରକୁ ରହିବ ବୋଲି ଭାରତ ପକ୍ଷରୁ ଘୋଷଣା କରାଯାଇଛି।

## ଚିରନ୍ତନୀ

ଚଇତ୍ର ମଧ୍ୟାହ୍ନ ବେଳ
ଢାଳେ ଖର ତାପ,
ଜୀବନର ଦୀନତାରେ
ବଢ଼େ ମୋର ପାପ।
-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 8 | | |
| | | | | 7 | 4 | | | 3 |
| | 3 | | | | | | 1 | 6 |
| 5 | | 7 | | 3 | | | 4 | |
| | 9 | | 8 | 2 | | | | |
| | | 2 | | | | | 6 | |
| | | | 9 | | 1 | | 3 | |
| | | 1 | 3 | | | 2 | | |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 9 | 4 | 5 | 1 | 3 | 8 | 2 |
| 4 | 2 | 1 | 8 | 6 | 3 | 7 | 5 | 9 |
| 3 | 5 | 8 | 2 | 7 | 9 | 6 | 4 | 1 |
| 1 | 3 | 2 | 5 | 9 | 7 | 4 | 6 | 8 |
| 5 | 4 | 7 | 6 | 8 | 2 | 9 | 1 | 3 |
| 9 | 8 | 6 | 3 | 1 | 4 | 5 | 2 | 7 |
| 2 | 1 | 5 | 7 | 3 | 6 | 8 | 9 | 4 |
| 6 | 7 | 4 | 9 | 2 | 8 | 1 | 3 | 5 |
| 8 | 9 | 3 | 1 | 4 | 5 | 2 | 7 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ତିଥି ସହ ତାରିଖର ତାଳମେଳ ରହୁନାହିଁ

ମହାଶୟ,

କଥାରେ ଅଛି ଅତିଥି ତିଥି ଦେଖିକି ଆସନ୍ତି ନାହିଁ। ସୌର ତିଥି ସଂକ୍ରାନ୍ତିରୁ ଓ ଚାନ୍ଦ୍ର ତିଥି ପୂର୍ଣ୍ଣମୀ ଅନୁଯାୟୀ ଗଣନା କରାଯାଇଥାଏ। ସଂପ୍ରତି ବର୍ଷର ତିଥି ସହ ତାରିଖଗୁଡ଼ିକର ତାଳମେଳ ରହୁନାହିଁ। ଏକଦା ଜାତୀୟ ଦିବସ କହିଲେ ସ୍ୱାଧୀନତା ଦିବସ, ଗାନ୍ଧୀ ଜୟନ୍ତୀ, ଗଣତନ୍ତ୍ର ବା ଜନରାଜ୍ୟ ଦିବସ ପାଳନ କରାଯାଉଥିଲା। ଆଜିକାଲି ଜାତୀୟ ଦିବସ ସଂଖ୍ୟା ବଢ଼ିବଢ଼ି ଚାଲିଛି। ବିଶ୍ୱ ଦିବସ, ଜାତୀୟ ଦିବସ, ରାଜ୍ୟ ଦିବସ ନିମନ୍ତେ ତାରିଖ ଅଭାବ ପଡୁଛି। ଗୋଟିଏ ଗୋଟିଏ ତାରିଖରେ ୨/୩ଟି ସ୍ମରଣୀୟ ଦିବସ ରହୁଛି। ସମସ୍ତ ଦିବସକୁ ପାଳନ କରିବାକୁ ହିଁ ହେବ। ଚଳିତବର୍ଷ ଜାନୁଆରୀ ୨୩ ତାରିଖ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ସହ ବୀର ସୁରେନ୍ଦ୍ର ସାଏ ଓ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଏକାସାଙ୍ଗରେ ପାଳନ ହେବ। ସୁଭାଷ ବୋଷ କଟକରେ ବସନ୍ତ ରୋଗ ଦୂର କରିବା ନିମନ୍ତେ ପଦଯାତ୍ରା କରି ନିଜ କୈଶୋର କାଳରେ ହିଁ ଲୋକଙ୍କ ନିକଟରୁ 'ବସନ୍ତ ବ୍ୟାଘ୍ର' ପଦବୀ ଲାଭ କରିଥିଲେ। ସଂପ୍ରତି 'ସ୍ମଲ୍ ପକ୍ସ'ର ବିଲୋପ ଘଟିଛି। ରହିଛି ଚିକେନପକ୍ସ। ସେହିପରି ଶ୍ରୀପଞ୍ଚମୀ ବସନ୍ତ ଋତୁରେ ପାଳନ କରାଯାଉଥିବାରୁ ଏହା ଏପରି ନାମିତ। ଶିଶୁଙ୍କ ଖଡ଼ିଛୁଆଁ ପର୍ବ। ଇଂରାଜୀ ତାରିଖ ଓ ଆମ ପାଞ୍ଜିର ତିଥି କେବେ ସମାନ ହୋଇନପାରେ। ସେ ଯାହା ହେଉ, ପର୍ବ ପର୍ବାଣି ଉତ୍ସବ ପାଳନ କରିବା ଆମର ବିଶେଷ କର୍ତ୍ତବ୍ୟ ହେବା ଉଚିତ୍।

-ପ୍ରତାପ ଚନ୍ଦ୍ର ପାଢ଼ୀ, ନିଗମ ନଗର, ଆଙ୍କୋଲି, ବ୍ରହ୍ମପୁର, ଗଞ୍ଜାମ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମା', ଦୁଇ ଝିଅଙ୍କ ଗଳା କାଟି ହତ୍ୟା ଉଦ୍ୟମ

ଦିଗପହଣ୍ଡି,୧୮।୧(ଅଶେଷ ନାଥ ମିଶ୍ର)

**ଦିଗପହଣ୍ଡି ରେ ଚାଞ୍ଚଲ୍ୟ**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ପଞ୍ଚାୟତ କାଣ୍ଡେଶର ଗ୍ରାମ ଇନ୍ଦିରା ଆବାସ କଲୋନୀରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ପରିବାରର ଜଣେ ମହିଳାଙ୍କ ସମେତ ତାଙ୍କ ୨ ଝିଅଙ୍କ ଗଳା କାଟି ହତ୍ୟା ଉଦ୍ୟମ କରାଯାଇଛି। ସେମାନେ ହେଲେ କୁମାରୀ ସେଠୀ (୪୮) ଏବଂ ତାଙ୍କ ଦୁଇ ଅବିବାହିତ ଝିଅ ସବିତା (୩୨)ଓ ଝିଲି (୨୪)। ଶନିବାର ରାତି ୧୧ଟାରେ ଏପରି ଘଟଣା ଘଟିଛି। ଖବରପାଇ ପୋଲିସ ପହଞ୍ଚି ଗୁରୁତର ଥିବା ସମସ୍ତ ୩ଜଣଙ୍କୁ ଡାକ୍ତରଖାନା ପଠାଇଥିଲା। ପୋଲିସ ବିଭିନ୍ନ ସ୍ଥାନ ତଲାସ କରି ଅଭିଯୁକ୍ତ ସାନତୁମୁଳା ଗ୍ରାମର ବାଳକୃଷ୍ଣ ପାତ୍ରଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ପୂର୍ବ ଘଟଣାର ପ୍ରତିଶୋଧ ନେବାକୁ ଯାଇ ବାଳକୃଷ୍ଣ ଏପରି ଘଟାଇଥିବା ପୋଲିସ କହିଛି। ଇନ୍ଦିରା ଆବାସ କଲୋନୀରେ ସ୍ୱର୍ଗତ ପାଣ ସେଠୀଙ୍କ ସ୍ତ୍ରୀ କୁମାରୀ ତାଙ୍କ ଦୁଇ ଝିଅଙ୍କ ସହ ରହୁଛନ୍ତି। ଶନିବାର ରାତିରେ ଖାଇସାରିବା ପରେ ସମସ୍ତେ ଶୋଇଥିଲେ। ରାତି ୧୧ଟା ବେଳକୁ କେତେଜଣ ଆସି ତାଙ୍କ ଘରର କବାଟ ବାଡ଼ାଇଥିଲେ। କୁମାରୀ କବାଟ ଖୋଲିଦେବାକୁ ଜଣେ ଘର ଭିତରେ ପଶି ଅତର୍କିତ ଭାବେ ଏକ ଧାରୁଆ ଛୁରିରେ ତାଙ୍କ ଗଳାକୁ କାଟିଦେଇଥିଲେ। ଦୁଇ ଝିଅ ନିଦରୁ ଉଠି ମା'ଙ୍କୁ ଉଦ୍ଧାର କରିବା ବେଳେ ଦୁର୍ବୃତ୍ତଜଣକ ସେ ଦୁହିଁଙ୍କ ଗଳାକୁ ମଧ୍ୟ ଛୁରିରେ କାଟି ବାଇକ୍ ଯୋଗେ ଫେରାର ହୋଇଯାଇଥିଲେ। ମା' ଓ ଦୁଇ ଝିଅଙ୍କ ଚିତ୍କାର ଶୁଣି ପଡୋଶୀମାନେ ଆସି ସେମାନଙ୍କୁ ଉଦ୍ଧାର କରିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଆହତ ମା'ଝିଅ ୩ଜଣଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଝିଲିଙ୍କ ଅବସ୍ଥା ଆହୁରି ବିଗିଡ଼ିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଅତକଥିବା ବାଳକୃଷ୍ଣ ନିୟମିତ ବ୍ୟବଧାନରେ ରାତି ଅଧରେ କୁମାରୀଙ୍କ ଘରକୁ ଯାଇ କବାଟ ବାଡ଼ାଇ ତାଙ୍କୁ ହଇରାଣ କରୁଥିଲେ। କିଛିଦିନ ତଳେ କୁମାରୀଙ୍କ ସାନଝିଅ ଝିଲି ବାଳକୃଷ୍ଣଙ୍କ ଘରକୁ ଯାଇ ଏହାର ପ୍ରତିବାଦ କରିବା ସହ ତାଙ୍କୁ ଗାଁ ଲୋକଙ୍କ ଆଗରେ ଅପମାନ କରି ଗାଳି କରିଥିଲେ। ଏହାର ପ୍ରତିଶୋଧ ନେବାକୁ ବାଳକୃଷ୍ଣ ଏହି କାଣ୍ଡ ଘଟାଇଥିବା ପୋଲିସ ଜାଣିବାକୁ ପାଇଛି। ପୋଲିସ ତାଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ରକ୍ତଲଗା ଛୁରି ଜବତ କରିଛି। ମା' କୁମାରୀଙ୍କ ଏତଲାକ୍ରମେ ପୋଲିସ କେ.ନଂ.୨୬/୨୬ରେ ଏକ ମାମଲା ରୁଜୁ କରିଛି। ସୋମବାର ବାଳକୃଷ୍ଣଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍ପି ପ୍ରଶାନ୍ତ ପାତ୍ର କହିଛନ୍ତି।

# ବ୍ୟବସାୟୀ ନିଖୋଜ: ୭ ବର୍ଷ ପରେ ପ୍ରେମିକାଙ୍କୁ ଜେରା

ଭୁବନେଶ୍ୱର,୧୮।୧(ତ୍ରିନାଥ ମହାନ୍ତି)

**ପ୍ରେମ ସମ୍ପର୍କରେ ଫାଟକୁ ନେଇ ହତ୍ୟା ସନ୍ଦେହ**

୭ବର୍ଷ ତଳେ ଚନ୍ଦକା ଥାନା ଅଞ୍ଚଳରୁ ନିଖୋଜ ବ୍ୟବସାୟୀ ବଳରାମ ସାହାଣିଙ୍କର ଏଯାଏ ପତ୍ତା ମିଳିନି। ହେଲେ ଏହି ମାମଲାରେ ୫ଦିନ ତଳେ ବ୍ରହ୍ମପୁରରୁ ଗିରଫ ହୋଇଥିବା ତାଙ୍କ ପ୍ରେମିକା ରଶ୍ମିତା ସ୍ୱାଇଁଙ୍କୁ ଚନ୍ଦକା ଥାନା ପୋଲିସ ଗିରଫ କରିବା ପରେ ଘଟଣାର ରହସ୍ୟ ପର୍ଦ୍ଦାଫାଶ ପାଇଁ ଉଦ୍ୟମ ଆରମ୍ଭ କରିଛି। କୋର୍ଟଙ୍କ ଅନୁମତି ପରେ ପୋଲିସ ପ୍ରେମିକା ରଶ୍ମିତାଙ୍କୁ ଝାରପଡ଼ା ଜେଲରୁ ଆଣି ଜେରା କରୁଛି। ସ୍ପେଶାଲ ସ୍କ୍ୱାଡ୍ ଏବଂ ଚନ୍ଦକା ଥାନା ଅଧିକାରୀ ପଚରାଉଚରା କରୁଛନ୍ତି। ପୋଲିସ ଅପହୃତ ବ୍ୟବସାୟୀ ବଳରାମଙ୍କ ପରିବାର ଲୋକ ଏବଂ ସାଙ୍ଗ ସାଥୀଙ୍କ ବୟାନ ନେବା ପରେ ରଶ୍ମିତାଙ୍କ ଉପରେ ସନ୍ଦେହ ଦୃଢ଼ୀଭୂତ ହୋଇଛି। ଘଟଣା ପୂର୍ବରୁ ପ୍ରାୟ ପ୍ରତିଦିନ ରାତିରେ ଉଭୟ ଘଣ୍ଟାଘଣ୍ଟା ଫୋନ୍ କଲ୍‌ରେ କଥା ହେଉଥିବା ଜଣାପଡ଼ିଛି। ହେଲେ ଅପହରଣ ଦିନ ଅବେ କଥା ନ ହେବା ଘଟଣାକୁ ପୋଲିସ ଗୁରୁତ୍ୱର ସହ ନେଇ ଛାନ୍ଭିନ୍ କରୁଛି।

୨୦୧୯ ମସିହାରେ ଭୁବନେଶ୍ୱର ଡେଲ୍ଟା ଛକରେ ରହୁଥିବା ଗଞ୍ଜାମର ରଶ୍ମିତା ଓ ଚନ୍ଦକାସ୍ଥିତ ଏସ୍‌ଓଜି କଲୋନୀରେ ରହୁଥିବା କେନ୍ଦ୍ରାପଡ଼ାର ବଳାରାମ ସାହାଣୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଉଭୟ ପରସ୍ପର ଘରକୁ ଯିବା ଆସିବା କରୁଥିଲେ। ବଳରାମ ବିବାହିତ ହୋଇଥିଲେ ମଧ୍ୟ ଅଧିକାଂଶ ସମୟରେ ସେ ଯୁବତୀଙ୍କ ପାଖରେ ରହୁଥିଲେ। ହେଲେ କିଛିଦିନ ପରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ତିକ୍ତତା ବଢ଼ିଥିଲା। ହଠାତ୍ ଦିନେ ବଳାରାମଙ୍କୁ ଦେଖା କରିବା ପାଇଁ ରଶ୍ମିତା ଡାକିଥିଲେ। ହେଲେ ଏହା ପରଠୁ ବଳାରାମଙ୍କର ଆଉ ପତ୍ତା ମିଳି ନ ଥିଲା। ଫୋନ୍ ଲାଗି ନ ଥିଲା କି ସେ କୌଣସି ସାଙ୍ଗସାଥୀଙ୍କ ସହ ଯୋଗାଯୋଗ କରି ନ ଥିଲେ। ବଳାରାମଙ୍କ ପରିବାର ଲୋକେ ରଶ୍ମିତାଙ୍କୁ ଏନେଇ ପଚାରିଥିଲେ ମଧ୍ୟ ସେ ତାଙ୍କ ବିଷୟରେ ଜାଣି ନ ଥିବା କହିଥିଲେ। ହେଲେ ବଳରାମଙ୍କ ନିଖୋଜ ଖବର ଶୁଣି ସେ ସେପରି ବ୍ୟଥିତ ନ ହେବାରୁ ପରିବାର ଲୋକଙ୍କର ତାଙ୍କ ଉପରେ ସନ୍ଦେହ ହୋଇଥିଲା। ରଶ୍ମିତା ପ୍ରେମ ବ୍ୟାପାରକୁ ନେଇ ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ଆଣି ପରିବାର ଲୋକେ ଚନ୍ଦକା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ରଶ୍ମିତାଙ୍କ ଫୋନ୍ ଟ୍ରାକ୍ କରି ୫ଦିନ ତଳେ ଗଞ୍ଜାମରୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ପରେ ତାଙ୍କୁ ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯାଇଥିଲା। ବ୍ୟବସାୟୀ ବଳରାମ କୁଆଡେ ଗଲେ ତାହାର ରହସ୍ୟ ଖୋଲିବା ପାଇଁ ରଶ୍ମିତାଙ୍କୁ ପୋଲିସ ପଚରାଉଚରା କରୁଛି। ସହଯୋଗୀଙ୍କ ସହ ସେ ବଳରାମଙ୍କୁ ଅପହରଣ କରିନେଇ ଗଞ୍ଜାମରେ ହତ୍ୟା କରିବା ପରେ ମୃତଦେହକୁ ନଷ୍ଟ କରି ଦେଇଥିବା ପୋଲିସ ସନ୍ଦେହ କରୁଛି। ତେଣୁ ରଶ୍ମିତାଙ୍କ ବୟାନରେ ସନ୍ଦେହ ହେଲେ ତାଙ୍କର ମିଛ ଧରା ପରୀକ୍ଷା କରାଯିବ ବୋଲି ପୋଲିସ କହିଛି।

# ଜବରଦସ୍ତି ନେଇଯାଉଥିଲେ ବାଲିଘାଟ ଲାଇସେନ୍ସ

**ଜବତ ହେଲା ୨.୬୩ କୋଟି ଟଙ୍କା, ୧୦ ଗାଡ଼ି**

ଭୁବନେଶ୍ୱର,୧୮।୧(ସତ୍ୟଜିତ ରାଉତ)

ଗଞ୍ଜାମ ଜିଲାର ବିଜେଡି ନେତାଙ୍କ ସମେତ ବହୁ ଠିକାଦାର, ମଦ ଓ ବାଲି ମାଫିଆଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଚଢ଼ାଉ କରିବାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଲାଗି ରହିଛି। ଗଞ୍ଜାମ ଜିଲାର ବିଭିନ୍ନ ନଦୀ ବାଲିଘାଟର ଲିଜ୍‌ଧାରୀଙ୍କୁ ଏହି ମାଫିଆମାନେ ଟାର୍ଗେଟ କରୁଥିଲେ। ବାହୁବଳ ଯୋଗୁ ଜବରଦସ୍ତି ଲିଜ୍‌ଧାରୀଙ୍କଠାରୁ ଲାଇସେନ୍ସ ନେଇଯାଉଥିଲେ ବୋଲି ଇଡି ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ଏହି ଚଢ଼ାଉ ବେଳେ ୨ କୋଟି ୬୩ ଲକ୍ଷ ଟଙ୍କା ସମେତ ୧୦ଟି ଚାରିଚକିଆ ଯାନ ଜବତ କରାଯାଇଥିବା ଇଡି ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ଶୁକ୍ରବାର ଠାରୁ ଗଞ୍ଜାମର ୨୫ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ାଉ କରିଥିଲା। ଜବତ ଗାଡ଼ି ମଧ୍ୟରୁ ୨ଟି କାର୍ ମାଷ୍ଟରମାଇଣ୍ଡ୍ କୃପାସିନ୍ଧୁ ମୁଦୁଲିଙ୍କର। ଅନ୍ୟ ୮ଟି ଗାଡ଼ି ବେନାମୀ ବୋଲି ଇଡି ପକ୍ଷରୁ କୁହାଯାଇଛି। ଏପରି କି ଅଭିଯୁକ୍ତମାନେ କେବଳ ବେଆଇନ ଭାବେ ନଗଦ ଟଙ୍କା କାରବାର କରୁଥିଲେ, ଯଦ୍ୱାରା ରାଜ୍ୟ ସରକାର ପ୍ରବଳ ରାଜସ୍ୱ କ୍ଷତି ସହୁଥିଲେ। ବହୁବର୍ଷ ଧରି ଗଞ୍ଜାମ ଜିଲାର ଏହି ବାଲି ବ୍ୟବସାୟୀମାନେ ବେଆଇନ ବାଲିଘାଟ ଚଲାଇ ଅପରାଧ କାର୍ଯ୍ୟ ସହ ଟଙ୍କା କାରବାର ଚଳାଇଥିଲେ। ଋଷିକୁଲ୍ୟା, ବାହୁଦା, ବଡ଼ ନଦୀରୁ ବେଆଇନ ଭାବେ ବାଲି ଉଠାଇ ଆନ୍ଧ୍ରପ୍ରଦେଶକୁ ଚାଲାଣ କରୁଥିଲେ। ଏନେଇ ସିଏଜି ରିପୋର୍ଟରେ ଜଣାପଡ଼ିବା ପରେ ଇଡି ପ୍ରାଥମିକ ତଦନ୍ତ କରି ଚଢ଼ାଉ କରିଥିଲା। ଏହି ମାମଲାରେ ଅଧିକ ତଦନ୍ତ ଚାଲୁରହିଥିବା ଇଡି ପକ୍ଷରୁ ସୂଚନା ଦିଆଯାଇଛି।



ଜବତ କାର୍।

# ବିଧବା ମହିଳାଙ୍କୁ ବଳାତ୍କାର

ଗୋପାଳପୁର,୧୮।୧(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ବିଧବା ମହିଳାଙ୍କୁ ବଳାତ୍କାର କରାଯାଇଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ଖବର ଅନୁସାରେ, ମହିଳା ଜଣକ ଘରେ ଏକୁଟିଆ ରହୁଥିଲେ। ସେହି ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ବି.ଆପା ରାଓ ଗତ ୨ ମାସ ହେଲା ତାଙ୍କୁ ପିଛା କରି ବିଭିନ୍ନ ସମୟରେ ଶାରୀରିକ ସମ୍ପର୍କ ରଖିବା ପାଇଁ ତାଙ୍କୁ ବାଧ୍ୟ କରୁଥିଲେ। ୮ ତାରିଖ ସକାଳେ ମହିଳା ଜଣକ ଗ୍ରାମ ନିକଟସ୍ଥ କିଆ ବାଡ଼ ଯାଇଥିଲେ। କିଆ ଫୁଲ ତୋଳୁଥିବା ସମୟରେ ଆପା ରାଓ ସେଠାରେ ପହଞ୍ଚି ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାକୁ ନ କହିବା ପାଇଁ ଧମକ ଦେଇଥିଲେ। ଭୟରେ ମହିଳା ଜଣକ କାହାରିକୁ କହି ନ ଥିଲେ। ପୁଣି ଗତ ୧୬ ତାରିଖ ରାତି ପ୍ରାୟ ୯ ଟା ବେଳେ ମହିଳାଙ୍କ ଘର ପଛପଟୁ ଆପା ରାଓ ପଶି ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିବା ବେଳେ ମହିଳା ଜଣକ ବିରୋଧ କରିଥିଲେ। ଆପା ରାଓ ଗାଳିକରି ଧମକ ଦେଇଥିଲେ। ଏନେଇ ଗୋଳନ୍ଥରା ଥାନାରେ ମହିଳା ଜଣକ ଅଭିଯୋଗ କରିଥିଲେ। ଖବର ଲେଖା ହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇ ନ ଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ହିର୍ଲି ଗ୍ରାମରୁ କଟାପାଦ, ନଦୀ ପାର୍ଶ୍ୱରୁ ମଣିଷ ଖପୁରି, ହାଡ଼ ଜବତ

ପାଟଣାଗଡ଼,୧୮।୧ (ସଚ୍ଚିଦାନନ୍ଦ ମହାକୁର)

**ସନ୍ଦେହଘେରରେ ନାବାଳକ ଅପହରଣ ଘଟଣା**

ବଲାଙ୍ଗୀର ଜିଲା ଲରମ୍ଭା ଥାନା ଅଧୀନ ହିର୍ଲି ଗ୍ରାମରୁ ରବିବାର ସକାଳେ ଜଣେ ନାବାଳକଙ୍କ କଟାପାଦ ଏବଂ ନିକଟସ୍ଥ ସୁକ୍‌ତେଲ ନଦୀ ହିର୍ଲି ବ୍ରିଜ୍ ତଳୁ ଏକ ଖପୁରି ଓ କିଛି ହାଡ଼ ପୋଲିସ ଜବତ କରିଛି। ଉକ୍ତ ଖପୁରି ଓ ହାଡ଼ ପଡ଼ିଥିବା ସ୍ଥାନଠାରୁ କିଛି ଦୂରରେ ନୀଳରଙ୍ଗର ଏକ ଫୁଲ୍‌ପ୍ୟାଣ୍ଟ ପଡ଼ିଥିବା ଦେଖିବାକୁ ମିଳିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗତ ୨ ତାରିଖରେ ସୁକ୍‌ତେଲ ବ୍ରିଜ୍ ଉପରୁ ଲରମ୍ଭା ଥାନା ଅଧୀନ କାଦୋପାଣି ଗ୍ରାମର ଘନଶ୍ୟାମ ବରିହା(୧୨)ଙ୍କୁ ଅପହରଣ କରାଯାଇଥିଲା। ଏନେଇ ତାଙ୍କ ବାପା ସମାରୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ହେଲେ ଏପର୍ଯ୍ୟନ୍ତ ଘନଶ୍ୟାମଙ୍କ ପତ୍ତା ମିଳିପାରିନାହିଁ। ଗୋଟିଏ ପଟେ ଘନଶ୍ୟାମଙ୍କ ପତ୍ତା ନ ମିଳିବା ଏବଂ ଅନ୍ୟପଟେ ହିର୍ଲି ଗ୍ରାମରୁ କଟାପାଦ ଓ ନଦୀକୂଳରୁ ଖପୁରି, ହାଡ଼ ମିଳିବା ଘଟଣା ପ୍ରସଙ୍ଗକୁ ରହସ୍ୟାବୃତ କରିଛି।

ସୂଚନା ଅନୁଯାୟୀ, ରବିବାର ସକାଳ ପ୍ରାୟ ସାଢେ ୬ଟାରେ ହିର୍ଲି ଗ୍ରାମରେ ଏକ କଟାପାଦକୁ ୩ଟି କୁକୁର ଟଣାଓଟରା କରି ଖାଉଥିବା ସ୍ଥାନୀୟ ଜଣେ ମହିଳା ଦେଖିଥିଲେ। ଏ ସମ୍ପର୍କରେ ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲା। କିଛି ସମୟରେ ସୁକ୍‌ତେଲ ନଦୀ ହିର୍ଲି ବ୍ରିଜ୍ ତଳୁ ଏକ ଖପୁରି ଓ କିଛି ହାଡ଼ ମଧ୍ୟ ପୋଲିସ ଜବତ କରିଛି। ଉକ୍ତ କଟାପାଦକୁ ନେଇ ଘନଶ୍ୟାମଙ୍କ ମା'ବାପା ଦ୍ୱନ୍ଦ୍ୱରେ ପଡିଥିବାବେଳେ ପ୍ୟାଣ୍ଟ ଆମ ପୁଅର ନୁହେଁ ବୋଲି କହିଥିଲେ। ସେହିପରି ଖପୁରି ଓ ହାଡ଼ ବିଷୟରେ ସେମାନେ କିଛି କହିପାରି ନ ଥିଲେ। ତେବେ ଘଟଣାର ତଦନ୍ତ ଜାରି ରହିଥିବାବେଳେ ଏ ସମ୍ପର୍କରେ ପୋଲିସ ପ୍ରତିକ୍ରିୟା ଦେବା ପାଇଁ ଅନିଚ୍ଛା ପ୍ରକାଶ କରିଛି। ଅପରପକ୍ଷେ ଘନଶ୍ୟାମ ଅପହରଣ ଘଟଣାକୁ ୧୬ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ତାଙ୍କୁ ଉଦ୍ଧାର କରିପାରି ନାହିଁ କି ଅପହରଣକାରୀଙ୍କୁ ଗିରଫ କରିପାରିନାହିଁ। ତେବେ ପୋଲିସର କାର୍ଯ୍ୟଦକ୍ଷତା ଉପରେ ଘନଶ୍ୟାମଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ ରାଜ୍ୟ ସରକାର ଏଦିଗରେ ଦୃଷ୍ଟିଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ସେମାନେ ଦାବିକରିଛନ୍ତି।


**OFFICE OF THE REGULATED MARKET COMMITTEE, CHANDBALI**

Tender Call Notice No. 28 — Date: 15.01.2026

**INVITATION OF BIDS THROUGH E-PROCUREMENT**

The A.D.M. Bhadrak-cum-Chairman, RMC, Chandbali invite percentage rate bids double cover system (Technical Bid & Price Bid) in online mode for three number of work-construction of various infrastructures different market yard at Simulia, Motto, Aradi Sub Market Yard under R.M.C., Chandbali from the eligible 'B' & 'D' & 'C' Class contractors registered with Govt. of Odisha or equivalent class of Govt. of India/C.P.W.D./Central Undertaking/Railway/M.E.S. The detail bid documents will be available in E-Procurement portal **https://tendersodisha.gov.in** from Dt.19.01.2026 to Dt.03.02.2026 upto 5.00 P.M. The authority reserves the right to reject tenders without assigning any reason thereof.

Sd./- A.D.M. Bhadrak-cum-Chairman, RMC, Chandbali


# ଭୟଭୀତ କରି ଗୁଳି ଫୁଟାଇଲେ ଦୁର୍ବୃତ୍ତ: ୮ ଅଟକ



ଜବତ ଗାଡ଼ି।

ବାରଙ୍ଗ,୧୮।୧(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୂଳିଆ ଛକ ନିକଟ କୁସିନ୍ଦା ଗ୍ରାମରେ ରବିବାର ଚାଲିଥିବା ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଫାଙ୍କା ଗୁଳି ଫୁଟାଇବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୮ଜଣଙ୍କୁ ଥାନାରେ ଅଟକ ରଖିଛି। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ଗାଡ଼ି, ମୋବାଇଲ, ବନ୍ଧୁକ ଓ ଗୁଳି ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

ରବିବାର ଅପରାହ୍ନ ପ୍ରାୟ ୨ଟାରେ ତ୍ରିଶୂଳିଆ ଛକ ପାଖ କୁସିନ୍ଦା ଗ୍ରାମ ନିକଟରେ ଜଣେ ବିଲଡରଙ୍କ ପ୍ରୋଜେକ୍ଟ କାମ ଚାଲୁଥିଲା। ଏହି ସମୟରେ ଏକ କଳାରଙ୍ଗର ଥାର୍ ଗାଡ଼ିରେ କେତେଜଣ ଅଭିଯୁକ୍ତ ସେଠାରେ ପହଞ୍ଚି ଆତଙ୍କ ସୃଷ୍ଟି କରିଥିଲେ। ସେମାନେ ବନ୍ଧୁକ ଦେଖାଇ କାମ କରୁଥିବା ଲୋକମାନଙ୍କୁ ଭୟଭୀତ କରାଇ କାମ ବନ୍ଦ କରିବାକୁ କହିଥିଲେ। ଖବରପାଇ ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଯୁବକମାନଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ପୋଲିସ ହାତରୁ ଖସିଯିବା ପାଇଁ ସେମାନେ ଫାଙ୍କା ଗୁଳି ଫୁଟାଇଥିଲେ। ମାତ୍ର କୌଶଳକ୍ରମେ ପୋଲିସ ୮ଜଣ ସେମାନଙ୍କୁ କାବୁ କରିବାରେ ସକ୍ଷମ ହୋଇଛି।


No. T-129

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା19.01.2026ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-



**GOVERNMENT OF ODISHA**
**DEPARTMENT OF WOMEN AND CHILD DEVELOPMENT**
**MAHILA VIKAS SAMABAYA NIGAM**
Plot No. 483 (pt.), W&CD Complex, Ganganagar, Unit-VI, Bhubaneswar - 751001, Phone No.: 0674-2393822
Email Id: mvsn_bbsr@yahoo.com

**TENDER NOTICE**

Tender No. 63 — Dated: 17.01.26

No. CAD-3054: Sealed tenders in double cover are invited from the interested GST-registered agencies/suppliers through two bid system (Technical and Financial) for supply of **"Water Bottle"** as per the details given below:

| Sl. No. | Name of the Item | Quantity Required |
|---|---|---|
| 1 | Water Bottle | 51796 |

The tender complete in all respects, must reach the Office of the Managing Director, Mahila Vikas Samabaya Nigam (MVSN), W&CD Complex, Plot No. 483 (pt.), Ganganagar, Unit - VI, Bhubaneswar - 751001 on or before 09.02.2026 through Speed Post/Courier only.
The tender document containing general bid information and other terms & conditions can be downloaded from the website from **https://wcd.odisha.gov.in/** from 19.01.2026 to 09.02.2026.
Bids received after the due date and time shall be summarily rejected. The authority reserves the right to accept or reject any or all bids and to cancel the tender process at any stage without assigning any reason thereof.

Sd./- Managing Director
Mahila Vikas Samabaya Nigam (MVSN)
OIPR-



**GOVERNMENT OF ODISHA**
**DEPARTMENT OF WOMEN AND CHILD DEVELOPMENT**
**MAHILA VIKAS SAMABAYA NIGAM**
Plot No. 483 (pt.), W&CD Complex, Ganganagar, Unit-VI, Bhubaneswar - 751001, Phone No.: 0674-2393822
Email Id: mvsn_bbsr@yahoo.com

**TENDER NOTICE**

Tender No. 64 — Dated: 17.01.26

No. CAD-3053: Sealed tenders in double cover are invited from the interested GST-registered agencies/suppliers through two bid system (Technical and Financial) for **"Measurement Bowl & Slotted Spoon"** as per the details given below:

| Sl. No. | Name of the Item | Quantity Required |
|---|---|---|
| 1 | "Measurement Bowl & Slotted Spoon" | 51796 Nos. each |

The tender complete in all respects, must reach the Office of the Managing Director, Mahila Vikas Samabaya Nigam (MVSN), W&CD Complex, Plot No. 483 (pt.), Ganganagar, Unit - VI, Bhubaneswar - 751001 on or before 09.02.2026 through Speed Post/Courier only.
The tender document containing general bid information and other terms & conditions can be downloaded from the website from **https://wcd.odisha.gov.in/** from 19.01.2026 to 09.02.2026.
Bids received after the due date and time shall be summarily rejected. The authority reserves the right to accept or reject any or all bids and to cancel the tender process at any stage without assigning any reason thereof.

Sd./- Managing Director
Mahila Vikas Samabaya Nigam (MVSN)
OIPR-



**GOVERNMENT OF ORISSA** — No. O-2052
**OFFICE OF THE SUPERINTENDING ENGINEER, RURAL WORKS DIVISION, KARANJIA (MAYURBHANJ)**
Letter No. 125 — E.Mail ID: eerwkaranjia@yahoo.com — Date: 13.01.2026

**"e" Procurement Notice for Special Repair to Roads & Bridges and approach road & Periodical Maintenance works for year 2025-26**
**Bid Identification No. - RWDKNJ-15/2025-26**

1. Name of the Work : Road Works (As per Annexure)
2. Estimated Cost : Rs.38.14 to Rs.5.08 Lakhs Approximately (As per Annexure)
3. Class of Contractor : B & C, 'D' & 'C' Class (As per Annexure)
4. Period of Completion : As per Annexure
5. Tender Paper Cost : Paper cost of bid as mentioned in Annexure of Road Works

| Procurement officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date and Time of Opening of Tender in O/o. S.E.R.W. Division, Karanjia Technical & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Karanjia | Road Online RWDKNJ - 15/25-26 | Dt.21.01.2026 at 11.00 A.M. | Dt.28.01.2026 upto 11.00 A.M. | Dt.27.01.2026 upto 1.00 P.M. | Dt.29.01.2026 at 05.00 P.M. |

Further details can be seen from the website **www.tendersodisha.gov.in** .
OIPR- Sd./- Executive Engineer, R.W. Division, Karanjia



**GOVERNMENT OF ODISHA** — No. O-2074
**OFFICE OF THE SUPERINTENDING ENGINEER, RURAL WORKS DIVISION, BHUBANESWAR**
Ph. No.: 0674-2301787, Fax No.: 0674-2300965, E-Mail ID: eerw_bbsr@yahoo.co.in
No. Tender Online BBSR Divn. 34 — Date: 12.01.2026

**e-Procurement NOTICE**

1. Name of the Work : Repair/Maintenance Roads & Construction of Building
2. Total No. of Projects : 25 Nos. of Projects
3. Class of Contractor :
   a) Above Rs.20 lakh and upto 3 Crore : **B Class** (of Odisha PWD) or equivalent class of other licensing authorities
   b) Upto Rs.40.00 lakh : **C Class** (of Odisha PWD) or equivalent class of other licensing authorities
   c) Upto Rs.20.00 lakh : **D Class** (of Odisha PWD) or equivalent class of other licensing authorities
4. Estimated Cost of individual project : Rs.5 lakh to 42 lakhs
5. Time for Completion : As per Annexure of TCN Col No. 5
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online - BBSR Divn. - 34 | 21.01.2026 at 11.00 A.M. | 30.01.2026 upto 5.00 P.M. | 31.01.2026 at 11.00 A.M. |

Further details can be seen from the website **www.tendersorissa.gov.in**.
OIPR- Sd./- Superintending Engineer, Rural Works Divn., BBSR



बैंक ऑफ़ बड़ौदा Bank of Baroda

**ବ୍ୟାଙ୍କ ଅଫ୍ ବରୋଦା**
କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଓଡ଼ିଶା

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**(ପରିଶିଷ୍ଟ-୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮ (୧) ଅନୁସାରେ)**

ନିମ୍ନସ୍ୱାକ୍ଷରକାରୀ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ, ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ନିମ୍ନ ଦର୍ଶିତ ତାରିଖରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ନିମ୍ନଲିଖିତ ଅର୍ଥ ରାଶି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପରିଶୋଧ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ ସିକ୍ୟୁରିଟି (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ଧାରା ୧୩ର ଉପଧାରା (୪) ସହିତ କଥିତ ରୁଲ ୮ ଅନୁସାରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନ ଦର୍ଶିତ ତାରିଖରେ ଦଖଲ କୁ ନେଇଛନ୍ତି। ତେଣୁ ବିଶେଷ କରି ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସେହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର କଲେ ନିମ୍ନରେ ଦିଆଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ପାଇଁ ବ୍ୟାଙ୍କ ଅଫ୍ ବରୋଦା ନିକଟରେ ଉତ୍ତରଦାୟୀ ରହିବେ। ଏତତ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉ ଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ଶାଖା / ଋଣଗ୍ରହୀତା/ ଜାମିନଦାରଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ / ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **ଛତରପୁର ଶାଖା /ଋଣଗ୍ରହୀତା : ଶ୍ରୀମତୀ ସର୍ମିଷ୍ଠା ଆଚାର୍ଯ୍ୟ (ଓରଫ ଶ୍ରୀମତୀ ସର୍ମିଷ୍ଠା ମିଶ୍ର),** ସ୍ୱା: ଶ୍ରୀ ସୁରଞ୍ଜନ ମିଶ୍ର, ଗ୍ରା/ପୋ: ବଡଦାଣ୍ଡ ସାହି, ପୋ: ଖଲିକୋଟ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୩୦ | ଆଇନ୍‌ଗତ ବନ୍ଧକପ୍ରାପ୍ତ ସ୍ଥାବର ସମ୍ପତ୍ତି ର ମାଲିକାନା ଶ୍ରୀମତୀ ସର୍ମିଷ୍ଠା ଆଚାର୍ଯ୍ୟ (ଓରଫ ଶ୍ରୀମତୀ ସର୍ମିଷ୍ଠା ମିଶ୍ର), ସ୍ୱାମୀ: ଶ୍ରୀ ସୁରଞ୍ଜନ ମିଶ୍ର, ଜିଲ୍ଲା: ଗଞ୍ଜାମ, ଥାନା: ରମ୍ଭା, ତହସିଲ: ଖଲ୍ଲିକୋଟ, ମୌଜା: ଫୁଲଝରା, ଖାତା ନଂ. ୭୪/୧୫୩, ପ୍ଲଟ: ୩୭୪/୯୫୬, କ୍ଷେତ୍ର: ଏକର ୦.୦୨୪ ଡ଼ିସିମିଲି, ଚୌହଦି: ପୂର୍ବରେ ରାସ୍ତା, ପଶ୍ଚିମରେ: ବିକ୍ରେତାଙ୍କ ଜମି, ଉତ୍ତରରେ : ବିକ୍ରେତାଙ୍କ ଜମି, ଦକ୍ଷିଣରେ: ସସ୍ମିତା ରାଣୀ ମିଶ୍ରଙ୍କ ଜମି। | ୧୦-୧୨-୨୦୨୪ / ୧୬.୦୧.୨୦୨୬ | ୨୧.୦୯.୨୦୨୫ ସୁଦ୍ଧା ଟ. ୨୮୨୫୭୬୮.୧୭/- (ଅଠାଇଶ ଲକ୍ଷ ପଚିଶ ହଜାର ସାତ ଶହ ଅଠଷଠି ଏବଂ ସତର ପଇସା ମାତ୍ର) + ତତ୍‌ପରବର୍ତ୍ତୀ ସୁଧ ଓ ଅନ୍ୟାନ୍ୟ ଦେୟ |
| **ଗଙ୍ଗ ନଗର ଶାଖା/ ଋଣଗ୍ରହୀତା : ମେସର୍ସ ବ୍ଲୁ ମୁନ୍ ଇଣ୍ଟରନ୍ୟାସନାଲ୍** (ପ୍ରୋପାଇଟର- ଶ୍ରୀମତୀ ସନ୍ଧ୍ୟା ରାଣୀ ଜେନା), ଗ୍ରାମ: ଜେମାଦେବୀ ଉଚ୍ଚ ବିଦ୍ୟାଳୟ ନିକଟ, ତଳ ମହଲ୍ଲା, ପ୍ଲଟ୍ ନଂ.-୪୪୪/୨୮୬୧, ଫେଜ୍-୨, ଲିଙ୍ଗିପୁର, ଭୁବନେଶ୍ୱର-୭୫୧୦୦୨, **ଗ୍ୟାରେଣ୍ଟର୍-ଶ୍ରୀମତୀ ତୁଳସୀ ରାଉତ (ଓରଫ ତୁଳସା ରାଉତ),** ସ୍ୱାମୀ: ବୃନ୍ଦାବନ ରାଉତ, ଗ୍ରା: ଏଗ୍ରିକଲଚର୍ ବ୍ୟାରେକ୍ ବ୍ଲକ, କ୍ୱାଟର ୧୨, ୟୁନିଟ୍-୩, ଖାରବେଳ ନଗର ଭୁବନେଶ୍ୱର-୭୫୧୦୦୧ | ଋଣ ଏବଂ ବନ୍ଧକ ସମ୍ପତ୍ତିର ବିବରଣୀ: ମୌଜା- ସରଦେଇପୁର, ତହସିଲ-ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ହାଲ୍ ଖାତା ନଂ.-୨୫୧/୬୩୩ ତତ୍‌ସମ୍ବନ୍ଧୀୟ ସାବିକ ଖାତା ନଂ.-୨୫୧/୨୭, ହାଲ୍ ପ୍ଲଟ୍ ନଂ-୫୫୧/୧୦୯୩ ତତ୍‌ସମ୍ବନ୍ଧୀୟ ସାବିକ ଖାତା ନଂ.-୫୫୧, ଏରିଆ ୦.୦୪୮ ଡିସିମିଲ, କିସମ - ଘରବାରି, ସହ-ସ୍ଥିତିବାନ ସମ୍ପତ୍ତିର ମାଲିକାନା ତୁଳସୀ ରାଉତ (ଓରଫ ତୁଳସା ରାଉତ), ଚୌହଦି ପ୍ଲଟ ନଂ. ୫୫୧, ଭୁବନେଶ୍ୱର ସିଭିଲ୍ ଜଜ୍, ସିନିୟର ଡିଭିଜନଙ୍କ ସମ୍ମୁଖରେ ଦାୟର ଆପୋଷ ଆବେଦନ ଅନୁଯାୟୀ: ଉତ୍ତର-ପରମାନନ୍ଦ ସାହୁ, ଦକ୍ଷିଣ-ରାସ୍ତା/ସାଧାରଣ ସାମୂହିକପଥ ପୂର୍ବ-କୁଳମଣି ମହାପାତ୍ର, ପଶ୍ଚିମ: ମାଗୁବି ପଣ୍ଡା | ୦୯-୦୫-୨୦୨୫ / ୧୭.୦୧.୨୦୨୬ | ୩୦.୦୪.୨୦୨୫ ସୁଦ୍ଧା ଟ. ୨୪୦୮୪୭୨/- (ଚବିଶ ଲକ୍ଷ ଆଠ ହଜାର ଚାରିଶହ ବାସ୍ତରୀ ମାତ୍ର) + ତତ୍‌ପରବର୍ତ୍ତୀ ସୁଧ ଓ ଅନ୍ୟାନ୍ୟ ଦେୟ |

ତାରିଖ: ୧୯.୦୧.୨୦୨୬
ସ୍ଥାନ:: ଭୁବନେଶ୍ୱର

ସ୍ୱା-କ୍ଷବମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ବରୋଦା

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

## ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିଗମ ଯନ୍ତ୍ରୀ ସଂଘର ବୈଠକ

ରାୟଗଡ଼ା,୧୮।୧(ଆଶିଷ ରଞ୍ଜନ ପଣ୍ଡା)

ଓଡ଼ିଶା ରାଜ୍ୟ ବିଦ୍ୟୁତ ନିଗମ ଯନ୍ତ୍ରୀ ସଂଘର ରାୟଗଡ଼ା ସର୍କଲସ୍ତରୀୟ ବୈଠକ ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସଂଘର ରାଜ୍ୟ ସଭାପତି ଆନନ୍ଦ ମହାପାତ୍ର, ମୁଖ୍ୟବକ୍ତା ଭାବେ ମହାସଚିବ ତ୍ରିଲୋଚନ ମହାନ୍ତି, ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ଟିପିଏସ୍ଓଡିଏଲର ସାଧାରଣ ସମ୍ପାଦକ ରଶ୍ମୀରଞ୍ଜନ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଉପସଭାପତି ସରୋଜ କୁମାର ମିଶ୍ର, କୋଷାଧ୍ୟକ୍ଷ ମହେଶ୍ୱର ସ୍ୱାଇଁ, ସୁଧୀର ଗୌଡ଼, ବରିଷ୍ଠ ସଭ୍ୟ ନାରାୟଣ ନାୟକଙ୍କ ସମେତ ବ୍ରହ୍ମପୁର ସଦର, ବ୍ରହ୍ମପୁର, ଆସିକା, ଭଞ୍ଜନଗର, ଜୟପୁର ଓ ରାୟଗଡ଼ା ବିଦ୍ୟୁତ ମଣ୍ଡଳର ସମସ୍ତ ସାଧାରଣ ସମ୍ପାଦକ ଓ ସଭ୍ୟମାନେ ଯୋଗଦେଇଥିଲେ । ବୈଠକରେ ସଂଘର ସମସ୍ତ ସଦସ୍ୟଙ୍କ ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଏଥିସହିତ ସଂଘର ରାଜ୍ୟ ସଭାପତି ଓ ମହାସଚିବଙ୍କ ମାଧ୍ୟମରେ ଟାଟା ପାୱାର ପରିଚାଳନା କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କୁ ସଂଘର ନ୍ୟାଯ୍ୟ ଦାବି ଉପସ୍ଥାପନା କରାଯାଇଛି। ଏହାବ୍ୟତୀତ ଉନ୍ନତ ଓ ଗୁଣାତ୍ମକ ସେବା ପହଞ୍ଚାଇବା ପାଇଁ ଟାଟା ପାୱାର କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସଂଘ ଦାବି କରିଛି । ବୈଠକ ମାଧ୍ୟମରେ ଉପସ୍ଥାପନା ହୋଇଥିବା ଦାବିଗୁଡ଼ିକ ହେଲା କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ପାଇଁ ସରକାର ଘୋଷଣା କରିଥିବା ୪୦:୬୦ ଅନୁପାତ କ୍ୟାଡ଼ର ନୀତିକୁ ଲାଗୁ କରିବା, ପ୍ରତିଶୋଧମୂଳକ ହୋଇ ପୂର୍ବତନ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା, କନିଷ୍ଠ ଯନ୍ତ୍ରୀଙ୍କୁ ପଦୋନ୍ନତି ନ କରି ଟାଟା ପାୱାର କର୍ତ୍ତୃପକ୍ଷ ସରକାରୀ ନିର୍ଦ୍ଦେଶନାମାକୁ ଉଲ୍ଲଂଘନ ବନ୍ଦ କରିବା । ଯଦି କମ୍ପାନୀ ଓ ସରକାର ଆଗାମୀ ଦିନରେ ସେମାନଙ୍କ ଦାବି ପୂରଣ ନ କରନ୍ତି ତେବେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ବୈଠକକୁ ରାୟଗଡ଼ା ସର୍କଲର ସାଧାରଣ ସମ୍ପାଦକ ମହମ୍ମଦ ରଜିଉଲ୍ଲା, ବାସୁଦେବ ସାହୁ ଓ ଶିବ ପ୍ରସାଦ ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ ।



ବୈଠକରେ ଉପସ୍ଥିତ ସଂଘର ରାଜ୍ୟସ୍ତରୀୟ କର୍ମକର୍ତ୍ତା ।

## ଯୁକ୍ତ ୨ ଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଗୁଣପୁର, ୧୮।୧ (ସଂକେତ ପାତ୍ର)

ଗୁଣପୁର ବ୍ଲକର ଡମ୍ବସରା ଜାତୀୟ ମହାବିଦ୍ୟାଳୟରେ ଯୁକ୍ତ ୨ ଶିକ୍ଷାର୍ଥୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ମହୋତ୍ସବ କଲେଜ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପାଧ୍ୟକ୍ଷ ଶେଷଶାୟୀ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଇଂଲିଶ ବିଭାଗ ଅଧ୍ୟାପକ ସନ୍ତୋଷ ହୋତା, ଶିକ୍ଷା ବିଭାଗ ଅଧ୍ୟାପକ ଡ. ପ୍ରଶାନ୍ତ ହୋତା, କ୍ରୀଡା ଶିକ୍ଷକ ଭାସ୍କର ସାମନ୍ତରାୟ ଉପସ୍ଥିତ ରହି ଶିକ୍ଷାର୍ଥୀଙ୍କ ମାର୍ଗଦର୍ଶନ କରିଥିଲେ। ଆଗାମୀ ପରୀକ୍ଷାରେ କିଭଳି ଭାବେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେବେ ସେ ନେଇ ବୁଝାଇଥିଲେ। ଆଚରଣ ଓ ଉଚ୍ଚାରଣ ମାଧ୍ୟମରେ ହିଁ ନିଜ ଶିକ୍ଷାର ପରିଚୟ ମିଳିଥାଏ ବୋଲି ସେନାପତି ଛାତ୍ରଙ୍କୁ କହିଥିଲେ । ଜୀବନର ସବୁ କ୍ଷେତ୍ରରେ ନିଜ ସାଧନା ଓ ପରିଶ୍ରମ ହିଁ କାମରେ ଆସିଥାଏ ବୋଲି ଭାସ୍କର ସାମନ୍ତରାୟ ନିଜ ଅଭିଭାଷଣରେ ମତ ପୋଷଣ କରିଥିଲେ। ସହଦେବ ମଲ୍ଲୀଫୁଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଦ୍ୱିତୀଚନ୍ଦ୍ର ପାଇଲେ ଧର୍ତ୍ତିରାଣୀ ସମ୍ମାନ

ରାୟଗଡା,୧୮।୧(ଆଶିଷ ରଞ୍ଜନ ପଣ୍ଡା)


ଅତିଥି ଡ. ଦ୍ୱିତୀଚନ୍ଦ୍ର ସାହୁଙ୍କୁ ସମ୍ମାନିତ କରୁଛନ୍ତି।

ରାୟଗଡା ଜିଲା କୋଲନରା ବ୍ଲକ ମାଉଡ଼ିଗୁଡାଠାରେ ସହୀଦ ଲକ୍ଷ୍ମଣ ନାୟକ ଯୁବକ ସଂଘ ପକ୍ଷରୁ ରବିବାର ଧର୍ତ୍ତି ରାଣୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ବ୍ୟାପୀ ଆୟୋଜିତ ଏହି ମହୋତ୍ସବର ପ୍ରଥମ ଦିନରେ ନିକଟସ୍ଥ ନାଗାବଳୀ ନଦୀରୁ ଜଳ ସଂଗ୍ରହ ସହ ମଞ୍ଚରେ କଳସ ସ୍ଥାପନ ହୋଇଥିଲା। ଗ୍ରାମର ଗୁରୁମାଇ ପାରମ୍ପରିକ ଭାବେ ପୂଜାର୍ଚ୍ଚନା କରିଥିଲେ। ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ କୋଲନରା ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା କୁଲେସିକା, ବିଶେଷ ଅତିଥି ଭାବେ ଜନଜାତି ଗବେଷକ ଡ଼ ଦ୍ୱିତୀ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ଦକ୍ଷିଣ ଓଡିଶା ଆଦିବାସୀ ମହାସଂଘର ନାରୀ ନେତ୍ରୀ ମତି ଲକ୍ଷ୍ମୀ ପ୍ରାସ୍କା ଓ ସଂଘର ସାଧାରଣ ସମ୍ପାଦକ ଟିବୁ ସାରକା ଯୋଗଦେଇ ରାୟଗଡା ଜିଲାର ସାମାଜିକ ଓ ସାଂସ୍କୃତିକ ବିକାଶରେ କନ୍ଧ ଜନଜାତିଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ ବୋଲି ଅଭିହିତ କରିଥିଲେ। ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ସାଂସ୍କୃତିକ ଦଳ ଜନଜାତି ନୃତ୍ୟ ପ୍ରଦର୍ଶନ ସହ କୁଇ, ଦେଶିଆ ମେଲୋଡି ଦର୍ଶକଙ୍କ ମନ ମୋହିଥିଲା। ସମସ୍ତ ନୃତ୍ୟ ଦଳ ଓ କଳାକାରଙ୍କୁ ଅତିଥିଙ୍କ ଦ୍ୱାରା ସ୍ମାରକୀ ପ୍ରଦାନପୂର୍ବକ ମଞ୍ଚରେ ସମ୍ମାନିତ କରାଯାଇଥିଲା। ଜନଜାତି ଗବେଷଣା ଓ ପ୍ରକାଶନ ପାଇଁ ଡ଼ ଦ୍ୱିତୀ ଚନ୍ଦ୍ର ସାହୁଙ୍କୁ ଉପଢୌକନ, ସ୍ମାରକୀ ପ୍ରଦାନ ପୂର୍ବକ ଧର୍ତ୍ତି ରାଣୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମିଟୁ ମିଣିଆକା, ରାମବାବୁ ମିଣିଆକା, ମୁନ୍ନା ହିମିରିକା, କୈଳାସ ମିନିଆକା, ଅଜନ୍ତ ମିଣିଆକା ପ୍ରମୁଖ ସଂଚାଳନ କରିଥିଲେ।

## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ କ୍ରୀଡ଼ା ପ୍ରତିଯୋଗିତା

ଗୁଣପୁର,୧୮।୧
(ସୁଜାତା ପାଢ଼ୀ/ସଂକେତ ପାତ୍ର)

ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରଥମ ଶ୍ରେଣୀଠାରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ବାଳକ ଓ ବାଳିକା ବିଭାଗରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ସ୍ଥାନୀୟ ଶତାୟୁ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଆରମ୍ଭ ହୋଇଛି । ୫୦ ମିଟର, ୧୦୦ମିଟର ଦୌଡ଼, ଗଣିତ, ଶବ୍ଦ ଜ୍ଞାନ, ଲମ୍ଫଡିଆଁ, ସଟପୁଟ, ଦଉଡି ଡିଆଁ, ଅଖଦୌଡ଼, ଡିସ୍କସ ଥ୍ରୋ ଭଳି ବିଭିନ୍ନ କ୍ରୀଡା ଆୟୋଜନ କରାଯାଇଥିଲା। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଯୋଗିତାକୁ ଡେପୁଟି କଲେକ୍ଟର ଶୁଭ୍ରସ୍ମାତ ରାଉତ, ଜୋହନ ବଡ଼ଭୂୟାଁ, ସହକାରୀ ଜିଲାପାଳ ବିପିନ ଚନ୍ଦ୍ର ନାୟକ, ଦୀପାଞ୍ଜଳି ବେହେରା ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ । କ୍ରୀଡା ଶିକ୍ଷକ ଗୌତମ ମାଦେଲି, ରମାକାନ୍ତ ମିଶ୍ର, ଶଙ୍କର୍ଷଣ ମହାନ୍ତି, ଗଣେଶ ମହାପାତ୍ର, ରବୀନ୍ଦ୍ର ପଣ୍ଡା, ନନ୍ଦିନୀ ପଣ୍ଡା, ନମିତା ରଥ, କୈଳାସ ପାଣିଗ୍ରାହୀ, ଉମା ଶବର, ଶିଶୁ ସାଗର, ମନୋଜ ରଥ, ହରେକୃଷ୍ଣ ଗୌଡ଼, ଦେବେନ୍ଦ୍ର ନାୟକ ପ୍ରମୁଖ କ୍ରୀଡା ପରିଚାଳନା କରିଥିଲେ। ସପନ ଦାସ, ରାମଚନ୍ଦ୍ର ଗୌଡ଼, ଅନନ୍ତ ପାତ୍ର, ସୋମନାଥ ଗମାଙ୍ଗ ସହଯୋଗ କରିଥିଲେ । ଆସନ୍ତା ୧୯ ତାରିଖ ସକାଳ ୮ଟାରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସୂଚନା ଲୋକ ସମ୍ପର୍କ ଅଧିକାରୀ କହିଥିଲେ ।

## ବନ୍ଦେ ମାତରମ୍‌ର ଗୁରୁତ୍ୱ ନେଇ ସଚେତନତା ସୃଷ୍ଟି ଲକ୍ଷ୍ୟ

### ପୌରପରିଷଦ ପକ୍ଷରୁ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ

ରାୟଗଡ଼ା,୧୮।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ପୌରପରିଷଦ ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରମ୍‌ର ୧୫୦ବର୍ଷ ପୂର୍ତ୍ତି ସମାରୋହ ଓ ପୁରସ୍କାର ବିତରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇ ସର୍ବପ୍ରଥମେ ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରମ୍ ଗାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝି, ପୌର ପରିଷଦ ଅଧ୍ୟକ୍ଷ ପି. ମହେଶ ପଟ୍ଟନାୟକ, ଜିଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ପୌର ନିର୍ବାହୀ ଅଧିକାରୀ କୁଳଦୀପ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ପିଢ଼ିର ଛାତ୍ରୀଛାତ୍ରଙ୍କ ମଧ୍ୟରେ ରାଜ୍ୟ ତଥା ମାତୃଭୂମି ଓଡ଼ିଶା ପ୍ରତି ରାଷ୍ଟ୍ର ଭକ୍ତି ଜାଗ୍ରତ କରିବା ଓ ବନ୍ଦେ ମାତରମ୍‌ର ଐତିହାସିକ ଗୁରୁତ୍ୱ ନେଇ ସଚେତନତା ସୃଷ୍ଟି କରିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ରାୟଗଡ଼ା ପୌରପାଳିକା ଅଧୀନ ୫୫ ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରାୟ ୧୦ହଜାର ଛାତ୍ରୀଛାତ୍ର ସାମୂହିକ ଭାବେ ବନ୍ଦେ ମାତରମ୍ ଗାନ କରିଥିଲେ। ବନ୍ଦେ ମାତରମ୍ କାର୍ଯ୍ୟକ୍ରମ ପାଳନ ଉପଲକ୍ଷେ ବିଭିନ୍ନ ସ୍କୁଲ ଓ କଲେଜ ସ୍ତରରେ ଆୟୋଜିତ ହୋଇଥିବା ବକ୍ତୃତା, ପ୍ରବନ୍ଧ, ବନ୍ଦେ ମାତରମ ଗାନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ସମ୍ମାନିତ କରିଥିଲେ।



ଅତିଥି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି ।

## ଟିକିରି ଆଇଆଇସି ବିଶ୍ୱବନ୍ଦିନୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା


ଆଇଆଇସି ବିଶ୍ୱବନ୍ଦିନୀ ବାଗଙ୍କୁ ଖବରଦାତାମାନେ ସମ୍ବର୍ଦ୍ଧିତ କରୁଛନ୍ତି ।

ଟିକିରି,୧୮।୧(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରି ଥାନା ଆଇଆଇସି ବିଶ୍ୱବନ୍ଦିନୀ ବାଗଙ୍କ ବଦଳି ଗୁଡାରି ଥାନାକୁ ହୋଇଥିବାବେଳେ ରବିବାର ତାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଆଇଆଇସି ବାଗ୍ ଜଣେ କଠୋର ପୋଲିସ ଅଧିକାରୀ ନୁହେଁ, ବରଂ ଜଣେ ମାନବିକ, ସମ୍ବେଦନଶୀଳ ଓ ଅଞ୍ଚଳବାସୀଙ୍କ ଆପଣାର ଲୋକ ଭାବେ ସେ ସମସ୍ତଙ୍କ ହୃଦୟ ଜିତିଥିଲେ ବୋଲି ଖବରଦାତାଙ୍କ ତରଫରୁ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କୁହାଯାଇଥିଲା। ସ୍ଥାନୀୟ ଲୋକେ ଲୁହଭରା ଆଖିରେ ଆଇଆଇସି ବାଗଙ୍କୁ ବିଦାୟ ଦେଇଥିଲେ । ସେହିପରି ସଂଘ ତରଫରୁ ନୂତନ ଆଇଆଇସି ଦିନକୃଷ୍ଣ ମିଶ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ଖବରଦାତା ରତ୍ନାକର ନାଏକ, ଚନ୍ଦ୍ରଶେଖର ପାତ୍ର, ବୈକୁଣ୍ଠ ଦୁରିଆ, ପ୍ରଫୁଲ୍ଲ ବେହେରା, ହୃଷିକେଶ ସାହୁ, ଡମ୍ବରୁ ବେହେରା, ରଞ୍ଜନ ବିଡ଼ିକ, ସମାଜସେବୀ ହଧପ୍ରଷାଦ ନାୟକ, ମାଝିଗୌରୀ ମିଶ୍ର, କିଶର ବେହେରା, ତେଲି ନାଏକ, ନାଗେଶ୍ୱର ନାଏକ,ବିରଞ୍ଚି ହୋତା, ଅମିତା ପଣ୍ଡା, ଚିନ୍ମୟ ନାଏକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ବାର୍ଷିକ ମହିଳା ଫେଲୋଶିପ୍ ସମ୍ମିଳନୀ

ଗୁଣପୁର, ୧୮।୧(ସଂକେତ ପାତ୍ର)



ଗୁଣୁପୁର ବ୍ଲକ୍ ବୋରେଇପାଲି ଗ୍ରାମର ଅଲଙ୍ଗଡା ଅଞ୍ଚଳରେ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀଙ୍କ ଆୟୋଜନରେ ବାର୍ଷିକ ମହିଳା ଫେଲୋଶିପ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀରେ ଶତାଧିକ ମହିଳା ଯୋଗଦେଇ ସାମୂହିକ ପ୍ରାର୍ଥନା, ସ୍ତୁତିଗୀତ ଓ ଆଧ୍ୟାତ୍ମିକ ଉପଦେଶରେ ଅଂଶଗ୍ରହଣ କରିଥିଲେ। ଶାନ୍ତିମୟ ଓ ପ୍ରେମମୟ ଜୀବନଯାପନ କରିବା ସହିତ ଏକତା ବିଷୟରେ ବକ୍ତାମାନେ ବିସ୍ତୃତ ଆଲୋଚନା କରି ଲୋକମାନଙ୍କୁ ଏକତାର ମୂଲ୍ୟ ଓ ଗୁରୁତ୍ୱ ବୁଝାଇଥିଲେ। ଏକତା ଥିଲେ ସମାଜ ଓ ପରିବାର ଦୃଢ଼ ହୁଏ ବୋଲି ବକ୍ତାମାନେ ଉଲ୍ଲେଖ କରିଥିଲେ। ମହିଳାଙ୍କ ମଧ୍ୟରେ ପରସ୍ପର ପ୍ରେମ, କ୍ଷମା, ସହଯୋଗ ଓ ଏକତାର ସନ୍ଦେଶ ଦିଆଯାଇଥିଲା।

## ସରକାରୀ ସହାୟତା ଯୋଗାଇଦେବ ଜିଲା ପ୍ରଶାସନ

### ଦିବଙ୍ଗତ ଖବରଦାତା ଆଶୁତୋଷଙ୍କ ଶ୍ରଦ୍ଧାଞ୍ଜଳି ସଭା

ରାୟଗଡ଼ା,୧୮।୧(ଆଶିଷ ରଞ୍ଜନ ପଣ୍ଡା)

ଦିବଙ୍ଗତ ଖବରଦାତା ଆଶୁତୋଷ ପଟ୍ଟନାୟକଙ୍କ ଅମର ଆତ୍ମାର ସଦଗତି କାମନା ନିମନ୍ତେ ରବିବାର ସ୍ଥାନୀୟ ଜିଲା ସଂସ୍କୃତି ଭବନଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଛି । ପ୍ରେସ୍ ଆଣ୍ଡ ମିଡିଆ ୱେଲଫର ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ ଓ ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁର, ଜିଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭାଜପା ଜିଲା ସଭାପତି ଗୋପୀ ଆନନ୍ଦ, ବରିଷ୍ଠ ନେତା କାଳୀରାମ ମାଝି, ଶିବଶଙ୍କର ଉଲାକା, ଯୁବ ମୋର୍ଚ୍ଚା ସଭାପତି ଉମେଶ ଖୋସଲା, ଜିଲା ସମ୍ପାଦକ ଦେବାଶିଷ ପଣ୍ଡା, କୋଷାଧ୍ୟକ୍ଷ ଶାନ୍ତନୁସୁବୁଦ୍ଧି, ମଣ୍ଡଳ ସଭାପତି ଅନିଲ ଜାଡ଼ି, ଅଶ୍ୱିନୀ କଣ୍ଡଡ଼ା, ୟାଲା ଭେଙ୍କେଟେଶ୍ୱର ରାଓ, ଉତ୍କଳ ଆଲୁମିନା କମ୍ପାନୀର ସହକାରୀ ଲୋକସମ୍ପର୍କ ଅଧିକାରୀ ଅମଜଦ ଅଲୀ, ଶିକ୍ଷକ ନୀଳାଚଳ ମିଶ୍ର, ଡମ୍ବରୁଧର ପଣ୍ଡାଙ୍କ ସମେତ ୱେଲଫର ଆସୋସିଏଶନର ସମସ୍ତ ସଦସ୍ୟ, ଓଡିଶା ଡିଜିଟାଲ ମିଡିଆ ସଂଘ ରାୟଗଡ଼ା ଜିଲା ଶାଖାର ସଦସ୍ୟ ଏବଂ ବହୁ ଖବରଦାତା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସମସ୍ତ ସରକାରୀ ସୁବିଧା ଆଶୁତୋଷଙ୍କ ପରିବାର ବର୍ଗଙ୍କ ନିକଟରେ ପହଞ୍ଚାଇବା ନେଇ ଅତିରିକ୍ତ ଜିଲାପାଳ କହଁର ଓ ନାୟକ ପ୍ରତିଶ୍ରୁତି ଦେବା ସହିତ ଆଶୁତୋଷଙ୍କ ପରିବାରକୁ ପ୍ରଶାସନ ସମସ୍ତ ସହଯୋଗ ଯୋଗାଇବ ବୋଲି କହିଥିଲେ । ସଭାରେ ଶିବାଜୀ ଦାସ,ସୁଶାନ୍ତ ପ୍ରଧାନ, ଶିବ ନାରାୟଣ ଗଉଡ, ଶିବ ପ୍ରସାଦ ଦୋରା, ସଂଗ୍ରାମ ପଟ୍ଟନାୟକ, ସିଏଚ.ଶ୍ରୀନିବାସ, ଅମୂଲ୍ୟରତ୍ନ ସାହୁ, ପ୍ରଶାନ୍ତ କୁମାର ପାଳ, ଅମୂଲ୍ୟ ନିଶଙ୍କ, ୱାଇ.ଦାମୋଦର, ବି.ଭେଙ୍କେଟ ରାମଣା, ସି.ଏଚ.ନାଗରାଜୁ, ସୁରେଶ ପଟ୍ଟନାୟକ, ମୃତ୍ୟୁଞ୍ଜୟ ନନ୍ଦ, ମାଉଡି ବାରିକ, ସନ୍ତୋଷ ପାଣିଗ୍ରାହୀ, ମୂରଲୀ ବୋଛା, ଇପିଲି ରମେଶ, ସନ୍ତୋଷ ସାହୁଙ୍କ ସମେତ ସୀମାଞ୍ଚଳ ପଣ୍ଡା, ଗୋପରଞ୍ଜନ ବକ୍ସିପାତ୍ର ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ ।


ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଖବରଦାତା ।

## ଅସହାୟ ପରିବାରକୁ ସାହାଯ୍ୟ ପାଇଁ ନିଷ୍ପତ୍ତି


ବ୍ରାହ୍ମଣ ସମାଜ ସମାବେଶରେ ମଞ୍ଚାସୀନ ଅତିଥି।

### ଗୁଡ଼ାରି ବ୍ରାହ୍ମଣ ସମାଜ ସମାବେଶ

ଗୁଡାରି,୧୮।୧(ପ୍ରମୋଦ କୁମାର ପତି)

ଗୁଡାରି ବ୍ରାହ୍ମଣ ସମାଜ ପକ୍ଷରୁ ରବିବାର ଦିନ ବାର୍ଷିକ ମହାସମାବେଶ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରରୁ ବ୍ରାହ୍ମଣ ସମାଜର କାର୍ଯ୍ୟକାରିଣି ସଭ୍ୟ ଅଶୋକ କୁମାର ସାହୁ ଏବଂ ରାଜେଶ କୁମାର ପାଢ଼ୀ, ଜିଲା ସମ୍ପାଦକ ଅରୁଣ କୁମାର ପାଣିଗ୍ରାହି ଏବଂ ସାଂଗଠନିକ ସମ୍ପାଦକ ଜଗଦିଶ ପଣ୍ଡା ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଶୁଭାରମ୍ଭ ପରେ ଗୁଡାରି ବ୍ରାହ୍ମଣ ସମାଜର ସମ୍ପାଦକ ନେତ୍ରାନନ୍ଦ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ବ୍ରାହ୍ମଣ ସମାଜର ଏକତା ଓ ଉନ୍ନତି ନିମନ୍ତେ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହା କିପରି ବଜାୟ ରହିବ ସେ ନେଇ ଆଲୋଚନା କରିଥିଲେ। ବ୍ରାହ୍ମଣ ସମାଜର କୌଣସି ଅସହାୟ ପରିବାର ଯଦି ଅସୁବିଧାରେ ପଡେ ତେବେ ତୁରନ୍ତ ଉକ୍ତ ପରିବାରକୁ ସାହାଯ୍ୟ ଓ ସହଯୋଗ କରିବା ନିମନ୍ତେ ନିଷ୍ପତ୍ତି ନିଆଗଲା। ସଭାପତି ପ୍ରଦୀପ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୁଡାରି ବ୍ଲକ ଓ ଏନ୍ଏସିର ବହୁ ବ୍ରାହ୍ମଣ ପରିବାର ଯୋଗଦେଇଥିଲେ। ଉପଦେଷ୍ଟା ମନୋଜ ସାହୁ, ଉପସଭାପତି ଅମୀୟ ପୁରୋହିତ, କୋଷାଧ୍ୟକ୍ଷ ବିନୋଦ ରଥଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ନୃତ୍ୟଶ୍ରୀ କଳାକେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ


ଅତିଥିଙ୍କ ଗହଣରେ କୃତୀ କଳାକାର।

ଗୁଣପୁର,୧୮।୧( ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ନୃତ୍ୟଶ୍ରୀ କଳା କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ଆୟୋଜିତ ହୋଇଛି। ଏହି କର୍ଯ୍ୟକ୍ରମରେ ଜିଲାର ଲୋକପାଳ ଅକ୍ଷୟ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ କଳାକାରଙ୍କୁ ପୁରସ୍କୃତ କରି ସମ୍ମାନିତ କରିଥିଲେ। ଏହି ଅବସରରେ ନୃତ୍ୟଶ୍ରୀ କଳାକେନ୍ଦ୍ରର ସିଇଓ ଡ଼. ରୀନାରାଣୀ ସାହୁ ଓ ନିର୍ଦ୍ଦେଶକ ପ୍ରଦୀପ ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ନୃତ୍ୟଶିଳ୍ପୀ ଉପାସନା ଶତପଥୀ, ସୁନିଧି ରଥ, ପ୍ରାଚୀ ଦାସ, ସୋନାକ୍ଷୀ ବେହେରା, ସନମ ସାହୁ, କେ. ପ୍ରତିକ୍ଷା, ଆରାଧ୍ୟା କର ଓ ବିଦ୍ୟାଶ୍ରୀ କରଙ୍କୁ ସମ୍ମାନିତ କରାଯାଇଥିଲା ।

## ଲୋକଙ୍କ କାମରେ ଆସୁନି ନିର୍ମିତ ଶୌଚାଳୟ

ଗୁଣପୁର, ୧୮।୧(ସଂକେତ ପାତ୍ର)

ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ଅଧୀନରେ ଗୁଣପୁର ପୌର ପରିଷଦ ତହସିଲ କାର୍ଯ୍ୟାଳୟ ନିକଟରେ ଲକ୍ଷାଧିକ ଟଙ୍କା ବ୍ୟୟରେ ସାର୍ବଜନିକ ଶୌଚାଳୟ ନିର୍ମାଣ କରାଯାଇଥିଲା। ଶୌଚାଳୟ ନିର୍ମିତ ହେବାର ୩ ବର୍ଷ ବିତିଲା, ହେଲେ ଏହା ଆଜି ପର୍ଯ୍ୟନ୍ତ ତାଲା ବନ୍ଦ ହୋଇ ରହିଥିବାରୁ ଲୋକଙ୍କ କାମରେ ଆସିପାରୁ ନ ଥିବା ଅଭିଯୋଗ ହେଉଛି।

ମୁକ୍ତା ଅଧୀନରେ ପ୍ରାୟ ୩,୦୩,୭୧୫ ଟଙ୍କା ବ୍ୟୟରେ ୧୦।୧୨।୨୦୨୨ରେ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇ ୧୩।୧।୨୦୨୩ରେ ଶୌଚାଳୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ପ୍ରାୟ ୩,୦୩,୭୧୫ ଟଙ୍କା ବ୍ୟୟରେ ମା' ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଏହି ଶୌଚାଳୟ ନିର୍ମାଣ ହୋଇଥିଲା। ପ୍ରକଳ୍ପ ପରିଚାଳନା ଯନ୍ତ୍ରୀ ଭାବେ ଦାୟିତ୍ୱରେ ଥିଲେ ରବୀନ୍ଦ୍ର ନାଥ ଦାସ। ହେଲେ ନିର୍ମାଣ ହେବାର ପ୍ରାୟ ୩ ବର୍ଷ ବିତିଗଲାଣି, କିନ୍ତୁ ଏପର୍ଯ୍ୟନ୍ତ ଏହାକୁ ସାଧାରଣ ଲୋକଙ୍କ ପାଇଁ ଖୋଲାଯାଇନାହିଁ। ଏହା ଗୁଣପୁର ପୌର ପରିଷଦର ଦାୟିତ୍ୱହୀନତାକୁ ସ୍ପଷ୍ଟ କରୁଥିବାବେଳେ ଉକ୍ତ ଶୌଚାଳୟ କେବେ ଖୋଲିବ ସେ ନେଇ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ଗୁଣପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କୁ ପଚାରିବାରୁ ସେ କିଛି ନିର୍ଦ୍ଦିଷ୍ଟ ତଥ୍ୟ ଦେଇ ନ ପାରି ବୁଝିକି କହିବି ବୋଲି କହିଥିଲେ ।



ତାଲା ବନ୍ଦ ଥିବା ଶୌଚାଳୟ।

## ବଂଶଧାରା କପ୍ ଲେଦର ବଲ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଗୁଣପୁର,୧୮।୧ (ସୁଜାତା ପାଢ଼ୀ)

ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ପାଇଁ ବଳରାମ ପଣ୍ଡା ସ୍ମାରକୀ ଅଲ୍ ଇଣ୍ଡିଆ ସ୍ତରୀୟ ଡିୟୁଜ ବଲ କ୍ରିକେଟ ଟୁର୍ନାମେଣ୍ଟ ବଂଶଧାରା କପ୍ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର ଜନ ଭୂୟାଁ ଓ ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। କ୍ରୀଡା ପରିଷଦ ସମ୍ପାଦକ ସପନ ଦାସଙ୍କ ସଂଯୋଜନାକ୍ରମେ ଆୟୋଜିତ ଟୁର୍ନାମେଣ୍ଟରେ ଟସ୍ ଜିତି ଇଚ୍ଛାପୁରମ ଦଳ ପ୍ରଥମେ ବ୍ୟାଟିଂ ଚୟନ କରି ଗଜପତି ସହ ମୁକାବିଲା କରିଥିଲେ । ଏହି ଟୁର୍ନାମେଣ୍ଟ ୨୮ ତାରିଖ ଯାଏ ଚାଲୁ ରହିବ । ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ଅଞ୍ଚଳରୁ ସମୁଦାୟ ୮ଟି ଦଳ ଭାଗ ନେଇଛନ୍ତି । ଟୁର୍ନାମେଣ୍ଟରେ ଅମ୍ପାୟର ଦାୟିତ୍ୱରେ ଯାଜପୁରରୁ ଆସିଥିବା ଶାରଦା ପ୍ରସନ୍ନ ମହାପାତ୍ର ଓ ହରିବନ୍ଧୁ ଗମାଙ୍ଗ ରହିଛନ୍ତି। କାର୍ଯ୍ୟକ୍ରମରେ ନବ ନିର୍ମାଣ ସମିତିର ଅଧ୍ୟକ୍ଷ ଅକ୍ଷୟ ଦାସ, ସମ୍ପାଦକ ରଞ୍ଜିତ ପାଢ଼ୀ, ଉପ ସଭାପତି ଉମା ଶଙ୍କର ଦାସ, ଉତ୍ସବ କମିଟି ସମ୍ପାଦକ ସୁଦର୍ଶନ ଶବର, ଆବାହକ ରାଜେଶ ପାଢୀ, ଯୁବନେତା ରାମ ପଣ୍ଡା, ଶକ୍ତି ଦାଶ, ବୁଟୁ ପଣ୍ଡା, ସିଏଚ ଶ୍ରୀନିବାସ ପାତ୍ର, ଦୀପୁ ପଟ୍ଟନାୟକ, ମୁନା ପାଢୀ, ଇପିଲି ସାବରିଶ, ରବି କୁମାର ପ୍ରମୁଖ ଉପସ୍ଥିତ ଥିଲେ । ଟୁର୍ନାମେଣ୍ଟକୁ କିରଣ ପାଣିଗ୍ରାହୀ, ଅଂଶୁମାନ ପଟ୍ଟନାୟକ, ସନ୍ଦିପ ପାଣିଗ୍ରାହୀ, ବୈକୁଣ୍ଠ ଶବର, ସରୋଜ ମିଶ୍ର, ରାଜକିଶୋର ଗୌଡ ପ୍ରମୁଖ ପରିଚାଳନା କରିଥିଲେ ।



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଉଭୟ ଦଳ ଖେଳାଳି।

# ସତୀଗୁଡ଼ା ଜଳଭଣ୍ଡାରରେ ୬୦ରୁ ଅଧିକ ପ୍ରଜାତିର ପକ୍ଷୀ

■ ମାଲକାନଗିରି ଜିଲାର ୯ ଜଳଭଣ୍ଡାରରେ ପକ୍ଷୀ ଗଣନା
■ ଅନୁଭୂତି ନେଲେ ଛାତ୍ରୀଛାତ୍ର

**ମାଲକାନଗିରି, ୧୮।୧ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ବନ ବିଭାଗ ତରଫରୁ ଜିଲାର ୯ଟି ଜଳଭଣ୍ଡାରରେ ୨୪ଟି ଦଳ ଗଠନ କରାଯାଇ ପକ୍ଷୀ ଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କ୍ରମରେ ମାଲକାନଗିରି ସଦର ମହକୁମା ସତୀଗୁଡ଼ା ଜଳଭଣ୍ଡାରରେ ରବିବାର ସକାଳ ୬ ଟାରେ ପକ୍ଷୀ ଗଣନା କରାଯାଇଥିଲା। ଖଣ୍ଡୀୟ ବନାଧିକାରୀ ସାଇ କିରଣ, ସହକାରୀ ବନ ସଂରକ୍ଷକ ମନସୁନ୍ ଖେମୁଣ୍ଡୁ, ବନାଞ୍ଚଳ ଅଧିକାରୀ ରମେଶ ରାଉତ ଏବଂ ବନପାଳ ଓ ବନରକ୍ଷୀଙ୍କ ସହ ସମସ୍ତ ବନ କର୍ମଚାରୀ ଜଳଭଣ୍ଡାରରେ ନୌକା ସାହାଯ୍ୟରେ ପରିଭ୍ରମଣ କରି ଅତି ଆଧୁନିକ ଯନ୍ତ୍ରପାତି ସହ ଗଣନା କାର୍ଯ୍ୟ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ସତୀଗୁଡ଼ା ମଙ୍ଗଳ ବିଭାଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ବନ କର୍ମଚାରୀଙ୍କ ସହ ଜଳଭଣ୍ଡାର ପରିଭ୍ରମଣ କରି କେଉଁ ପଦ୍ଧତିରେ ପକ୍ଷୀ ଗଣନା କରାଯାଉଛି ତାହାର ଅନୁଭୂତି ସାଉଁଟିଥିଲେ। ମାଲକାନଗିରି ସତୀଗୁଡ଼ା ଜଳଭଣ୍ଡାରରେ ଏବେ ପ୍ରାୟ ୬୦ରୁ ଅଧିକ ପ୍ରଜାତିର ପକ୍ଷୀ ଥିବା ରେକର୍ଡ କରାଯାଇଛି। ଯେଉଁଥିରେ ସାଇବେରିଆ, ୟୁରୋପ, ସେଣ୍ଟ୍ରାଲ ଏସିଆର ପକ୍ଷୀ ରହିଥିବା ଦେଖିବାକୁ ମିଳିଛି। ଏଥିସହ ନଫେଣ୍ଡ୍ ଡଗ୍, ନର୍ଦ୍ଧ ପିଣ୍ଟେଲ, ରେଡ କେରେଡ ପୋଚାର୍ଡ ଇତ୍ୟାଦି ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଛି। କେଉଁ ଜାତିର କେତେ ପକ୍ଷୀ ତାହାର ସମ୍ପୂର୍ଣ୍ଣ ତଥ୍ୟ ସୋମବାର ପ୍ରଦାନ କରାଯିବ ବୋଲି ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ସହକାରୀ ବନ ସଂରକ୍ଷକ ଖେମୁଣ୍ଡୁ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି, ରବିବାର ହୋଇଥିବାରୁ ସତୀଗୁଡ଼ା ପ୍ରାକୃତିକ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ଭିଡ ସକାଳୁ ଦେଖିବାକୁ ମିଳିଥିଲା। ପର୍ଯ୍ୟଟକମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପକ୍ଷୀ ଗଣନା ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ପଚାରି ତଥ୍ୟ ସଂଗ୍ରହ କରିଥିଲେ। ଏଥିସହ ଉପସ୍ଥିତ ଛାତ୍ରୀଛାତ୍ର ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ପଲିଥିନ ବ୍ୟବହାର ନ କରିବା, ଅଳିଆ ଆବର୍ଜନା ନ ଫିଙ୍ଗିବା ଇତ୍ୟାଦି ସମ୍ପର୍କରେ ସଚେତନ କରାଇଥିଲେ।


ସତୀଗୁଡ଼ା ଜଳଭଣ୍ଡାରରେ ଥିବା ବିଦେଶୀ ପକ୍ଷୀ।


ନୌକାରେ ବସି ବନ କର୍ମଚାରୀ ପକ୍ଷୀ ଗଣନା କରୁଛନ୍ତି।

# ଜିଲାପାଳଙ୍କୁ ଅଭିଯୋଗ କଲେ ଆଇନଜୀବୀ

**ମାଲକାନଗିରି, ୧୮।୧ (ଦୁର୍ଯ୍ୟୋଧନ ପାତ୍ର)**

**ପାଇଖାନା ଟାଙ୍କିର ପାଇପ୍ ଡ୍ରେନ୍‌କୁ ସଂଯୋଗ**

ମାଲକାନଗିରି ଜିଲା ସଦର ପୌର ପରିଷଦ ଅଞ୍ଚଳରେ ୧୯ଟି ୱାର୍ଡରେ ଅନେକ ବାସିନ୍ଦା ନିଜର ପାଇଖାନା ଟାଙ୍କିର ପାଇପ୍‌କୁ ଡ୍ରେନ ସହ ସଂଯୋଗ କରିବା ଦ୍ୱାରା ଡ୍ରେନ ମଧ୍ୟରେ ଅନେକ ସ୍ଥାନରେ ବିଛା ଯାଇଥିବା ପାନୀୟ ଜଳ ପାଇପ୍ ମଧ୍ୟରେ ଏହି ଟାଙ୍କିର ଦୁର୍ଗନ୍ଧ ଜଳ ପ୍ରବେଶ କରୁଥିବାରୁ ପାନୀୟ ଜଳ ଦୂଷିତ ହେଉଛି। ନିକଟ ଅତୀତରେ ମଧ୍ୟପ୍ରଦେଶର ଇନ୍ଦୋର ସହରର ଲାଖନାଠାରେ ଏହିପରି ପାଇଖାନା ଜଳ ପ୍ରବାହିତ ହେବା ଦ୍ୱାରା ପାନୀୟ ଜଳ ଦୂଷିତ ହୋଇ ୨୪ ଜଣଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନଗର ନିଗମ, ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦମାନଙ୍କୁ ସତର୍କତା ଅବଲମ୍ବନ କରିବା ସହ କୌଣସି ପାଇଖାନାର ଦୁଷିତ ପାଣି ଯେପରି ଡ୍ରେନକୁ ଛଡା ନ ଯାଏ ସେଥିପ୍ରତି ଦୃଷ୍ଟି ଦେବା ସହ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ମାଲକାନଗିରି ପୌର ପରିଷଦ ନିର୍ବାହୀ ଅଧିକାରୀ ଏଥିପ୍ରତି କୌଣସି ଦୃଷ୍ଟି ଦେଉ ନ ଥିବା ଯୋଗୁ ଦିନକୁ ଦିନ ସହରବାସୀ ଦୂଷିତ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଏ ସମ୍ବନ୍ଧରେ ମାଲକାନଗିରି ସହରର ଆଇନଜୀବୀ ଦିଲିପ ପରିଛାଙ୍କ ସହ ଅନେକ ଆଇନଜୀବୀ ଓ ବୁଦ୍ଧିଜୀବୀ ଜିଲାପାଳଙ୍କୁ ଭେଟି ଏକ ଲିଖିତ ଅଭିଯୋଗ କରିଛନ୍ତି।ଏ ସମ୍ବନ୍ଧରେ ମାଲକାନଗିରି ପୌର ପରିଷଦ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାୟକଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଏପରି ଅଭିଯୋଗ ମୁଁ ପାଇନାହିଁ ଏ ସମ୍ବନ୍ଧରେ ପୌର ପରିଷଦର ସମସ୍ତ ୱାର୍ଡ ସର୍ଭେ କରାଯିବ। ଯଦି କୌଣସି ବ୍ୟକ୍ତି ପାଇଖାନା ପାଇପ୍‌କୁ ଡ୍ରେନ ସହ ସଂଯୋଗ କରିଥାନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ତୁରନ୍ତ ଡ୍ରେନରୁ ପାଇପକୁ ହଟାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ନୂତନ କର୍ମକର୍ତ୍ତା ନିର୍ବାଚିତ


ନୂତନ କର୍ମକର୍ତ୍ତା ଶପଥପାଠ କରୁଛନ୍ତି।

**ମାଲକନଗିରି,୧୮।୧ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଛି। ସଂଘ କାର୍ଯ୍ୟାଳୟ ପରିସରରେ ୮୦ରୁ ଉର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ରହି ଏହି ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ସର୍ବସମ୍ମତି କ୍ରମେ ସଭାପତି ଭାବେ ବାଲାରାଜୁ ପାଢି, ଉପସଭାପତି ସୁରେନ୍ଦ୍ର କୁମାର ମଲ୍ଲିକ, ସମ୍ପାଦକ ଅଶୋକ କୁମାର ସାମଲ, ସହ ସମ୍ପାଦକ ଲଡ୍ଡୁ କିଶୋର ପଣ୍ଡା, ସଂଯୋଜକ ଜୀବନ କୁମାର ମହାନ୍ତି, କୋଷାଧ୍ୟକ୍ଷ ଜୟଦେବ ରାଉଳ ମନୋନୀତ ହୋଇଛନ୍ତି। ସେହିପରି ଉପଦେଷ୍ଟା ଭାବେ କେ ରାବାଣା, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଦିନବନ୍ଧୁ ଜେନା, ଶିବ ପ୍ରସାଦ ପାତ୍ର, ବାଳକୃଷ୍ଣ ପାଢି, ରବିନ୍ଦ୍ର କୁମାର ମହାରଣାଙ୍କୁ ମନୋନୀତ କରାଯାଇଛି। ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଜଗନ୍ନାଥ ତିଆଡି, ବେଣୁପାଣି ଖାଡେଙ୍ଗା, ଚିରିବି ମହାପାତ୍ର, ଗୌରଚନ୍ଦ୍ର ପୁଜାରୀ, ଗିରିଧାରୀ ପାଣିଗ୍ରାହି, ନବ କୁମାର ସାହୁ, ନରସିଂହ ପାଢି, ଅଭିମନ୍ୟୁ ବେହେରା, ଏସ୍. ଏରାସ୍ୱାମୀ, ପୂର୍ଣ୍ଣଚନ୍ଦ୍ର ସାହୁ, ଗଣେଶ ଚନ୍ଦ୍ର ଜେନା, ଶ୍ରୀନିବାସ ପଣ୍ଡାଙ୍କୁ ମନୋନୀତ କରାଯାଇଛି। ନୂତନ କର୍ମକର୍ତାଙ୍କୁ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଶପଥପାଠ କରାଇଥିଲେ।

# ବିଜୁ ପଟ୍ଟନାୟକ ମଡର୍ନ ସ୍କୁଲର ବାର୍ଷିକ ଉତ୍ସବ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ରାଇଘର, ୧୮।୧(କିରଣ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ରାଇଘର ବ୍ଲକ ସଦରହକୁମାସ୍ଥିତ ବିଜୁ ପଟ୍ଟନାୟକ ମଡର୍ନ ସ୍କୁଲ୍‌ରେ ରବିବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର ମୁଖ୍ୟ ଅତିଥି, ରାଇଘର ପଞ୍ଚାୟତ ସମିତି ମାଧ୍ୟମିକ ଉଚ୍ଚ ବିଦ୍ୟାଳୟ ଅଧ୍ୟକ୍ଷ ପରୀକ୍ଷିତ ସାହୁ ମୁଖ୍ୟ ବକ୍ତା, ଏବିଡିଓ ବିଜୟ କୁମାର ସେଠୀ ସ୍ୱତନ୍ତ୍ର ଅତିଥି, ସମ୍ମାନୀତ ଅତିଥିଭାବେ ଏବିଇଓ ନେପାଳ ଚନ୍ଦ୍ର ଦେ, ସରଗୁଳି ସ୍କୁଲ ପ୍ରଧାନଶିକ୍ଷକ ସୁଜନ ଚନ୍ଦ୍ର ଭୌମିକ, ଅଭିରାମ ଲେଙ୍କା ଓ ଅବସରପ୍ରାପ୍ତ ଶିକ୍ଷକ ପବିତ୍ର ସାହୁ, ଜିଲା ପରିଷଦ ସଦସ୍ୟ ଯତୀନ୍ଦ୍ରନାଥ ଗଣ୍ଡ ଯୋଗ ଦେଇଥିଲେ। ସ୍କୁଲ କମିଟି ସଭାପତି ଚିତ୍ତରଞ୍ଜନ ଗଣ୍ଡ, ସମ୍ପାଦକ ଗଗନ ବିହାରୀ ବାହାନପତି, ଉପସଭାପତି ରାଇସିଂ ଗଣ୍ଡ, ସ୍କୁଲ୍‌ର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସ୍କୁଲ ଅଧ୍ୟକ୍ଷା ଆରୋଷିକା ବାହନପତି ବିବରଣୀ ପାଠ ସହ ମଞ୍ଚ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଡମ୍ପିଂୟାର୍ଡ ପାଲଟିଛି ଏମ୍‌ଭି-୭୯ ପ୍ରବେଶପଥ

**ଏମ୍‌ଭି-୭୯, ୧୮।୧ (ଆଶିଷ କୁମାର ବାଇଁ)**

ସ୍ୱଚ୍ଛ ଓ ସବୁଜ ପରିବେଶର ନାରା ସବୁଠାରେ ଉଚ୍ଚାରିତ ହେଉଥିବା ବେଳେ ବାସ୍ତବ ଚିତ୍ର ତାହାର ସମ୍ପୂର୍ଣ୍ଣ ବିପରୀତ ଦେଖାଯାଉଛି। ମାଲକାନଗିରି ଜିଲା କାଲିମେଳା ବ୍ଲକ୍ ଏମଭି-୭୯କୁ ପ୍ରବେଶ କରିବା ପ୍ରମୁଖ ରାସ୍ତା ଏବେ ଅବ୍ୟବସ୍ଥା ଓ ଅଳିଆ ଆବର୍ଜନାରେ ଭର୍ତ୍ତି ହେବା ସହ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଏମଭି-୧୨୭ ଗ୍ରାମରୁ ଏମ୍‌ଭି-୭୯କୁ ଯାଉଥିବା ଏହି ପ୍ରବେଶ ପଥର ଉଭୟ ପାର୍ଶ୍ୱରେ ବସ୍ତା ବସ୍ତା ଅଳିଆ, ପ୍ଲାଷ୍ଟିକ ଓ ଘରୋଇ ଆବର୍ଜନା ଗଦା ହୋଇରହିଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ କହିବା ଅନୁସାରେ, ସକାଳେ ପ୍ରାତଃ ଭ୍ରମଣ କିମ୍ବା ଦୈନନ୍ଦିନ ଯାତାୟାତ ସମୟରେ ଏହି ରାସ୍ତା ଦେଇ ଯିବା ବେଳେ ନାକରେ ରୁମାଲ ଦେଇ ଯିବାକୁ ପଡୁଛି। ଅସହ୍ୟ ଦୁର୍ଗନ୍ଧ ଓ  ଯୋଗୁ ଏହି ପ୍ରବେଶ ପଥ ଏକ ପ୍ରକାର 'ଡମ୍ପିଂ ୟାର୍ଡ' ସଦୃଶ ଦେଖାଯାଉଛି।

ବିଶେଷକରି ଖାଲି ଜାଗା ଦେଖି ଲୋକେ ନିର୍ବିଘ୍ନରେ ଅଳିଆ ପକେଇ ଯାଉଥିବାରୁ ପରିସ୍ଥିତି ଦିନକୁ ଦିନ ଭୟାବହ ହେଉଛି। ଘରୋଇ ଅଳିଆ ସହିତ ସନ୍ଧ୍ୟା ହେଲେ ନିକଟବର୍ତ୍ତୀ ହୋଟେଲ, ମାଛ ଦୋକାନ, ମାଂସ ଦୋକାନ ଓ କିଛି ବ୍ୟବସାୟିକ ପ୍ରତିଷ୍ଠାନର ଆବର୍ଜନା ମଧ୍ୟ ଏଠାରେ ଫିଙ୍ଗାଯାଉଛି। ଏପରିକି ନିକଟରେ ଥିବା ମଶାଣି ପାଖରେ ମଧ୍ୟ ଲୋକେ ଅଳିଆ ଆବର୍ଜନା ଫିଙ୍ଗି ପଳାଉଥିବା ଅଭିଯୋଗ ଆସୁଛି। ଶୀତଦିନରେ ଏପରି ଅବସ୍ଥା ହୋଇଥିବାବେଳେ ବର୍ଷା ଦିନରେ ପରିସ୍ଥିତି କିଭଳି ହେବ ସେ ନେଇ ଅଞ୍ଚଳବାସୀ ଚିନ୍ତା ପ୍ରକାଶ କରୁଛନ୍ତି। ବର୍ଷା ସମୟରେ ଅଳିଆ ଡ୍ରେନ ମୁହଁରେ ଜମା ହୋଇରହିଲେ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଭାସିବା ଆଶଙ୍କା ଦେଖାଦେଇଛି। ଅନ୍ୟପକ୍ଷେ ସନ୍ଧ୍ୟା ହେଲେ ଏହି ଅଞ୍ଚଳ ଅସାମାଜିକ ତତ୍ତ୍ୱଙ୍କ ଆଡ୍ଡାସ୍ଥଳୀରେ ପରିଣତ ହେଉଛି। ଅନ୍ଧାରିଆ ଓ ଅବ୍ୟବସ୍ଥିତ ପରିବେଶର ସୁଯୋଗ ନେଇ କିଛି ଯୁବକ ନିଶାପାନ କରୁଥିବା ବେଳେ ମାରପିଟ ଓ ଗଣ୍ଡଗୋଳ ଘଟଣା ଘଟୁଥିବା ଅଭିଯୋଗ ମଧ୍ୟ ହେଉଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଅସାମାଜିକ ଯୁବକମାନେ ଏଠାରେ ଜମା ହୋଇ ଅପରାଧୀୟ ଯୋଜନା କରୁଥିବା ନେଇ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।ଏହି ଗୁରୁତର ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଅଳିଆ ସଫା, ସଚେତନତା ସୃଷ୍ଟି ଓ ନିୟମିତ ନିରୀକ୍ଷଣ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


ଏମ୍‌ଭି-୭୯ ପ୍ରବେଶପଥରେ ଜମା ହୋଇଥିବା ଅଳିଆ ଆବର୍ଜନା।

# କେନାଲରେ ପାଣି ଛାଡ଼ିବା ନେଇ ରାଜସ୍ୱ ବିଭାଗର ଯାଞ୍ଚ

**ଜୟପୁର,୧୮।୧(ପବନ ପାଣିଗ୍ରାହୀ)**

ରବି ଫସଲ ପାଇଁ ପଦ୍ମପୁର ଡିଷ୍ଟ୍ରିବ୍ୟୁଟାରି କେନାଲରେ ପାଣି ଛାଡ଼ିବା ନେଇ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ରାଜସ୍ୱ ବିଭାଗ, କୋଲାବ ଜଳସେଚନ ଓ ଇରିଗ୍ରେସନ ପକ୍ଷରୁ ମିଳିତ ଭାବେ କୋରାପୁଟ ଜିଲା ୩ ପଞ୍ଚାୟତ ବୁଲି ରବିବାର ତଦନ୍ତ ଆରମ୍ଭ କରାଯାଇଛି। ଡଙ୍ଗରଛିଞ୍ଚି, ଟାଙ୍କୁଆ ଓ ବାଲିଆ ପଞ୍ଚାୟତର ବାଲିଆ, ମୁଖିଖୁଡୁପି, ଜବାକନାଡି, ଡଙ୍ଗରଛିଞ୍ଚି, ଭଙ୍ଗାଛିଞ୍ଚି, ଯୋଗିପୁଟ, ବାଗ୍ରା, ଥୁରିଡିପୁଟ, ଟାଙ୍କୁଆ ଅଞ୍ଚଳ ବୁଲି ଦେଖିଥିଲେ। କେନାଲରେ ପାଣି ଛଡା ଯାଇ ନ ଥିବାରୁ ତଳିଗୁଡ଼ିକ ନଷ୍ଟ ହେଉଛି। ଏଥିଯୋଗୁ ଚାଷୀ କ୍ଷତି ସହୁଛନ୍ତି। କେନାଲ ମରାମତି ସ୍ଥିତି ସମ୍ପର୍କରେ ଜଳସେଚନ ବିଭାଗ ସହ ଆଲୋଚନା କରିଥିଲେ। ୨ ଡିଷ୍ଟ୍ରିବ୍ୟୁଟାରି ଥିବା ବେଳେ ଧନପୁର ଡିଷ୍ଟ୍ରିବ୍ୟୁଟାରି ଅଞ୍ଚଳରେ ଥିବା କେନାଲ ମରାମତି କାର୍ଯ୍ୟ ସରିଯାଇଥିବାରୁ ସେହି ଅଞ୍ଚଳର ପାଣି ଛଡାଯାଇଛି। ପଦ୍ମପୁର ଡିଷ୍ଟ୍ରିବ୍ୟୁଟାରି ଅଞ୍ଚଳରେ କେନାଲ କାମ ସରିନଥିବାରୁ ପାଣି ଛଡାଯାଇନାହିଁ। ଶନିବାର ଚାଷୀମାନେ ଜିଲାପାଳଙ୍କୁ ଭେଟି ପାଣି ଛାଡିବା ନେଇ ଦାବି କରିଥିଲେ। ଜମିରେ ତଳି ପଡ଼ିବା, କେନାଲ ପାଣିରେ ନା ଉଠା ଜଳସେଚନ ଦ୍ୱାରା ତଳିପଡିଛି ଏ ନେଇ ଡ୍ରୋନ ସର୍ଭେ କରାଯାଇ ଦୁଇଦିନ ମଧ୍ୟରେ ଜିଲାପାଳଙ୍କୁ ରିପୋର୍ଟ ଦିଆଯିବ। ଏହା ପରେ ଜିଲାପାଳଙ୍କ ନିଷ୍ପତ୍ତି କ୍ରମେ କେନାଲରେ ପାଣି ଛଡାଯିବ କି ନାହିଁ ତାହା ନିଷ୍ପତ୍ତି ନିଆଯିବ ବୋଲି ରାଜସ୍ୱ ବିଭାଗ ସୁପରଭାଇଜର ହରିହର ଶତପଥୀ ସୂଚନା ଦେଇଛନ୍ତି। ସର୍ଭେରେ ଅତିରିକ୍ତ ତହସିଲଦାର ଶୁଭଲକ୍ଷ୍ମୀ, ଏସ୍‌ଡିଓ ଶକ୍ତି ଭୁୟାଁ, ସୁପରଭାଇଜର ହରିହର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚରେ ତହସିଲ ଇଲେଭେନ ବିଜୟୀ

**ଉମରକୋଟ, ୧୮।୧(ସନ୍ତୋଷ ଶତପଥୀ)**

ଆସନ୍ତା ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ତହସିଲ ଇଲେଭେନ ଏବଂ ଓକିଲ ଇଲେଭେନ ମଧ୍ୟରେ ରବିବାର ଉମରକୋଟ ଡିଏନ୍‌କେ ପଡ଼ିଆରେ ଖେଳାଯାଇଛି। ଓକିଲ ଇଲେଭେନ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବା ନିଷ୍ପତି ନେଇଥିଲା। କୃଷ୍ଣ ପ୍ରସାଦ ପଟ୍ଟନାୟକଙ୍କ ଅଧିନାୟକତ୍ୱରେ ଖେଳୁଥିବା ଓକିଲ ଇଲେଭେନ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୮୫ ରନ କରିଥିଲା। ବିବେକ ବୈଦ୍ୟ ସର୍ବାଧିକ ୧୭ ରନ ସ୍କୋର କରିଥିଲେ। ଉମରକୋଟ ତହସିଲଦାର ମେଗବାନ ବାଗଙ୍କ ଅଧିନାୟକତ୍ୱରେ ଖେଳୁଥିବା ତହସିଲ ଇଲେଭେନ ୧୧ ଓଭରରେ ୮୬ ରନ କରି  କରି ମ୍ୟାଚକୁ ଜିତି ନେଇଥିଲା। ତହସିଲ ଇଲେଭେନର ମୁକ୍ତି ଜେନା ସର୍ବାଧିକ ୩୦ ରନ କରିଥିଲେ। ମୁକ୍ତିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦିଆଯାଇଛି। ଓକିଲ ସଂଘ ସଭାପତି ପ୍ରଶାନ୍ତ କୁମାର ସାହୁ, ସମ୍ପାଦକ ଶାନ୍ତନୁ କୁମାର ବାହିନୀପତି, ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ, ଆଶୁତୋଷ ହାଲଦାର, ଯୋଗେନ୍ଦ୍ର କଲାର, ରାଜସ୍ୱ ନିରୀକ୍ଷକ ରାଜେଶ ଦେୱାରୀ,ରାଜେନ୍ଦ୍ର ସାହୁ, ସୁଧୀର ପାଢ଼ୀ, ପୁରୁଷୋତ୍ତମ କୋଲାଥୀଆ ପ୍ରମୁଖ ଉପସ୍ଥିତ ଥିଲେ।


ଉଭୟ ଦଳର ଖେଳାଳିମାନେ।

# କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

**ଜୟପୁର,୧୮।୧(ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଜୟପୁର ଦଶହରା ପଡ଼ିଆରେ ଉପଖଣ୍ଡସ୍ତରୀୟ କୃଷି ଯାନ୍ତ୍ରପାତି ମେଳା ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ଅବସରପ୍ରାପ୍ତ ମୁଖ୍ୟ କୃଷି ଜିଲା ଅଧିକାରୀ, ନବରଙ୍ଗପୁର ଜି.ଭି.ରେଡ୍ଡୀ, କୋରାପୁଟ ମୁଖ୍ୟ ଜିଲା କୃଷି ଅଧିକାରୀ ସନ୍ତୋଷ କୁମାର ଦଳ ବେହେରା, ଜୟପୁର କୃଷି ଜିଲା ଅଧିକାରୀ ଲାଲାଟେନ୍ଦୁ ମହାପାତ୍ର, ଓଆଇସି,ଏଚଆରଆରଏସ ଜୟପୁର ମିହିର ରଞ୍ଜନ ମହାନ୍ତି ଓ କାହ୍ନୁଚରଣ ଦାସ ସହକାରୀ କୃଷି ନିର୍ଦ୍ଦେଶକ ଯୋଗଦେଇଥିଲେ। ଏହି ଅବସରରେ କୃଷି ଓ ଆନୁସଙ୍ଗିକ ବିଭାଗରୁ ୫ଜଣ ପ୍ରଗତିଶୀଳ ଚାଷୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜୟପୁର ଉପଖଣ୍ଡର ୪ ବ୍ଲକରୁ ୧ଶହରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ। ଏହି ଅବସରରେ ୨୦ ଷ୍ଟଲ୍ କରାଯାଇଥିଲା। ସେଥିରୁ ୧୩ ଷ୍ଟଲରେ ଆଧୁନିକ କୃଷି ଯାନ୍ତ୍ରିକୀକରଣ ପ୍ରଦର୍ଶିତ ହେଉଥିଲା। ବିଭିନ୍ନ ବିଭାଗ ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ପ୍ରାଣୀ ସମ୍ପଦ, ମତ୍ସ୍ୟପାଳନ ଓ ଇଫକୋ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପ୍ରଶିକ୍ଷଣ ମାଧ୍ୟମରେ ଚାଷୀମାନଙ୍କୁ ବିଭିନ୍ନ ଯୋଜନା  ନେଇ ଅବଗତ କରାଯାଇଥିଲା। ନିର୍ବାହୀ ଯନ୍ତ୍ର(କୃଷି) ସତ୍ୟନାରାୟଣ ଦାସ ଧନ୍ୟବାଦ ଦେଇଥିଲେ। ମେଳାରେ ୧୪୫ ଚାଷୀଙ୍କୁ ୪.୪୭ କୋଟି ଟଙ୍କାର ଯନ୍ତ୍ରପାତି ବିକ୍ରି କରାଯାଇଛି। ୧.୩୧ କୋଟିର ରିହାତି ପ୍ରଦାନ କରାଯାଇଛି। ଏଥିସହ ୨ ମାସ ମଧ୍ୟରେ ୫୦ ଲକ୍ଷ ଟଙ୍କାର କୃଷି ଯନ୍ତ୍ରପାତି ବିକ୍ରି କରିବା ଲକ୍ଷ୍ୟ ରଖାଯାଇଛି।

# ୧୧ରେ ଶହୀଦ ବଗା ପୂଜାରୀଙ୍କ ଆତ୍ମବଳିଦାନ ଦିବସ

**ନବରଙ୍ଗପୁର,୧୮।୧ (ସଦାଶିବ ପ୍ରହରାଜ)**

୧୯୪୨ ଭାରତ ଛାଡ଼ ଆନ୍ଦୋଳନର ଅବିଭକ୍ତ କୋରାପୁଟ ଜିଲାର ସ୍ୱାଧୀନତା ସଂଗ୍ରାମୀ ତଥା ନବରଙ୍ଗପୁର ଜିଲାର ପ୍ରଥମ ଆଦିବାସୀ ସହିଦ ବଗା ପୂଜାରୀଙ୍କ ଆତ୍ମ ବଳିଦାନ ଦିବସ ଫେବୃୟାରୀ ୧୧ରେ ଉମରକୋଟ ବଡ଼ ଭରଣ୍ଡିରେ ପାଳନ କରାଯିବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ରବିବାର ବଗା ପୂଜାରୀ ସେବା ସଦନର ଆବାହିକା ତଥା ପୂର୍ବତନ ମନ୍ତ୍ରୀ ପରମା ପୂଜାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଛି। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସ୍ୱାଧୀନତା ସଂଗ୍ରାମୀ ସହୀଦ ସ୍ମୃତି ସଂସଦ କାର୍ଯ୍ୟକାରୀ ସଭାପତି ମୁନା ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରିଥିଲେ। ଜିଲାର ରାଜନୈତିକ ଦଳର ନେତା, କବି, ସାହିତ୍ୟିକ, ସାମାଜିକ କର୍ମୀ ଓ ଛାତ୍ରୀଛାତ୍ର ସାମିଲ ହେବେ। ଏକ କମିଟି ଗଠନ କରି ସ୍ୱର୍ଗତ ବଗା ପୂଜାରୀ ସ୍ମୃତି କମିଟି ନାମକରଣ କରାଯିବ। ଶହୀଦ ବଗା ପୂଜାରି ସ୍ମୃତି ଫଳକ ଦୁଇ ଜଣଙ୍କୁ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ତିଳ ତର୍ପଣ, ଶହୀଦ ମିନାରକୁ ଗାର୍ଡ ଅଫ୍ ଅନର୍, ସର୍ବଧର୍ମ ପ୍ରାର୍ଥନା ସଭା ଓ ଶ୍ରଦ୍ଧାଞ୍ଜଳି ସଭା କରାଯିବ। ଏହି ଆଲୋଚନା ଚକ୍ରରେ ଲେଖକ କେଦାରେଶ୍ୱର ପଟ୍ଟନାୟକ, ସନୁ ମାଝୀ, କପୁର ଚାନ୍ଦ ନାୟକ, ପୂର୍ବତନ କମିଟି ସଦସ୍ୟ ରଞ୍ଜିତ ବାରୋଇ, ପୂର୍ବତନ ସମିତି ସଭ୍ୟ ସନ୍ତୋଷ ସୂତ୍ରଧର, ବରିଷ୍ଠ ନେତା ସୁରେନ୍ଦ୍ର ନାୟକ, ନବରଙ୍ଗପୁର ବ୍ଲକ କଂଗ୍ରେସ ସଭାପତି ଅବଦୁଲ୍ ଫିରଜ୍, ଚାଷୀ ନେତା ପରମନ୍ ଭତରା, ଭଦ୍ରୁ ମାଝୀ, ପୂର୍ବତନ ସମିତି ସଭ୍ୟ ରାମ ନାଥ କୁମ୍ଭାର, ଭିକାରୀ ନାୟକ, ସାମାଜିକ କର୍ମୀ ରାଧାକୋଷ୍ଟା,ବରିଷ୍ଠ ଭାଜନା ନେତା ପ୍ରସନ୍ନ ମହାନ୍ତି ଓ ଆଖ ପାଖର ବହୁ ମାଝୀ ଓ ପୂଜାରୀ ଯୋଗ ଦେଇଥିଲେ। ବୈଠକକୁ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଗୋପାଳ ପୂଜାରୀ ପରିଚାଳନା କରିଥିଲେ।


ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ବୁଦ୍ଧିଜୀବୀ ଓ ଅନ୍ୟମାନେ।

# ଗ୍ରାମାଞ୍ଚଳରେ ସମଗ୍ର ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ

**ଗ୍ରାମୋଦୟ ଯୋଜନା ପ୍ରଣୟନ ନେଇ ଜିଲାସ୍ତରୀୟ ସମନ୍ୱୟ ବୈଠକ**

**ନବରଙ୍ଗପୁର,୧୮।୧(ସଦାଶିବ ପ୍ରହରାଜ)**




ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ନବରଙ୍ଗପୁର ଜିଲା ପରିଷଦ ସମ୍ମିଳନୀ ଗୃହରେ ଜିଲାପାଳ ଡ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଗ୍ରାମୋଦୟ ଯୋଜନା ଅଧୀନରେ ଜିଲାର ୪ ଟି ବ୍ଲକରେ ସମଗ୍ର ବିକାଶ ପାଇଁ ଏକ ଜିଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ କୁମାର ସେନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର ଉପସ୍ଥିତ ଥିଲେ। ଏହି ଯୋଜନା ଅଧୀନରେ ଜିଲାର ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ୪ ବ୍ଲକ ରାଇଘର, ଝରିଗାଁ, ଚନ୍ଦାହାଣ୍ଡି ଏବଂ ଡାବୁଗାଁର ୩୦ ଗ୍ରାମରେ ବିଭିନ୍ନ ଜନ ହିତକର ଯୋଜନାର ପରିପୂର୍ଣ୍ଣତା ହାସଲକୁ ଗୁରୁତ୍ୱ ଦିଆଯାଇଛି। ୩୦ ଚିହ୍ନଟ ଗ୍ରାମରେ ଗ୍ରାମୋଦୟ ଯୋଜନାରେ ୨୪ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ଗ୍ରାମୀଣ ଅଞ୍ଚଳରେ ସମଗ୍ର ବିକାଶକୁ ତ୍ୱରାନ୍ୱିତ କରିବାକୁ ଜିଲାପାଳ କହିଛନ୍ତି। ଏ ନେଇ ସର୍ଭେ କାର୍ଯ୍ୟ ଶୀଘ୍ର ସାରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟ ପାଇଁ ବ୍ଲକସ୍ତରୀୟ କମିଟିରେ ସମ୍ପୃକ୍ତ ବ୍ଲକ ବିଡିଓ ଅଧ୍ୟକ୍ଷ ଓ ବ୍ଲକ୍ ନୋଡାଲ ଅଧିକାରୀ ରହିବେ। ଜିଲାସ୍ତରୀୟ ନୋଡାଲ ଅଧିକାରୀ ରୂପେ ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲା ପରିଷଦ କାର୍ଯ୍ୟ କରିବେ।

ଉକ୍ତ ଗାଁରେ ଲୋକଙ୍କ ଜୀବନମାନର ଉନ୍ନତି, ମୌଳିକ ସୁବିଧା ବଞ୍ଚିତ ହିତାଧିକାରୀଙ୍କ ଉପରେ ପ୍ରଶାସନ ମନୋନୀତ କମିଟି ଦ୍ୱାରା ସର୍ଭେ କରାଯିବ। ଜିଲାରେ ମୋଟ ୨୪ ବିଭାଗ ଦ୍ୱାରା ସର୍ଭେ କାର୍ଯ୍ୟ କରାଯିବ। ଏହି ସର୍ଭେ କାର୍ଯ୍ୟ ରେ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ଚିହ୍ନଟ, ଗ୍ରାମ ସଭାରେ ବିଭିନ୍ନ ବିଭାଗୀୟ ଯୋଜନାରେ ଗ୍ରାମ୍ୟ ହିତାଧିକାରୀଙ୍କୁ ଚିହ୍ନଟ ଓ ପ୍ରସ୍ତାବ, ଚିହ୍ନଟ ହିତାଧିକାରୀ ଯଦି କିଛି ମାନଦଣ୍ଡକୁ ପୂର୍ଣ୍ଣ କରିପାରୁନାହିଁ ତେବେ ଜିଲା ପ୍ରଶାସନର ଅନୁମୋଦନ ପରେ ବିଭାଗୀୟ ସ୍ୱୀକୃତି ପାଇଁ ପଠାଯିବ। ବୈଠକରେ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ, ବିଡିଓ, ଏବଂ ବ୍ଲକ୍‌ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଅତିରିକ୍ତ ନିର୍ବାହୀ ଅଧିକାରୀ (ଜିଲା ପରିଷଦ) ଯଦୁମଣି ନାଏକ ସଭା ପରିଚାଳନା କରିଥିଲେ।

# ସେବା ଓ ସମର୍ପଣର ବହ୍ନିଶିଖା– ପାର୍ବତୀ ଗିରି



**ସୂର୍ଯ୍ୟବଂଶୀ ସୂରଜ**
ଉଚ୍ଚଶିକ୍ଷା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ

ଆଜି ସ୍ୱାଧୀନତାର ଅମୃତ ଲଗ୍ନରେ ଯେତେବେଳେ ଆମେ ଅଶ୍ରୁତ ବୀରାଙ୍ଗନାମାନଙ୍କ କଥା ମନେପକାଉଛୁ, ଶହେ ବର୍ଷ ତଳେ ଜନ୍ମଲାଭ କରିଥିବା ମହୀୟସୀ ପାର୍ବତୀ ଗିରିଙ୍କ ନାମ ସ୍ୱତଃ ହୃଦୟ ଦର୍ପଣରେ ପ୍ରତିବିମ୍ବିତ ହେଉଛି। ସ୍ଥାନ, କାଳ, ପାତ୍ର, ଲିଙ୍ଗ ଭେଦରୁ ଉପରକୁ ଉଠି ଜନସେବାରେ ଜୀବନ ସମର୍ପିତ କରିଥିବା ମା' ପାର୍ବତୀ ଗିରି ସମସ୍ତଙ୍କ ପାଇଁ ଉଦାହରଣ। ସେବାବ୍ରତ ହିଁ ଥିଲା ତାଙ୍କର କର୍ମ ଓ ଧର୍ମ। ନିଜକୁ ଆଜୀବନ ଶିକ୍ଷାର୍ଥୀ ଭାବି ସେ ପଢୁଥିଲେ ନିଜକୁ ଓ ଗଢୁଥିଲେ ଅନ୍ୟକୁ। ନିଃସ୍ୱାର୍ଥପର ଭାବରେ ପାର୍ବତୀ ଗିରି ଗଢ଼ି ଚାଲିଥିଲେ ସ୍ୱାବଲମ୍ବୀ ସମାଜ: ସେବା ଓ କରୁଣା ଥିଲା ତା'ର ଦୁଇ ଆତ୍ମା।

ତତ୍କାଳୀନ ସମ୍ବଲପୁର ଜିଲାର ସମଲାଇପଦର ଗ୍ରାମରେ ୧୯୨୬ ମସିହା ଜାନୁଆରୀ ୧୯ ତାରିଖରେ ପିତା ଧନଞ୍ଜୟ ଗିରିଙ୍କ କୋଳମଣ୍ଡନ କରିଥିଲେ ବିଶ୍ୱଜନନୀର ଅନ୍ୟତମ ଅବିସ୍ମରଣୀୟ ପ୍ରତିଭା ପାର୍ବତୀ ଗିରି। ମହାତ୍ମା ଗାନ୍ଧୀଙ୍କ ବହୁ ପ୍ରତୀକ୍ଷିତ ଅହିଂସା ନୀତି ସହ ଖଦି ବୁଣିବା, ହରିଜନ ସେବା, ରଚନାତ୍ମକ କାର୍ଯ୍ୟକ୍ରମ, ରାଷ୍ଟ୍ରଭାଷା ଶିକ୍ଷା, ଗୋ ସେବା, ମହୁଚାଷ ଓ ଧନ୍ଦାମୂଳକ ଶିକ୍ଷା ଆଦି କାର୍ଯ୍ୟକୁ ଅବଲମ୍ବନ କରିବା ସହ ସେଥିରେ ଆତ୍ମନିର୍ଭରଶୀଳ ହେବାକୁ ବହୁ ବରିଷ୍ଠ କର୍ମଜୀବୀ ଓ ନେତାମାନଙ୍କୁ ସେ ପ୍ରେରିତ କରିଥିଲେ। ଜାତିର ପିତାଙ୍କ ସ୍ଲୋଗାନରେ ଅନୁପ୍ରାଣିତ ହୋଇ ଭାରତଛାଡ଼ ଆନ୍ଦୋଳନରେ ଯୋଗ ଦେଇ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଏବଂ ଏଥିପାଇଁ ତାଙ୍କୁ ବ୍ରିଟିଶ ସରକାରଙ୍କ ଦ୍ୱାରା କାରାବରଣ ଭୋଗିବାକୁ ପଡ଼ିଥିଲା।

ଗରିବ ଓ ଅସହାୟମାନଙ୍କର ଆଶାର ପ୍ରତୀକ ଭାବେ ସେମାନଙ୍କ ସେବାରେ ନିଜକୁ ନିୟୋଜିତ ରଖିବାର କର୍ମ ହିଁ ଥିଲା ତାଙ୍କ ଜୀବନର ସବୁଠାରୁ ଶ୍ରେଷ୍ଠ ପ୍ରତିବଦ୍ଧତା। ସ୍ୱାଧୀନତା ପରେ ତାଙ୍କୁ ରାଜନୀତି କ୍ଷେତ୍ରରେ ଅନେକ ପଦ ପଦବୀର ସୁଯୋଗ ଥିଲେ ମଧ୍ୟ ଜଣେ ଅସାଧାରଣସମ୍ପନ୍ନ ବ୍ୟକ୍ତିତ୍ୱ ଭାବେ ଏସବୁକୁ ପ୍ରତ୍ୟାଖ୍ୟାନ କରି ନିଜର ସମଗ୍ର ଜୀବନ ସମାଜ ସେବାରେ ସମର୍ପଣ କରିଦେଇଥିଲେ। ପ୍ରାପ୍ତି ନୁହେଁ ତ୍ୟାଗ ଥିଲା ତାଙ୍କ ଜୀବନର ଧ୍ୟେୟ, ଧ୍ୟାନ ଓ ଧାରଣା।

ଭାରତରେ ଜନ୍ମିତ ମହାପୁରୁଷ ଓ ଦିଗ୍‌ଗଜମାନଙ୍କ ପରାକାଷ୍ଠା ଏ ଜାତିକୁ ବହୁ ଦିଗ୍‌ଦର୍ଶନ ଦେଇପାରିଅଛି। ମହାତ୍ମାମାନେ ନରରୂପୀ ନାରାୟଣ, ଦରିଦ୍ରରୂପୀ ଦୀନବାଳକଙ୍କ ସେବା ଜାରିରଖି ବିଶ୍ୱବନ୍ଦିତ ହୋଇପାରିଛନ୍ତି। ସେମାନଙ୍କ ପଦାଙ୍କ ଅନୁସରଣ କରି ପାର୍ବତୀ ଗିରି ସେହି ଚିରାୟତ ମୂଲ୍ୟବୋଧର ବାହିକା ଭାବେ ଆଜୀବନ କାର୍ଯ୍ୟ କରିଛନ୍ତି। ସହଜ ଓ ସରଳ ହେବା କଠିନ କିନ୍ତୁ ଉଭୟ ଗୁଣର ଅଧିକାରିଣୀ ଥିଲେ ପୂଜନୀୟା ପାର୍ବତୀ ଗିରି। ଜନମାନସର ଦୁଃଖ ଦୁର୍ଦ୍ଦଶାକୁ ଆପଣାର ଭାବି ସେବା କରିବାର ଦୃଢ଼ତା ପ୍ରତିପାଦନ କରିବାର ସାମର୍ଥ୍ୟ ପାର୍ବତୀ ଗିରିଙ୍କ ପାଖରେ ପ୍ରତୀୟମାନ ହେଉଥିଲା। ଦୁର୍ଭିକ୍ଷ ପ୍ରପୀଡ଼ିତ ଅଞ୍ଚଳର ବହୁ ଅନାଥ ଶିଶୁଙ୍କର ଅବିକଳ ଓ ଅନାହାର ଅବସ୍ଥାକୁ ହୃଦୟଙ୍ଗମ କରି ୨୮ ଜଣଙ୍କୁ ନେଇ ୨୮ ସେପ୍ଟେମ୍ବର ୧୯୭୪ରେ ନୃସିଂହନାଥଠାରେ ଏକ ଅନାଥ ଆଶ୍ରମ ପ୍ରତିଷ୍ଠା କରି ଏ ଜନମାନସକୁ ନୂତନ ଦିଗ୍‌ଦର୍ଶନ ଦେଇଥିଲେ। ଗଠନ କରିଥିବା ଏହି ଅନାଥ ଆଶ୍ରମଟି ପରବର୍ତ୍ତୀ କ୍ଷେତ୍ରରେ 'କସ୍ତୁରବା ଗାନ୍ଧୀ ମାତୃ ନିକେତନ' ନାମରେ ନାମିତ ହୋଇଥିଲା।

ତତ୍କାଳୀନ ସମ୍ବଲପୁର ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କର ସ୍ୱାସ୍ଥ୍ୟାବସ୍ଥାକୁ ଅନୁଭବ କରି ସମ୍ବଲପୁର ଜିଲାର ଫୁଲଝରନ୍ଠାରେ ନିଷ୍ପେଷିତ, ଅନାଥ ଓ ଅବହେଳିତ ଲୋକମାନଙ୍କ ପାଇଁ 'ଡକ୍ଟର ଆଇଜାକ ସାନ୍ତ୍ରା ବାଲ୍ ନିକେତନ' ନାମରେ ଏକ ଅନାଥାଶ୍ରମ ପ୍ରତିଷ୍ଠା କରିଥିଲେ। ସେବାର ଅନ୍ୟତମ ମୂର୍ତ୍ତିମନ୍ତ ପ୍ରତୀକ ଓ ଦେବୀ ଭଳି ସାରାଜୀବନ ଜଗତର ହିତ ଓ ଲୋକକଲ୍ୟାଣ ଦିଗରେ ନିଜକୁ ସମର୍ପି ଦେଇଥିଲେ ଏହି ଅଗ୍ନିକନ୍ୟା। ଭାଗୀରଥି ପଟ୍ଟନାୟକ, ଫକୀର ବେହେରା ଓ ମାଳତୀ ଦେବୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମୁକ୍ତି ଚେତନା କ୍ଷେତ୍ରରେ ଆକର୍ଷିତ ହୋଇଥିଲେ। ଅଳ୍ପ ବୟସ ଅର୍ଥାତ୍ ମାତ୍ର ୧୨ ବର୍ଷ ବୟସରେ ବରିର ରାମଚନ୍ଦ୍ରପୁର ସେବାଶ୍ରମରେ ମା' ରମାଦେବୀ ଓ ଅନ୍ୟାନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଲିମ ନେଇ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ଦୁଇ ବର୍ଷ କାଳ ଏହି ସ୍ଥାନରେ ଅତିବାହିତ କରି ବିଭିନ୍ନ ସାମାଜିକ ସେବାରେ ନିଜକୁ ଉତ୍ସର୍ଗ କରିବା ପରେ ୧୯୪୦ରେ ସେଠାରୁ ପ୍ରତ୍ୟାବର୍ତ୍ତନ କରିଥିଲେ। ମୂଲ୍ୟବୋଧ ଭିତ୍ତିକ ଜୀବନ ଜିଇବାର କଳାକୁ ଆପଣାର କରି ସେବାଧର୍ମ ପ୍ରତି ରହିଥିବାର ମମତା ହିଁ ପାର୍ବତୀ ଗିରିଙ୍କୁ ଅନେକ ସୁନାମ ଆଣି ଦେଇଥିଲା।

ଭାରତକୁ ସ୍ୱାଧୀନତା ଆଣିବାରେ ଏ ଦେଶକୁ ସ୍ୱତନ୍ତ୍ରତା ଦେବାରେ ତାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜଣେ ଅନନ୍ୟ ଯୋଦ୍ଧା, ଅଗ୍ନିକା, ବହ୍ନିକନ୍ୟା ଭାବେ ସତ୍‌ପଥରେ ଏକାକୀ ଚାଲି କାର୍ଯ୍ୟ କରିବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିନେଇଥିଲେ ପାର୍ବତୀ ଗିରି। ୱାର୍ଦ୍ଧା ଏବଂ ପରେ ଆସାମଠାରେ ସେବାକାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ଦିଗରେ ରାଜ୍ୟରେ ବିଭିନ୍ନ ଅଞ୍ଚଳ ଗସ୍ତକରି ଦୁର୍ଗତମାନଙ୍କର



ପାର୍ବତୀ ଗିରି

ସେବା ଜାରିକରି ସ୍ୱକୀୟ ସ୍ୱତନ୍ତ୍ରତାର ପରିଚୟ ଦେଇପାରିଥିଲେ। କୌଣସି ସୀମିତତା ପାର୍ବତୀ ଗିରିଙ୍କୁ ବାନ୍ଧିପାରି ନ ଥିଲା। ୧୯୫୫ ମସିହାରେ ଓଡ଼ିଶାରେ ବନ୍ୟାର ବିଭୀଷିକାରେ ଦଳେଇଘାଇ ଭାଙ୍ଗିଯିବାରୁ ବିଭିନ୍ନ ଅଞ୍ଚଳରେ ବହୁ ବନ୍ୟାଜଳ ପ୍ଲାବିତ ହୋଇ ଅନେକ ଧନଜୀବନ କ୍ଷୟକ୍ଷତି ହେବାସହ ଲୋକମାନେ ବାସହରା ହୋଇ ଅନାହାରରେ କାଳାତିପାତ କରିଥିଲେ। ଏହିପରି ଘଡିସନ୍ଧି ମୁହୂର୍ତ୍ତରେ ପାର୍ବତୀ ଗିରି ସମ୍ପୃକ୍ତ ବନ୍ୟାଞ୍ଚଳ ପରିଦର୍ଶନ କରି ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ସ୍ଥଳବିଶେଷରେ ଆନୁଷ୍ଠାନିକ ଶିକ୍ଷାପ୍ରତି ଯେପରି କିଛି ବାଧାବିଘ୍ନ ନ ଘଟେ ସେଥିପ୍ରତି ଅଧିକ ଗୁରୁତ୍ୱ ଦେଇଥିଲେ। ବର୍ଣ୍ଣବୈଷମ୍ୟ ଦୂର କରିବା, ତତ୍କାଳୀନ ସମାଜରେ ଚାଲିଥିବା ବିଭିନ୍ନ କୁସଂସ୍କାରର ମୂଳୋତ୍ପାଟନ କରିବା, ଗାଁ ଗାଁ ବୁଲି ଲୋକମାନଙ୍କୁ ଏକତ୍ର କରି ସଂସ୍କାରମୂଳକ ମୂଲ୍ୟବୋଧଭିତ୍ତିକ ପରାମର୍ଶ ଓ ପ୍ରେରଣା ଦେଇଥିଲେ। ଯଥାର୍ଥରେ ଜଣେ ସଂଗ୍ରାମୀ ଓ ବିପ୍ଳବିନୀ ଭାବରେ ସମଗ୍ର ଜୀବନ ସେ ଜନସେବାରେ ଉତ୍ସର୍ଗ କରିଦେଇଥିଲେ। ବରଗଡ଼ର ତତ୍କାଳୀନ ଉପଜିଲାପାଳ ସୁଖେନ୍ଦୁ ଜ୍ୟୋତି ମଜୁମଦାରଙ୍କ ଚଉକିରେ ବସି ବ୍ରିଟିଶ ସରକାରଙ୍କୁ ଅବଜ୍ଞା କରି ଗୋରା ସରକାରଙ୍କୁ ଅବମାନନା କରିଥିବାରୁ ତାଙ୍କୁ ୨ ବର୍ଷ କାରାବରଣ ହୋଇଥିଲା। ସ୍ୱଦେଶୀ ପଦାର୍ଥ ବ୍ୟବହାର କରିବା ଏବଂ ବିଦେଶୀ ପଦାର୍ଥକୁ ବର୍ଜନ କରିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ନାରୀମାନଙ୍କୁ ଅଧିକ ଶକ୍ତିଶାଳୀ କରିବାକୁ ଉଦ୍‌ବୋଧନ ଦେବା ସହ ସେ ସମୟରେ ନାରୀଜାଗରଣ ଉପରେ ଅଧିକ ଗୁରୁତ୍ୱ ଦେଉଥିବାର ଅନେକ ଦୃଷ୍ଟାନ୍ତ ସ୍ୱଲିଖିତ ଡାଏରୀରୁ ଦେଖିବାକୁ ମିଳେ। ତନ୍ମଧ୍ୟରୁ–
"ନ ଜାଗିଲେ ଯଦି ଭାରତ ରମଣୀ
ଜାଗିବ ନାହିଁ ଏ ଭାରତ ଧରଣୀ।"
ନିଜର ସ୍ୱଲିଖିତ ଡାଏରୀ ୩୧।୧।୮୭ରେ ନୃସିଂହନାଥରେ ଲେଖିଥିଲେ– "ଦରିଦ୍ର କୁଟିରରେ ରହିଛି ଆମ ଜାତିର ଜୀବନ"। ବାସ୍ତବରେ ଦେଶର ଉନ୍ନତି ଓ ଦେଶକୁ ବିକାଶ ପଥରେ ଆଗେଇ ନେବାକୁ ହେଲେ, ଦରିଦ୍ର ଅବସ୍ଥାରେ ବସବାସ କରୁଥିବା ଲୋକମାନଙ୍କର ଉନ୍ନତି ସାଧନ କରିବା, ତେବେ ଯାଇ ଦେଶକୁ ଆମେ ପ୍ରଗତି ପଥରେ ଆଗେଇ ନେଇପାରିବାର ଚିନ୍ତାକୁ ସେ ଅନୁଭବ କରିପାରିଥିଲେ। ସମାଜରେ ପ୍ରତ୍ୟେକଙ୍କ ପାଇଁ ଏକ ସମାନ୍ତରାଳ ଓ ସହାବସ୍ଥାନ ନୀତି ପ୍ରଣୟନରେ ତାଙ୍କର ପ୍ରମୁଖ ଭୂମିକା ଅନସ୍ୱୀକାର୍ଯ୍ୟ।

ବହ୍ନିକନ୍ୟା ଭାବେ ପରିଚିତ ପାର୍ବତୀ ଗିରିଙ୍କ ସାଧନାରେ ଆମର ମଥା ନଇଁଯାଏ। ସେ ଥିଲେ ଶକ୍ତି ସ୍ୱରୂପିଣୀ ମା' ପରି, ସେ ଅନ୍ୟର ଦୁଃଖରେ ହୋଇପଡୁଥିଲେ ଦୁଃଖାଭିଭୂତ। ଏହି ଦୁଃଖର ପରିସମାପ୍ତି ପାଇଁ ଅହରହ ସଂଗ୍ରାମ ଜାରି ରଖି ଜଣେ ସାଲିସ ବିହୀନ ଜନନେତ୍ରୀ ଭାବରେ କର୍ତ୍ତବ୍ୟ ସମ୍ପାଦନ କରିଥିଲେ। ତାଙ୍କର ଅଗ୍ନିବର୍ଷୀ ବାଣୀରେ ଆକର୍ଷିତ ହୋଇ ଯୁବଗୋଷ୍ଠୀ ଦେଶମାତୃକାର ସେବା କରିବାକୁ ଆଗେଇ ଆସୁଥିଲେ। ସେବାର ମନ୍ତ୍ରରେ ଦୀକ୍ଷିତ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ କରିଥିଲେ। 'ପରୋପକାରାୟ ସ୍ୱର୍ଗାୟ' ନୀତିକୁ ଆପଣାର କରି ଏହାକୁ ସ୍ମରଣୀୟ କରିବାରେ ସେ ପ୍ରାଣ ବିନିଯୋଗ କରିବାକୁ ପଛାଉ ନ ଥିଲେ। କୁଷ୍ଠରୋଗୀଙ୍କ ସେବା ହେଉ ଅଥବା ପ୍ରସୂତି ଚର୍ଚ୍ଚା: ପାର୍ବତୀ ଗିରିଙ୍କ ସେବା ସର୍ବଦା କାମନାରହିତ ଓ ପ୍ରେମାଶ୍ରିତ ଥିଲା। ଏ ସଂସାରରୁ ବିଦାୟ ନେବା ପୂର୍ବରୁ ସେ ଆଉ ଏକ ଅନାଥ ଆଶ୍ରମ ବଲାଙ୍ଗୀର ଜିଲାର ପଥରଚେପାଠାରେ ଆରମ୍ଭ କରିଥିଲେ। ମାତ୍ର ବିଧାତାର ବିଧାନ ବିଚିତ୍ର। ଆଶ୍ରମ ପୂର୍ଣ୍ଣାଙ୍ଗ ହେବା ପୂର୍ବରୁ ୬୯ ବର୍ଷ ବୟସରେ ଏହି ମହୀୟସୀ ମହିଳାଙ୍କ ମହାପ୍ରୟାଣ ଅଗଷ୍ଟ ୧୮ ତାରିଖ ୧୯୯୫ରେ ଘଟିଥିଲା। ତାଙ୍କର ସଦିଚ୍ଛୁମାନଙ୍କର ସାହାଯ୍ୟ ଓ ସହଯୋଗକୁ ପାଥେୟ କରି ବଲାଙ୍ଗୀରର 'ପଥରଚେପା' ଠାରେ ନିର୍ମାଣାଧୀନ ଥିବା ବାଲ୍‌ନିକେତନକୁ ପାର୍ବତୀ ଗିରିଙ୍କ ନାମରେ ନାମିତ କରାଯାଇଥିଲା। ସର୍ବୋପରି ଏହି ମହାନ୍ ଦିଗ୍‌ଦ୍ରଷ୍ଟା, ସୁଜ୍ଞାନୀ, ବିଦୁଷୀଙ୍କ ଜନ୍ମ ଶତବାର୍ଷିକୀ ତାଙ୍କ ଜନ୍ମସ୍ଥାନ ସମଲାଇପଦରରେ ପାଳନ ହେଉଥିବା ରାଜ୍ୟସ୍ତରୀୟ ଶତବାର୍ଷିକୀ ସମାରୋହ ଉପଲକ୍ଷେ ତାଙ୍କୁ ଯେତେ ଶବ୍ଦଅର୍ଘ୍ୟ ଦେଲେ ମଧ୍ୟ ବହୁତ କମ୍ ହେବ। ସେ ପ୍ରକୃତରେ ଓଡ଼ିଶାର ଗର୍ବ ଓ ଗୌରବ। ତ୍ୟାଗ, ବଳିଦାନ ଓ ତପସ୍ୟାର ମୂର୍ତ୍ତିମନ୍ତ ପ୍ରତୀକ ପାର୍ବତୀ ଗିରିଙ୍କ ଆଦର୍ଶ ଆଜି ବି ଝଙ୍କୃତ। ସେ ଅମର। କୃତି ଓ କର୍ମ ପାଇଁ ସୂକ୍ଷ୍ମରୂପରେ ସଦା ବିଦ୍ୟମାନ। ଦେଶମାତୃକାର ସେବା ନିମନ୍ତେ ସମଗ୍ର ଜୀବନକୁ ସମର୍ପିଦେଇଥିବା ଏହି ମହାମନୀଷୀଙ୍କୁ ଏ ଜାତି ତରଫରୁ କୋଟି କୋଟି ପ୍ରଣାମ।

## ମାଙ୍କଡ ଡେଇଁ ପଡ଼ିବାରୁ ଓଲଟିଲା ଅଟୋ, ଡ୍ରାଇଭର ମୃତ

ଧରାକୋଟ,୧୮।୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଥାନା ତାଳପାଟଣା ନିକଟରେ ଚଳନ୍ତା ଅଟୋ ଆଗକୁ ଏକ ମାଙ୍କଡ ଡେଇଁ ପଡିବାରୁ ଭାରସାମ୍ୟ ହରାଇ ଅଟୋ ଓଲଟି ପଡିଛି। ଫଳରେ ଘଟଣା ସ୍ଥଳରେ ଅଟୋ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୋରଡ଼ାର ରତ୍ନୁ କାର୍ଜି (୨୦)। ରତ୍ନୁ ଚେନ୍ନାଇରୁ ଆସୁଥିବା ନିଜ ଭାଇ ଭାଉଜଙ୍କୁ ଅଟୋ (ନଂ.ଓଡି ୦୭ ବିସି–୩୨୪୭)ରେ ଧରି ଆସିକା କାଳଷଣ୍ଢପୁରଠାରୁ ସୋରଡ଼ା ଯାଉଥିଲେ। ଧରାକୋଟ ତାଳପାଟଣାଠାରେ ତାଙ୍କ ଅଟୋ ଆଗକୁ ଏକ ମାଙ୍କଡ ଡିଆଁ ମାରିଥିଲା। ଫଳରେ ରତ୍ନୁ ଅଟୋକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଭାରସାମ୍ୟ ହରାଇ ଅଟୋଟି ଓଲଟି ପଡ଼ିଥିଲା। ଗୁରୁତର ଅବସ୍ଥାରେ ରତ୍ନୁଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଖବରପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛି।

# ଚିପ୍‌ସ ପ୍ୟାକେଟ୍ ଭିତରେ ଲୁଚିଛି ଯମ

## ୨ ମାସରେ ଗଲାଣି ୩ ଶିଶୁଙ୍କ ଜୀବନ, ୫ ଆହତ

ଭୁବନେଶ୍ୱର,୧୮।୧ (ତ୍ରିନାଥ ମହାନ୍ତି)

- କାର୍ଯ୍ୟାନୁଷ୍ଠାନ ପାଇଁ ଏନ୍‌ଏଚ୍‌ଆର୍‌ସିରେ ପିଟିଶନ
- ଖୁବ୍‌ଶୀଘ୍ର ଚିପ୍‌ସ କମ୍ପାନୀ ପାଇଁ ଏସ୍‌ଓପି ଆଣିବେ ସରକାର

ଖାଦ୍ୟ ସହ ଖେଳ ଖେଳୁଛନ୍ତି ଚିପ୍‌ସ କମ୍ପାନୀ। ବେପାର ବଢାଇବା ପାଇଁ ଚିପ୍‌ସ ପ୍ୟାକେଟ୍ ଭିତରେ ଛୋଟ ଖେଳନା, ବେଲୁନ ଆଦି ବିଭିନ୍ନ ପ୍ରକାର ଜିନିଷ ପୂରାଇ ପିଲାଙ୍କୁ ଆକୃଷ୍ଟ କରୁଛନ୍ତି। ଖାଦ୍ୟ ସହ ଖେଳନା ଖାଇ କୋମଳମତି ଶିଶୁଙ୍କ ଜୀବନ ଯାଉଛି। ତଣ୍ଟିରେ ଲାଗିଯିବାରୁ ୨ ମାସରେ ୩ରୁ ଅଧିକ ଶିଶୁଙ୍କ ମୃତ୍ୟୁ ଘଟିଥିବାବେଳେ ୫ଜଣ ଆହତ ହୋଇଛନ୍ତି। ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ଏବେ ଲୋକେ 'ଚିପ୍‌ସ ପ୍ୟାକେଟ'ରେ ଯମ ରହିଥିବା ପିଲାଙ୍କୁ କହି ଡରାଉଥିବା ଦେଖିବାକୁ ମିଳୁଛି। ତେବେ ଅବହେଳାରୁ ଘଟୁଥିବା ଏଭଳି ମୃତ୍ୟୁ ଘଟଣାରେ ଥାନାରେ ମାମଲା ହୋଇଛି। କେତେକ କ୍ଷେତ୍ରରେ କମ୍ପାନୀ କର୍ତ୍ତୃପକ୍ଷ କିମ୍ବା ମ୍ୟାନେଜର କ୍ଷମା ମାଗି ଖସିଯାଉଥିବା ଦେଖାଯାଉଛି। ହେଲେ ସମ୍ପୃକ୍ତ କମ୍ପାନୀ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଏଭଳି ହୃଦୟବିଦାରକ ଘଟଣା ବଢ଼ିଚାଲିଛି। ତେବେ ଏନେଇ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ମାନବାଧିକାର କର୍ମୀ ହିମାଂଶୁ ନାୟକ ପିଟିଶନ ଦାଏର କରିଛନ୍ତି। ଚିପ୍‌ସରେ ଖେଳନା ଦେଉଥିବା କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ମୃତ ଶିଶୁଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଏତେ ଜୀବନ ଯିବା ପରେ ବହୁ ବିଳମ୍ବରେ ରାଜ୍ୟ ସରକାରଙ୍କ ଚେତା ପଶିଛି। ଏଭଳି ଅଘଟଣ ଏଡ଼ାଇବାକୁ ଚିପ୍‌ସ ପ୍ରସ୍ତୁତକାରୀଙ୍କ ପାଇଁ ଏସ୍‌ଓପି ଜାରି କରିବାକୁ ଯାଉଛନ୍ତି। ଖୁବ୍‌ଶୀଘ୍ର ଏନେଇ ଗାଇଡଲାଇନ୍ ଜାରି ହେବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଅଭିଭାବକମାନେ ମଧ୍ୟ ଏଥିପ୍ରତି ସତର୍କ ଓ ସଚେତନ ରହିବା ଦରକାର ବୋଲି ମତ ପ୍ରକାଶ ପାଉଛି। ଶରୀର ପ୍ରତି ବିପଦ ସୃଷ୍ଟିକାରୀ ଏଭଳି ଜଙ୍କ୍ ଫୁଡ୍‌ଠାରୁ ପିଲାଙ୍କୁ ଦୂରେଇ ରଖିବାକୁ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

ଚଳିତ ମାସରେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ନିଧିପୁର ଗାଁର ତାପସ ପାଇକରାୟ ଚିପ୍‌ସ ପ୍ୟାକେଟରୁ ବାହାରିଥିବା ବେଲୁନ ଫୁଙ୍କିବା ବେଳେ ତାହା ପାଟି ଭିତରେ ପଶି ତଣ୍ଟିରେ ଲାଖିଯାଇଥିଲା। ପ୍ରାଣବିକଳରେ ଛଟପଟ ହେଉଥିବା ଅବସ୍ଥାରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ବଞ୍ଚାଇପାରି ନ ଥିଲେ। ସେହିଭଳି ୩ ଦିନ ତଳେ ଚିପ୍‌ସ ପ୍ୟାକେଟ ଭିତରେ ଥିବା ଖେଳଣା ନିଆଁରେ ପଡ଼ି ବିସ୍ଫୋରଣ ହେବାରୁ ଆଖି ହରାଇଥିଲେ ବଲାଙ୍ଗୀର ଜିଲା ଟିଟିଲାଗଡ଼ ଶଗଡ଼ ଗାଁର ୮ ବର୍ଷର ପୁଅ ଅଙ୍କେଶ ହର୍ପାଲ। ଆଉ ଏସବୁ ଘଟଣା ୨ ମାସ ତଳର କନ୍ଧମାଳ ଜିଲାର ଆଉ ଏକ ଘଟଣାକୁ ମନେ ପକାଇଦେବା ସହ ସତର୍କ କରାଇଦେଇଛି। ଅଙ୍ଗନୱାଡି କେନ୍ଦ୍ରରୁ ଫେରିବା ବେଳେ ବାପା କିଣିଦେଇଥିବା ଚିପ୍‌ସ ପ୍ୟାକେଟରୁ ବାହାରିଥିବା ଖେଳଣା ବନ୍ଧୁକ ତଣ୍ଟିରେ ଲାଗିଯିବାରୁ ଆଖି ବୁଜିଥିଲେ କନ୍ଧମାଳ ବ୍ରାହ୍ମଣୀ ଥାନା ଅନ୍ତର୍ଗତ ମୁଷିମାହା ଗାଁର ରଞ୍ଜିତ ପ୍ରଧାନଙ୍କ ୪ ବର୍ଷର ପୁଅ ବିଗିଲ।

ଆଇନଜୀବୀ ଅବିନାଶ ଗୁରୁ କହିଛନ୍ତି, ଚିପ୍‌ସରେ ଖେଳନା ଦେଉଥିବା କମ୍ପାନୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବା ଦରକାର। ଆହୁରି ମଧ୍ୟ ପୋଲିସ ଉକ୍ତ କମ୍ପାନୀ ମ୍ୟାନେଜରମାନଙ୍କୁ ତୁରନ୍ତ ଗିରଫ କରିବା ସହ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦିଆଯାଉ।

ଅଭିଭାବକ ରଶ୍ମିରେଖା ବେହେରା କହିଛନ୍ତି, ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ଆମ ପିଲାଙ୍କୁ ଚିପ୍‌ସ ଖାଇବାକୁ ଦେବାକୁ ଭୟ ଲାଗୁଛି। ହେଲେ ଆମ ଅଜାଣତରେ ସେମାନେ ଦୋକାନକୁ ଯାଇ କିଣି ଖାଉଛନ୍ତି। ଘରକୁ ଯଦି କେହି ଆସୁଛନ୍ତି ସେମାନଙ୍କୁ ଖେଳନା ଚିପ୍‌ସ କିଣିବା ପାଇଁ ଜିଦ୍‌କରି କାନ୍ଦୁଛନ୍ତି। ତେଣୁ ଯେଉଁ କମ୍ପାନୀ ପିଲାଙ୍କ ଜୀବନ ନେବାଭଳି କାମ କରୁଛି, ସେସବୁ କମ୍ପାନୀକୁ ସରକାର ବ୍ୟାନ୍ କରିବା ଭଳି କଠୋର ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ କହିଛନ୍ତି।

## ପୋଖରୀହୁଡ଼ାରୁ ନବଜାତ ଶିଶୁପୁତ୍ର ମୃତଦେହ ଜବତ

ଉମରକୋଟ, ୧୮।୧ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ କୋଏଲାରବେଡ଼ା ଗାଁର ପୋଖରୀହୁଡ଼ାରୁ ରବିବାର ସକାଳୁ ଜଣେ ନବଜାତକଙ୍କ ମୃତଦେହ ମିଳିଛି। ଉମରକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏହାର ତଦନ୍ତ କରୁଛି। ତେବେ ମୃତଦେହ ସେଠାକୁ କିପରି ଆସିଲା ସେ ନେଇ କୌଣସି ସୂଚନା ମିଳିନାହିଁ।

ସୂଚନା ଅନୁଯାୟୀ ରବିବାର ସକାଳେ ପାଖ ଅଞ୍ଚଳର କେତେଜଣ ଗୋରୁ ନେଇ ଯାଉଥିଲେ। ସେମାନେ ନିକଟସ୍ଥ ପୋଖରୀହୁଡ଼ାରେ ଥିବା ଏକ ଖଜୁରି ଗଛ ମୂଳେ ଜଣେ ନବଜାତ ଶିଶୁପୁତ୍ର ମୃତଦେହ ଦେଖିଥିଲେ। ତୁରନ୍ତ ସେମାନେ ଗ୍ରାମବାସୀ, ସମିତି ସଭ୍ୟ ରାମ ସିଂ ପୂଜାରୀଙ୍କୁ ଏ ନେଇ ଜଣାଇଥିଲେ। ସମିତି ସଭ୍ୟ ପୂଜାରୀ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ଡିଏସ୍‌ପି ରମାକାନ୍ତ ସାଏ, ଏଏସ୍‌ଆଇ ନରେନ୍ଦ୍ର ଗୋଲାପୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ମୃତଦେହ ସତ୍କାର କରାଯାଇଛି। କେସ୍ ନଂ ୬/୨୬ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପୋଲିସ ସୂଚନା ଦେଇଛି। ତେବେ ଏପରି ଅମାନବୀୟ କାଣ୍ଡ ଘଟାଇଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ସଡ଼କ ଦୁର୍ଘଟଣାରେ ୨ ସାଙ୍ଗ ମୃତ

ଜଳେଶ୍ୱର,୧୮।୧(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ୫୭ନଂ. ରାଜ୍ୟ ରାଜପଥର ଆମ୍ବପୁଞ୍ଜାଠାରେ ଶନିବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ୨ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ କର୍ମର୍ଦା ଥାନା ନାଛିଦା ପଞ୍ଚାୟତ ଜଳଧାବାଗ ଗ୍ରାମର ଗୌତମ ସାହୁ(୧୮) ଓ ଚନ୍ଦ୍ରଶେଖର ମହାପାତ୍ର(୨୨)। ସୂଚନା ଅନୁଯାୟୀ, ସେମାନେ ଏକ ବାଇକ୍‌ରେ କର୍ମର୍ଦା ଆଡୁ ଜଳେଶ୍ୱର ଅଭିମୁଖେ ଯାଉଥିଲେ। ଜଳେଶ୍ୱର ଥାନା ନାମ୍ପୋ ଫାଣ୍ଡି ଆମ୍ବପୁଞ୍ଜାଠାରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେବାରୁ ଗୌତମ ଓ ଚନ୍ଦ୍ରଶେଖର ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ନାମ୍ପୋ ଫାଣ୍ଡି ପୋଲିସ ପହଞ୍ଚି ଉଭୟଙ୍କୁ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରାଇଥିଲା। ସେଠାରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ।

idco | ODISHA NEW OPPORTUNITIES
No.CAD-3045
File No.HO/Civil/T&E-E-5298/01/2025/993 Dt.09.01.2026
**OFFICE OF THE CHIEF GENERAL MANAGER (CIVIL)-II, IDCO, IDCO TOWER, BHUBANESWAR**
Bid Identification No. CIVIL/EST/25/2025-26
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| | | | |
|---|---|---|---|
| 1. | Name of the Work | : | Construction of Swimming Pool in the district of Koraput, Odisha |
| 2. | Value of work | : | Rs.1742.72 Lakhs (Approx.) |
| 3. | Period of completion | : | 12 (Twelve) Calendar Months |
| 4. | Availability of tender online for Bidding : | | |
| | I. Start Date | : | 18:00 Hours of dt.20.01.2026 |
| | II. Prebid meeting Date | : | 11.30 Hours of dtd.27.01.2026 |
| | III. End date | : | 17:00 Hours of dt.09.02.2026 |
| | IV. Opening Date | : | 17.30 Hours of dt.09.02.2026 |

Tender details can be seen from the e-procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website**.
OIPR- Sd./- Chief General Manager (Civil)-II, IDCO, Bhubaneswar

**CORRIGENDUM**
No. V-32: The schedule for holding the Entrance Examination for admission into Eklavya Model Residential Schools (EMRSs), Kalinga Model Residential Schools (KMRSs) and Biju Patnaik Adarsha Vidyalayas (BPAVs) for the academic session 2026 has been revised.
In partial modification of the earlier notification issued in this regard, the revised schedule for conducting the EMRS Selection Test, KMRS Selection Test and BPAV Selection Test - 2026 is given below.

| Sl. | Contents | Scheduled Dates |
|---|---|---|
| 1 | Online registration of application start date | 16.01.2026 |
| 2 | Last date for submission of offline application | 10.02.2026 |
| 3 | Last date for submission of online application | 12.02.2026 |
| 4 | Verification of documents (Offline/Online) | From 01.01.2026 to 15.02.2026 |
| 5 | Issue of online Admit Card | From 15.02.2026 to 22.02.2026 |
| 6 | Date of EMRSST, KMRSST, BPAVST - 2026 | 22.02.2026 (10 A.M.) |
| 7 | Last date of entry of marks and display of result in web portal | 28.02.2026 |
| 8 | First merit list with issuing intimation letter through SMS, email, phone, letter | 28.02.2026 onwards |

All other terms and conditions mentioned in the earlier notification shall remain unchanged.
For detailed information and updates, please visit: **https://omtes.odisha.gov.in**.
OIPR: Sd./- Secretary, OMTES

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA**
e-Mail-eerw_kuchinda@yahoo.com
**1st Corrigendum to Bid Identification No. Tender online 13/ RWD/ Kuchinda / 2025-26**
**No.O-2075** : Due to unavoidable circumstances, the following changes have been made in this office Bid identification No.- tender online **13/ RWD/ Kuchinda / 2025-26**
The availability of tender for online bidding has been extended from **21.01.2026 at (11.00 A.M.) to 29.01.2026 up to (5.00 P.M.)**
Last date & Time of seeking tender clarification: - **28.01.2026**
Date & Time of opening tender :- **30.01.2026.**
**All other terms and conditions remain unchanged.**
OIPR- Sd./- Superintending Engineer, Rural Works Division, Kuchinda

GOVERNMENT OF ODISHA
DEPARTMENT OF AGRICULTURE AND FARMERS' EMPOWERMENT
**OFFICE OF THE EXECUTIVE ENGINEER (AGRIL.), AGRIL. ENGG DIVISION, RAYAGADA**
No. 52 Date. 16/01/2026
INVITATION FOR BIDS (IFB)
e-procurement notice
**Bid identification number / Tender call notice No. - EE (A) -05 of 2025-26**
**No.L-165** : The Executive Engineer (Agril.), Agril. Engg Division, Rayagada who has been authorized as the procuring officer for the projects of Agril. Engg Division, Rayagada is directed to invite percentage rate bid on behalf of the Governor of Odisha for the Civil construction works (including IE and PH works) under Rayagada Division. The costs of the project are approximately 1.96 to 22.34 Lakhs (Excluding GST & LC). Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from https://tendersodisha.gov.in from **19.01.2026 at 11:00 hours to 31.01.2026 at 17:30 hours**. The bid will be opened on **02.02.2026 at 11:00 AM hours** and onwards in the O/o Executive Engineer, Agril. Engg Division, Rayagada. All other details regarding term and conditions, corrigendum from time to time if any, DTCN etc. can be seen and downloaded from https://tendersodisha.gov.in.
OIPR- Sd./- Executive Engineer (Agril.) Agril. Engg Division, Rayagada

**GOVERNMENT OF ODISHA**
**OFFICE OF THE EXECUTIVE ENGINEER RURAL WORKS DIVISION, BONAI**
No.O-2063
E-mail ID : rwd.bonai@yahoo.com
TENDER CALL NOTICE
**BID IDENTIFICATION NO. ONLINE-EEBNI-06 of 2025-26**
1. Name of the work : Road Repair Works, 2. Total No. of works : 14 (Fourteen) Nos., 3. Estimated cost : Rs.15.40-84.98 Lakhs, 4. Class of contractor : "B", "C" & "D" Class, 5. Period of completion : 01 (One) Month, 6. Type of Tender : Single Cover & Double Cover, 7. Other details :

| Procurement Officer | Bid Identification No. | Availability of tender Online for bidding | | Last date & time of seeking Tender Clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bonai | ONLINE - EEBNI-06 of 2025-26 | 20.01.2026 from 11.00 A.M. | 28.01.2026 upto 05.00 P.M. | 27.01.2026 upto 5.00 P.M. | 29.01.2026 at 11.00 A.M. |

Further details can be seen from the website www.tendersorissa.gov.in & for more information please visit the office.
OIPR- Sd./- Executive Engineer RW Division, Bonai

**ODISHA HYDRO POWER CORPORATION LTD.**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA - 768017, DISTRICT : SAMBALPUR (ODISHA), INDIA
PHONE : 0663-2950721 (O), 2950765, E-Mail : srgmhps_burla@yahoo.co.in
CIN : U40101OR1995SGC003963
No. HHEP/Tech-R&M-P-30, Vol-VI/381 Date : 16.01.2026
**TENDER CALL NOTICE NO. HHEP-07/2026**
**No.CAD-3051** : Sealed tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Manufacturers/Authorized Dealers / Authorized Distributors only for supply and demonstration of the following materials as mentioned below.

| Description of work/ Service | Cost of tender paper (Non-refundable) in Rs. | EMD in shape of DD/BC (Refundable) in Rs. |
|---|---|---|
| Supply and Demonstration of Digital Multimeter and Clamp meters at HHEP, Burla | Rs. 2360/- (Rs. 2000 + GST @ 18%) | 2750/- |

- Sale of tender paper : **21.01.2026 (10.00AM) to 03.02.2026 upto 05.30PM**
- Receipt of tender paper : **04.02.2026 upto 03.30PM**
- Date & time of opening of tender : **04.02.2026 at 04.00PM**

Further details like tender documents / terms & conditions (corrigendum /erratum / addendum, if any), please visit our official website **www.ohpcltd.com**
OIPR- Sd./- C & P Head, HHEP, Burla

**DISTRICT PROJECT OFFICE SAMAGRA SHIKSHA, BHADRAK**
At-Upper Bagurai, Post-Madhabanagar, Bhadrak-756181
No.117/pcd/2026 Dated : 15.01.2026
**NOTICE INVITING TENDER (NIT)**
**No.n-235** : Sealed tenders are invited from the reputed & cridible printers / firms / agencies for printing & supply of "Question cum Answer Sheets, Answer Key & Oral questions" for SA-II for Class-I to IV and VI, VII & Annual Examination for Class-V & VIII 2026 Students in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II for Class-I to IV and VI, VII & Annual Examination for Class-V & VIII 2026 Students | Rs.2000/- | Rs.100000/- | 29.01.2026 | 30.01.2026 |

The detailed BID document is available in the district website https://www.bhadrak.odisha.gov.in and aleo OSEPA website : www.osepa.odisha.gov.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in continuous touch with above website.
The Tender inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.
OIPR- Sd./- Collector-cum-Chairman Samagra Shiksha Bhadrak

**OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO. II BHUBANESWAR**
eerb2_bbsr@yahoo.com
**INVITATIONS FOR BIDS THROUGH e-Procurement**
Bid Identification No- C.C. (R&B) - 02
**e - Procurement Notice No. 35 of 2025-26**
**No.B-971** : The Superintending Engineer, Bhubaneswar (R&B) Division No-II, Bhubaneswar on behalf of the Governor of Odisha invites percentage rate bids for **Four Number Building** works to be received in online bidding, **Single & Double** cover system as detailed in: https://tendersorissa.gov.in. The details of bid documents will be available in the above website from **20.01.2026 to 5.00 P.M. of 02.02.2026**. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of **03.02.2026** in the Office of the Superintending Engineer, Bhubaneswar (R&B) Division No.-II, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum / Corrigendum, if required, will be available only in the Website.
OIPR- Sd./- Superintending Engineer, BBSR (R&B) Division No.II, BBSR

## ସଂକ୍ଷେପରେ

### ଗାଡ଼ି ଦୁର୍ଘଟଣାରେ ୨ ଆହତ

ନନ୍ଦପୁର,୧୮।୧(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର-ସେମିଳିଗୁଡ଼ା ସଂଯୋଗୀ ପୂର୍ତ୍ତ ବିଭାଗ ଏମ୍‌ଡିଆର ୫୫ ରାସ୍ତାର ଗାଲଗାଡ଼ା-ଲୁହାବା ଛକରେ ଏକ ସ୍କର୍ପିଓ ଦୁର୍ଘଟଣାଗ୍ରସ୍ତ ହୋଇ ଶନିବାର ରାତିରେ ୨ଜଣ ଆହତ ହୋଇଛନ୍ତି। ୨ ଆହତ ପଟ୍ଟାଙ୍ଗି ଅଞ୍ଚଳର ସିକନ୍ଦର ଭତ୍ରା ଓ ତାଙ୍କ ସମ୍ପର୍କୀୟ ଭାଇ ଲାଲୁ ଭୋଇ। ସୂଚନାନୁଯାୟୀ, ସିକନ୍ଦର ଓ ଲାଲୁ ଶନିବାର ରାତିରେ(ଓଡି୧୦-ଏସି-୫୦୦୭) ସ୍କର୍ପିଓରେ କୌଣସି କାର୍ଯ୍ୟରେ ନନ୍ଦପୁର ଆସି ଘରକୁ ଫେରୁଥିବା ବେଳେ ରାସ୍ତାରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ନନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ଆହତଙ୍କୁ ଉଦ୍ଧାର କରି ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ କୋରାପୁଟ ସ୍ଥାନାନ୍ତର କରିଛି। ପୋଲିସ ସ୍କର୍ପିଓକୁ ଜବତ କରି ତଦନ୍ତ କରୁଥିବା ଥାନାଧିକାରୀ ମମତା ପଣ୍ଡା ସୂଚନା ଦେଇଛନ୍ତି।

### ଦୋକାନରୁ ସାମଗ୍ରୀ, ଟଙ୍କା ଚୋରି ଅଭିଯୋଗ

କୋରାପୁଟ,୧୮।୧(ଅମିତାଭ ବେହେରା)

କୋରାପୁଟ ବ୍ଲକ ନିକଟ ପଣ୍ଡି ପର୍ଯ୍ୟଟନସ୍ଥଳି ନିକଟରେ ଥିବା ଏକ ଦୋକାନରୁ ନଗଦ ୨ ହଜାର ଟଙ୍କା ସହ ବହୁ ସାମଗ୍ରୀ ଶନିବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। କେଚେଲା ଜଳଭଣ୍ଡାର ନିକଟରେ ପଣ୍ଡି ଗ୍ରାମର ପର୍ଶୁରାମ କିର୍ସାନୀଙ୍କ ଦୋକାନରେ କେହି ଦୁର୍ବୃତ୍ତ ରାସାୟନିକ ତରଳ ପଦାର୍ଥ ପକାଇ ତାଲା ଭାଙ୍ଗି ପଶି ଟଙ୍କା ଓ ୫ହଜାରର ବିଭିନ୍ନ ସାମଗ୍ରୀ ଚୋରି କରିନେଇଥିଲେ। ପର୍ଯ୍ୟଟକମାନଙ୍କ ପାଇଁ ଥିବା ଯନ୍ତ୍ରଚାଳିତ ବୋଟ୍‌ର ସୁରକ୍ଷା ଦଉଡିକୁ ଚୋରି କରିନେଇଛନ୍ତି। ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟି ଦେବାକୁ ପଣ୍ଡି ଗ୍ରାମବାସୀ ଦାବି କରିଛନ୍ତି।

### ବ୍ୟାୟାମ ଉପକରଣ ସ୍ଥାପନ କଲା ପୌର ପ୍ରଶାସନ

ସୁନାବେଡ଼ା,୧୮।୧(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସୁନାବେଡ଼ା ପୌର ପ୍ରଶାସନ ବହୁ ଦିନ ଧରି ପଡ଼ି ରହିଥିବା ବ୍ୟାୟାମ ଉପକରଣକୁ ସ୍ଥାପନ କରିଛି। ଏହି ଉପକରଣଗୁଡ଼ିକ ବାହାରେ ପଡ଼ି ରହି ନଷ୍ଟ ହେଉଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହା ପରେ ପୌର ପ୍ରଶାସନ ତରବରିଆ ଭାବେ ପଡିରହିଥିବା ଜାଗାରେ ଉପକରଣଗୁଡିକୁ ସ୍ଥାପନ କରିଛି। କିନ୍ତୁ ଏହି ଖୋଲାରେ ବସାଯାଇଥିବା ଉପକରଣଗୁଡିକ କେତେ ସୁରକ୍ଷିତ ଓ ଏହାକୁ କିଏ ବ୍ୟବାହାର କରିବ ବୋଲି ପ୍ରଶ୍ନ ଉଠିଛି।

### ୨ ଫେରାର ଅଭିଯୁକ୍ତ ଗିରଫ

ଜୟପୁର,୧୮।୧(ପବନ ପାଣିଗ୍ରାହୀ)

ଅବକାରୀ ମାମଲାରେ ଫେରାର ଥିବା ୨ ଅଭିଯୁକ୍ତଙ୍କୁ ଜୟପୁର ସଦର ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବାଲିଆ ଗ୍ରାମର ସନିଆ ଗାଦବା(୨୮) ଓ ନୂଆଗୁଡା ଗ୍ରାମର କୁମ ଭୁମିଆ(୪୧)।ସନିଆ ଓ କୁମ ୨୦୨୪ରେ ଅବକାରୀ ମାମଲାରେ ସମ୍ପୃକ୍ତ ଥିଲେ। ୨ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ସଦର ଥାନାଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ବ୍ଲକ୍‌ରେ ନାହିଁ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ

ନନ୍ଦପୁର,୧୮।୧(ତୁଷାର କାନ୍ତ ମହାନ୍ତି)


ଉଦ୍ୟାନ ବିଭାଗର ଅବ୍ୟବହୃତ କାର୍ଯ୍ୟାଳୟ ଗୃହ।

ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ସରକାର କାର୍ଯ୍ୟ କରୁଥିବା କହୁଥିବା ବେଳେ କୋରାପୁଟ ଜିଲା ନନ୍ଦପୁର ବ୍ଲକ ପ୍ରତି ଉପେକ୍ଷା କରାଯାଉଥିବା ଅଭିଯୋଗ ହୋଇଛି। ଜିଲାରେ ଅଦା, ଆଳୁ, ପନିପରିବା ଉତ୍ପାଦନ କରୁଥିବା ଏହି ବ୍ଲକରେ ଉଦ୍ୟାନ ବିଭାଗର କାର୍ଯ୍ୟାଳୟ ନାହିଁ। ଚାଷୀ ଆବଶ୍ୟକ ପରାମର୍ଶ, ପ୍ରୋତ୍ସାହନ, ସହାୟତା, ବିହନ ଓ ଉପକରଣ ପାଇଁ ଉଦ୍ୟାନ ବିଭାଗ କର୍ମକର୍ତ୍ତାଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ସାକ୍ଷାତ ଓ ଆଲୋଚନା କରିପାରୁନାହାଁନ୍ତି। କାର୍ଯ୍ୟରତ କର୍ମଚାରୀମାନଙ୍କ ପାଇଁ ବ୍ଲକ୍‌ରେ କାର୍ଯ୍ୟାଳୟ, ବସିବା ଉଠିବା ଓ ରହିବା ସ୍ଥାନ ନ ଥିବାରୁ ସେମାନଙ୍କୁ କେବଳ ବ୍ଲକ୍‌ସ୍ତରୀୟ କିଛି ବୈଠକ ସମୟରେ ଦେଖିବାକୁ ମିଳୁଛି। ଏ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ନନ୍ଦପୁର ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ନିର୍ମାଣ ପାଇଁ କୃଷି ବିଭାଗର ବୈଷୟିକ ବିଭାଗକୁ ୨୦୧୬/୧୭ରେ ଦାୟିତ୍ୱ ଓ ପାଣ୍ଠି ପ୍ରଦାନ କରାଯାଇଥିଲା ବୋଲି ସୂଚନା ରହିଛି। କୃଷି ବିଭାଗ ପକ୍ଷରୁ ନନ୍ଦପୁର ବ୍ଲକ ହିକିମପୁଟ ପଞ୍ଚାୟତ ବିଲାପୁଟ ଗ୍ରାମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାର୍ଶ୍ୱରେ ଏକ କାର୍ଯ୍ୟାଳୟ ଗୃହ ନିର୍ମାଣ କରି ଅଧାପନ୍ତରିଆ ଭାବେ ଛାଡ଼ି ଦିଆଯାଇଛି। କୃଷି ବିଭାଗ ଉକ୍ତ ଗୃହକୁ ବର୍ଷେ ତଳେ ଉଦ୍ୟାନ ବିଭାଗକୁ କାଗଜପତ୍ରରେ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ କରିଥିଲା। ବିଦ୍ୟୁତ୍ ସଂଯୋଗ, କବାଟ, ଝରକା ଓ ରାସ୍ତା ନିର୍ମାଣ ହୋଇ ନ ଥିବାରୁ ଏହା ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଜିଲା ଉଦ୍ୟାନ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଓ ବ୍ଲକ୍‌ରେ ନିଯୁକ୍ତ ବିଭାଗୀୟ କର୍ମଚାରୀଙ୍କ ପାଖରେ ଏହି ଗୃହର ଜମି ବିବରଣୀ ନ ଥିବା ସୂଚନା ରହିଛି। ଜିଲା ଓ ବ୍ଲକ୍ ପ୍ରଶାସନ ସବୁ ଜାଣି ମଧ୍ୟ ଲୋକଙ୍କ ଜୀବନଜୀବିକା ସହ ଜଡ଼ିତ ଉଦ୍ୟାନ ବିଭାଗକୁ ବ୍ଲକରେ ସୁଦୃଢ଼ କରିବା ଓ ବିଭାଗୀୟ କର୍ମକର୍ତ୍ତାଙ୍କ ବସା ଉଠା ପାଇଁ ଏଯାଏ ସ୍ଥାନ ପ୍ରଦାନ ନ କରିବା ନେଇ ପ୍ରଶ୍ନ ଉଠିଛି। ଜିଲା ଉଦ୍ୟାନ ବିଭାଗ,

**ଚାଷୀ ପାଇ ପାରୁନାହାନ୍ତି ଉଚିତ୍ ପରାମର୍ଶ**

ବ୍ଲକ୍ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀ ଓ ବୁଦ୍ଧିଜୀବୀ ଅନୁରୋଧ କରିଛନ୍ତି।

ଏ ସମ୍ପର୍କରେ ଜିଲା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସୁଦାମ ବିଶ୍ୱାଳ ଓ ବିଭାଗୀୟ ସହକାରୀ ଯନ୍ତ୍ରୀ ପ୍ରଶାନ୍ତ ଜାନିଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏହି ଅବ୍ୟବହୃତ ଗୃହକୁ କିଛିଦିନ ତଳେ କୃଷି ବିଭାଗ ଉଦ୍ୟାନ ବିଭାଗକୁ ହସ୍ତାନ୍ତର କରିଛି। ଜମି ଡିମାର୍କେଶନ କରି ପଟ୍ଟା ପ୍ରଦାନ ପାଇଁ ନନ୍ଦପୁର ତହସିଲଦାରଙ୍କୁ ଅନୁରୋଧ ପତ୍ର ଦିଆଯାଇଛି। ପ୍ରାଥମିକ ମରାମତି ପାଇଁ ବର୍ତ୍ତମାନ ବିଭାଗକୁ ୪ ଲକ୍ଷ ଟଙ୍କାର ଅନୁଦାନ ମିଳିଛି। ମାସକ ମଧ୍ୟରେ ମରାମତି କାର୍ଯ୍ୟ ଆରମ୍ଭ ହେବ। ଜମି ଚିହ୍ନଟ ପ୍ରକ୍ରିୟା ସରିଲେ କାର୍ଯ୍ୟାଳୟକୁ ରାସ୍ତା ଓ ଅନ୍ୟ ନିର୍ମାଣ କରାଯାଇ ବ୍ଲକରେ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ଦେଇଛନ୍ତି।

## ବିଭିନ୍ନ ପ୍ରଜାତିର ୨୦୩୯ ପକ୍ଷୀ ଚିହ୍ନଟ



ନନ୍ଦପୁର,୧୮।୧(ତୁଷାର କାନ୍ତ ମହାନ୍ତି)

**ବାଲଡ଼ା ବନାଞ୍ଚଳର ପକ୍ଷୀ ଗଣନା**

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ବାଲଡ଼ା ବନାଞ୍ଚଳ ଅଧୀନ ବନ ବିଭାଗ କର୍ତ୍ତୃପକ୍ଷ ଜୋଲାପୁଟ ଜଳଭଣ୍ଡାର କ୍ଷେତ୍ର କୁଲାବିର, ଗେମେଲପୁଟ ଓ ପୋଡେଇସିଂ ଘାଟରେ ଚଳଚଞ୍ଚଳ ଥିବା ପକ୍ଷୀଙ୍କ ରବିବାର ଗଣନା କରିଛନ୍ତି। ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ବାଦଲ କୁମାର ମହାନ୍ତିଙ୍କ ନେତୃତ୍ୱାଧୀନ ଟିମ୍ ୩ ଘାଟର ୧୫୦ ହେକ୍ଟର ପରିମିତ ଅଞ୍ଚଳରେ ଚଳପ୍ରଚଳ କରୁଥିବା ଦେଶୀ ଓ ବିଦେଶୀ ପକ୍ଷୀଙ୍କ ଗଣନା କରିଥିଲେ। ଗଣନା ବେଳେ ୩୨ ପାଣିକୁଆ, ୧୦୩ କାଣ୍ଟିବଗ, ୯୫ କୁଜି ପାଣିକୁଆ, ୧୪୮ ଛୋଟ ବଗୁଲା, ୧୨ କାଳିଆ ବତକ, ୧୬ କଳାବେକିଆ ବିଲ ହଂସ, ୨୪ କାଞ୍ଚ ବଗ, ୪୨ ବଡ କଷାତଣ୍ଡିଆ, ୧୭ କ୍ଷୁଦ୍ର ଗଙ୍ଗାଚିଲିଣି, ୧୨ ସପୁଆ କୁଆ, ୨୪୨ କାଦୁଅ ଖୁମ୍ପି, ୨୦ ହଟଟିଟି, ୧୪ ନଦୀ ଟିଟିଭି, ୮ ନାନୀ ବତକ, ୧୦୩ ଶାମୁକାଖିଆ, ୧୪୪ ପାଣି ଡୁବୁକି, ୮୦ ବଡ଼ ବଗ, ୩୨୨ ବଡ଼ ପାଣିକୁଆ, ୧୧୭ ମଧ୍ୟମବଗ, ୪ ଡାହୁକ, ୬୬ ପାନକଉଡି, ୫ କଳାକପୋତ(ପଡକି), ୩୪ କପୋତ, ୪୩ ଚିତ୍ର କାପତା, ୧୮ ଘୁମୁରା ପାରା, ୬ ତଟପକ୍ଷୀ, ୩୨ କୁଜି ବଗ, ୩୪ ମାଛରଙ୍କା, ୩୦ ବଣୀ, ୧୯୪ ଇଣ୍ଡିଆନ କୋର୍ମୋଣ୍ଟ, ୧୯ ଗିରି ବତକ, ୩ କଜଳପାତି ମୋଟ ୨୦୩୯ ପକ୍ଷୀ ଗଣନା କରାଯାଇଥିବା ରେଞ୍ଜର ମହାନ୍ତି ସୂଚନା ଦେଇଛନ୍ତି। ଟିମ୍‌ରେ ବାଲଡ଼ା,ପାଡୁଆ ବନପାଳ ଓ ବନ କର୍ମଚାରୀ ସାମିଲ ହୋଇଥିଲେ।

## କାୟାକଳ୍ପ ଟିମର ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ



ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ କାୟାକଳ୍ପ ଟିମ୍‌ର ସଦସ୍ୟ ଓ ଡାକ୍ତରମାନେ ।

ନନ୍ଦପୁର,୧୮।୧(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ସ୍ୱାସ୍ଥ୍ୟ ବିଭାଗର କାୟାକଳ୍ପ ମୂଲ୍ୟାଙ୍କନ ଟିମ୍ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରବିବାର ପରିଦର୍ଶନ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ତର୍ବିଭାଗ ଓ ବହିର୍ବିଭାଗ ସ୍ଥିତି ପରଖିଥିଲେ। ଅନ୍ତେବାସୀଙ୍କ ବିଭିନ୍ନ ଜୈବିକ ବର୍ଜ୍ୟବସ୍ତୁ ପରିଚାଳନା ସମୀକ୍ଷା କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସମେତ ସମସ୍ତ ଡାକ୍ତର ଓ କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ। ଟିମ୍‌ରେ ଆଇଡିଏସ୍‌ପି ସେଲ ମୁଖ୍ୟ ଡ. ସୁରଜିତ ଗରାବଡୁ, ବର୍ଜ୍ୟବସ୍ତୁ ପରିଚାଳନ କନସଲଟାଣ୍ଟ ଡ. ସୌମ୍ୟକାନ୍ତ ପାତ୍ର, ୟୁନିସେଫ କନସଲଟାଣ୍ଟ ଡ. ଅନିଲ କୁମାର ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ। ଜିଲା କ୍ୱାଲିଟୀ ଆସୁରେନ୍ସ ଆସିଷ୍ଟାଣ୍ଟ ମ୍ୟାନେଜର ପୂର୍ଣ୍ଣଚନ୍ଦ୍ର ଭୋଇ କାୟକଳ୍ପ ଦଳର ପରିଦର୍ଶନ ସଂଯୋଜନା କରିଥିଲେ। ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡ.ଅମିତ୍ କୁମାର ସାହୁ ଓ ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ସିପିଆଇ ଜିଲା ପରିଷଦ ବୈଠକ

ଜୟପୁର,୧୮।୧(ପବନ ପାଣିଗ୍ରାହୀ)

କୋରାପୁଟ ସିପିଆଇ ଜିଲା ପରିଷଦର ବୈଠକ ବୁଦ୍ରା ବଡନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଜିଲା ସମ୍ପାଦକ ରାମକୃଷ୍ଣ ଦାସ କାର୍ଯ୍ୟକ୍ରମ ବିବରଣୀ ପ୍ରଦାନ କରିଥିଲେ। ରାଜ୍ୟ କାର୍ଯ୍ୟକାରି କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତି ଶ୍ରମିକ କୃଷକମାନଙ୍କ ସମସ୍ୟା ସମାଧାନ, ବେକାରୀ ସମସ୍ୟା, ଦରଦାମ ବୃଦ୍ଧି ପ୍ରତିବାଦରେ ଦେଶର ୧୦ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଡାକରା ଦେଇଥିବା ଫେବୃଆରୀ ୧୨ ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବାକୁ ସିପିଆଇ ଦଳ ସମସ୍ତ ପ୍ରକାର ପ୍ରସ୍ତୁତି କରିବ। ୨୪ ଜାନୁଆରୀରୁ ୩୧ ଯାଏ ଗଣ ପାଣ୍ଠି ସଂଗ୍ରହ, ଫେବୃଆରୀ ୨ରୁ ୭ ଯାଏ ବିଭିନ୍ନ ବ୍ଲକ୍‌ରେ ଜନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯିବ। ପ୍ରାକ୍ତନ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ ସଭ୍ୟ ପଦ ନବୀକରଣ ଓ ବାମପନ୍ଥୀ ଆନ୍ଦୋଳନକୁ ମଜବୁତ୍ କରିବାକୁ ଆହ୍ୱାନ ଦେଇଛନ୍ତି। ବୈଠକରେ ସୁନୀତା ନାଗ, କୁମର ଜାନୀ, ବଳିଭଦ୍ର ଭୋଇ ଓ ପବନ ମହୁରିଆ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କୋର୍ଟ ନିର୍ଦ୍ଦେଶରେ ଭଙ୍ଗାଗଲା ୫ ଷ୍ଟଲ୍



ଭଙ୍ଗା ଯାଇଥିବା ୫ ଦୋକାନ ଗୃହ ।

ନନ୍ଦପୁର/ପାଡୁଆ,୧୮।୧
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

ବେସରକାରୀ ଜମିକୁ ସରକାରୀ ଦର୍ଶାଇ ନନ୍ଦପୁର ବ୍ଲକ୍ ପାଡୁଆ ପଞ୍ଚାୟତରେ ୨୦୦୮-୯ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଓ ବର୍ଷ ୨୦୧୨-୧୩ରେ ପଞ୍ଚାୟତର ୫ ଦୋକାନ ଗୃହ(ଷ୍ଟଲ୍) ନିର୍ମାଣ ହୋଇଥିଲା। ଜମିମାଲିକ ଶଶିଭୂଷଣ ପାତ୍ର ଏ ନେଇ କୋର୍ଟରେ ଆଶ୍ରୟ ନେଇଥିଲେ। ବିଚାର ପରେ କୋର୍ଟ ଉକ୍ତ ନିର୍ମାଣକୁ ବେଆଇନ ଦର୍ଶାଇ ନିର୍ମାଣ ହୋଇଥିବା ୨ ସୌଧକୁ ଭାଙ୍ଗି ଜମି ମାଲିକକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ପାଡୁଆ ପୋଲିସ କାର୍ଯ୍ୟକାରୀ କରିଛି। ମାଜିଷ୍ଟ୍ରେଟ ନନ୍ଦପୁର ତହସିଲଦାର ଦେବବ୍ରତ ମହାରଣା, ପାଡୁଆ ଥାନାଧିକାରୀ ଅଶୋକ କୁମାର ବିଶୋୟୀ ଓ ପୋଲିସର ଉପସ୍ଥିତିରେ ବୁଲଡୋଜର ସହାୟତାରେ ୫ ଦୋକାନ ଗୃହ ଭାଙ୍ଗି ଦିଆଯାଇଛି। ସରକାରୀ ଅର୍ଥ ଓ ସରକାରୀ ଜମିରେ ସରକାରୀ ଭିତ୍ତିଭୂମି ନିର୍ମାଣ ପାଇଁ ନିୟମ ରହିଛି। ନିର୍ମାଣ ବେଳେ ଜମି ଚିହ୍ନଟରେ ଅଧିକାରୀ ବେପାରୁଆ ମନୋଭାବ ପ୍ରଦର୍ଶନ କରିଥିବା କହିଛନ୍ତି। ଏଥିପାଇଁ ୨ ସୌଧ ଭାଙ୍ଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପାଡୁଆ ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ନିର୍ମାଣ ବାବଦକୁ ୧୩ ଲକ୍ଷ ୪୬ହଜାର ୭୭୨ଟଙ୍କା ଖର୍ଚ୍ଚ ଓ ଦୋକାନ ଗୃହ ବାବଦକୁ ୧୦ରୁ ଊର୍ଦ୍ଧ୍ୱ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଏଭଳି ସରକାରୀ ଅର୍ଥର ଅପଚୟ ପାଇଁ ପାଡୁଆ ପଞ୍ଚାୟତ, ନନ୍ଦପୁର ବ୍ଲକ ପ୍ରଶାସନ ଓ ଜମି ଚିହ୍ନଟ କରି ସ୍କେଚ୍ ମ୍ୟାପ ଦେଇଥିବା ପାଡୁଆ ରାଜସ୍ୱ ନୀରିକ୍ଷକ ଦାୟୀ ହେବେ କି ବୋଲି ପ୍ରଶ୍ନ କରିଛନ୍ତି। ଜିଲା ପ୍ରଶାସନ, ରାଜ୍ୟ ପଞ୍ଚାୟତିରାଜ ବିଭାଗ ଓ ରାଜସ୍ୱ ବିଭାଗ ଆର୍ଥିକ ଅପଚୟ ରୋକିବାକୁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ବୈପାରୀଗୁଡ଼ା ପ୍ରିମିୟର୍ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ



ଅତିଥିଙ୍କ ସହ ବିଜୟୀ ଟିମ୍।

ବୈପାରୀଗୁଡା,୧୮।୧(କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରୀଗୁଡ଼ା ମିନି ଷ୍ଟାଡିୟମରେ ବୈପାରୀଗୁଡା ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ୍‌ରେ ରୟାଲ ଇଲେଭେନ୍ ଚାମ୍ପିୟନ ହୋଇଛି। ନିର୍ଦ୍ଧାରିତ ୧୫ ଓଭରରେ ୩ ୱିକେଟ ବିନିମୟରେ ରୟାଲ ଟିମ୍ ୧୭୮ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଜାଗୁଆର ଟିମ୍ ୬ ୱିକେଟ୍ ହରାଇ ୧୭୦ ରନ୍ ସଂଗ୍ରହ କରି ହାରିଥିଲା। ବିଜୟ ବୁରୁଡି ମ୍ୟାନ୍ ଅଫ ଦି ମ୍ୟାଚ୍,ହିମାଂଶୁ ମହାନ୍ତି ବେଷ୍ଟ ବୋଲର, ପୁରୁଷୋତ୍ତମ ପାଇକ ବେଷ୍ଟ ୱିକେଟକିପର, ମଧୁସୁଦନ ରାଉତ ବୋଲର ଅଫ ଦି ଟୁର୍ନାମେଣ୍ଟ ଓ କାର୍ତ୍ତିକ ହନ୍ତାଳ ବେଷ୍ଟ କ୍ୟାଚର ମନୋନୀତ ହୋଇଛନ୍ତି। ଉଦ୍‌ଯାପନୀରେ କୋରାପୁଟ ବିଧାୟକ ରଘୁରାମ ମାଛ ବିଜୟୀ ଓ ରନରଅପ ଟିମ୍‌କୁ ପୁରସ୍କୃତ କରିଛନ୍ତି।

## ଛାତ୍ରୀଙ୍କୁ ପ୍ରଲୋଭନ ଦେଖାଇ ଅପହରଣ ଅଭିଯୋଗ

ଦଶମନ୍ତପୁର,୧୮।୧(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଧୀନ ଚଣାବାଡ଼ ପଞ୍ଚାୟତର ଜଣେ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ଅପହରଣ କରି ନେଇଥିବା ଥାନାରେ ଶନିବାର ଅଭିଯୋଗ ହୋଇଛି। ନାରାୟଣ ଜାନୀ ନାମକ ଜଣେ ଯୁବକ କିଛି ଦିନ ତଳେ ଛାତ୍ରୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ନେଇ ଯାଇଥିବା ସମ୍ପର୍କୀୟ ଲିଖିତ ଅଭିଯୋଗ କରିଥିଲେ। ଅତିରିକ୍ତ ଥାନାଧିକାରୀ ନିଳାଦ୍ରୀ କଅଁର ତଦନ୍ତ କରୁଥିବା ଜଣାପଡିଛି। ଛାତ୍ରୀ ଓ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରାଯାଉଛି।

## ଏନ୍‌ପିଏସ୍ ଶିକ୍ଷକଙ୍କ ବନ୍ଧୁମିଳନ


ବନ୍ଧୁମିଳନରେ ଏକାଠି ହୋଇଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀ ।

କୋରାପୁଟ,୧୮।୧(ଅମିତାଭ ବେହେରା)

କୋରାପୁଟ ଶିକ୍ଷା ବ୍ଲକ୍ ଏନ୍‌ପିଏସ୍ ଶିକ୍ଷକମାନଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସୁକୁରିଗୁଡ଼ା ନିକଟରେ ଅନୁଷ୍ଠିତ ହୋଇଛି। ୨୦୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗଦେଇଥିଲେ। ଏହି ଅବସରରେ ଏନ୍‌ପିଏସ୍ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ପଦୋନ୍ନତି,ପୁରୁଣା ପେନସନ,ଗ୍ରେଡ ପେ ଓ ନ୍ୟାଶନାଲ ଇନକ୍ରିମେଣ୍ଟ ବିଷୟ ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ସଂଘର କାର୍ଯ୍ୟକର୍ତ୍ତା ସୂର୍ଯ୍ୟକାନ୍ତ ବେହେରା, ତ୍ରିଲୋକେଶ ପଣ୍ଡା,ସୁବୋଧ ମାଝି, ରମାକାନ୍ତ ମହାନ୍ତି, ନୀଳମଣି ଦାସ ଓ ଜ୍ୟୋତି ପାଢ଼ୀ ଆୟୋଜନ ଓ ପରିଚାଳନା କରିଥିଲେ।

## ଏକତା, ଭାଇଚାରା ବଜାୟ ରଖିବାକୁ ଆହ୍ୱାନ

ପଡିଆ, ୧୮।୧ (ଭାସ୍କର ରାଓ)

**ଜିଲାସ୍ତରୀୟ ବିଶ୍ୱ ହିନ୍ଦୁ ସମ୍ମିଳନୀ**

ମାଲକାନଗିରି ଜିଲା ପଡିଆ ବ୍ଲକ ସଦର ମହକୁମାଠାରେ ରବିବାର ଜିଲାସ୍ତରୀୟ ବିଶ୍ୱ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଡିଆ ବ୍ଲକ ମୁଖ୍ୟ ପୂଜାରୀ ମୋହନ ବାହାଦୁରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମ୍ମିଳନୀରେ ଜିଲା ମୁଖ୍ୟ ପୂଜାରୀ ଲବ ପଡିଆମି, ନନ୍ଦରାମ ନୁପା, କାଲିମେଳା ବ୍ଲକ ମୁଖ୍ୟ ପୂଜାରୀ ତେଲାମ ବୀମା, ପଡିଆ ବ୍ଲକ ଉପ ସଭାପତି ବିଜୟ ମାଢ଼ି, ସହପ୍ରାନ୍ତ ଶାରିରୀକ ପ୍ରମୁଖ ତଥା ମୁଖ୍ୟବକ୍ତା ସମ୍ବାରୁ ପଡିଆମି, କେ. ଏଙ୍କାୟା, ପଡିଆ ସରପଞ୍ଚ କାରାମ ଗଙ୍ଗା, ମାଟେରୁ ସରପଞ୍ଚ ଲଛମନ ମାଡକାମିଙ୍କ ସହ ବିଶ୍ୱ ହିନ୍ଦୁ ପରିଷଦର ବହୁ ସଦସ୍ୟ ଅଂଶଗ୍ରହଣ କରିଥିଲେ । ଭାରତରେ ବସବାସ କରୁଥିବା ସମସ୍ତ ଭାରତୀୟ ଏକଜୁଟ ହୋଇ ଦେଶକୁ ଏକ ହିନ୍ଦୁ ରାଷ୍ଟ୍ର ଭାବେ ପରିଣତ କରିବା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ବାଂଲାଦେଶରେ ହିନ୍ଦୁଙ୍କ ପ୍ରତି ଅତ୍ୟାଚାର ଏବଂ ହତ୍ୟା ଘଟଣାକୁ ସମାବେଶରେ ନିନ୍ଦା କରାଯିବା ସହ ଅନୁପ୍ରବେଶକାରୀ ବାଂଲାଦେଶୀଙ୍କୁ ତୁରନ୍ତ ଚିହ୍ନଟ କରି ଦେଶରୁ ବିତାଡିତ କରିବା ପାଇଁ ଦାବି କରାଯାଇଛି। ମାଲକାନଗିରି ଭଳି ଏକ ଶାନ୍ତିପ୍ରିୟ ଜିଲାରେ ବସବାସ କରୁଥିବା ସମସ୍ତ ଜନସାଧାରଣ ଭାଇଚାରା ବଜାୟ ରଖିବା ସହ ଦେଶ ବାହାରୁ ଆସିଥିବା ଅନେକ ଛଦ୍ମବେଶୀ ମୁସଲମାନ ଓ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ପ୍ରଶାସନକୁ ହସ୍ତାନ୍ତର କରିବା ପାଇଁ ଦୃଢ ସ୍ୱରରେ ସମସ୍ତେ ସହମତ ପ୍ରକାଶ କରିଥିଲେ।



ହିନ୍ଦୁ ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

## ବହୁବାର ଦାବି ପରେ ବି ତିଆରି ହେଉନି ରାସ୍ତା

କୋରୁକୋଣ୍ଡା, ୧୮।୧(ଶିବଦତ୍ତ ସାହୁ)

- ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ଅଞ୍ଚଳବାସୀ
- ଅନୁଦାନ ଆସିବା ପରେ କରାଯିବ ରାସ୍ତା କାମ: ଏସ୍‌ଡିଓ

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ପୁରୁଣା ଚିମଟାପାଲୀ ପଞ୍ଚାୟତ ଅଧୀନ କାତାପାଲୀ ଗ୍ରାମକୁ ଗୋମ୍ପାକୋଣ୍ଡା ମୁଖ୍ୟ କେନାଲ ରାସ୍ତାରୁ ସଂଯୋଗ କରୁଥିବା ପ୍ରବେଶ ପଥର ପ୍ରାୟ ୮ ଶହ ମିଟର ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ନିର୍ମାଣ ପାଇଁ ଦୀର୍ଘ ବର୍ଷ ଧରି ବହୁବାର ଆରଡି ବିଭାଗର ଅଧିକାରୀ ଓ ଜିଲା ପ୍ରଶାସନକୁ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଶନିବାର ପଞ୍ଚାୟତର ସମିତି ସଭ୍ୟା ମଦନା ପାମିଆଙ୍କ ନେତୃତ୍ୱରେ କତେଜଣ ଅଞ୍ଚଳବାସୀ ମାଲକାନଗିରି ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ସୁଜାତା ଦିଶାରୀଙ୍କୁ ସାକ୍ଷାତ କରି ରାସ୍ତା ନିର୍ମାଣ ପାଇଁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଞ୍ଚଳବାସୀଙ୍କ କହିବାନୁସାରେ ୨୦୧୯ରେ ଆରଡି ବିଭାଗ ପକ୍ଷରୁ କତାପାଲୀରୁ ନଦୀ ଘାଟ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ତିଆରି ପାଇଁ ଟେଣ୍ଡର କରାଯାଇଥିଲା। ଠିକାଦାର କିନ୍ତୁ ଗୋମ୍ପାକୋଣ୍ଡା କେନାଲ ମୁଖ୍ୟ ରାସ୍ତାରୁ କତାପାଲୀ ଗାଁର ମୁଖ୍ୟ ପ୍ରବେଶ ପଥର ପ୍ରାୟ ୮ ଶହ ମିଟର ରାସ୍ତା ତିଆରି ନ କରି ଗାଁ ମଝିରୁ ନଦୀ ଘାଟ ପର୍ଯ୍ୟନ୍ତ ଥିବା ରାସ୍ତା ନିର୍ମାଣ କରିଥିଲେ। ଗାଁର ପ୍ରବେଶ ପଥର ମୁଖ୍ୟ ରାସ୍ତା ନିର୍ମାଣ କରାଯାଇ ନ ଥିବାରୁ ଏହି ରାସ୍ତାର ସ୍ଥିତି ଶୋଚନୀୟ ହୋଇପଡ଼ିଛି। ରାସ୍ତାଟି ବଡ ବଡ ଖାଲ ଖମାରେ ପରିପୂର୍ଣ୍ଣ ହୋଇ ରହିଛି। ଫଳରେ ବର୍ଷା ଦିନରେ ଗାଁକୁ ଆମ୍ବୁଲାନ୍ସ ଆସିପାରେନାହିଁ। ଏହି ରାସ୍ତା ଉପରେ ପ୍ରତିଦିନ କତାପାଲୀ, ୬ ନମ୍ବର କଲୋନୀ ଓ ନୂଆଗୁଡ଼ାବାସୀ ନିର୍ଭର କରନ୍ତି। ବିଭାଗ ପକ୍ଷରୁ ଏହି ରାସ୍ତା ତିଆରି କରାଯାଉ ନ ଥିବାରୁ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନ ଏହାକୁ ଅତି ଗୁରୁତ୍ୱର ସହ ଗ୍ରହଣ କରି ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ପଞ୍ଚାୟତ ସମିତି ସଭ୍ୟା ମଦନା ପାମିଆ, ଇର୍ମା ପଡିଆମୀ, ଇର୍ମା ସୋଡି, ରାମ ପୂଜାରୀ, ବିଶ୍ୱନାଥ ଖରା, ଆନନ୍ଦ ପାଙ୍ଗି, ବୁଦ୍ରା ମୁଣ୍ଡା ଗୁଡ଼ିଆ, ନନ୍ଦ ଖିଲ, ଲକ୍ଷ୍ମୀ ହନ୍ତାଳଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଆରଡି ବିଭାଗର ଏସ୍‌ଡିଓ ଅସିତ ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବିଭାଗ ପକ୍ଷରୁ ପିଏମ୍‌ଜେଏସ୍‌ୱାଇରେ ସର୍ଭେ କରାଯାଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଯାଇଛି। ଅନୁମୋଦନ ପରେ ତୁରନ୍ତ ରାସ୍ତା ନିର୍ମାଣ କରାଯିବ।


ଯନ୍ତ୍ରୀଙ୍କ ସହ ଗ୍ରାମବାସୀ ଆଲୋଚନା କରୁଛନ୍ତି।

# ହାଇପରଟେନ୍ସନ: କାରଣ, ପ୍ରତିକାର



ଡା. ରିତେଶ ଆଚାର୍ଯ୍ୟ

"ଅନେକ ଲୋକ ରକ୍ତଚାପ ବଢ଼ିଥିବା ନିଜେ ଜାଣି ନ ଥିବାରୁ ଡାକ୍ତରଙ୍କ ପାଖକୁ ଯାଆନ୍ତି ନାହିଁ। ଏହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଫଳରେ ହଠାତ୍ ହୃଦ୍‌ଘାତ, ମସ୍ତିଷ୍କ ଷ୍ଟ୍ରୋକ୍, କିଡ୍‌ନୀ ବିଫଳତା ଓ ଦୃଷ୍ଟିଶକ୍ତି ହ୍ରାସ ପରି ସମସ୍ୟା ଦେଖାଯାଏ। ଭାରତୀୟ ତଥ୍ୟ (ଆଇସିଏମ୍ଆର୍ ୨୦୨୨) ଅନୁସାରେ ୪୦ ବର୍ଷ ଊର୍ଦ୍ଧ୍ୱ ପ୍ରାପ୍ତବୟସ୍କଙ୍କ ମଧ୍ୟରୁ ପ୍ରାୟ ୧ରୁ ୨ ଜଣ ନିଜେ ରକ୍ତଚାପ ବଢ଼ିଥିବା ବିଷୟ ଜାଣି ନ ଥାନ୍ତି। ଅନଡାଇଗ୍ନୋସିଡ୍ ହାଇପରଟେନ୍ସନ ରୋଗୀଙ୍କଠାରେ ଷ୍ଟ୍ରୋକ୍ ଆଶଙ୍କା ୩ ଗୁଣା ଅଧିକ ଓ ହୃଦ୍‌ଘାତ ଆଶଙ୍କା ୨.୫ ଗୁଣା ଅଧିକ ଥାଏ।"

ହାଇପରଟେନ୍ଶନ ବା ଉଚ୍ଚ ରକ୍ତଚାପ ଆଜି ଭାରତ ଓ ସାରା ବିଶ୍ୱରେ ସବୁଠୁ ଅଧିକ ଜୀବନ ବିପଦ ସୃଷ୍ଟି କରୁଥିବା ରୋଗମାନଙ୍କ ମଧ୍ୟରୁ ଅନ୍ୟତମ। ଏହାକୁ ସାଇଲେଣ୍ଟ କିଲର ବୋଲି କୁହାଯାଏ। କାରଣ ଏହା ବହୁ ସମୟ ପର୍ଯ୍ୟନ୍ତ କୌଣସି ଲକ୍ଷଣ ଦେଖା ନ ଦେଇ ଶରୀରର ହୃତ୍‌ପିଣ୍ଡ, ମସ୍ତିଷ୍କ, କିଡ୍‌ନୀ ଓ ଚକ୍ଷୁ ଭଳି ଆମ ଶରୀର ପ୍ରମୁଖ ଅଙ୍ଗଗୁଡ଼ିକୁ ଧୀରେ ଧୀରେ କ୍ଷତି କରେ।

**ଭାରତରେ ହାଇପରଟେନ୍ସନ:** ଏକ ସର୍ଭେରୁ ଜଣାପଡିଛି ଯେ ଭାରତରେ ପ୍ରାୟ ୨୯-୩୧ ପ୍ରତିଶତ ପ୍ରାପ୍ତବୟସ୍କ ଲୋକ ହାଇପରଟେନସନରେ ଆକ୍ରାନ୍ତ। ସହର ଅଞ୍ଚଳରେ ଏହାର ପରିମାଣ ପ୍ରାୟ ୩୫-୪୦ ପ୍ରତିଶତ ହୋଇଥିବା ବେଳେ ଗ୍ରାମାଞ୍ଚଳରେ ପ୍ରାୟ ୨୫ପ୍ରତିଶତ ବୋଲି ଏଥିରୁ ଜଣାପଡିଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଲା ଯେ ପ୍ରାୟ ୫୦-୬୦ ପ୍ରତିଶତ ଲୋକ ହାଇପରଟେନ୍ସନ ବିଷୟରେ ଅବଗତ ହୋଇ ନ ଥାନ୍ତି ଅର୍ଥାତ୍ ସେମାନେ ନିଜର ରକ୍ତଚାପ ବଢ଼ିଥିବା ବିଷୟ ଜାଣି ନ ଥାନ୍ତି। ଭାରତରେ ସମସ୍ତ ହୃଦ୍‌ଘାତର ୫୦ ପ୍ରତିଶତ, ମସ୍ତିଷ୍କାଘାତ (ଷ୍ଟ୍ରୋକ୍)ର ୬୦-୬୫ ପ୍ରତିଶତ ଓ କିଡ୍‌ନୀ ଫେଲ୍ୟୁଅର (ସିକେଡି)ର ୩୫-୪୦ ପ୍ରତିଶତ ହାଇପରଟେନ୍ସନ ସହ ସମ୍ପୃକ୍ତ।

**ଅନଡାଇଗ୍ନୋସିଡ ହାଇପରଟେନ୍ସନ** ଅନେକ ଲୋକ ନିଜେ ରକ୍ତଚାପ ବଢ଼ିଥିବା ଜାଣି ନ ଥିବାରୁ ଡାକ୍ତରଙ୍କ ପାଖକୁ ଯାଆନ୍ତି ନାହିଁ। ଏହାର ଖରାପ ପ୍ରଭାବ ଶରୀର ଉପରେ ପଡିଥାଏ। ଫଳରେ ହଠାତ୍ ହୃଦ୍‌ଘାତ, ମସ୍ତିଷ୍କ ଷ୍ଟ୍ରୋକ୍, କିଡ୍‌ନୀ ବିଫଳତା ଓ ଦୃଷ୍ଟି ଶକ୍ତି ହ୍ରାସ ପରି ସମସ୍ୟା ଦେଖାଯାଏ। ଭାରତୀୟ ତଥ୍ୟ (ଆଇସିଏମ୍ଆର୍ ୨୦୨୨) ଅନୁସାରେ ୪୦ ବର୍ଷର ଊର୍ଦ୍ଧ୍ୱ ପ୍ରାପ୍ତବୟସ୍କଙ୍କ ମଧ୍ୟରୁ ପ୍ରାୟ ୧ରୁ ୨ ଜଣ ନିଜେ ରକ୍ତଚାପ ବଢ଼ିଥିବା ବିଷୟ ଜାଣି ନ ଥାନ୍ତି। ଅନଡାଇଗ୍ନୋସିଡ ହାଇପରଟେନ୍ସନ ରୋଗୀଙ୍କଠାରେ ଷ୍ଟ୍ରୋକ୍ ଆଶଙ୍କା ୩ ଗୁଣା ଅଧିକ ଓ ହୃଦ୍‌ଘାତ ଆଶଙ୍କା ୨.୫ ଗୁଣା ଅଧିକ ଥାଏ।

**ସମାଧାନ:** ୩୦ ବର୍ଷ ପରେ ପ୍ରତି ବ୍ୟକ୍ତିଙ୍କ ନିୟମିତ ସମୟ ବ୍ୟବଧାନରେ ରକ୍ତଚାପ ଯାଞ୍ଚ କରିବା ଉଚିତ। ଅନ୍ୟପକ୍ଷରେ ଡାଇବେଟିସ୍, ମେଦବହୁଳତା ସମସ୍ୟା ଥିଲେ ଏବଂ ନିଶାଦ୍ରବ୍ୟ ସେବନ ଏକ ଅଭ୍ୟାସରେ ପରିଣତ ହୋଇଯାଇଥିଲେ ପ୍ରତି ୩-୬ ମାସରେ ଥରେ ରକ୍ତଚାପ ମାପିନେବା ଦରକାର।



## ଠିକ୍ ନିରୀକ୍ଷଣ ଓ ରକ୍ତଚାପ ଲକ୍ଷ୍ୟ

**ଆଦର୍ଶ ରକ୍ତଚାପ (ନର୍ମାଲ ବ୍ଲଡ୍ ପ୍ରେସର୍):** ସମସ୍ତ ରୋଗୀ ପାଇଁ ଏହି ସୀମା (<୧୩୦/୮୦ mmHg) ଅତ୍ୟାବଶ୍ୟକ। ଯେଉଁମାନେ ମଧୁମେହ, କିଡ୍‌ନୀ ରୋଗ ବା ହୃଦ୍ ସମସ୍ୟା ଅଛି, ସେମାନଙ୍କ ପାଇଁ ଏହି ଲକ୍ଷ୍ୟ ଆହୁରି ଜରୁରୀ।

**ଅନିୟନ୍ତ୍ରିତ ରକ୍ତଚାପ (ଇମ୍ୟାଲାନ୍ସଡ ବ୍ଲଡ୍ ପ୍ରେସର୍):** ଏହାଦ୍ୱାରା ଷ୍ଟ୍ରୋକ୍ ସମସ୍ୟା ୪ ଗୁଣା ବଢ଼େ ଓ ହୃଦ୍‌ଘାତ ସମସ୍ୟା ୩ ଗୁଣା ବଢ଼େ , ବୃକ୍କ ବିଫଳତା (କିଡ୍‌ନୀ ଫେଲ୍ୟୁଅର) ସମସ୍ୟା ୨.୫ ଗୁଣା ବଢ଼େ। ଖାଦ୍ୟ ଓ ପୋଷଣ (ଡାଏଟାରି ମଡିଫିକେଶନ୍) କରିବା ଉଚିତ। ପ୍ରତିଦିନ ଲୁଣ <୫ ଗ୍ରାମ ଖାଇଲେ ସିଷ୍ଟୋଲିକ BP ୫-୬ mmHg କମିପାରେ। **ସବୁଜ ପନିପରିବା ଓ ଫଳ:** ସବୁବେଳ ସବୁଜ ପନିପରିବା ଏବଂ ତଟକା ଫଳମୂଳ ଖାଆନ୍ତୁ। ଚର୍ବିଜାତୀୟ ଖାଦ୍ୟ କମ୍ ଖାଆନ୍ତୁ। **ଏଡ଼ାଇବା ଉଚିତ:** ପ୍ରୋସେସ୍ଡ ଖାଦ୍ୟ, ଅଧିକ ଲୁଣ ଓ ତେଲିଆ ଖାଦ୍ୟ। ଅଧିକ ମିଠା, ସଫ୍ଟ ଡ୍ରିଙ୍କ। ଧୂମପାନ ଓ ମଦ୍ୟପାନ।

**ଡାସ୍ ଡାଏଟ୍ (DASH Diet):** ବୈଜ୍ଞାନିକ ପ୍ରମାଣ ଅନୁସାରେ, ନିୟମିତ ଡାସ୍ ଡାଏଟ୍ ଖାଇଲେ ସିଷ୍ଟୋଲିକ BP ୮-୧୪ mmHg ପର୍ଯ୍ୟନ୍ତ କମାଇପାରେ।

## କ'ଣ କରିବେ

**ନିୟମିତ ବ୍ୟାୟାମ:** ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ସାମିଲ କରନ୍ତୁ। ପ୍ରତି ସପ୍ତାହରେ ଅତିକମ୍‌ରେ ୧୫୦ ମିନିଟ ଚାଲନ୍ତୁ। ମର୍ନିଂ ୱାକ୍ କରିବା ସମୟରେ ଟିକେ ଦ୍ରୁତ ଗତିରେ ଚାଲନ୍ତୁ। ଏହା ବ୍ୟତୀତ ପହଁରିବା, ଜଗିଂ, ସାଇକେଲିଂ, ଯୋଗ, ପ୍ରାଣାୟାମ ଇତ୍ୟାଦି ଏଥିରେ ସାମିଲ କରନ୍ତୁ।

**ଓଜନ ନିୟନ୍ତ୍ରଣ:** ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଓଜନ ନିୟନ୍ତ୍ରଣ। ବୟସ ଅନୁସାରେ ଓଜନ କେତେ ରହିବ ଡାକ୍ତରଙ୍କ ସହ ପରାମର୍ଶ କରି ବୁଝି ନିଅନ୍ତୁ। କାରଣ ଓଜନ ଯଦି ଅନିୟନ୍ତ୍ରିତ ରହିଲା ତେବେ ତାହା ପରୋକ୍ଷରେ ଅନେକ ଶାରିରୀକ ସମସ୍ୟାର କାରଣ ସାଜିଥାଏ।

**ନିଶାଦ୍ରବ୍ୟ ସେବନ ବର୍ଜନ କରନ୍ତୁ**
ଆଜିକାଲି ଅନେକେ ନିଶାଦ୍ରବ୍ୟ ସେବନ ସହ ଜଡିତ। ଧୂମପାନ, ମଦ୍ୟପାନ, ଗୁଟ୍‌ଖା ତଥା ତମାଖୁଜାତୀୟ ଦ୍ରବ୍ୟ ସେବନ ଅଭ୍ୟାସ ଥିଲେ ଏହାକୁ ଯେତେ ଶୀଘ୍ର ବର୍ଜନ କରନ୍ତୁ। ରକ୍ତଚାପ ବୃଦ୍ଧି କରିବାରେ ଏସବୁ ସାହାଯ୍ୟ କରିଥାଏ। ନିଶାଦ୍ରବ୍ୟ ସେବନ ବର୍ଜନ କଲେ ଆପଣ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବେ।

**ମାନସିକ ଚାପ**
ମାନସିକ ଚାପଠାରୁ ନିଜକୁ ଦୂରେଇ ରଖନ୍ତୁ। ପ୍ରତିଦିନ ଯୋଗ ଓ ଧ୍ୟାନ ୨୦-୩୦ ମିନିଟ କଲେ ରକ୍ତଚାପ ପ୍ରାୟ ୪-୬ mmHg କମିଥାଏ।

**ସୁନିଦ୍ରା:** ନିଜକୁ ସୁସ୍ଥ ରଖିବାକୁ ହେଲେ କିମ୍ବା ରକ୍ତଚାପଠାରୁ ଦୂରେଇ ରହିବାକୁ ହେଲେ ରାତିରେ ଅତିକମ୍‌ରେ ୭-୮ ଘଣ୍ଟା ଶୁଅନ୍ତୁ। ସକାରାତ୍ମକ ମନୋଭାବ: ନିଜର ମନୋଭାବକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ରକ୍ତଚାପ ଆଶଙ୍କା କମ୍ ରହିବ ଏବଂ ରକ୍ତଚାପ ଥିଲେ ତାହା କେତେକାଂଶରେ ନିୟନ୍ତ୍ରଣରେ ରହିବ। ଅଧିକ ଟେନସନ୍‌ର ବଶବର୍ତ୍ତୀ ହେଲେ ରକ୍ତଚାପ ବଢ଼ି ଯାଇଥାଏ। (କ୍ରମଶଃ...)

-କନ୍‌ସଲ୍‌ଟାଣ୍ଟ, କାର୍ଡିଓଲୋଜିଷ୍ଟ ଆଣ୍ଡ ଇଲେକ୍ଟ୍ରୋଫିଜିଓଲୋଜିଷ୍ଟ, ହୃଦ୍‌ରୋଗ ବିଭାଗ, ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ଭୁବନେଶ୍ୱର
ମୋ: ୯୪୩୮୧୮୧୭୮୬

## ଦୀର୍ଘକାଳୀନ ରୋଗରୁ ଉପଶମ ଦିଏ ଅଙ୍ଗୁର



ଅଙ୍ଗୁରରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରିରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ ଅଙ୍ଗୁର ଖାଆନ୍ତି, ତେବେ ସେ ଦୀର୍ଘକାଳୀନ ରୋଗରୁ କେତେକାଂଶରେ ଉପଶମ ଲାଭ କରିପାରିବେ। କେବଳ ସେତିକି ନୁହେଁ, ଏଥିରେ ଏଭଳି ଗୁଣ ରହିଛି ଯାହା କ୍ୟାନ୍‌ସର ଆଶଙ୍କାକୁ କେତେକାଂଶରେ ଦୂରେଇବାରେ ସକ୍ଷମ ହୋଇଥାଏ। ଅଙ୍ଗୁରରେ ଆଣ୍ଟି ଅକ୍ସିଡାଣ୍ଟ ଭରିରହିଛି। ଏହା ଶରୀରରେ ପୋଟାସିୟମ୍ ଓ ସୋଡିୟମ୍ ମାତ୍ରାକୁ ସନ୍ତୁଳିତ ରଖେ। ନିୟମିତ ଅଙ୍ଗୁର ଖାଇଲେ ଉଚ୍ଚ ରକ୍ତଚାପ ମଧ୍ୟ ନିୟନ୍ତ୍ରଣରେ ରହିଥାଏ। ଏହା ଶରୀରରେ କୋଲେଷ୍ଟରଲ୍‌ର ମାତ୍ରାକୁ ବି କମାଇଦିଏ। ସବୁଠାରୁ ଖାସ୍ କଥା ହେଲା, ଦୃଷ୍ଟିଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ ଅଙ୍ଗୁର। ସ୍ମରଣ ଶକ୍ତି ବଢ଼ାଇବା ସହ ମସ୍ତିଷ୍କକୁ ବୃଦ୍ଧିରେ ସାହାଯ୍ୟ କରେ। ଏହାକୁ ଖାଇବା ଦ୍ୱାରା ଅସ୍ଥି ମଧ୍ୟ ଶକ୍ତ ରହେ। ଅଙ୍ଗୁରରେ ଭିଟାମିନ୍-ସି ଅଧିକ ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।

## ଜାଣିରଖନ୍ତୁ



ସମସ୍ତ ପ୍ରକାର ହୃଦ୍‌ରୋଗଜନିତ ରୋଗର ୨୦ ପ୍ରତିଶତ ଧୂମପାନ ଯୋଗୁ ହୋଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ଅନୁଯାୟୀ ଭାରତର ୭୦ ପ୍ରତିଶତ ପୁରୁଷ ଏବଂ ୧୩-୧୫ ପ୍ରତିଶତ ମହିଳା ଧୂମପାନ କରିଥାଆନ୍ତି। ନିୟମିତ ଧୂମପାନ କଲେ ହୃଦ୍‌ରୋଗ, ଫୁସ୍‌ଫୁସ୍‌ଜନିତ ରୋଗ ସହିତ ଅନ୍ଧତ୍ୱ, ଦ୍ୱିତୀୟ ପ୍ରକାର ମଧୁମେହ (ଟାଇପ-୨ ଡାଇବେଟିସ୍), ଉଚ୍ଚ ରକ୍ତଚାପ, ଯୌନ ଅକ୍ଷମତା, ହାଡର ଦୁର୍ବଳତା ଏପରି କି ଜନ୍ମିତ ଶିଶୁର ବିକଳାଙ୍ଗତା ଇତ୍ୟାଦି ହୋଇଥାଏ। ଧୂମପାନ ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଇବା ସହିତ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ମାତ୍ରାରେ କ୍ଷତି କରିଥାଏ। ତମାଖୁର ସୂକ୍ଷ୍ମ କଣିକା ଶରୀର ମଧ୍ୟକୁ ଯାଇ ନିମୋନିଆ,ଏମ୍‌ଫିସିମା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କ୍ୟାନ୍‌ସର ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ। ପ୍ରକାର ଭେଦରେ ତମାଖୁ ଧୂମବିହୀନ ଏବଂ ଧୂମଯୁକ୍ତ-ଏହି ଦୁଇ ପ୍ରକାରର। ଧୂମବିହୀନ ତମାଖୁ ମଧ୍ୟ ଅତ୍ୟନ୍ତ କ୍ଷତିକାରକ। ଧୂମପାନ ତ୍ୟାଗ ଅତ୍ୟନ୍ତ ଉପକାରୀ ହୋଇଥାଏ। ଧୂମପାନ ତ୍ୟାଗର ମାତ୍ର କେଇ ମାସ ମଧ୍ୟରେ ଅନେକ ଉନ୍ନତି ମିଳିଥାଏ। ଏହାଦ୍ୱାରା ଉଚ୍ଚ ରକ୍ତଚାପ ହ୍ରାସ, କଫ ଓ କାଶରେ କମ୍ ଏବଂ ନିଃଶ୍ୱାସ ନେବାରେ କ୍ଷମତା ବଢ଼ିଥାଏ।

## ମୁଣ୍ଡବ୍ୟଥା ହେଉଥିଲେ...

ଖାଦ୍ୟପେୟରେ ଅନିୟମିତତା, ଗ୍ୟାଷ୍ଟ୍ରିକ୍ ସମସ୍ୟା ଆଦି କେତେକ କାରଣରୁ ମୁଣ୍ଡବିନ୍ଧା ହୋଇଥାଏ। ଏଥିରୁ କେତେକାଂଶରେ ଉପଶମ ପାଇବା ଲାଗି କେତୋଟି ଘରୋଇ ଉପଚାର ଆପଣେଇ ପାରନ୍ତି। ସବୁବେଳେ ପ୍ରଚୁର ପାଣି ପିଅନ୍ତୁ। ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ। ମୁଣ୍ଡବ୍ୟଥାରୁ ଉପଶମ ଦେବାରେ ନିଦ୍ରା ମଧ୍ୟ ସାହାଯ୍ୟ କରିଥାଏ। ତେଣୁ ରାତିରେ ଅତିକମ୍‌ରେ ୭-୮ ଘଣ୍ଟା ଶୁଅନ୍ତୁ। କାରଣ ଶୋଇବା ଦ୍ୱାରା ଆମ ମସ୍ତିଷ୍କ ଶାନ୍ତ ହୋଇଥାଏ ଓ ଆମକୁ ଆରାମ ଲାଗେ। ଯଦି ଆପଣ ସବୁଦିନ ଯୋଗ, ପ୍ରାଣାୟାମ କରୁଛନ୍ତି ତେବେ ମୁଣ୍ଡବ୍ୟଥା କମ୍ ହେବାର ସମ୍ଭାବନା ରହିଛି। ହର୍ବାଲ୍ ଉପଚାର ମୁଣ୍ଡବ୍ୟଥା ପାଇଁ ମହୌଷଧି ସଦୃଶ। ସବୁଠାରୁ ବଡ କଥା ହେଲା, ଏହି ସମୟରେ ନିଜକୁ ଟେନ୍‌ସନ୍‌ଠାରୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ତା'ସହ ସବୁବେଳେ ଏକ ରୁଟିନ୍ ଦୈନନ୍ଦିନ ଜୀବନ ଅନୁସରଣ କରନ୍ତୁ।



## ଗଣ୍ଠିଜନିତ ରୋଗର କାରଣ



ଗଣ୍ଠିଜନିତ ରୋଗ ଯୋଗୁ ଚଳପ୍ରଚଳରେ ଅସୁବିଧା, ଗଣ୍ଠିରେ ଯନ୍ତ୍ରଣା ଓ କାର୍ଯ୍ୟ ନ କରିବା ପରି ଗୁରୁତର ଅବସ୍ଥା ହୋଇଥାଏ। ଯନ୍ତ୍ରଣା ଲାଘବ ପାଇଁ, ଦରଜ କମିବା ଔଷଧ (ପେନ୍‌କିଲର) ଖାଇଲେ ତାହା କ୍ରମଶଃ କିଡ୍‌ନୀ ଖରାପ କରିଥାଏ ଏବଂ ସ୍ଥଳ ବିଶେଷରେ ପାକସ୍ଥଳୀ ଓ ଖାଦ୍ୟନଳୀରେ କ୍ଷତ ଓ ଘାଆ ସୃଷ୍ଟି କରିଥାଏ। ରୁ୍ୟମାଟଏଡ୍ ଆର୍ଥ୍ରାଇଟିସ୍‌ରେ ଛୋଟ ଛୋଟ ଗଣ୍ଠି ଯଥା ଆଙ୍ଗୁଠି, ପାଦ ଇତ୍ୟାଦି ଫୁଲି ଦରଜ ହୋଇଥାଏ। ସାଧାରଣତଃ ଶରୀରର ଓଜନ ବହନ କରୁଥିବା ଆଣ୍ଠୁ, ହାତରେ ଉଠାଯାଉଥିବା ସମସ୍ତ ଜିନିଷର ଭାର କାନ୍ଧ, ଶରୀରର ଓଜନ ବହନ କରୁଥିବା, ଚାଲିବା, ଦୌଡ଼ିବା, କୁଦା ମାରିବାରେ ସାହାଯ୍ୟ କରୁଥିବା ନିତମ୍ବ ବା ହିପ୍ ଗଣ୍ଠିବାତ ଦ୍ୱାରା ଆକ୍ରାନ୍ତ ହୋଇଥାଏ। ଗଣ୍ଠି ମଧ୍ୟରେ ଥିବା ସାଇନୋଭିଆଲ ତରଳ ରସରେ ହ୍ରାସ ହେଲେ, ବୟସାଧିକ କାରଣରୁ କ୍ୟାଲ୍‌ସିୟମର ଅଭାବ, ଭିଟାମିନ୍-ଡି'ର ଅଭାବ ପାଇଁ ଗଣ୍ଠି ରୋଗ ହୋଇଥାଏ। ଏହା ବ୍ୟତୀତ ଦୁର୍ଘଟଣାରେ ଆଘାତ ଲାଗି ଯଦି ହାଡ଼ଗୁଡ଼ିକୁ ପରସ୍ପର ସହ ଖଞ୍ଜାରେ ବାନ୍ଧି ରଖିଥିବା ତନ୍ତୁ ଛିଡ଼ିଯାଆନ୍ତି, ସଂକ୍ରମିତ ହୁଅନ୍ତି ଅବା ଫୁଲି ଯାଆନ୍ତି ତା'ହେଲେ ଗଣ୍ଠିରେ ଯନ୍ତ୍ରଣା ହୋଇଥାଏ। ଗାଉଟ୍‌ରେ ଗଣ୍ଠିରେ ୟୁରିକ୍ ଏସିଡ୍ ଜମା ହୋଇ ଗଣ୍ଠିବାତ ସୃଷ୍ଟି କରିଥାଏ। କେତେକ କ୍ଷେତ୍ରରେ ଅଧିକ ମୌଳିକ କ୍ୟାଲ୍‌ସିୟମ ଫସ୍‌ଫେଟ୍ ଜମା ହେବା ଦ୍ୱାରା ମଧ୍ୟ ଗଣ୍ଠି ପ୍ରଭାବିତ ହୋଇଥାଏ।

## ସ୍କିଜୋଫ୍ରେନିଆ ସମସ୍ୟା

ମସ୍ତିଷ୍କରେ ମୁଖ୍ୟତଃ 'ଡୋପାମିନ' ନାମକ ଏକ ରାସାୟନିକ ତତ୍ତ୍ୱର ମାତ୍ରା ବୃଦ୍ଧି ଯୋଗୁ ସ୍କିଜୋଫ୍ରେନିଆ ସମସ୍ୟା ହୋଇଥାଏ। ଏହା ଜିନ୍‌ଗତ କାରଣ କିମ୍ବା ପାରିପାର୍ଶ୍ୱିକ ମାନସିକ ଚାପ କାରଣରୁ ମଧ୍ୟ ହୋଇପାରେ। ଏହି ରୋଗ ଅନେକାଂଶରେ ବଂଶାନୁଗତ ହୋଇଥାଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନଙ୍କର ଦ୍ୱାରା ହୋଇଥିବା ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ ଯଦି ପରିବାରରେ ମାତାପିତାଙ୍କ ମଧ୍ୟରୁ ଜଣେ କାହାକୁ ସ୍କିଜୋଫ୍ରେନିଆ ହୋଇଥାଏ, ତେବେ ତାଙ୍କ ପିଲାଙ୍କୁ ଏହି ରୋଗ ହେବାର ପ୍ରାୟତଃ ୪୦ରୁ ୫୦ ପ୍ରତିଶତ ଆଶଙ୍କା ଥାଏ। ଏହି ରୋଗ ମୁଖ୍ୟତଃ ୧୫ରୁ ୩୫ ବର୍ଷ ଭିତରେ ଆରମ୍ଭ ହୋଇଥାଏ। ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ଏହା ଅଧିକ ଦେଖାଯାଇଥାଏ। ସ୍କିଜୋଫ୍ରେନିଆ ଏକ ଜଟିଳ ରୋଗ ହେଲେ ମଧ୍ୟ ଏହାର ଚିକିତ୍ସା ସହଜରେ କରିହେବ। ଏଥିସହ ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଜରୁରୀ। ସାଧାରଣତଃ ପ୍ରାରମ୍ଭିକ ଅବସ୍ଥାରେ ରୋଗର ଲକ୍ଷଣକୁ ଚିହ୍ନିବାରେ ପରିବାରର ସଦସ୍ୟମାନେ ବିଳମ୍ବ କରିଦେଇଥାନ୍ତି। କେତେଜଣ ଲୋକ ସ୍କିଜୋଫ୍ରେନିଆ ରୋଗ ଓ ତଜ୍ଜନିତ ବ୍ୟବହାରକୁ ରୋଗ ନ ମାନି, ଆମ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ଯୋଗୁ ରୋଗୀକୁ ଗୁଣିଗାରେଡି ପାଖକୁ ନେଇ ଅଯଥା ସମୟ ନଷ୍ଟ କରିଥାନ୍ତି। ଏସବୁ ଦ୍ୱାରା ରୋଗର ପ୍ରକୋପ ବଢ଼େ ଓ ଡେରିରେ ଚିକିତ୍ସା କଲେ ଅଧିକ ଦିନ ଔଷଧ ସେବନ କରିବାକୁ ପଡିପାରେ ଏବଂ ରୋଗୀ ସମ୍ପୂର୍ଣ୍ଣ ଭାବେ ଠିକ୍ ହେବାର ଆଶଙ୍କା କମିଗଲା ପରେ ମନସ୍ତାତ୍ତ୍ୱିକ ଚିକିତ୍ସା ଯଥା କାଉନ୍‌ସେଲିଂ (ଫ୍ୟାମିଲିଥେରାପି) ସପୋର୍ଟିଭ୍ ଥେରାପି, ସୋସିଆଲ କୌଶଳ ଟ୍ରେନିଂ, ଜ୍ଞାନଗତ ପ୍ରତିକାର ଦିଆଯାଇଥାଏ।



## ସ୍ୱାସ୍ଥ୍ୟ ସୂଚନା

➢ସବୁବେଳେ ନିଜର ଖାଦ୍ୟପେୟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ। କାରଣ ନିଜକୁ ସୁସ୍ଥ ରଖିବା ପଛରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

➢ନିଜ ଓଜନ କେତେ ରହୁଛି ତାହା ଜାଣି ରଖନ୍ତୁ। ଏପରି ଖାଦ୍ୟ ଖାଆନ୍ତୁ ନାହିଁ, ଯାହା ଓଜନ ବୃଦ୍ଧିରେ ସହାୟକ ହେବ। ଯଦି ଓଜନ ଆବଶ୍ୟକତା ଠାରୁ ଅଧିକ ରହୁଛି ତେବେ ତାହାକୁ ତୁରନ୍ତ ନିୟନ୍ତ୍ରଣକୁ ଆଣନ୍ତୁ।



➢ନିଜକୁ ଟେନ୍‌ସନ୍ ଏବଂ ଅବସାଦ ଠାରୁ ଯେତେ ସମ୍ଭବ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ।


➢ରାତ୍ର ଭୋଜନ ତାଲିକାରେ ଗରିଷ୍ଠ ଖାଦ୍ୟ ସାମିଲ କରନ୍ତୁ ନାହିଁ। କାରଣ ରାତିରେ ଏଭଳି ଖାଦ୍ୟ ସହଜରେ ହଜମ ହୋଇ ନ ଥାଏ ଏବଂ ପାଚନଜନିତ ସମସ୍ୟା ସୃଷ୍ଟି କରିଥାଏ।

➢କୌଣସି ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଚିକିତ୍ସିତ ହେଉଥିଲେ ଏ ନେଇ କେବଳ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଅନ୍ୟ କେହି ଏହି ବିଷୟରେ କିଛି ଟିପ୍ସ ଦେଲେ ତାହା କେତେ ଗ୍ରହଣଯୋଗ୍ୟ ତାହା ପ୍ରଥମେ ତର୍ଜମା କରନ୍ତୁ। ସେ ବିଷୟରେ ଡାକ୍ତରଙ୍କ ସହ ପରାମର୍ଶ କରି ତାହାକୁ ଗ୍ରହଣ କରନ୍ତୁ।

➢ଯଦି ଅଣ୍ଟାଜନିତ ସମସ୍ୟା ରହିଛି ତେବେ ବସିବା-ଉଠିବା ବେଳେ ସାବଧାନତା ଅବଲମ୍ବନ କରନ୍ତୁ।

## ପ୍ଲାଷ୍ଟିକ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ

ବର୍ତ୍ତମାନ ବିଶ୍ୱ ସ୍ତରରେ ଅନ୍ୟତମ ପ୍ରମୁଖ ସମସ୍ୟା ସାଜିଛି ଜଳବାୟୁ ପରିବର୍ତ୍ତନ। ଏହା ପଛରେ ଅନେକ କାରଣ ଥିଲେ ମଧ୍ୟ ଏବେ ପ୍ଲାଷ୍ଟିକଜନିତ ପ୍ରଦୂଷଣ ଦ୍ୱାରା ଜଳବାୟୁ ଅନେକାଂଶରେ ପ୍ରଭାବିତ ହୋଇଥାଏ। ଅଶୋଧିତ ପେଟ୍ରୋଲିୟମ୍‌ରୁ ପ୍ଲାଷ୍ଟିକ ଉତ୍ପାଦନ କରିବାକୁ ହେଲେ ଯେଉଁ ରାସାୟନିକ ପଦ୍ଧତି ଅବଲମ୍ବନ କରାଯାଏ ସେଥିରୁ ଅନେକ ବିଷାକ୍ତ ଓ ସବୁଜଘର ଗ୍ୟାସ୍ ଉତ୍ପନ୍ନ ହୋଇ ପରିବେଶରେ ମିଶିଥାଏ। କେବଳ ସେତିକି ନୁହେଁ, ପ୍ଲାଷ୍ଟିକ ପଦାର୍ଥକୁ ଭସ୍ମୀକରଣ ପ୍ରକ୍ରିୟାରେ ପୋଡି ନଷ୍ଟ କରାଯିବା ଦ୍ୱାରା ମଧ୍ୟ ଅନେକ ସବୁଜଘର ଗ୍ୟାସ୍ ବାୟୁମଣ୍ଡଳକୁ ନିର୍ଗତ ହୁଏ।



ଲଣ୍ଡନ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟରୁ ଜଣାଯାଏ ଯେ, ଆଗାମୀ ୨୦୫୦ ମସିହା ବେଳକୁ ଏହା ଆଶାତୀତ ବୃଦ୍ଧି ପାଇବାର ଆଶଙ୍କା ଏବେଠାରୁ ଦେଖାଗଲାଣି। ପ୍ଲାଷ୍ଟିକ ଯୋଗୁ ଉତ୍ସର୍ଜିତ ସବୁଜଘର ଗ୍ୟାସ୍‌ର ପରିମାଣ ସମୁଦାୟ ବିଶ୍ୱ ଉତ୍ସର୍ଜନର ୧୪% ମାତ୍ରାରେ ପହଞ୍ଚିବ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ପରିବେଶବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏହି ବିପୁଳ ସବୁଜଘର ଗ୍ୟାସ୍ ଯେ ଭବିଷ୍ୟତରେ ବିଶ୍ୱତାପନ ବା ଗ୍ଲୋବାଲ ୱାର୍ମିଂ ପ୍ରକ୍ରିୟାରେ ସହାୟକ ହୋଇ ବିଶ୍ୱ ଜଳବାୟୁ ପରିବର୍ତ୍ତନର ଧାରାକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଜାରି ରହିବ ସୁନା ଦର ବୃଦ୍ଧି



ଭୁବନେଶ୍ୱର,୧୮।୧(ଅନୁରାଧା ମହାରଣା)

ଆସନ୍ତା ସପ୍ତାହରେ ସୁନାର ମୂଲ୍ୟ ବୃଦ୍ଧି ଜାରି ରହିବାର ସମ୍ଭାବନା ରହିଛି। ନିରାପତ୍ତା ଆଶ୍ରୟ ଚାହିଦା ଓ ଯୁକ୍ତରାଷ୍ଟ୍ର ଫେଡେରାଲ ରିଜର୍ଭର ନୀତି କୋହଳ ଆଶା ଏହାକୁ ସମର୍ଥନ ଦେଉଛି। ଅନ୍ୟପକ୍ଷରେ ରୁପା ଦରରେ ପାରମ୍ପରିକ ବୃଦ୍ଧି ପରେ ସଂଶୋଧନ ଦେଖାଇଦେଇପାରେ ବୋଲି ବିଶ୍ଳେଷକମାନେ କହିଛନ୍ତି। ଗତ ସପ୍ତାହରେ ଏମ୍‌ସିଏକ୍ସରେ ସୁନା ଫ୍ୟୁଚର୍ସ ୨.୭% ଅର୍ଥାତ୍ ୩,୬୯୮ଟଙ୍କା ବୃଦ୍ଧି ପାଇ ରେକର୍ଡ ୧,୪୩,୫୯୦ ଟଙ୍କାରେ ପହଞ୍ଚିଥିଲା। ଆନ୍ତର୍ଜାତିକ ବଜାରରେ ମଧ୍ୟ ସୁନା ୪,୫୯୫.୪ ୟୁଏସ୍‌ଡି ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା। ବିଶ୍ଳେଷକଙ୍କ ଅନୁମାନ ଅନୁଯାୟୀ ସୁନା ଏମସିଏକ୍ସରେ ୧,୪୬,୦୦୦ଟଙ୍କା ଓ ବିଶ୍ୱବଜାରରେ ୪,୭୫୦ ୟୁଏସ୍‌ଡି ଛୁଇଁପାରେ । ରୁପା ଗତ ସପ୍ତାହରେ ଏମସିଏକ୍ସରେ ୧୪% ଅର୍ଥାତ୍ ୩୫,୦୩୭ ଟଙ୍କା ବୃଦ୍ଧି ପାଇ ରେକର୍ଡ ୨,୯୨,୯୬୦ଟଙ୍କାରେ ପହଞ୍ଚିଥିଲା। ବିଶ୍ୱବଜାରରେ ୧୧.୬% ବୃଦ୍ଧି ପାଇ ୮୮.୫୩ ୟୁଏସ୍‌ଡିରେ ବନ୍ଦ ହୋଇଥିଲା। ତେବେ ଏହାର ତୀବ୍ର ବୃଦ୍ଧି ପରେ ସଂଶୋଧନ ଆସିପାରେ, ବିଶେଷକରି ୧୦୦ ୟୁଏସଡି ନିକଟରେ ପହଞ୍ଚିବା ପୂର୍ବରୁ ବା ପରେ ଏଥିରେ ସଂଶୋଧନ ହୋଇପାରେ। ବିଶ୍ଳେଷକମାନେ କହିଛନ୍ତି, କେନ୍ଦ୍ରୀୟ ବ୍ୟାଙ୍କମାନଙ୍କ ସୁନା କ୍ରୟ, ଭୂରାଜନୈତିକ ଚିନ୍ତା ଓ ମାକ୍ରୋ ଅନିଶ୍ଚିତତା ସୁନା-ରୁପା ଦର ବୃଦ୍ଧିକୁ ସମର୍ଥନ ଦେଉଛି। ଟେକ୍ନୋଲୋଜି, ନବୀକରଣଯୋଗ୍ୟ ଶକ୍ତି ଆଦି କ୍ଷେତ୍ରରେ ରୁପାର ଔଦ୍ୟୋଗିକ ଚାହିଦା ଦୀର୍ଘମିଆଦୀ ରହିଛି।

# ଜୁପିଟରର ବାର୍ଷିକ କ୍ରୀଡ଼ା ମହୋତ୍ସବ -୨୦୨୬



ଭୁବନେଶ୍ୱର,୧୮।୧(ଅନୁରାଧା ମହାରଣା)

ଜୁପିଟର ସମୂହ ଶିକ୍ଷା ପକ୍ଷରୁ ବାର୍ଷିକ କ୍ରୀଡା ମହୋତ୍ସବ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ଗଙ୍ଗପରଟଣାସ୍ଥିତ ଖେଳପଡ଼ିଆରେ ଅନୁଷ୍ଠିତ ଏହି କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ମାରାଥନ ଧାବିକା ବବିତା ଦିବ୍ୟାଦର୍ଶିନୀ ଯୋଗଦେଇ କ୍ରୀଡ଼ା ମଶାଲ ଧରି ଧାବକଙ୍କ ସହ ଦୌଡ଼ିଥିଲେ ଏବଂ ପତାକା ଉତ୍ତୋଳନ କରି ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପଡ଼ିଆରେ ଖେଳାଳିମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିବା ବେଳେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସେମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ ହର୍ ରାଣୀ ଜାତୀୟ ତଥା ଅନ୍ତର୍ଜାତୀୟ ଟ୍ରାକ ଏବଂ ଫିଲ୍‌ଡ ଆଥଲେଟ ଭାବେ ପରିଚିତ ଅନୁରାଧା ବିଶ୍ୱାଳ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରମାନଙ୍କ ମନୋବଳ ବଢ଼ାଇବା ସହିତ କ୍ରୀଡା କିପରି ଶୃଙ୍ଖଳା ଓ ଧୈର୍ଯ୍ୟ ବୃଦ୍ଧି କରିଥାଏ ବୁଝାଇଥିଲେ। ବିଜୟୀ ପ୍ରତିଯୋଗୀଙ୍କୁ ପଦକ ତଥା ମାନପତ୍ର ପ୍ରଦାନ କରିବା ସହିତ ସିନିଅର୍ ଓ ଜୁନିଅର୍ ବାଳକ ଓ ବାଳିକା ଉଭୟଙ୍କୁ ବ୍ୟକ୍ତିଗତ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସୁନ୍ଦର ମନୋଜ୍ଞ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଅନୁଷ୍ଠାନର ଅଧକ୍ଷା ଧନ୍ୟବାଦ ଦେଇଥିଲେ।

# ସାନ୍ତ୍ରାଗାଛି-ତାମ୍ବରମ ଅମୃତ ଭାରତ ଏକ୍ସପ୍ରେସ ଶୁଭାରମ୍ଭ



ଭୁବନେଶ୍ୱର,୧୮।୧(ଅନୁରାଧା ମହାରଣା)

ଭାରତୀୟ ରେଳପଥ ସାନ୍ତ୍ରାଗାଛି-ତାମ୍ବରମ ଅମୃତ ଭାରତ ଏକ୍ସପ୍ରେସ ପ୍ରଚଳନ ଆରମ୍ଭ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଏହି ସେବାକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଅମୃତ ଭାରତ ଏକ୍ସପ୍ରେସ ପ୍ରଚଳନ ଦ୍ୱାରା ପୂର୍ବ ଏବଂ ଦକ୍ଷିଣ ଭାରତ ମଧ୍ୟରେ ଏକ ଦୃଢ଼ ନୂତନ ରେଳ କରିଡର ସ୍ଥାପନ ହୋଇଛି। ଯାହା ପଶ୍ଚିମବଙ୍ଗ, ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଏବଂ ତାମିଲନାଡୁରେ ସଂଯୋଗୀକରଣକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି। ଟ୍ରେନ୍ ନମ୍ବର ୦୬୧୦୮ ସାନ୍ତ୍ରାଗାଛି-ତାମ୍ବରମ ଅମୃତ ଭାରତ ଏକ୍ସପ୍ରେସ ରବିବାର ପଶ୍ଚିମବଙ୍ଗର ସାନ୍ତ୍ରାଗାଛିରୁ ତାମିଲନାଡୁର ତାମ୍ବରମ ଯାତ୍ରା କରିଥିଲା। ଏହି ଟ୍ରେନ୍ ଭଦ୍ରକ, ଯାଜପୁର, କେନ୍ଦୁଝର ରୋଡ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ, ବାଲୁଗାଁ , ବ୍ରହ୍ମପୁର, ପଲାସା, ବିଜୟନଗରମ, ଏବଂ ଦୁଭଡା ସମେତ ପୂର୍ବତଟ ରେଳ ଅଧୀନରେ ଥିବା ପ୍ରମୁଖ ଷ୍ଟେଶନ ଦେଇଯାଇଥିଲା। ଖଡ଼ଗପୁର, ବାଲେଶ୍ୱର, ରାଣିତାଲ, ଶ୍ରୀକାକୁଲମ ରୋଡ, କୋଟାଭାଲାସା, ପେଣ୍ଡୁରତି, ସୀମାଚଲମ ଉତ୍ତର, ଅନକାପାଲ୍ଲୀ, ସାମଲକୋଟ, ରାଜମହେନ୍ଦ୍ରୀ, ଏଲୁରୁ, ବିଜୟୱାଡା, ଟେନାଲି, ଚିରାଲା, ଅଙ୍ଗୋଲେ, ନେଲୋର, ସୁଲୁରୁପେଟା ଏବଂ ଚେନ୍ନାଇ ଏଗମୋର ଆଦିରେ ଏହା ରହଣି କରିଥିଲା। ସୂଚନା ଥାଉକି, ଅମୃତ ଭାରତ ଏକ୍ସପ୍ରେସ ଏକ ଆଧୁନିକ ଏଲ୍‌ଏଚ୍‌ବି ରେକ୍ ଟ୍ରେନ୍, ଯାହା ଉନ୍ନତ ପୁସ୍-ପୁଲ୍ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ, ଉନ୍ନତ ବେଗ, ସୁଗମ କାର୍ଯ୍ୟ ଏବଂ ବର୍ଦ୍ଧିତ ଯାତ୍ରୀ ସେବା ପ୍ରଦାନ କରେ। ଏହି ଟ୍ରେନ୍‌ରେ ଏର୍ଗୋନୋମିକାଲି ଡିଜାଇନ ହୋଇଥିବା ବର୍ଥ, ମଡ୍ୟୁଲାର୍ ଶୌଚାଳୟ, ଏଲଇଡି ଆଲୋକୀକରଣ, ସିସିଟିଭି ନିରୀକ୍ଷଣ ଏବଂ ମୋବାଇଲ ଚାର୍ଜିଂ ଭଳି ସୁବିଧା ସମେତ ଆଧୁନିକ ଯାତ୍ରୀ ସୁବିଧା ପ୍ରଦାନ କରାଯାଇଛି। ଟ୍ରେନରେ ୨୨ଟି ଆଧୁନିକ ଶ୍ରେଣୀ କୋଚ ରହିବ, ଯେଉଁଥିରେ ୧୧ଟି ଜେନେରାଲ ଶ୍ରେଣୀ ସିଟିଂକୋଚ, ୮ଟି ସ୍ଲିପର୍ ଶ୍ରେଣୀ କୋଚ, ୨ଟି ଲଗେଜ କମ୍ ଡିଭିଆଙ୍ଗଜାନ କୋଚ୍ ଏବଂ ଗୋଟିଏ ପ୍ୟାଣ୍ଟ୍ରି କାର୍ ରହିଛି।

# ତମ୍ବାଶିଳ୍ପରୁ ସଂଗ୍ରହ ହେବ ଗୁରୁତ୍ୱପୂର୍ଣ୍ଣ ଖଣିଜ

## ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି, ଏଚ୍‌ସିଏଲ୍ ମଧ୍ୟରେ ଚୁକ୍ତି



ଭୁବନେଶ୍ୱର,୧୮।୧(ଅନୁରାଧା ମହାରଣା)

ତମ୍ବାପଥର, କନ୍‌ସେଣ୍ଟ୍ରେଟ ଏବଂ ଟେଲିଙ୍ଗ୍‌ସରୁ ରେୟାର୍ ଆର୍ଥ ଏଲିମେଣ୍ଟସ, ଟ୍ରେସ ଏଲିମେଣ୍ଟସ ଏବଂ ତମ୍ବା ସମେତ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ପୁନରୁଦ୍ଧାର ପାଇଁ ସିଏସଆଇଆର-ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି ପ୍ରତିଷ୍ଠାନ (ସିଏସ୍ଆଇଆର-ଆଇଏମ୍‌ଏମଟି) ଏବଂ ହିନ୍ଦୁସ୍ଥାନ କପର ଲିମିଟେଡ(ଏଚ୍‌ସିଏଲ) ସହିତ ଏକ ଗବେଷଣା ଓ ବିକାଶ ଚୁକ୍ତି ସ୍ୱାକ୍ଷର କରିଛି। ଉଭୟ ସଂଗଠନ ମଧ୍ୟରେ ସ୍ୱାକ୍ଷରିତ ପ୍ରକଳ୍ପ ଚୁକ୍ତିନାମା ଆଦାନପ୍ରଦାନ ସହିତ କୋଲକାତାସ୍ଥିତ ଏଚସିଏଲ କର୍ପୋରେଟ କାର୍ଯ୍ୟାଳୟରେ ଏହ ପ୍ରକଳ୍ପ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏଚ୍‌ସିଏଲର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ କୁମାର ସିଂ, ନିର୍ଦ୍ଦେଶକ (ଅର୍ଥ) ଆର.ଭି.ଏନ. ବିଶ୍ୱେଶ୍ୱର, ନିର୍ଦ୍ଦେଶକ (ପରିଚାଳନା) ସଞ୍ଜୀବ କୁମାର ସିହ୍ନା ଏବଂ ସିଏସଆଇଆର-ଆଇଏମଏମଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣଙ୍କ ଅଧକ୍ଷତାରେଏହି ଶୁଭାରମ୍ଭ ହୋଇଥିଲା। ଏଚସିଏଲର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ (ଖଣି) ବିନୋଦ ଗୁପ୍ତା ଏବଂ ସିଏସଆଇଆର-ଆଇଏମଏମଟିର ମୁଖ୍ୟ ବୈଜ୍ଞାନିକ ତଥା ବ୍ୟବସାୟ ବିକାଶ ଏବଂ ସେଣ୍ଟର ଅଫ ଏକ୍ସଲେନ୍ସ ବିଭାଗର ମୁଖ୍ୟ ଡ. କାଳୀ ସଞ୍ଜୟ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଇଭି, ୱିଣ୍ଡଟର୍ବାଇନ ଏବଂ ଇଲେକ୍ଟ୍ରୋନିକ୍ସ ଭଳି ସବୁଜ ପ୍ରଯୁକ୍ତିବିଦ୍ୟାର ଅଭିବୃଦ୍ଧି ପାଇଁ ତମ୍ବା ଭଳି ବାଣିଜ୍ୟିକ ଖଣିଜ ଏବଂ ଆରଇଇ ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଆବଶ୍ୟକତା ରହିଛି। ବିଶ୍ୱସ୍ତରୀୟ ଯୋଗାଣ ଶୃଙ୍ଖଳା କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସୀମିତ ଥିବାରୁ ତମ୍ବା ପଥର ଏବଂ ଏହାର ବର୍ଜ୍ୟବସ୍ତୁରୁ ଏହି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥଗୁଡ଼ିକର ପୁନରୁଦ୍ଧାର କରିବା ଦ୍ୱାରା ଦେଶର ଖଣିଜ ସୁରକ୍ଷା ମଜଭୁତ ହେବା ସହ ଏହା ଏକ ରଣନୀତିକ ଘରୋଇ ସମ୍ପଦ ଭାବେ ଉପଲବ୍ଧ ହେବ। ଏହି ପଦକ୍ଷେପ ଅଧୀନରେ, ସିଏସଆଇଆର-ଆଇଏମଏମଟି ବିଭିନ୍ନ ତମ୍ବା ଶିଳ୍ପ ସାମଗ୍ରୀର ବିସ୍ତୃତ ବୈଶିଷ୍ଟ୍ୟ ଅନୁଧ୍ୟାନ କରିବ ଏବଂ ସେଥିରୁ ତମ୍ବା, ରେୟାର୍ ଆର୍ଥଏ ବଂ ଆନୁଷଙ୍ଗିକ ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକର ନିଷ୍କାସନ ପାଇଁ ସମ୍ଭାବ୍ୟ ମାର୍ଗ ପ୍ରସ୍ତୁତ କରିବ। ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଖଣିଜ ପଦାର୍ଥର ଉପସ୍ଥିତି ବିଷୟରେ ବୈଜ୍ଞାନିକ ଧାରଣା ପ୍ରଦାନ କରିବା, ପୁନରୁଦ୍ଧାରର ବ୍ୟବହାରିକତା ଆକଳନ କରିବା ଏବଂ ପରୀକ୍ଷାମୂଳକ ଭାବେ ପ୍ରକ୍ରିୟା ବିକାଶ ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିବା।

# ବଜାରକୁ ଆସିଲା ବଜାଜ ଚେତକ ସି୨୫ ମଡେଲ

ଭୁବନେଶ୍ୱର,୧୮।୧
(ଅନୁରାଧା ମହାରଣା)



ବଜାଜ ଅଟୋ ଲିମିଟେଡ ପକ୍ଷରୁ ନୂଆ ଚେତକ ସି୨୫ ମଡେଲ ଲଞ୍ଚ କରିଛି। କେନ୍ଦ୍ର ସରକାରଙ୍କ ପିଏମ୍ ଇ-ଡ୍ରାଇଭ୍ ସ୍କିମ ଅଧୀନରେ ସବସିଡି ସମେତ ଏହାର ପ୍ରାରମ୍ଭିକ ମୂଲ୍ୟ ୯୧,୩୯୯ ଟଙ୍କା ରହିଛି। ଏହି ମଡେଲ ପାଇଁ ବୁକିଂ ଆରମ୍ଭ ହୋଇଛି। ଚେତକ ଲାଇନ-ଅପ୍‌ରେ ଏହା ସବୁଠାରୁ ଶସ୍ତା ଅଫରିଂ ହୋଇଛି ଏବଂ ପୁଣେ ଆଧାରିତ କମ୍ପାନୀର ଦ୍ୱିତୀୟ ମଡେଲ, ଯାହା ୧ ଲକ୍ଷ ଟଙ୍କାରୁ କମ ଦାମରେ ଉପଲବ୍ଧ। ଏହା ବର୍ତ୍ତମାନର ଚେତକ ୩୫୦୧, ୩୫୦୨, ୩୫୦୩ ଓ ୩୦୦୧ ଭ୍ୟାରିଆଣ୍ଟଗୁଡ଼ିକ ସହିତ ବଜାରରେ ମିଳିବ। ଭାରତୀୟ ବଜାରରେ ଏହା ଟିଭିଏସ୍ ଅରବିଟର, ଟିଭିଏସ୍ ଆଇକ୍ୟୁବ୍ ୨.୨, ହିରୋ ଭିଡ଼ା ଭିଏକ୍ସ ୨ ଗୋ, ଓଲା ଏସ୍୧ଏକ୍ସ ଆଦି ମଡେଲଗୁଡ଼ିକ ସହ ପ୍ରତିଯୋଗିତା କରିବ। ବଜାଜ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଏହା ପୂର୍ବବର୍ତ୍ତୀ ଜେନେରେଶନ ମଡେଲ ଅପେକ୍ଷା ୨୨ କିଲୋଗ୍ରାମ ହାଲୁକା ହୋଇଛି, ଯାହା ଦକ୍ଷତା ଓ ହ୍ୟାଣ୍ଡଲିଂକୁ ଉନ୍ନତ କରିଛି। ଏଥିରେ ୩ ବର୍ଷ କିମ୍ବା ୫୦,୦୦୦ କିଲୋମିଟର୍ ୱାରେଣ୍ଟି ରହିଛି। ବିକ୍ରୟ ଦୃଷ୍ଟିରୁ ପୁଣେ ଆଧାରିତ କମ୍ପାନୀ ୨୦୨୫ରେ ଇ-ସ୍କୁଟର୍ (ଚେତକ ଓ ୟୁଲୁ) ବିକ୍ରୟରେ ତୃତୀୟ ସ୍ଥାନରୁ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ବଜାଜ ଅଟୋ ୨୦୨୫ରେ ୨,୬୯,୮୩୬ ୟୁନିଟ ବିକ୍ରି କରିଛି, ଯାହା ୨୦୨୪ ଅପେକ୍ଷା ୩୯% ଅଧିକ। ଏହା ପ୍ରଥମ ଥର ପାଇଁ ବାର୍ଷିକ ୨ ଲକ୍ଷ ଓ ୨.୫ ଲକ୍ଷ ମାଇଲଷ୍ଟୋନ ଅତିକ୍ରମ କରିଛି। କମ୍ପାନୀର ବଜାର ଅଂଶ ୨୦୨୪ର ୧୭%ରୁ ବଢ଼ି ୨୧% ହୋଇଛି (୨୦୨୩ରେ ୮% ଥିଲା)। ବଜାଜ ଚେତକ ନେଟୱର୍କ ବୃଦ୍ଧି କରୁଥିବାବେଳେ ୩୯୦ ଏକ୍ସକ୍ଲୁସିଭ ଷ୍ଟୋର୍ ଓ ୪,୨୮୦ ପଏଣ୍ଟ ଅଫ ସେଲରେ ୫୦୦ରୁ ଅଧିକ ସହରରେ ଉପଲବ୍ଧ। ଏହାର ୪,୧୦୦ରୁ ଅଧିକ ସର୍ଭିସ ୱାର୍କଶପ ରହିଛି।

# ରିଲାଏନ୍ସ ରିଟେଲରର ୩୭ କୋଟି ୮୦ ଲକ୍ଷ ଗ୍ରାହକ


ଭୁବନେଶ୍ୱର,୧୮।୧(ଅନୁରାଧା ମହାରଣା)

## ୨୦୨୫-୨୬ର ତୃତୀୟ ତ୍ରୈମାସିକ ଫଳାଫଳ

ଆର୍ଥିକ ବର୍ଷ ୨୦୨୫-୨୬ର ତୃତୀୟ ତ୍ରୈମାସିକରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ରିଟେଲ ବ୍ୟବସାୟ ଉଲ୍ଲେଖନୀୟ ଭାବରେ ସମ୍ପ୍ରସାରଣ ଜାରି ରଖିଛି। ଏହି ତ୍ରୈମାସିକରେ ୪୩୧ଟି ନୂତନ ଷ୍ଟୋର ଯୋଡିବା ସହିତ ଦେଶରେ ରିଲାଏନ୍ସ ରିଟେଲର ମୋଟ ଷ୍ଟୋର ସଂଖ୍ୟା ୧୯,୯୭୯ରେ ପହଞ୍ଚିଛି । ଜିଓମାର୍ଟ ମଧ ଏହି ତ୍ରୈମାସିକରେ ଅଭିବୃଦ୍ଧି ହାସଲ କରିବା ସହିତ ଏହାର ଦୈନିକ ଅର୍ଡର ସଂଖ୍ୟା ୧୬ ଲକ୍ଷ ଅତିକ୍ରମ କରିଛି। ଏହି ତ୍ରୈମାସିକରେ ରିଲାଏନ୍ସ ରିଟେଲ ୫୦ କୋଟି କାରବାର (ଟ୍ରାଞ୍ଜାକ୍ସନ) ସଂଖ୍ୟା ଅତିକ୍ରମ କରିଛି, ଯାହା ପୂର୍ବ ବର୍ଷ ତୁଳନାରେ ୪୭.୬ ପ୍ରତିଶତ ବୃଦ୍ଧିକୁ ଦର୍ଶାଉଛି। କମ୍ପାନୀର ପଞ୍ଜୀକୃତ ଗ୍ରାହକ ଆଧାର ମଧ ୩୭ କୋଟି ୮୦ ଲକ୍ଷକୁ ବୃଦ୍ଧି ପାଇଛି। ତୃତୀୟ ତ୍ରୈମାସିକରେ ରିଲାଏନ୍ସ ରିଟେଲର ରାଜସ୍ୱ ପୂର୍ବ ବର୍ଷ ସମାନ ଅବଧି ତୁଳନାରେ ୮.୧ ପ୍ରତିଶତ ବୃଦ୍ଧି ପାଇ ୯୭,୬୦୫ କୋଟି ଟଙ୍କା ହୋଇଛି। ତ୍ରୈମାସିକ ଫଳାଫଳ ଉପରେ ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଇଶା ଏମ. ଅମ୍ବାନୀ କହିଛନ୍ତି, ରିଲାଏନ୍ସ ରିଟେଲ ଏହି ତ୍ରୈମାସିକରେ ଦୃଢ଼ ପ୍ରଦର୍ଶନ ସହିତ ଲକ୍ଷ ଲକ୍ଷ ଗ୍ରାହକଙ୍କ ଭିନ୍ନ ଭିନ୍ନ ସପିଙ୍ଗ ଆବଶ୍ୟକତାକୁ ସଫଳତାର ସହିତ ପୂରଣ କରିଛି। ଟ୍ରେଣ୍ଡ-କେନ୍ଦ୍ରିତ ଉତ୍ପାଦ ଏବଂ ଏକ ନିରବଚ୍ଛିନ୍ନ ଓମନି-ଚ୍ୟାନେଲ ଅଭିଜ୍ଞତାକୁ ପ୍ରାଥମିକତା ଦେଇ, ଆମେ ଲଗାତର ଭାବରେ ଦୃଢ଼ ଗ୍ରାହକ ସମ୍ପୃକ୍ତି ଏବଂ ଗ୍ରାହକ ବିଶ୍ୱାସ ବଢ଼ାଇବାରେ ସଫଳତା ହାସଲ କରୁଛୁ।

# Classified Everyday
0674-2580101, 9692975378

## REAL ESTATE



### SALE

Semi- Commercial Land for Sale At ଆଙ୍ଗୁଳା, Near ସିନ୍ଧିଆ High School. Just 10km from ବାଲେଶ୍ୱର Railway-Station, 5km from ନିଧିପଣ୍ଡା. Area- 16,500 Sqft. (30Lakhs Only) Direct Owner. 7978551614.
D-3115

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140.
D-3023

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LOST

I, Kamala Satanami, W/o- Lokanath Satanami, Resident of Village/P.O./ P.S.- Papadahandi, Dist.- Nabarangpur do hereby solemnly affirm and state that I am purchasing a Land to an extend of Ac 0.90 cents under Papadahandi before the Dist Sub-Registrar Nabarangpur in year of 1983 vide Document No: 1241 of 1983. That the said sale deed & other's documents has been misplaced somewhere, while going towards Jeypore. That in spite of several search I couldn't traced out. So I have reported before Papadahandi Police Station. That the content of this affidavit are true to the best of my knowledge, belief and information.
Deponent
D-3143

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar, CF. No.- 80, dated 13.01.2026, I, DHURBA BHOI, S/o- Late Abhin Bhoi, permanent resident of Badagada Bhoi Sahi, Bhubaneswar, Dist.- Khordha, State- Odisha, PIN- 751018 declare that I have changed my name from DHRUBA BOI (Old name) to DHURBA BHOI (New name). Henceforth, I shall be known as DHURBA BHOI for all purposes.
D-76952

I, Ashok Kumar Sahoo, S/o- Jadumani Sahoo, At- Kathagada, Sibaji Nagar, Tahasil/P.S- Dhenkanal, P.S.- Town, District- Dhenkanal, 759001, Odisha declare that I have changed my minor daughter's name from SARMISTHA SAHOO to SARMISTHA SAHU, dtd. 26.12.2025 before Notary Public, Dhenkanal.
Ashok Kumar Sahoo
D-3142

## ମନେ ପଡ଼ନ୍ତି

### ନବମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



୰ଗୋପାଳ ଚନ୍ଦ୍ର ସେଠୀ
ପ୍ଲଟ୍ ନଂ- ୮୫, ଗୌତମ ନଗର, ଭୁବନେଶ୍ୱର
ତିରୋଧାନ: ୨୯।୦୧।୨୦୧୭
ଅଦିନ ସୁଅରେ ପ୍ରଳୟ ଝଡ଼ରେ
ସୁଖ ସ୍ୱପ୍ନ ଗଲା ସରି
ନଅଟି ବରଷ ଅଭୁଲା ସ୍ମୃତିକୁ
ନୀରବରେ ଝୁରି ଝୁରି
ତୁମ ବିନା ଆଜି ଶୂନ୍ୟ ମନ୍ଦିରରୁ
ଦୁଃଖରେ ପ୍ରଦୀପ ଜାଳୁ
ଯହିଁ ଥାଅ ପଛେ ସୁଖରେ ରହିବ ଏତିକି
କାମନା କରୁ।
ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇବାବାଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ସ୍ତ୍ରୀ, ସେଠୀ ପରିବାର ଓ ଆତ୍ମୀୟସ୍ୱଜନ।
ଧ-୭୬୩୦୫

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ




ସ୍ୱର୍ଗତ ଅର୍ଜୁନ ପୃଷ୍ଟି
ଭୁଷଣ୍ଡପୁର, ଖୋର୍ଦ୍ଧା
ଆବିର୍ଭାବ-୧୮.୦୭.୧୯୩୩
ତିରୋଧାନ-୧୯.୦୧.୨୦୨୨
ଆପଣଙ୍କ ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତ ଯନ୍ତ୍ରଣାଦାୟକ। ବାପା, ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଧର୍ମ, କର୍ମ, ସେବା ଓ କର୍ତ୍ତବ୍ୟନିଷ୍ଠା ସର୍ବଦା ମନେରହିଥିବା ସ୍ୱର୍ଗତ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା।
ଶୋକସନ୍ତପ୍ତ: କନ୍ୟା- ମମତା, ଜ୍ୱାଇଁ- ରାମେଶ୍ୱର, ପୁତ୍ର- ପ୍ରମୋଦ, ବସନ୍ତ, ସୁମନ୍ତ, ପ୍ରଶାନ୍ତ, ପୁତ୍ରବଧୂ- କନ୍ୟାକୁମାରୀ, ମାମୁନି, ମୁନକୀରାଣୀ, ରୂପାସିକ୍ତା, ନାତି- ଓମ୍, ଗୋପାଳ, ସ୍ୱାଧୀନ, କାହ୍ନା, ନାତୁଣୀ- ମାମା, ସୋମା, ଶୁଭ, ଦିପି, ଲିପି, ଲିଙ୍କି,ପିଙ୍କି ରଣପୁର ଓ ଚାନ୍ଦପୁର କୋଣାର୍କ ଜୁଏଲାରୀ ପରିବାର ତଥା ବନ୍ଧୁ ଓ ଆତ୍ମୀୟସ୍ୱଜନଙ୍କ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଧ-୩୧୪୦

### ୧୪ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ସୁଶୀଳା ସାହୁ
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ତିରୋଧାନ: ୨୪।୦୧।୨୦୧୨
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୫୪

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି




୰ନିରଞ୍ଜନ ଜେନା
ଆବିର୍ଭାବ :- ୧୨.୧୧.୧୯୪୨
ତିରୋଧାନ :- ୦୯.୦୧.୨୦୨୬
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ।।"
ବାପା, ତୁମ ଅବର୍ତ୍ତମାନରେ ଆମେ ସାରା ପରିବାର ଦୁଃଖ ସନ୍ତପ୍ତରେ କାଳ କାଟୁଛୁ । ଆମ୍ଭମାନଙ୍କ ଜୀବନରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ଏହି ମୋହ ମାୟା ଭରା ଅନ୍ଧ ରାଇଜରେ ତୁମର ନୀତି, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଅନୁଶାସନ ଓ ଆଶୀର୍ବାଦ ଆମ ପାଇଁ ପଥପ୍ରଦର୍ଶକ ହେଉ ।
: ଶୋକ ସନ୍ତପ୍ତ :
ପୁତ୍ର, ପୁତ୍ରବଧୂ, ନାତି, ନାତୁଣ, ପରିବାର ଓ ଆତ୍ମୀୟସ୍ୱଜନ ।
ଧ-୩୧୩୯

**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ରାଡୁକାନୁ, ସାବାଲେଙ୍କା ଦ୍ୱିତୀୟ ରାଉଣ୍ଡରେ

ରାଡୁକାନୁ ୧୮।୧



ପ୍ରଥମ ରାଉଣ୍ଡ ମ୍ୟାଚ ଅବସରରେ ନମ୍ବର ୱାନ ଆରିନା ସାବାଲେଙ୍କାଙ୍କ ପ୍ରତିକ୍ରିୟା।

ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ରବିବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଏକ ମହିଳା ସିଙ୍ଗଲ୍ସ ମ୍ୟାଚରେ ବ୍ରିଟିଶ ନମ୍ବର ୱାନ ଏମା ରାଡୁକାନୁ ବିଜୟ ଲାଭ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମାର୍ଗାରେଟ୍ କୋର୍ଟ ଆରେନାଠାରେ ଖେଳାଯାଇଥିବା ମ୍ୟାଚରେ ଏହି ୨୩ ବର୍ଷୀୟା ଥାଇଲାଣ୍ଡର ବିଶ୍ୱ ୧୯୬ ମାନ୍ୟତାପ୍ରାପ୍ତ ମନଞ୍ଚୟା ସାୱାଙ୍ଗକେଉଙ୍କୁ ୬-୪, ୬-୧ରେ ହରାଇ ଦେଇଛନ୍ତି। ରାଡୁକାନୁ ପରବର୍ତ୍ତୀ ରାଉଣ୍ଡରେ ଅଷ୍ଟ୍ରିଆର ଆନାସ୍ତାସିଆ ପୋଟା ପୋଭାଙ୍କୁ ଭେଟିବେ। ତୃତୀୟ ରାଉଣ୍ଡରେ

**ଅଷ୍ଟ୍ରେଲିଆନ ଓପନ ଆରମ୍ଭ**

ତାଙ୍କର ବିଶ୍ୱର ନମ୍ବର ୱାନ ଆରିନା ସାବାଲେଙ୍କାଙ୍କୁ ଭେଟିବା ସମ୍ଭାବନା ସୃଷ୍ଟି ହୋଇଛି। ରଡ୍ ଲାଭର ଆରେନାଠାରେ ଖେଳାଯାଇଥିବା ଅନ୍ୟ ଏକ ମହିଳା ସିଙ୍ଗଲ୍ସ ମ୍ୟାଚରେ ସାବାଲେଙ୍କା ଫ୍ରେଞ୍ଚ୍ ୱାଇଲ୍ଡ କାର୍ଡ ଟିଆଣ୍ଟସୋଆ ରାକୋ ଟୋମାଙ୍ଗାଙ୍କୁ ୬-୪, ୬-୧ରେ ହରାଇ ଦେଇଛନ୍ତି। ମହିଳା ସିଙ୍ଗଲ୍ସର ଅନ୍ୟ ଏକ ମ୍ୟାଚରେ ସପ୍ତମ ସିଡ୍ ଯସ୍ମିନ ପାଓଲିନ୍ ୬-୧, ୬-୨ରେ ଆଲିଆକ୍ ସାଣ୍ଡ୍ରାଙ୍କୁ ୬-୧, ୬-୨ରେ ହରାଇ ଦେଇଛନ୍ତି। ମହିଳା ବିଭାଗରେ ଦୁଇ ସିଡେଡ ଖେଳାଳି ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଏଲ୍‌ସା ଜାକ୍ୱେମଟ ବିଶ୍ୱର ୨୦ ନମ୍ବର ମାର୍ଟା କୋଷ୍ଟିଉକ୍‌ଙ୍କୁ ୬-୭ (୪), ୭-୬ (୪), ୭-୬ (୭)ରେ ପରାସ୍ତ କରିଥିବା ବେଳେ ତୁର୍କୀଶ କ୍ୱାଲିଫାୟର ଜେନେକ୍ ସନ୍‌ମେଜ ୧୧ ନମ୍ବର ଖେଳାଳି ଏକାଟରିନା ଆଲେଜାଣ୍ଡ୍ରୋଭାଙ୍କୁ ୭-୫, ୪-୬, ୬-୪ରେ ହରାଇ ଦେଇଛନ୍ତି।

### ଅଲ୍‌କାରାଜ, ଜେଭରେଭ ବିଜୟୀ

ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସରେ ତୃତୀୟ ସିଡ୍ ଆଲେଜାଣ୍ଡର ଜେଭରେଭ କଷ୍ଟ ସାଧ୍ୟ ବିଜୟ ହାସଲ କରିଛନ୍ତି। ସେ ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ୨୪ ବର୍ଷୀୟ ତଥା କାନାଡାର ଉଦୀୟମାନ ତାରକା ଖେଳାଳି ଗାବ୍ରିଲ ଡାଏଲୋଙ୍କୁ ୬-୭ (୭), ୬-୧, ୬-୪, ୬-୨ରେ ହରଇ ଦେଇଛନ୍ତି। ପ୍ରଥମ ପୁରୁଷ ସିଡ୍ ଖେଳାଳି ଭାବେ ବିଶ୍ୱର ୨୦ନମ୍ବର ଇଟାଲିର ଫ୍ଲାବିଓ କୋବୋଲି ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। ସେ ବ୍ରିଟିଶ କ୍ୱାଲିଫାୟର ଆର୍ଥର ଫେରିଙ୍କଠାରୁ ୭-୬ (୭), ୬-୪, ୬-୧ରେ ପରାଜିତ ହୋଇଛନ୍ତି। ଟପ୍ ସିଡ କାର୍ଲୋସ ଅଲକାରାଜ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୁରୁଷ୍ ସିଙ୍ଗଲ୍ସର ଏକ ପ୍ରଥମ ରାଉଣ୍ଡ ମ୍ୟାଚରେ ସେ ଆଡାମ ୱାଲ୍‌ଟନ୍‌ଙ୍କୁ ୬-୩, ୭-୬ (୨), ୬-୨ରେ ହରାଇ ଦେଇଛନ୍ତି।

# ନ୍ୟୁଜିଲାଣ୍ଡର ସିରିଜ୍ ବିଜୟ

ଇନ୍ଦୋର,୧୮।୧

ସ୍ଥାନୀୟ ହୋଲକର ଷ୍ଟାଡିୟମରେ ରବିବାର ବିରାଟ କୋହଲିଙ୍କ ଦର୍ଶନୀୟ ଶତକ ସତ୍ତ୍ୱେ ଭାରତ ୪୧ ରନରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଛି। ଏହି ବିଜୟ ସହ ନ୍ୟୁଜିଲାଣ୍ଡ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୨-୧ରେ ଜିତି ନେଇଛି। ଭାରତ ମାଟିରେ ଏହା ନ୍ୟୁଜିଲାଣ୍ଡ ପାଇଁ ପ୍ରଥମ ଦିନିକିଆ ସିରିଜ୍ ବିଜୟ। ଅନ୍ୟପକ୍ଷରେ ଦୀର୍ଘ ୭ ବର୍ଷ ପରେ ଘରୋଇ ମାଟିରେ ଭାରତୀୟ ଦଳ ପ୍ରଥମ ଥର ପାଇଁ କୌଣସି ଦିନିକିଆ ସିରିଜ୍ ହାତଛଡ଼ା କରିଛି।

ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଖୁବ ଶସ୍ତାରେ ଡେଭନ କନୱେ (୫) ଓ ହେନରୀ ନିକୋଲସ(୦)ଙ୍କ ଉଇକେଟ ହରାଇଥିଲା। ନଂ-୩ରେ ବ୍ୟାଟିଂ କରିଥିବା ୱିଲ ୟଙ୍ଗ ୩୦ ରନ୍ କରି ପାଭିଲିଅନ ଫେରିଥିଲେ। ଏହାପରେ ମିଚେଲ ଓ ଫିଲିପ୍ସ ଚତୁର୍ଥ ଉଇକେଟରେ ୨୧୯ ରନ ଯୋଡ଼ିଥିଲେ। ୪୩ତମ ଓଭରରେ ଫିଲିପ୍ସଙ୍କୁ ଆଉଟ୍ କରି ଅର୍ଶଦୀପ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ବ୍ରେକ ଥ୍ରୁ ଆଣି ଦେଇଥିଲେ। ଫିଲିପ୍ସ ୮୮ ବଲରେ ୯ ଚୌକା ଓ ୩ ଛକା ୧୦୬ ରନ୍ କରିଥିଲେ। ତାଙ୍କ ଭଳି ମିଚେଲ କ୍ୟାରିୟରର ନବମ ଦିନିକିଆ ଶତକ ହାସଲ କରିବା ପରେ ପାଭିଲିଅନ ଫେରିଥିଲେ। ସେ ୧୩୧ ବଲରେ ୧୫ ଚୌକା ଓ ୩ ଛକା ସହିତ ୧୩୭ ରନ କରିଥିଲେ। ଦୁଇ ସେଟ୍ ବ୍ୟାଟର ଆଉଟ୍ ହେବା ପରେ ନ୍ୟୁଜିଲାଣ୍ଡ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଫଳରେ ଦଳ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୩୩୭ ରନ କରିପାରିଥିଲା। ଭାରତ ପାଇଁ ଅର୍ଶଦୀପ ଓ ହର୍ଷିତ ରାଣା ୩ ଲେଖାଏ ଉଇକେଟ ଅର୍ଜନ କରିଥିଲେ।

ଜବାବରେ ଭାରତ ଆରମ୍ଭରୁ ରୋହିତ ଶର୍ମା (୧୧)ଙ୍କ ଉଇକେଟ ହରାଇଥିଲା। ଏହାପରେ ବିରାଟ କୋହଲି ଗୋଟିଏ ପକ୍ଷରେ ବ୍ୟାଟିଂ କରୁଥିବା ବେଳେ ଅନ୍ୟ ପକ୍ଷରେ ଅଧିନାୟକ ଶୁବମନ ଗିଲ (୨୩), ଶ୍ରେୟସ ଆୟାର (୩) ଓ ଲୋକେଶ ରାହୁଲ (୧) କ୍ରମାଗତ ବ୍ୟବଧାନରେ ଆଉଟ୍ ହୋଇଥିଲେ। ଦଳ ମାତ୍ର ୭୧ ରନରେ ପ୍ରମୁଖ ୪ ବ୍ୟାଟରଙ୍କ ଉଇକେଟ ହରାଇଥିଲା। ଏଭଳି ପରିସ୍ଥିତିରେ କୋହଲିଙ୍କ ସହ ନୀତୀଶ କୁମାର ରେଡ୍ଡୀ ମିଶି ପଞ୍ଚମ ଉଇକେଟରେ ୮୮ ରନ ଯୋଡ଼ିଥିଲେ। ହେଲେ ନୀତୀଶ (୫୩ ରନ, ୨ ଲେଖାଏ ଚୌକା ଓ ଛକା) ଅର୍ଦ୍ଧଶତକ ପୂରଣ କରିବା ପରେ ଆଉଟ୍ ହୋଇଥିଲେ। ତାଙ୍କ ପରେ କ୍ରିଜ୍‌କୁ ଓହ୍ଲାଇଥିବା ରବୀନ୍ଦ୍ର ଜାଡେଜା (୧୨) ବିଫଳ ହୋଇଥିଲେ। ଏହିଠାରୁ କୋହଲି ଓ ହର୍ଷିତ ରାଣା ସପ୍ତମ ଉଇକେଟରେ ୬୯ ବଲରେ ଦ୍ରୁତ ୯୯ ରନ ଯୋଡ଼ି ଦଳକୁ ବିଜୟ ଆଶା ଦେଇଥିଲେ। ଇତି ମଧ୍ୟରେ କୋହଲି ଶତକ ପୂରଣ କରିଥିଲେ। ହର୍ଷିତ ଅର୍ଦ୍ଧଶତକ ପୂରଣ କରିବା ପରେ ପାଭିଲିଅନ ଫେରିଥିଲେ। ସେ ୪ ଲେଖାଏ ଚୌକା ଓ ଛକା ସହ ୫୨ ରନ କରିଥିଲେ। କୋହଲି ୧୨୪ (୧୦ ଚୌକା ଓ ୩ ଛକା ) ରନ କରି ୯ମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଫଳରେ ଭାରତ ୪୬ ଓଭରରେ ୨୯୬ ରନରେ ଅଲଆଉଟ୍ ହୋଇଯାଇଥିଲା।



ଶତକ ପରେ ଡାରଲି ମିଚେଲ ଓ ଗ୍ଲେନ୍ ଫିଲିପ୍ସ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ: ୫୦ ଓଭରରେ ୩୩୭/୮(ଡାରଲି ମିଚେଲ-୧୩୭, ଗ୍ଲେନ ଫିଲିପ୍ସ-୧୦୬, ଅର୍ଶଦୀପ ସିଂ-୩/୬୩, ହର୍ଷିତ ରାଣା-୩/୮୪)। ଭାରତ: ୪୬ ଓଭରରେ ୨୯୬/ଅଲଆଉଟ୍ (ବିରାଟ କୋହଲି-୧୨୪, ହର୍ଷିତ ରାଣା-୫୨, ନୀତୀଶ ରେଡ୍ଡୀ-୫୩, କ୍ରିଷ୍ଟିଆନ କ୍ଲାର୍କ-୩/୫୪, ଜାକାରି ଫକେସ-୩/୭୭, ଜେଡେନ ଲେନକ୍ସ- ୨/୪୨)।

# ୧୭ ବର୍ଷରୁ କମ୍ ଚେସ୍: ସତ୍ୟମ୍ ଚାମ୍ପିୟନ

ଭୁବନେଶ୍ୱର, ୧୮।୧ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଓଁ ଗୁରୁକୁଳ ପବ୍ଲିକ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ୧୭ ବର୍ଷରୁ କମ୍ ଓପନ ଚେସ୍‌ରେ ସତ୍ୟମ୍ ସ୍ୱରୂପ ସାହୁ ଚାମ୍ପିୟନ ହୋଇଛନ୍ତି। ୪ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ପୂରା ୪ ପଏଣ୍ଟ ପାଇଛନ୍ତି। ସ୍ୱୟମ ସ୍ୱରୂପ ମହାନ୍ତି, ଆୟୁଷ୍ମାନ ବେହେରା, ସ୍ଥିତପ୍ରଜ୍ଞ ପଟ୍ଟନାୟକ ଓ ସ୍ୱସ୍ତିକ ତ୍ରିପାଠୀ ଟପ୍-୫ ଫିନିଶ୍ କରିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ଖେଳାଳିମାନଙ୍କୁ ଏଜ୍ ଗ୍ରୁପ୍ ଏବଂ ୫ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ଓଁ ଗୁରୁକୁଳ ପବ୍ଲିକ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀରେ ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଟୁର୍ନାମେଣ୍ଟ ନିର୍ଦ୍ଦେଶକ କନୋଜ କୁମାର ବେହୁରା ଅତିଥିଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।




ଉତ୍କଳ କରାଟେ ସ୍କୁଲରେ ଅନୁଷ୍ଠିତ ଗ୍ରେଡିଂରେ ଭାଗ ନେଇଥିବା କରାଟେକାମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

# ପାକିସ୍ତାନର ହସ୍ତକ୍ଷେପ ଲୋଡ଼ିଲା ବାଂଲାଦେଶ

**ଟି୨୦ ବିଶ୍ୱକପ୍ ବିବାଦ**

ଢାକା,୧୮।୧

ଆସନ୍ତା ଫେବୃଆରୀ ୭ରୁ ଆରମ୍ଭ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପାଇଁ ବାଂଲାଦେଶ ଦଳର ଭାରତ ଟ୍ରାଭେଲ କରିବାକୁ ନେଇ ଲାଗି ରହିଥିବା ବିବାଦ ନୂଆ ମୋଡ଼ ନେଇଛି। କିଛି ରିପୋର୍ଟ ମୁତାବକ, ବାଂଲାଦେଶ କୂଟନୈତିକ ଓ କ୍ରିକେଟିଂ ସମର୍ଥନ ଲାଗି ପାକିସ୍ତାନର ହସ୍ତକ୍ଷେପ ଲୋଡ଼ିଛି।

ବାଂଲାଦେଶ ସରକାର ପାକିସ୍ତାନୀ ଅଧିକାରୀଙ୍କୁ ଯୋଗାଯୋଗ କରି ଆଗାମୀ ଟି୨୦ ବିଶ୍ୱକପ୍‌ରେ ଅଂଶଗ୍ରହଣ ଓ ଆଇସିସିଠାରୁ ସକାରାତ୍ମକ ପ୍ରତିକ୍ରିୟା ଲାଗି ସମର୍ଥନ ମାଗିଛନ୍ତି। ଯଦି ବାଂଲାଦେଶ ଦଳର ଦାବି ପୂରଣ ନ କରାଯାଏ, ତେବେ ପାକିସ୍ତାନ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବ କି ନାହିଁ, ତା' ଉପରେ ବିଚାର କରିବାକୁ ସଙ୍କେତ ଦେଇଥିବା ସୂତ୍ରରୁ କୁହାଯାଇଛି। ଯଦି ପାକିସ୍ତାନ ହସ୍ତକ୍ଷେପ କରେ, ତେବେ ବିବାଦ ଅଧିକ ଜଟିଳ ହେବ ଏବଂ ସମାଧାନ କରିବାକୁ ଉଦ୍ୟମ କରୁଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଲାଗି ଅଡୁଆ ବଢ଼ିବ। ଉଲ୍ଲେଖଯୋଗ୍ୟ, ଗତ ବର୍ଷ ଅଗଷ୍ଟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ଭାରତରେ ଶରଣ ନେବା ପରେ ବାଂଲାଦେଶ-ପାକିସ୍ତାନ ସମ୍ପର୍କରେ ସୁଧାର ଆସିଛି। ବାଂଲାଦେଶ ପକ୍ଷରୁ ପ୍ରତ୍ୟର୍ପଣ ଲାଗି ଅନୁରୋଧ କରାଯିବା ସତ୍ତ୍ୱେ ଭାରତ ତାହାକୁ ଅଣଦେଖା କରୁଛି, ଯାହାକି ଦୁଇ ପଡ଼ୋଶୀ ଦେଶର ସମ୍ପର୍କକୁ ତିକ୍ତ କରି ଦେଇଛି।

# କରାଟେ ଗ୍ରେଡିଂ ପରୀକ୍ଷା: ୨୯୪ କରାଟେକା ଉତ୍ତୀର୍ଣ୍ଣ

ଭୁବନେଶ୍ୱର,୧୮।୧ (ବିଜୟ ରଣା)

ଉତ୍କଳ କରାଟେ ମୁଖ୍ୟଶାଖାରେ ସୁକୋକୋଇ କରାଟେର ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୯୪ଜଣ କାରାଟେକାରେ ଉତ୍ତୀର୍ଣ୍ଣ ହୋଇ ଉପରିସ୍ଥ ବେଲ୍ଟ ହାସଲ କରିଛନ୍ତି। ପରୀକ୍ଷାରେ ୫୯ଜଣ ୟଲୋ ବେଲ୍ଟ, ୬୪ଜଣ ଅରେଞ୍ଜ ବେଲ୍ଟ, ୪୧ ଜଣ ଗ୍ରୀନ୍ ବେଲ୍ଟ, ୫୧ ଜଣ ବ୍ଲୁ ବେଲ୍ଟ ଏବଂ ୭୯ଜଣ ବ୍ରାଉନ୍ ବେଲ୍ଟରେ କୃତକାର୍ଯ୍ୟ ହୋଇଛନ୍ତି। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ତଥା ସୁକୋକୋଇ କରାଟେ ୟୁନିୟନର ମୁଖ୍ୟ ଡ. ହରି ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଏହିପରୀକ୍ଷାକୁପରିଚାଳନା କରିଥିଲେ ସେନ୍‌ସେଇ ସିନିୟର ପ୍ରଶିକ୍ଷକ ଖାରବେଳ ମଲିକ, ଅରବିନ୍ଦ ପଟ୍ଟନାୟକ, ଦୀପକ ସାମନ୍ତରା, ସନ୍ତୋଷ ମହାରଣା, ଶୁଭେନ୍ଦୁ ଲେଙ୍କା, ସପନ ମିଶ୍ର, ଅମିୟ ସାହୁ, ଆଶିଷ ରାଉତ, ରାହୁଲ ପ୍ରଧାନ, ଗୋପାଳ ରାଓ ଓ ନ୍ୟାସା କୁମାରୀ।

# ଫିଡେ ସମ୍ମିଳନୀ ଅବସରରେ ସ୍ୱତନ୍ତ୍ର ପୋଷ୍ଟାଲ ଷ୍ଟାମ୍ପ

ଭୁବନେଶ୍ୱର, ୧୮।୧ (ତପନ ସ୍ୱାଇଁ)

ସମାଜ ଏବଂ ଶିକ୍ଷା ଉପରେ ଚେସ୍‌ର ପ୍ରଭାବକୁ ନେଇ ପ୍ରଥମ ଫିଡେ ଗ୍ଲୋବାଲ୍ ସମ୍ମିଳନୀ ସଫଳତାର ସହ ଏଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବିଶ୍ୱ ଚେସ୍ ଫେଡେରେଶନ (ଫିଡେ), ସର୍ବଭାରତୀୟ ଚେସ୍ ଫେଡେରେଶନ (ଏଆଇସିଏଫ୍) ଏବଂ କିଟ୍ ଓ କିସ୍‌ର ମିଳିତ ଉଦ୍ୟମରେ ଆୟୋଜିତ ହୋଇଛି। ଏହି ବିଶେଷ ଅବସରରେ ୬ ଜଣଙ୍କ ଉପରେ ସ୍ୱତନ୍ତ୍ର ଲଫାପା ଏବଂ ୬ଟି ପୋଷ୍ଟାଲ୍ ଷ୍ଟାମ୍ପ ଉନ୍ମୋଚିତ ହୋଇଛି। ଏହି ୬ ଜଣ ହେଲେ ରୁଷ୍‌ର ପୂର୍ବତନ ଉପପ୍ରଧାନମନ୍ତ୍ରୀ ଏବଂ ବର୍ତ୍ତମାନ ଫିଡେ ସଭାପତି ଆର୍କାଡି ଡଭୋରକୋଭିଚ୍, ୫ ଥର ବିଶ୍ୱ ଚେସ୍ ଚାମ୍ପିୟନ୍ ବିଶ୍ୱନାଥନ ଆନନ୍ଦ, ଲାଟଭିଆ ଗଣରାଜ୍ୟର ପୂର୍ବତନ ଅର୍ଥମନ୍ତ୍ରୀ, ୫ ଥର ସାଂସଦ ଏବଂ ବର୍ତ୍ତମାନ ଫିଡେ ଉପାଧ୍ୟକ୍ଷ, ଡାନା ରେଜନିସ୍-ଓଜୋଲା, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଫିଡେର ଚେସ୍ ଇନ୍ ଏଜୁକେଶନ୍ କମିଶନରେ ଭାରତର ପ୍ରତିନିଧି ଗ୍ରାଣ୍ଡମାଷ୍ଟର ଅଭିଜିତ କୁନ୍ତେ ଏବଂ ଫଇଡେ ମୂଲ୍ୟାଙ୍କିତ ଖେଳାଳି, ପ୍ରଶିକ୍ଷକ, ଆର୍ବିଟର ଏବଂ ଫେୟାରପ୍ଲେ ବିଶେଷଜ୍ଞ ରଞ୍ଜନ ମହାନ୍ତି। ରଞ୍ଜନ ହେଉଛନ୍ତି ବର୍ତ୍ତମାନ ଏଆଇସିଏଫ୍‌ର ଇଭେଣ୍ଟସ୍ କମିଟିର ସଦସ୍ୟ। ଭାରତୀୟ ରାଜସ୍ୱ ସେବା ଅଧିକାରୀ ରଞ୍ଜନ ମହାନ୍ତିଙ୍କୁ ତାଙ୍କର ଚମତ୍କାର କାର୍ଯ୍ୟ ପାଇଁ ଫଡେ ଦ୍ୱାରା ତାଙ୍କୁ ଆନୁଷ୍ଠାନିକ ଭାବରେ ଏହି ମେଗା ଇଭେଣ୍ଟର ସଂଯୋଜକ ଭାବେ ମନୋନୀତ କରାଯାଇଥିଲା। ସେ ଓଡ଼ିଶାର ପ୍ରଥମ ଚେସ୍ ଖେଳାଳି ଭାବେ ଚେସ୍ ପ୍ରୋତ୍ସାହନ ପାଇଁ ଫିଡେ ତରଫରୁ ପ୍ରଶଂସା ପତ୍ର ପାଇଛନ୍ତି।



ସ୍ୱତନ୍ତ୍ର ପୋଷ୍ଟାଲ ଷ୍ଟାମ୍ପ ସହ ଉପସ୍ଥିତ ଅତିଥିବୃନ୍ଦ।

# 'କ୍ରୀଡ଼ା ବିକାଶରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ଭୁବନେଶ୍ୱର, ୧୮।୧ (ତପନ ସ୍ୱାଇଁ)

ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟସ ଆସୋସିଏଶନ (ଓସ୍‌ଜା)ର ବାର୍ଷିକ ପୁରସ୍କାର ପ୍ରଦାନ ଉତ୍ସବ ରବିବାର କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ ସେଣ୍ଟର ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଓ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଭାସମ୍ପନ୍ନ ଯୁବ ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇ, ବିଶିଷ୍ଟ ହକି ପ୍ରଶିକ୍ଷକ କାଳୁଚରଣ ଚୌଧୁରୀ ଏବଂ କ୍ରୀଡ଼ା ପ୍ରୋତ୍ସାହନରେ ବିଶେଷ ଅବଦାନ ରଖୁଥିବା ଏମ୍‌ଜିଏମ୍ ଗ୍ରୁପ୍‌କୁ ପୁରସ୍କୃତ କରିଛନ୍ତି। ପ୍ରୀତିସ୍ମିତାଙ୍କୁ ୨୦୨୫ ମସିହାର ଶ୍ରେଷ୍ଠ ଖେଳାଳି ଏବଂ କାଳୁଚରଣ ଚୌଧୁରୀଙ୍କୁ ଜୀବନବ୍ୟାପୀ ସେବା ସମ୍ମାନ ବାବଦରେ ନଗଦ ୨୫ହଜାର ଟଙ୍କା ଲେଖାଏ, ପ୍ରଶସ୍ତିପତ୍ର, ଉତ୍ତରୀୟ ଓ ବିଶେଷ ଟ୍ରଫି ପ୍ରଦାନ କରାଯାଇଛି। ସେହିପରି କ୍ରୀଡ଼ାର ବିକାଶ ଦିଗରେ ପ୍ରମୁଖ ସହଯୋଗ ହାତ ବଢ଼ାଉଥିବା ଏମ୍‌ଜିଏମ୍‌କୁ ମଧ୍ୟ ପୁରସ୍କୃତ କରାଯାଇଛି। ଏମ୍‌ଜିଏମ୍ ଗ୍ରୁପ୍‌ର ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତିଙ୍କ ତରଫରୁ କମ୍ପାନୀର ଏଜିଏମ୍ (କର୍ପୋରେଟ୍ ଆଫେୟାର୍ସ ଆଣ୍ଡ ସିଏସ୍‌ଆର୍) ଉତ୍ତମ କୁମାର ନାୟକ ପ୍ରଥମ ଥର ପାଇଁ ପ୍ରଚଳିତ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ କହିଛନ୍ତି ଯେ "କ୍ରୀଡ଼ା ବିକାଶରେ ସରକାରଙ୍କ ବ୍ୟବସ୍ଥା ସହିତ ଖବରଦାତାଙ୍କ ଭୂମିକା ହିଁ ଅନ୍ୟତମ ଶ୍ରେଷ୍ଠ ମାଧ୍ୟମ ଭାବେ ଉପଯୁକ୍ତ ଯୋଗଦାନ ରଖୁଛି। ସରକାର ଏବେ ଓଡ଼ିଶାରେ ତୃଣମୂଳସ୍ତରରୁ ଖେଳର ସାମଗ୍ରିକ ବିକାଶ ପାଇଁ କାମ କରୁଛନ୍ତି। ଏ କ୍ଷେତ୍ରରେ ଯଦି କୌଣସି ପ୍ରତିବନ୍ଧକ ଆସୁଛି କି ପ୍ରସ୍ତାବ ରହିଛି ଆମ ଦୃଷ୍ଟିକୁ ଅଣାଯାଉ''।



ପୁରସ୍କୃତ କ୍ରୀଡ଼ାବିତ୍‌ଙ୍କ ସହ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

### ସଟଲ ପରିସରରେ ମିଡିଆ ସେଣ୍ଟର

କ୍ରୀଡ଼ା ଖବରଦାତାଙ୍କ ଭୂମିକାକୁ ସ୍ୱୀକୃତି ଜଣାଇବା ସହ ଖୁବ୍‌ଶୀଘ୍ର କଳିଙ୍ଗ ଷ୍ଟାଡିୟରେ ଏକ କ୍ରୀଡ଼ା ସଂଗ୍ରହାଳୟର ବ୍ୟବସ୍ଥା କରାଯିବ ଏବଂ ବ୍ୟାଡ୍‌ମିଣ୍ଟନର ବିଶ୍ୱସ୍ତରୀୟ ଭିତ୍ତିଭୂମି 'ସଟଲ୍' ପରିସରରେ ସର୍ବନିମ୍ନ ଆବଶ୍ୟକତା ସହିତ ଏକ ମିଡିଆ ସେଣ୍ଟର୍ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ଖେଳ ଖବରଦାତାଙ୍କ ଭୂମିକା ପାଇଁ ହିଁ ଖେଳ ଓ ଖେଳାଳିଙ୍କ ସଫଳତାକୁ ନେଇ 'ଓଡ଼ିଶା' ଆଜି ବିଶ୍ୱ ଦରବାରରେ ପ୍ରଶଂସିତ ହୋଇଛି ବୋଲି ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ଓସ୍‌ଜା ସଭାପତି ସନ୍ଦୀପ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ସୁରେଶ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଉପସଭାପତି ସମୀକ୍ଷା ପଟ୍ଟନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

ପ୍ରକାଶଯୋଗ୍ୟ, ସର୍ବଭାରତୀୟ କ୍ରୀଡ଼ା ସାମ୍ବାଦିକ ସଂଘ ସହ ଅନୁବନ୍ଧିତ ଓସ୍‌ଜା ୨୦୧୮ରୁ ବାର୍ଷିକ ପୁରସ୍କାର ପ୍ରଦାନ କରି ଆସୁଛି। ପ୍ରଥମ ବର୍ଷର ବିଜେତା ଥିଲେ ଆଥ୍‌ଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ ଓ ଫୁଟ୍‌ବଲର ଦେବ ସିଂ। ୨୦୧୯ରେ ହକି ତାରକା ଅମିତ ରୋହିଦାସ ଓ ଦ୍ରୋଣାଚାର୍ଯ୍ୟ ବିଜେତା ବକ୍ସିଂ ପ୍ରଶିକ୍ଷକ ବ୍ରିଜଭୂଷଣ ମହାନ୍ତି, ୨୦୨୦ରେ ପାରା-ଆଥ୍‌ଲେଟ୍ ପ୍ରମୋଦ ଭଗତ ଓ ବିଶିଷ୍ଟ ଆଥ୍‌ଲେଟିକ୍ସ ପ୍ରଶିକ୍ଷକ ପଞ୍ଚାନନ ଗନ୍ତାୟତ, ୨୦୨୧ରେ ଚେସ୍ ଗ୍ରାଣ୍ଡ ମାଷ୍ଟର ସ୍ୱୟମ୍ଭୂ ମିଶ୍ର ଓ ଆଥ୍‌ଲେଟିକ୍ସ ପ୍ରଶିକ୍ଷକ ଅରୁଣ ଦାସ, ୨୦୨୨ରେ ବିଶିଷ୍ଟ ବାସ୍କେଟବଲ ଖେଳାଳି ଅରୂପାନନ୍ଦ ରାଉତରାୟ ଓ ହକି ଅଲିମ୍ପିଆନ୍ ବୀରେନ୍ଦ୍ର ଲାକ୍ରା ଏହି ପୁରସ୍କାର ପାଇଥିଲେ।

**ପ୍ରୀତିସ୍ମିତା, କାଳୁଚରଣ, ଏମ୍‌ଜିଏମ୍‌କୁ 'ଓସ୍‌ଜା' ପୁରସ୍କାର**

# ଇଂଲଣ୍ଡର ପାକିସ୍ତାନ ବଂଶୋଦ୍ଭବ ଖେଳାଳିଙ୍କୁ ଭିଜା ମିଳିଲା

**ନୂଆଦିଲ୍ଲୀ, ୧୮।୧ (ପି.ଟି.):** ଭାରତରେ ହେବାକୁଥିବା ଟି୨୦ ବିଶ୍ୱକପ୍‌ରେ ଖେଳିବା ପାଇଁ ସମସ୍ତ ପାକିସ୍ତାନ ବଂଶୋଦ୍ଭବ ୪୨ ଖେଳାଳି ଓ ଅଫିସିଆଲଙ୍କ ଲାଗି ଭଜା ଔପଚାରିକତାଙ୍କୁ ସହଜ କରିବା ଲାଗି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପଦକ୍ଷେପ ନେଇଛି। ଇଂଲଣ୍ଡ ଦଳରେ ଥିବା ପାକିସ୍ତାନ ବଂଶୋଜ ଖେଳାଳିମାନଙ୍କ ମଧ୍ୟରେ ଅଛନ୍ତି ସ୍ପିନର ଆଦିଲ ରଶିଦ, ରେହାନ ଅହମଦ ଏବଂ ପେସର ସାକିବ୍ ମେହେମୁଦ୍ ଅନ୍ୟତମ। ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ) ଦଳରେ ଅଲି ଖାନ୍ ଓ ଶାୟନ ଜାହାଙ୍ଗୀର ପ୍ରତିନିଧିତ୍ୱ କରିବାକୁ ଯାଉଥିବା ବେଳେ ନେଦରଲାଣ୍ଡସ୍‌ରୁ ଜୁଲଫିକର ସାକିବ୍ ଖେଳିବେ। ଖରବ ଅନୁସାରେ ଇଂଲଣ୍ଡ ଖେଳାଳି ରଶିଦ, ରେହାନ ଓ ସକ୍‌ବିଙ୍କ ଭିଜା କ୍ଲିଅର ହୋଇଯାଇଛି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ୟୁଏସ୍‌ଏ ଇଟାଲୀ, ବାଂଲାଦେଶ ଓ କାନାଡା ଦଳର ଅଂଶବିଶେଷ ଥିବା ଅନେକ ପାକିସ୍ତାନୀ ବଂଶୋଦ୍ଭବ ଖେଳାଳି ଓ ଅଫିସିଆଲଙ୍କ ଲାଗି ଭିଜା ବ୍ୟବସ୍ଥା ଚାଲିଛି। ସମ୍ଭବତଃ ସେମାନଙ୍କୁ ଆସନ୍ତା ସପ୍ତାହ ବେଳକୁ ଭିଜା ମିଳିଯିବ। ଅଂଶଗ୍ରହଣକାରୀଙ୍କ ଲାଗି ଭିଜା ମିଳିବା ଶେଷ ତାରିଖ ଜାନୁଆରୀ ୩୧ ରଖାଯାଇଛି।

ଧରିତ୍ରୀ
DHARITRI
ଧରିତ୍ରୀ 52 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଜାନୁଆରୀ ୧୯/୨୦୨୬ Bhubaneswar, Monday, January 19/ 2026




# କଳିଙ୍ଗ ଲାନ୍ସର୍ସର କ୍ରମାଗତ ଷଷ୍ଠ ବିଜୟ

**ଭୁବନେଶ୍ୱର, ୧୮।୧ (ତପନ ସ୍ୱାଇଁ)**

## ହକି ଇଣ୍ଡିଆ ଲିଗ୍

ଚମତ୍କାର ଫର୍ମରେ ଥିବା ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଅପରାଜେୟ ଧାରା ଜାରି ରଖି ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ରେ କ୍ରମାଗତ ୬ଷ୍ଠ ବିଜୟ ହାସଲ କରିଛି। କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଏକ ଲିଗ୍ ମ୍ୟାଚରେ ଲାନ୍ସର୍ସ ଶୁଟ୍ ଆଉଟ ୪-୧ ଗୋଲରେ ଆକର୍ଡ ତାମିଲନାଡୁ ଡ୍ରାଗନ୍ସକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିଥିଲା। ମ୍ୟାଚର ୧୯ଶ ମିନିଟରେ ବ୍ଲେକ୍ ଗୋଭର୍ସ ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷ ବେଳକୁ ତାମିଲନାଡୁକୁ ୧-୦ରେ ଅଗ୍ରଣୀ କରିଥିଲେ। ତେବେ ତୃତୀୟ କ୍ୱାର୍ଟର ଶେଷ ଭାଗରେ ଅର୍ଥାତ୍ ୪୪ତମ ମିନିଟରେ ଲାନ୍ସର୍ସର ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ଗୋଲଟି ପରିଶୋଧ କରିବାରୁ ମ୍ୟାଚ ସମାନ ସ୍ତରକୁ ଚାଲି ଆସିଥିଲା। ଅନ୍ତିମ କ୍ୱାର୍ଟରରେ ଗୋଲ ନ ହେବାରୁ ଫଳାଫଳ ନିର୍ଣ୍ଣୟପାଇଁ ଶୁଟ୍ଆଉଟ୍ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ଲାନ୍ସର୍ସ ପକ୍ଷରୁ କୁପର ବର୍ନ୍ସ, ଅଙ୍ଗଦ ବୀର ସିଂ, ଆଣ୍ଟୋନି କିନା ଓ ଅଧିନାୟକ ଆର୍ଥର ଭାନ୍ ଡୋରେନ ଗୋଲ ଦେବାରେ ସଫଳ ହୋଇଥିଲେ। ମାତ୍ର ଡ୍ରାଗନ୍ସ ପକ୍ଷରୁ ନାଥନ ଇଫ୍ରାଉମ୍ସ ଓ ବ୍ଲେକ ଗୋଭର୍ସ ଗୋଲ ଦେବାରେ ବିଫଳ ହୋଇଥିବାବେଳେ ଏକମାତ୍ର ଉତ୍ତମ ସିଂ ଗୋଲ ଦେଇଥିଲେ। ଜେଡ୍ ସ୍ନୋଡେନ ଚମତ୍କାର ଗୋଲକିପିଂ କରି କଳିଙ୍ଗ ଲାନ୍ସର୍ସକୁ ରୋମାଞ୍ଚକ ବିଜୟ ଭେଟି ଦେଇଥିଲେ। ନକ୍ଆଉଟକୁ ଯୋଗ୍ୟତା ପାଇ ସାରିଥିବା ଲାନ୍ସର୍ସ ୬ ମ୍ୟାଚରୁ ୪ ବିଜୟ, ୨ ଶୁଟ୍ ଆଉଟ ବିଜୟ ସହ ୧୬ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ଅପରିବର୍ତ୍ତିତ ରହିଛି। ଅନ୍ୟପକ୍ଷରେ ତାମିଲନାଡୁ ଡ୍ରାଗନ୍ସ ୬ ମ୍ୟାଚରୁ ୧ ବିଜୟ, ୨ ଶୁଟ୍ ଆଉଟ ବିଜୟ, ୨ ପରାଜୟ ଓ ୧ ଶୁଟ୍ ଆଉଟ ପରାଜୟ ସହିତ ୮ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ରହିଛି।




କଳିଙ୍ଗ ଲାନ୍ସର୍ସ ଓ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

# ପାଇପର୍ସକୁ ହରାଇଲା ଟାଇଗର୍ସ

**ଭୁବନେଶ୍ୱର, ୧୮।୧ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ର ରବିବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ ୩-୨ ଗୋଲରେ ଏସ୍‌ଜି ପାଇପର୍ସକୁ ପରାସ୍ତ କରିଛି। ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।

ମ୍ୟାଚର ପ୍ରଥମାର୍ଦ୍ଧରେ ଏସ୍‌ଜି ପାଇପର୍ସ ଚମତ୍କାର ପ୍ରଦର୍ଶନ କରି ଅଗ୍ରଣୀ ରହିଥିଲା। ୫ମ ମିନିଟ୍‌ରେ ଦିଲରାଜ ସିଂ ଏକ ଗୋଲ ସ୍କୋର କରି ବିପକ୍ଷ ଦଳ ଉପରେ ଚାପ ପ୍ରୟୋଗ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଗୋଲ ନ ହେବାରୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ପାଇପର୍ସ ୧-୦ରେ ଅଗ୍ରଣୀ ରହିଥିଲା। ତୃତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୩୧ତମ ମିନିଟରେ ଟୋମାସ ଡୋମେନେ ଆଉ ଏକ ଗୋଲ ଦେଇ ଦଳର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ମାତ୍ର ତୃତୀୟ କ୍ୱାର୍ଟର ଶେଷ କ୍ଷଣରେ ଅର୍ଥାତ୍ ୪୫ତମ ମିନିଟରେ ବେଙ୍ଗଲ ଟାଇଗର୍ସର ଯୁଗରାଜ ସିଂ ଓ ଅଭିଷେକ ଗୋଟିଏ ଲେଖାଏ ଗୋଲ ଦେବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ଫଳରେ ତୃତୀୟ ତଥା ଅନ୍ତିମ କ୍ୱାର୍ଟରରେ ସ୍ୱାଭାବିକ ଭାବେ ଲଢ଼େଇ ରୋମାଞ୍ଚକ ହୋଇଥିଲା। ଏଥିରେ ୪୮ତମ ମିନିଟରେ ବେଙ୍ଗଲ ଦଳର ଆଫାନ ୟୁସୁଫ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା।

# ଲିନ୍ ଚୁନ୍, ଆନ୍ ସି' ଚାମ୍ପିୟନ

**ନୂଆଦିଲ୍ଲୀ, ୧୮।୧ (ପି.ଟି.)**

ଚାଇନିଜ ତାଇପେର ଲିନ୍ ଚୁନ୍-ୟି ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ଅନ୍ୟପକ୍ଷରେ ବିଶ୍ୱର ନମ୍ବର ୱାନ୍ ଦକ୍ଷିଣ କୋରିଆର ଆନ୍ ସି ୟଙ୍ଗ୍ ମହିଳା ସିଙ୍ଗଲ୍ସ ଟାଇଟଲ୍ ହାସଲ କରିଛନ୍ତି। ଲିନ୍ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଜୋନାଥନ କ୍ରିଷ୍ଟିଙ୍କୁ ୨୧-୧୦, ୨୧-୧୮ରେ ପରାସ୍ତ କରିଛନ୍ତି। ସେହିପରି ମହିଳା ସିଙ୍ଗଲ୍ସ ଫାଇନାଲରେ ଆନ୍ ସି ୟଙ୍ଗ୍ ଚାଇନାର ୱାଙ୍ଗ ଝିୟିଙ୍କୁ ୨୧-୧୩, ୨୧-୧୧ରେ ପରାଜିତ କରି ସିଜନରେ ତାଙ୍କ ଦ୍ୱିତୀୟ ଟାଇଟଲ ହାସଲ କରିଛନ୍ତି।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ